4ର୍ଥ ସ୍ୱନକ୍ଷତ୍ର

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

VOLUME- 42 • ISSUE-165 • BHUBANESWAR • WEDNESDAY • 11 DECEMBER 2024 • PAGE-14 • ₹ 6.00

• ବର୍ଷ-୪୨ • ସଂଖ୍ୟା-୧୬୫ • ଭୁବନେଶ୍ୱର • ବୁଧବାର • ୧୧ ଡିସେମ୍ବର ୨୦୨୪ • ପୃଷ୍ଠା-୧୪ • ଟ.୬.୦୦


**୨୦୨୫କୁ ନଷ୍ଟ୍ରାଡାମ୍‌ଙ୍କ ଭବିଷ୍ୟବାଣୀ**

## ପୃଥିବୀ ସହ ମାଡ଼ହେବ କ୍ଷୁଦ୍ର ଗ୍ରହ, ପୁଣି ଆସିବ ମହାମାରୀ



■ **ନୂଆଦିଲ୍ଲୀ, ୧୦।୧୨ ( ଏଜେନ୍ସି):** ପ୍ରସିଦ୍ଧ ଫରାସୀ ଜ୍ୟୋତିର୍ବିଦ ତଥା ଭବିଷ୍ୟକାର ମିସେଲ ନଷ୍ଟ୍ରାଡାମ୍‌ଙ୍କ ଭବିଷ୍ୟବାଣୀକୁ ନେଇ ବିଭିନ୍ନ ମହଲରେ ସଦା ସର୍ବଦା ଉତ୍ସୁକତା ରହିଆସିଛି। ଶହ ଶହ ବର୍ଷ ତଳେ ନଷ୍ଟ୍ରାଡାମଙ୍କ ଦ୍ୱାରା ବିଶ୍ୱର ଭବିଷ୍ୟତ ଘଟଣାବଳୀକୁ ନେଇ ଭବିଷ୍ୟବାଣୀ କରାଯାଇଥିଲା ବେଳେ ବିଭିନ୍ନ ସମୟରେ ବହୁ ଘଟଣା ସତ ହୋଇଛି। ୧୫୫୫ ମସିହାରେ ତାଙ୍କ ଦ୍ୱାରା ରଚିତ ‘ ଦି ପ୍ରଫେସିସ୍’ରେ ପଦ୍ୟ ଆକାରରେ ପ୍ରାୟ ୯୪୨ଟି ଭବିଷ୍ୟବାଣୀ ରହିଛି। ଏହିକ୍ରମରେ ୨୦୨୫କୁ ନେଇ ନଷ୍ଟ୍ରାଡାମଙ୍କ ଭବିଷ୍ୟବାଣୀରେ ଯାହା କିଛି ଉଲ୍ଲେଖ ରହିଛି ତାହାକୁ ନେଇ ଏବେ ଚର୍ଚ୍ଚା ଜୋର ଧରିଛି। କିଛି ବର୍ଷ ଧରି ଲାଗି ରହିଥିବା ଏକ ଯୁଦ୍ଧ ୨୦୨୫ରେ ଶେଷ ହେବ ବୋଲି ନଷ୍ଟ୍ରାଡାମ ତାଙ୍କ ଭବିଷ୍ୟବାଣୀରେ ଉଲ୍ଲେଖ କରିଛନ୍ତି। ତେବେ ଏହି ଯୁଦ୍ଧ ଆଉ କିଛି ନୁହେଁ , ଏହା ରୁଷ-ୟୁକ୍ରେନ ଯୁଦ୍ଧ ବୋଲି ଧରି ନିଆଯାଇଛି। ଅର୍ଥ ଅଭାବରୁ ଏହି ଯୁଦ୍ଧ ବନ୍ଦ ହେବ ବୋଲି ନଷ୍ଟ୍ରାଡାମ ପରୋକ୍ଷରେ ସୂଚିତ କରିଥିଲା ବେଳେ ବର୍ତ୍ତମାନ ରୁଷ ଏବଂ ୟୁକ୍ରେନ ଯୁଦ୍ଧକୁ ନେଇ ଯେଉଁଭଳି ସ୍ଥିତି ଉତ୍ପନ୍ନ ହୋଇଛି ତାହା ସୂଚିତ କରୁଛି ବୋଲି ଆକଳନ କରାଯାଉଛି। ଗୋଟିଏ ପଟେ ଅର୍ଥ ସହିତ ରୁଷ ସେନାରେ ସୈନିକଙ୍କ ଅଭାବ ଯୋଗୁଁ ରୁଷ ଏକପ୍ରକାର ଏହି ଯୁଦ୍ଧରୁ ବିରତି ନେବାକୁ ଚାହୁଁଛି। ସେହିପରି ଡୋନାଲ୍ଡ ଟ୍ରମ୍ପ ଆମେରିକାର ରାଷ୍ଟ୍ରପତି ନିର୍ବାଚିତ ହେବା ପରେ ଆମେରିକା ୟୁକ୍ରେନକୁ ଦେଉଥିବା ଅର୍ଥ ସହାୟତା ବନ୍ଦ କରିବାକୁ ଘୋଷଣା କରିଛନ୍ତି। ଏହାସହିତ ରାଷ୍ଟ୍ରପତି ଭାବେ ଦାୟିତ୍ୱ ନେବା ପରେ ସେ ୨୪ ଘଣ୍ଟା ମଧ୍ୟରେ ଏହି ଯୁଦ୍ଧକୁ ବନ୍ଦ କରିଦେବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ତେଣୁ ଉଭୟ ପକ୍ଷ ଅର୍ଥାଭାବକୁ ନେଇ ଯଦି ଯୁଦ୍ଧ ବନ୍ଦ କରନ୍ତି ତେବେ ୨୦୨୫କୁ ନେଇ ନଷ୍ଟ୍ରାଡାମ କରିଥିବା ଭବିଷ୍ୟବାଣୀ ସତ ହେବ। ଯୁଦ୍ଧ ବ୍ୟତୀତ ଏହି ବର୍ଷ ପୃଥିବୀ ସହ ଏକ କ୍ଷୁଦ୍ର ଗ୍ରହ ମାଡ଼ ହେବ ବୋଲି ନଷ୍ଟ୍ରାଡାମ ଉଲ୍ଲେଖ କରିଛନ୍ତି। ଏଥିରେ ପୃଥିବୀ ପୃଷ୍ଠର ଭୟଙ୍କର କ୍ଷତି ହେବା ସହିତ ମାନବସମାଜ ଅସ୍ତିତ୍ୱ ରକ୍ଷା ପାଇଁ ବିରାଟ ଆହ୍ୱାନ ସୃଷ୍ଟି ହେବ ବୋଲି କୁହାଯାଇଛି। ସେହିପରି ବ୍ରାଜିଲକୁ ‘ଗାର୍ଡେନ ଅଫ ଦି ୱାର୍ଲଡ’ ଭାବେ ଦର୍ଶାଇଥିବା ନଷ୍ଟ୍ରାଡାମ ୨୦୨୫ରେ ଏହି ଦେଶକୁ ଭୟଙ୍କର ପ୍ରାକୃତିକ ବିପତ୍ତିର ସାମ୍ନା କରିବାକୁ ପଡ଼ିବ ବୋଲି ଭବିଷ୍ୟବାଣୀରେ ଉଲ୍ଲେଖ ରହିଛି। ବ୍ରାଜିଲରେ ଭୟଙ୍କର ବନ୍ୟା ସହିତ ଆଗ୍ନେୟଗିରିରୁ ଅଗ୍ନି ଉଦଗୀରଣ ହେବ ବୋଲି କୁହାଯାଇଛି। ଏହାବ୍ୟତୀତ ୨୦୨୫ରେ ପୁଣି ଏକ ମହାମାରୀ ସାରା ବିଶ୍ୱକୁ ଗ୍ରାସିବ ବୋଲି ନଷ୍ଟ୍ରାଡାମଙ୍କ ଭବଷ୍ୟବାଣୀରେ ଉଲ୍ଲେଖ ରହିଛି।

## ଧନଖଡ଼ଙ୍କ ବିରୋଧରେ ଆସିଲା ଅନାସ୍ଥା ପ୍ରସ୍ତାବ



**ଗଣତନ୍ତ୍ରର ସୁରକ୍ଷା ପାଇଁ ଏହା ଜରୁରୀ: ବିରୋଧୀ**

**ବିରୋଧୀଙ୍କୁ ବିଜେପିର ସମାଲୋଚନା**

**ସଂସଦରେ ଅଚଳାବସ୍ଥା**

■ **ନୂଆଦିଲ୍ଲୀ, ୧୦।୧୨ (ଏଜେନ୍ସି):** ଉପରାଷ୍ଟ୍ରପତି ତଥା ରାଜ୍ୟସଭା ଅଧ୍ୟକ୍ଷ ଜଗଦୀପ ଧନଖଡ଼ ଗୃହ ପରିଚାଳନାରେ ପକ୍ଷପାତିତା ଅବଲମ୍ବନ କରୁଥିବାରୁ ବିରୋଧୀ ଦଳ ତାଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଗତ କରିଛନ୍ତି। କଂଗ୍ରେସ ନେତା ଜୟରାମ ରମେଶ ଏବଂ ନସିର ହୁସେନ ଏସଂକ୍ରାନ୍ତ ନୋଟିସ ଆଜି ରାଜ୍ୟସଭାର ମହାସଚିବ ପିସି ମୋଦୀଙ୍କୁ ଦେଇଛନ୍ତି। ଭାରତର ଇତିହାସରେ ପ୍ରଥମ ଥର ଲାଗି ଉପରାଷ୍ଟ୍ରପତିଙ୍କ ବିରୋଧରେ ଏଭଳି ପ୍ରସ୍ତାବ ଆସିଥିବା କୁହାଯାଉଛି। ଏହି ପ୍ରସ୍ତାବ ନେଇ ବିଜେପି ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିବା ସହିତ ବିରୋଧୀଙ୍କର ସମାଲୋଚନା କରିଛି।

ଅନାସ୍ଥା ନୋଟିସରେ ବିରୋଧୀ ଦଳର ୬୦ ଜଣ ସଭ୍ୟ ଦସ୍ତଖତ କରିଛନ୍ତି। କଂଗ୍ରେସ ସମେତ ରାଷ୍ଟ୍ରୀୟ ଜନତା ଦଳ, ତୃଣମୂଳ କଂଗ୍ରେସ, ଜେଏମଏମ୍, ଡିଏମ୍‌କେ, କମ୍ୟୁନିଷ୍ଟ ପାର୍ଟି ଏବଂ ଆମ ଆଦମୀ ପାର୍ଟି ସାଂସଦ ଏଥିରେ ଦସ୍ତଖତ କରିଛନ୍ତି। ତେବେ ରାଜ୍ୟସଭାରେ ବିରୋଧୀ ଦଳର ନେତା ମଲ୍ଲିକାର୍ଜୁନ ଖଡଗେ, ସୋନିଆ ଗାନ୍ଧୀ ସମେତ ଗୃହରେ ବିଭିନ୍ନ ଦଳର ସଂସଦୀୟ ନେତା ଏଥିରେ ଦସ୍ତଖତ କରିନାହାନ୍ତି। ରାଜ୍ୟସଭାରେ ଅଧ୍ୟକ୍ଷ ଏବଂ ବିରୋଧୀ ଦଳମାନଙ୍କ ମଧ୍ୟରେ ଦିନକୁ ଦିନ ସଂପର୍କ ତିକ୍ତ ହେଉଥିବା ବେଳେ ଏହି ନୋଟିସ ଦିଆଯାଇଛି। କଂଗ୍ରେସ ନେତା ଜୟରାମ ରମେଶ କହିଛନ୍ତି ଯେ ଅନିଚ୍ଛା ସତ୍ତ୍ୱେ ଏଭଳି ନୋଟିସ ଦେବାକୁ ବିରୋଧୀ ଦଳ ଇଣ୍ଡିଆ ମେଣ୍ଟ ବାଧ ହୋଇଛି। କାରଣ ଅଧ୍ୟକ୍ଷ ଧନଖଡ଼ ତାଙ୍କ ପଦମର୍ଯ୍ୟାଦାକୁ କ୍ଷୁର୍ଣ୍ଣ କରିଛନ୍ତି। ଗୃହ ପରିଚାଳନା କ୍ଷେତ୍ରରେ ସେ ଆଦୌ ନିରପେକ୍ଷ ହେଉନାହାନ୍ତି। ଶାସକ ଦଳକୁ ସୁହାଇଲା ଭଳି ନିଷ୍ପତ୍ତି ନେଉଛନ୍ତି ଏବଂ ବିରୋଧୀଙ୍କ କଣ୍ଠରୋଧ କରୁଛନ୍ତି। ତୃଣମୂଳ କଂଗ୍ରେସ ନେତ୍ରୀ ସାଗରିକା ଘୋଷ କହିଛନ୍ତି ଯେ ଗୃହରେ ବିରୋଧୀଙ୍କର ସଂଖ୍ୟାଗରିଷ୍ଠତା ନାହିଁ ଏବଂ ଏହି ପ୍ରସ୍ତାବ ଅଗ୍ରାହ୍ୟ ହୋଇପାରେ। କିନ୍ତୁ ଏହି ନୋଟିସ ମାଧ୍ୟମରେ ବାର୍ତ୍ତା ଦେବାକୁ ଚାହୁଁଛୁ ଯେ ସଂସଦୀୟ ଗଣତନ୍ତ୍ରର ସୁରକ୍ଷା ପାଇଁ ଲଢ଼େଇ ଜାରି ରହିବ। ଗୃହରେ ଅଧ୍ୟକ୍ଷ ଯେଉଁଭଳି ଆଚରଣ ପ୍ରଦର୍ଶନ କରୁଛନ୍ତି ତାହା ଗଣତନ୍ତ୍ର ପାଇଁ ମହାବିପଦ। କହିବା ଲାଗି ଶାସକ ଦଳ ସଭ୍ୟଙ୍କୁ ଅଧ୍ୟକ୍ଷ ଅପର୍ଯ୍ୟାପ୍ତ ସୁଯୋଗ ଦେଉଥିବା ବେଳେ ▶ପୃଷ୍ଠା-୭

**ଗୋଷ୍ଠୀ ସହାୟିକାଙ୍କ ଗର୍ଜନର ପ୍ରତିଧ୍ୱନୀ**

# କମ୍ପିଲା ବିଧାନସଭା

### ଚୁକ୍ତି ବୃଦ୍ଧି ସହ ତୁରନ୍ତ ଦରମା ଦେବାକୁ ଦାବି

■ **ଭୁବନେଶ୍ୱର, ୧୦।୧୨ (ସମିସ):** ନଅ ମାସ ହେଲା ରାଜ୍ୟର ୬୦ ହଜାରରୁ ଊର୍ଦ୍ଧ୍ୱ ଗୋଷ୍ଠୀ ସହାୟିକାଙ୍କୁ ଦରମା ମିଳିନାହିଁ। ସେମାନଙ୍କ ଚୁକ୍ତି ଅବଧି ବୃଦ୍ଧି କରାଯାଉ ନ ଥିବାରୁ ସେମାନଙ୍କ ଭବିଷ୍ୟତ ଅନ୍ଧାରରେ। ଏହାର ପ୍ରତିବାଦରେ ସେମାନେ ରାଜଧାନୀର ରାଜରାସ୍ତାରେ ଦୀର୍ଘଦିନ ହେଲା ଧାରଣାରେ ବସିଛନ୍ତି। ଶୀତକାକରରେ ପିଲାଛୁଆଙ୍କୁ ଧରି ପଡ଼ି ରହିଛନ୍ତି। ଗତକାଲି ବିଧାନସଭାରେ ବିଜେଡି ଓ କଂଗ୍ରେସ ଏହି ମହିଳାମାନଙ୍କ କଥା ଉଠାଇବା ସହ ସେମାନଙ୍କର ଦାବି ସରକାର ତୁରନ୍ତ ପୂରଣ କରିବାକୁ ପରାମର୍ଶ ଦେଇଥିଲେ। ବିଜେଡିର ପ୍ରତିନିଧିଦଳ ମଧ୍ୟ ଆନ୍ଦୋଳନକୁ ସମର୍ଥନ କରିବା ସହ ସେମାନଙ୍କ ସହ ଧାରଣାସ୍ଥଳରେ ବସି ରହିଥିଲେ। ଆଜି ମଧ୍ୟ ଏହି ପ୍ରସଙ୍ଗରେ କମ୍ପିଛି ବିଧାନସଭା। ପ୍ରଶ୍ନକାଳ ସମ୍ପୂର୍ଣ୍ଣ ଧୋଇ ଯାଇଥିବାବେଳେ ଶୂନ୍ୟକାଳରେ ବିରୋଧୀ ସରକାରଙ୍କୁ ନିଶାଣ କରିଛନ୍ତି।

ମଙ୍ଗଳବାର ପ୍ରଶ୍ନକାଳରେ ଏହି ପ୍ରସଙ୍ଗରେ ସ୍ୱତନ୍ତ୍ର ଆଲୋଚନା ଦାବି କରି ଉଭୟ ବିରୋଧୀ ଦଳ ବିଜେଡି ଓ କଂଗ୍ରେସ ସଦସ୍ୟ ଗୃହରେ ହଟ୍ଟଗୋଳ କରିଥିଲେ। ଯାହାଫଳରେ ବାଚସ୍ପତି ଗୃହକୁ ମୁଲତବୀ ରଖିଥିଲେ। ୧୧ଟା ୩୦ରେ ଗୃହକାର୍ଯ୍ୟ ଆରମ୍ଭ ହେବା ମାତ୍ରେ ବିଜେଡି ପୁନର୍ବାର ଏହି ପ୍ରସଙ୍ଗ ଉଠାଇଥିଲା। ବିଜେଡି ବିଧାୟକ ଧ୍ରୁବ ସାହୁ କହିଥିଲେ ଯେ ୮ ମାସ ହେଲାଣି, ସିଆରପି, ଏମବିକେ, ପ୍ରାଣୀମିତ୍ର, କୃଷିମିତ୍ରମାନେ ଦରମା ପାଇ ନାହାନ୍ତି। ଶୀତ କାକରରେ ସେମାନେ ରାଜ ରାସ୍ତାରେ ବସିଛନ୍ତି। ରାଜ୍ୟ ସରକାର ମିଶନ ଶକ୍ତିକୁ ବନ୍ଦ କରିବାକୁ ଚକ୍ରାନ୍ତ କରୁଛନ୍ତି। ଗୋଟିଏ ପଟେ ମହିଳାଙ୍କ ସଶକ୍ତିକରଣ କଥା କହି ସୁଭଦ୍ରା ▶ପୃଷ୍ଠା-୭

**ବିଜେପି ସରକାରଙ୍କ କାର୍ଯ୍ୟକୁ ନବୀନଙ୍କ ନିନ୍ଦା**

### ମିଶନ୍ ଶକ୍ତି ବନ୍ଦ କରିବାକୁ ଚକ୍ରାନ୍ତ



**୭୦ ଲକ୍ଷ ମା’ମାନଙ୍କ ବିରୋଧରେ ଷଡ଼ଯନ୍ତ୍ର**

**ଆମେ ଲଢୁଥିଲୁ, ଆଗକୁ ବି ଲଢ଼େଇ କରିବୁ**

■ **ଭୁବନେଶ୍ୱର, ୧୦।୧୨ (ସମିସ):** ବିଜେପି ନେତୃତ୍ୱାଧୀନ ରାଜ୍ୟ ସରକାର ୭୦ ଲକ୍ଷ ମା’ ମାନଙ୍କ ବିରୋଧରେ ଷଡ଼ଯନ୍ତ୍ର କରୁଛି। ମିଶନ୍ ଶକ୍ତି ଅଭିଯାନକୁ ବନ୍ଦ କରିବା ପାଇଁ ଯୋଜନାବଦ୍ଧ ରଣନୀତି ଚଳାଇଛନ୍ତି। ମିଶନ୍ ଶକ୍ତି ଗୋଷ୍ଠୀ ସହାୟିକା ମାନେ ୬ ମାସ ହେଲା ଦରମା ନ ପାଇ ରାଜରାସ୍ତାରେ ବସିବା ପ୍ରସଙ୍ଗକୁ ନେଇ ବିଧାନସଭାରେ ବିଜେଡି ଗର୍ଜନ କରିଥିବାବେଳେ ଦଳର ସଭାପତି ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ତୁରନ୍ତ ମିଶନ ଶକ୍ତି ଗୋଷ୍ଠୀ ସହାୟିକାଙ୍କୁ ବକେୟା ବେତନ ପ୍ରଦାନ ନିମନ୍ତେ ଦାବି କରିଛନ୍ତି। ଗୃହ ବାହାରେ ଗଣମାଧ୍ୟମ ପ୍ରତିନିଧିଙ୍କୁ ପ୍ରତିକ୍ରିୟା ଦେଇ ନବୀନ କହିଛନ୍ତି ଯେ ମିଶନ୍ ଶକ୍ତି ସହିତ ୭୦ ଲକ୍ଷ ମହିଳା ଜଡିତ। ଏତେ ବଡ଼ ଅଭିଯାନର ସେମାନେ ହେଉଛନ୍ତି ସାରଥୀ; କିନ୍ତୁ ବିଜେପି ସରକାର ସେମାନଙ୍କ ଦରମା ବନ୍ଦ କରି ରଖିଛି। ମିଶନ୍ ଶକ୍ତିକୁ ଦୁର୍ବଳ କରିବା ପାଇଁ ରାଜ୍ୟ ସରକାର କରୁଥିବା ଷଡ଼ଯନ୍ତ୍ରକୁ ମୁଁ ନିନ୍ଦା କରୁଛି। ମିଶନ୍ ଶକ୍ତିକୁ ବିଜୁ ଜନତା ଦଳ ସବୁବେଳେ ପ୍ରୋତ୍ସାହନ ଦେଇ ଆସିଛି। ମା’ ମାନଙ୍କ ହାତ ମୁଠାକୁ ଟାଣ କରିବା ପାଇଁ ▶ପୃଷ୍ଠା-୭

### ୫୦ ଲକ୍ଷ ମୂଲ୍ୟର ସୁନା, ହୀରା ଅଳଙ୍କାର ଜବତ

■ **ଖଇରା, ୧୦।୧୨ (ସମିସ):** ବେଙ୍ଗାଲୁରୁରେ ୫୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ସୁନା ଓ ହୀରା ଅଳଙ୍କାର ଚୋରି କରି ଖଇରା ବଜାରରେ ବିକ୍ରି କରିବା ସମୟରେ ଖଇରା ପୁଲିସ୍ ହାତରେ ଧରାପଡ଼ିଛି ଅଭିଯୁକ୍ତ। ଗିରଫ ଅଭିଯୁକ୍ତଜଣକ, ସାରୁକୋଣା ଗ୍ରାମର ବନମାଳୀ ସ୍ୱାଇଁ। ତା’ ପାଖରୁ ପୁଲିସ୍ ଚୋରି ଅଳଙ୍କାର ହୀରା ମୁଦି, ସୁନା ଏବଂ ହିରା ଖଞ୍ଜିତ ବ୍ରସଲେଟ ସମେତ ଦୁଇଟି ସୁନା ଚେନ, ସୁନା ମୁଦି, ସୁନା ଲକେଟ, ୫ଟି ସୁନା କାନଫୁଲ ଆଦି ଜବତ କରିଛି।

କିଛି ଦିନ ତଳେ, ଖଇରା ବଜାରରେ ଥିବା ରୁଦ୍ରକାନ୍ତ ଜୁଏଲାରୀକୁ ବନମାଳୀ ଚୋରି ଅଳଙ୍କାର ବିକ୍ରି ▶ପୃଷ୍ଠା-୭

**ଧାନ ସଂଗ୍ରହରେ ଅବ୍ୟବସ୍ଥା**

### ଚାଷୀ କ୍ଷୁବ୍ଧ; ଆନ୍ଦୋଳନ ଧମକ

■ **ବରଗଡ଼, ୧୦।୧୨ (ସମିସ):** ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଗସ୍ତକୁ ଦିନ ଦୁଇଟା ନ ପୂରୁଣୁ ବରଗଡ଼ ଜିଲ୍ଲାରେ ଆଜି ଚାଷୀ ଅସନ୍ତୋଷ ବିସ୍ଫୋରକ ରୂପ ନେଇଛି। ଧାନ କିଣାରେ ବ୍ୟାପକ ଅବ୍ୟବସ୍ଥାକୁ ନେଇ ଚାଷୀମାନେ ଆଜି ରାଜ୍ୟ ସରକାରଙ୍କ ବିରୋଧରେ ଗର୍ଜିଛନ୍ତି। ଏହାସହ ବରଗଡ଼ ଯୋଗାଣ ଅଧିକାରୀଙ୍କ ଅଫିସ୍‌ରେ ତାଲା ପକାଇ ▶ପୃଷ୍ଠା-୭



ଯୋଗାଣ ଅଧିକାରୀଙ୍କ ଅଫିସ୍‌ରେ ତାଲା ପକାଇଲେ

### ଆସୁନାହାନ୍ତି ମିଲର, ମଣ୍ଡିରୁ ଉଠୁନି ଧାନ

■ **ନୂଆପଡ଼ା, ୧୦।୧୨ (ସମିସ):** ଜିଲ୍ଲାରେ ଧାନ ମଣ୍ଡି ଶୁଭାରମ୍ଭକୁ ୧୮ ଦିନ ବିତିଗଲାଣି। ହେଲେ ଏଯାଏ ଧାନକିଣା ସ୍ୱାଭାବିକ ହୋଇପାରୁନି। କିଛି ମିଲର୍ ଧାନ ଉଠାଉଥିବା ବେଳେ ଆଉ କିଛି ଏଯାଏ ମଣ୍ଡି ମାଟି ମାଡ଼ି ନାହାନ୍ତି। ଫଳରେ ୫୩ ହଜାର ଧାନବସ୍ତା ଏବେ ଭଗବାନ ▶ପୃଷ୍ଠା-୭

### ବସ୍ ଧକ୍କାରେ ୩ ଶ୍ରମିକ ମୃତ



**ଶବ ରଖି ୯ ଘଣ୍ଟା ଜାତୀୟ ରାଜପଥ ଅବରୋଧ**

■ **କାମାକ୍ଷାନଗର, ୧୦।୧୨ (ସମିସ):** ୫୩ ନମ୍ବର ଜାତୀୟ ରାଜପଥର ପରଜଙ୍ଗ ଥାନା ଅନ୍ତର୍ଗତ ଖଇରାମୁଣ୍ଡା ନିକଟରେ ମଙ୍ଗଳବାର ସକାଳେ ଏକ ମର୍ମନ୍ତୁଦ ଦୁର୍ଘଟଣାରେ ୩ଜଣଙ୍କ ଶୋଚନୀୟ ମୃତ୍ୟୁ ଘଟିଛି। ମୃତକମାନେ ହେଲେ, ମୁଣ୍ଡେଇଲ ପଞ୍ଚାୟତ ନାଉପାଳକାଟେଣୀ ଗ୍ରାମର ସାଗର ପ୍ରଧାନ, ପିନୁ ସାହୁ ଓ ସୁମନ୍ତ ପରିଡ଼ା। ଏମାନେ ସମସ୍ତେ ରଡ୍‌ବାଇଣ୍ଡିଂ ମିସ୍ତ୍ରି। ଆଜି ଏକ ବାଇକ୍‌ରେ ସମସ୍ତେ ଛାତ ରଡ୍-ବାଇଣ୍ଡିଂ ପାଇଁ ପିତିରି ପଞ୍ଚାୟତ ପଡ଼ିଆଭଙ୍ଗା ଗାଁକୁ ଯାଉଥିବା ବେଳେ ଏହି ଅଘଟଣ ଘଟିଥିଲା। ଖଇରାମୁଣ୍ଡା ଗ୍ରାମ ନିକଟରେ ଦ୍ରୁତଗତିରେ ଆସୁଥିବା ‘ଭୋଳାନାଥ’ ବସ୍ ସେମାନଙ୍କୁ ପଛରୁ ଧକ୍କା ଦେଇଥିଲା। ପଛରେ ବସିଥିବା ଦୁଇଜଣ ଛିଟିକି ପଡ଼ିଥିବା ବେଳେ ବସ୍‌ଟି ବାଇକ୍ ସହ ସାଗରଙ୍କୁ ପାଖାପାଖି ଶହେ ମିଟର ପର୍ଯ୍ୟନ୍ତ ଘୋଷାଡ଼ି ନେଇଥିଲା। ଘଟଣାସ୍ଥଳରେ ସାଗରଙ୍କ ମୃତ୍ୟୁ ହୋଇଯାଇଥିବା ବେଳେ ସ୍ଥାନୀୟ ଲୋକ ପିନୁ ଓ ସୁମନ୍ତଙ୍କୁ ଗୁରୁତର ଅବସ୍ଥାରେ ଢେଙ୍କାନାଳ ମେଡିକାଲରେ ଭର୍ତ୍ତି କରାଇଥିଲେ। କିନ୍ତୁ ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଦୁହିଁଙ୍କ ମୃତ୍ୟୁ ହୋଇଯାଇଥିଲା।

ଅପରପକ୍ଷେ, ଏହି ଖବର ପ୍ରଚାରିତ ହେବା ପରେ ଘଟଣାସ୍ଥଳରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। କ୍ଷତିପୂରଣ ଦାବିରେ ଉତ୍ତ୍ୟକ୍ତ ଲୋକେ ଶବ ରଖି ସକାଳ ୮ଟାରୁ ଅପରାହ୍ନ ୫ ପର୍ଯ୍ୟନ୍ତ ଦୀର୍ଘ ୯ଘଣ୍ଟା ଧରି ରାଜପଥ ଅବରୋଧ କରିଥିଲେ। ଫଳରେ ରାସ୍ତାର ଉଭୟ ପାର୍ଶ୍ୱରେ ଶହଶହ ଗାଡ଼ି ଛିଡ଼ା ହୋଇ ରହିଥିଲା। ଖବର ପାଇ ପରଜଙ୍ଗ ଅତିରିକ୍ତ ତହସିଲଦାର ମନୋରଞ୍ଜନ ସାହୁ, କାମାକ୍ଷାନଗର ଏସ୍‌ଡିପିଓ ଜ୍ଞାନରଞ୍ଜନ ମିଶ୍ର, ଏସ୍.ଆଇ ରଞ୍ଜିତ ପ୍ରଧାନ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାସୁଝା ▶ପୃଷ୍ଠା-୭




## ପତ୍ନୀଙ୍କ ନିର୍ଯାତନା ସହିପାରିଲେନି; ଆତ୍ମହତ୍ୟାକଲେ କମ୍ପାନୀ ନିର୍ଦ୍ଦେଶକ



ନୂଆଦିଲ୍ଲୀ,୧୦।୧୨(ଏଜେନ୍ସି): ବାରମ୍ବାର ନିର୍ଯାତନା ଦେବା ସହିତ ପତ୍ନୀ ହଇରାଣ କରୁଥିଲେ। ପତ୍ନୀଙ୍କ ସହ ପରିବାର ଲୋକ ମଧ୍ୟ ହାତ ମିଳାଇଥିଲେ। ଜଣେ ମହିଳା ବିଚାରପତି ମଧ୍ୟ ପତ୍ନୀଙ୍କୁ ଘରୋଇ ହିଂସା ମାମଲାରେ ସହାୟତା କରୁଥିଲା ବେଳେ ପତ୍ନୀ ମାମଲା ରୁଜୁ କରି ଟଙ୍କା ମାଗି ଚାଲିଥିଲେ। କିନ୍ତୁ ପତ୍ନୀଙ୍କ ଏଭଳି ନିର୍ଯାତନାକୁ ସହି ନ ପାରି ବେଙ୍ଗାଲୁରୁରେ ଏକ କମ୍ପାନୀରେ ନିର୍ଦ୍ଦେଶକ ଥିବା ସ୍ୱାମୀ ୩୪ ବର୍ଷୀୟ ସୁଭାଷ ଅତୁଲ ଜୀବନ ହାରିଛନ୍ତି। ତେବେ ଆତ୍ମହତ୍ୟା କରିବା ପୂର୍ବରୁ ସେ ୨୪ ପୃଷ୍ଠାର ସୁଇସାଇଡ ନୋଟ ଓ ଗୋଟିଏ ଦେଢ଼ ଘଣ୍ଟାର ଭିଡିଓ ଛାଡ଼ି ଯାଇଛନ୍ତି। ଏଥିରେ ପତ୍ନୀ କେମିତି ତାଙ୍କ ଜୀବନକୁ ନର୍କ କରିଦେଇଥିଲେ ତାହାକୁ ସେ ଉଲ୍ଲେଖ କରିଛନ୍ତି। ଏହି ଭିଡିଓ ସେ ଏକ ସ୍ୱେଚ୍ଛାସେବୀ ସଂଗଠନ ଉଦ୍ଦେଶ୍ୟରେ ପଠାଇଥିଲା ବେଳେ ଏଥିରୁ ତାଙ୍କ ଆତ୍ମହତ୍ୟା ସମ୍ପର୍କରେ ସୂଚନା ମିଳିଥିବା ପରେ ପୁଲିସ ଏହାକୁ ଆଧାର କରି ଯାଞ୍ଚ କରିବା ପରେ ଅତୁଲ ରହୁଥିବା ଫ୍ଲାଟ୍‌ରୁ ମୃତଦେହ ଉଦ୍ଧାର କରାଯାଇଥିଲା। ଏହାଛଡ଼ା ଜୀବନ ହାରିବା ପୂର୍ବରୁ ଅତୁଲ ୨୪ ପୃଷ୍ଠାର ସୁଇସାଇଡ ନୋଟକୁ ଇ-ମେଲ ଜରିଆରେ ଏକାଧିକ ଲୋକଙ୍କୁ ପଠାଇଛନ୍ତି। ସେ ଯେଉଁ ସଂସ୍ଥା ସହ ଜଡ଼ିତ ଥିଲେ ତାହାର ହ୍ୱାଟସଆପ ଗ୍ରୁପରେ ମଧ୍ୟ ସେ ସୁଇସାଇଡ ନୋଟ ଛାଡ଼ିଛନ୍ତି।

## ଶୋ' ପାଇଁ କମେଡିଆନଙ୍କୁ ଡକାଇଲେ; ୭.୫ ଲକ୍ଷ ଲୁଟିଲେ



ନୂଆଦିଲ୍ଲୀ,୧୦।୧୨(ଏଜେନ୍ସି): ଉତ୍ତରପ୍ରଦେଶରେ କମେଡି ଶୋ' ପାଇଁ ମୁମ୍ବାଇର ଜଣେ କଳାକାରଙ୍କୁ ଡକାଇ ତାଙ୍କ ଠାରୁ ୭.୫ ଲକ୍ଷ ଟଙ୍କା ଲୁଟ୍ କରିବା ଘଟଣା ସାରା ରାଜ୍ୟରେ ଚାଞ୍ଚଲ୍ୟ ସୃଷ୍ଟି କରିଛି। କେବଳ ସେତିକି ନୁହେଁ ଦୁର୍ବୃତ୍ତମାନେ ସଂପୃକ୍ତ କଳାକଳାରଙ୍କୁ ମୁମ୍ବାଇ ଫେରିବା ଲାଗି ଦୟା ପ୍ରଦର୍ଶନ କରି ସେହି ଲୁଟ୍ ଟଙ୍କାରୁ ୨୦ ହଜାର ଟଙ୍କା ଅଫର ଦେବା ମଧ୍ୟ ରୋଚକ ହୋଇଛି। ମିଳିଥିବା ଖବର ଅନୁସାରେ ମିରଟ୍‌ର କିଛି ଯୁବକ କମେଡି ଶୋ' ପାଇଁ ମୁମ୍ବାଇର କଳାକାର ସୁନିଲ ପଲଙ୍କୁ ଆମନ୍ତ୍ରଣ କରିଥିଲେ। ହେଲେ ସେ ମିରଟ୍‌ରେ ପହଞ୍ଚିବା ପରେ ସଂପୃକ୍ତ ଯୁବକମାନେ ନିଜକୁ ବେକାରୀ ବୋଲି କହି ସୁନିଲଙ୍କ ଠାରୁ ୨୦ ଲକ୍ଷ ଟଙ୍କା ବଟି ଦାବି କରିଥିଲେ। ପରେ ୨୦ ଲକ୍ଷ ବଦଳରେ ବୁଝାମଣା କରାଯାଇ ୭.୫ ଲକ୍ଷ ଟଙ୍କା ଦେବାକୁ ଯୁବକମାନେ ଦାବି କରିଥିଲେ। ସୁନିଲ ଟଙ୍କା ଦେବା ପରେ ଯୁବକମାନେ ସାଙ୍ଗେ ସାଙ୍ଗେ ସୁନା ଗହଣା କିଣି ପକାଇଥିଲେ। ଏହାସହିତ ସୁନିଲ ମୁମ୍ବାଇ ଫେରିବାକୁ ବିମାନ ଭଡ଼ା ବାବଦ ସେହି ଟଙ୍କାରୁ ସେମାନେ ୨୦ ହଜାର ଟଙ୍କା ନେବାକୁ ଅଫର ଦେଇଥିଲେ। ଯୁବକମାନେ ଚାକିରି ପାଇଲା ପରେ ସୁନିଲଙ୍କୁ ତାଙ୍କ ଟଙ୍କା ଫେରାଇ ଦେବେ ବୋଲି କହିଥିଲେ। ସୁନିଲ ମୁମ୍ବାଇ ଫେରିବା ପରେ ସାନ୍ତାକ୍ରୁଜ୍ ଥାନାରେ ଏତଲା ଦେବା ପରେ ପୁଲିସ ଘଟଣାର ଯାଞ୍ଚ ଆରମ୍ଭ କରିଛି।

## ଆହ୍ଲାବାଦ ହାଇକୋର୍ଟ ବିଚାରପତିଙ୍କ ବିବାଦୀୟ ବୟାନ; ସୁପ୍ରିମକୋର୍ଟଙ୍କ ରିପୋର୍ଟ ତଲବ



ନୂଆଦିଲ୍ଲୀ,୧୦।୧୨(ଏଜେନ୍ସି): ଆହ୍ଲାବାଦ ହାଇକୋର୍ଟ ବିଚାରପତି ଜଷ୍ଟିସ ଶେଖର କୁମାର ଯାଦବଙ୍କ ଏକ ବିବାଦୀୟ ବୟାନକୁ ନେଇ ସୁପ୍ରିମକୋର୍ଟ ଗୁରୁତ୍ୱ ସହ ବିଚାର କରିବା ସହିତ ରିପୋର୍ଟ ତଲବ କରିଛନ୍ତି। ଜଷ୍ଟିସ୍ ଯାଦବ ବିଶ୍ୱ ହିନ୍ଦୁ ପରିଷଦ (ଭିଏଚପି) ପକ୍ଷରୁ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଯୋଗ ଦେଇ ମୁସଲମାନ ସଂପ୍ରଦାୟ ପ୍ରତି ବିବାଦୀୟ ମନ୍ତବ୍ୟ ଦେଇଥିବାରୁ ଏହାକୁ ସାଧାରଣରେ ତୀବ୍ର ସମାଲୋଚନା କରାଯାଇଥିଲା ବେଳେ ସୁପ୍ରିମକୋର୍ଟ ଏହି ବିଷୟକୁ ଗୁରୁତ୍ୱ ସହ ଗ୍ରହଣ କରିଛନ୍ତି। ଏହି ଘଟଣାକୁ ନେଇ ସୁପ୍ରିମକୋର୍ଟରେ ଅଭିଯୋଗ ଦାଖଲ ହେବା ସହିତ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରାଯିବା ପରେ ପ୍ରଧାନବିଚାରପତି ଜଷ୍ଟିସ ଖାନ୍ନା ଆହ୍ଲାବାଦ ହାଇକୋର୍ଟଙ୍କୁ ଜବାବ ମାଗିଛନ୍ତି। ଉକ୍ତ କାର୍ଯ୍ୟକ୍ରମରେ ଜଷ୍ଟିସ୍ ଯାଦବ ଦେଇଥିବା ପୁରା ଭାଷଣକୁ ଦାଖଲ କରିବାକୁ ସୁପ୍ରିମକୋର୍ଟ ହାଇକୋର୍ଟଙ୍କୁ କହିଛନ୍ତି।

## ସିରିଆ ଅବସ୍ଥା ବେହାଲ

# ଯିଏ ପାଇଲା ଆକ୍ରମଣ କଲା

### ଆମେରିକା, ଇସ୍ରାଏଲ ପରେ ତୁର୍କୀର ଆକ୍ରମଣ

ଦାମାସ୍କସ,୧୦।୧୨(ଏଜେନ୍ସି): ସିରିଆ ରାଷ୍ଟ୍ରପତି ବସର୍ ଅଲ ଅସଦ ଦେଶ ଛାଡି ପଳାୟନ କରିବା ଏବଂ ବିଦ୍ରୋହୀ ଗୋଷ୍ଠୀ ଶାସନ କ୍ଷମତା ଅକ୍ତିଆର କରିବା ପରେ ସାଧାରଣ ଲୋକଙ୍କ ମନରେ ଆନନ୍ଦ ଖେଳିଯାଇଥିଲା। ଲୋକମାନେ ରାଜ ରାସ୍ତାରେ ଖୁସି ମନାଇବା ସହିତ ନାଚ ଗୀତରେ ମସଗୁଲ ହୋଇଯାଇଥିବା ଦେଖାଯାଇଥିଲା। ଅସଦଙ୍କ ଏକଛତ୍ରବାଦ ଶାସନରୁ ମୁକ୍ତ ହୋଇ ସିରିଆବାସୀ ଏକ ନୂଆ ସରକାର ଅଧୀନରେ ସୁବିଧା ସୁଯୋଗ ପାଇବେ ବୋଲି ଭାବିନେଇଥିଲେ। କିନ୍ତୁ ଏହି ଘଟଣା ପରେ ଏବେ ଯାହାକିଛି ଘଟୁଛି ତଦ୍ୱାରା ସିରିଆ ସ୍ଥିତିରେ କିଛି ବି ପରିବର୍ତ୍ତନ ଘଟିବ କି ନା ତାହା ସନ୍ଦେହ ସୃଷ୍ଟି କରିଛି। କାରଣ ବିଭିନ୍ନ କାରଣକୁ ନେଇ ଗୋଟିଏ ପରେ ଗୋଟିଏ ବିଦେଶୀ ରାଷ୍ଟ୍ର ସିରିଆ ଉପରେ ଆକ୍ରମଣ କରିଚାଲିଥିଲା ବେଳେ ଏଠାକାର ଅସ୍ତ୍ର ଭଣ୍ଡାରରୁ ବିଦ୍ରୋହୀମାନେ ଅସ୍ତ୍ରଶସ୍ତ୍ର ଲୁଟ୍ କରିବା ଘଟଣା ସ୍ଥିତିକୁ ସ୍ୱାଭାବିକ କରିବ ନାହିଁ ବୋଲି ଆଶଙ୍କା ବଢିଛି। ରାଷ୍ଟ୍ରପତି ବସର ଅଲ୍-ଅସଦ କ୍ଷମତାଚ୍ୟୁତ ହେବା ପରେ ଇସ୍ରାଏଲ ସିରିଆର ବିଭିନ୍ନ ଅଞ୍ଚଳରେ ବୋମାମାଡ଼ କରିବା ସହିତ ଗୋଲାନ ହାଇଟ୍ ଅଞ୍ଚଳର ବହୁ ସ୍ଥାନକୁ ନିଜ କବଜାକୁ ନେଇଛି। ବିଶେଷକରି ସେନାର ଅସ୍ତ୍ରଶସ୍ତ୍ର ବିଦ୍ରୋହୀଙ୍କ ହାତରେ ନ ପଡ଼ିବା ଲକ୍ଷ୍ୟାରେ ଇସ୍ରାଏଲ ପ୍ରାୟ ୧୦୦ଟି ଅସ୍ତ୍ରଭଣ୍ଡାର ଉପରେ ଆକ୍ରମଣ କରିଛି। ସେହିପରି ଆଇଏସ ଆତଙ୍କବାଦୀ ସଂଗଠନ ଯେଭଳି ପୁନର୍ବାର ସଶକ୍ତ ନ ହୁଏ ତାହାକୁ ଲକ୍ଷ୍ୟ ରଖି ଆମେରିକା ମଧ୍ୟ ଏହି ସଂଠନର ବହୁ ଆଡ୍ଡା ଉପରେ ଆକ୍ରମଣ ଚଳାଇଛି। ଏହାଭିତରେ ସୋମବାର ତୁର୍କୀ ମଧ୍ୟ ସିରିଆରେ ଆକ୍ରମଣ ଆରମ୍ଭ କରିଦେଇଛି। ତୁର୍କୀ ପକ୍ଷରୁ ୧୦୦ଟି ଠିକଣାରେ ଆକ୍ରମଣ କରାଯାଇଥିଲା ବେଳେ ଏହା ସମର୍ଥନରେ ପରିଚାଳିତ ବିଦ୍ରୋହୀମାନେ ଉତ୍ତର ସିରିଆର ମନବିଜ୍ ଅଞ୍ଚଳକୁ ନିଜ ଦଖଲକୁ ନେଇଛନ୍ତି। ପ୍ରକୃତରେ ସିରିଆର ଆଞ୍ଚଳିକ ସମସ୍ୟା ଏବଂ ଏଠାରେ କାର୍ଯ୍ୟ କରୁଥିବା ବହୁ ବିଦ୍ରୋହୀ ସଂଗଠନଙ୍କ ମଧ୍ୟରେ ବିବାଦ ରହିଥିବାରୁ ଏବେ ସେମାନଙ୍କ ମଧ୍ୟରେ ପୁଣି ହିଂସା ବଢିବା ଆଶଙ୍କା ବଢିଛି। ଏହାବ୍ୟତୀତ ବିଭିନ୍ନ ବିଦ୍ରୋହୀ ସଂଗଠନକୁ ଭିନ୍ନ ଭିନ୍ନ ବିଦେଶୀ ରାଷ୍ଟ୍ର ସମର୍ଥନ କରୁଥିବାରୁ ଆମେରିକା ଏବଂ ତୁର୍କୀ ଭଳି ରାଷ୍ଟ୍ର ନିଜ ନିଜର ଲକ୍ଷ୍ୟ ସାଧନ ପାଇଁ ବିଦ୍ରୋହୀମାନଙ୍କୁ ପରୋକ୍ଷରେ ସମର୍ଥନ ଦେଉଛନ୍ତି। ଏଭଳି ସ୍ଥିତିରେ ସିରିଆର ସ୍ଥିତି ସ୍ୱାଭାବିକ ହେବା ସନ୍ଦେହ ସୃଷ୍ଟି କରିଛି।

**୧୦୦ଟି ଠିକଣାରେ ତୁର୍କୀର ଆକ୍ରମଣ**

**ଅସ୍ତ୍ର ଭଣ୍ଡାରରୁ ଲୁଟ୍, ଜେଲରୁ କଏଦୀଙ୍କୁ ମୁକ୍ତ କରୁଛନ୍ତି ବିଦ୍ରୋହୀ**



## ଠକେଇ ଅଭିଯୋଗରେ ଅଭିନେତା ଧର୍ମେନ୍ଦ୍ରଙ୍କୁ କୋର୍ଟ ନୋଟିସ୍



ନୂଆଦିଲ୍ଲୀ,୧୦।୧୨(ଏଜେନ୍ସି): ଠକେଇ ଅଭିଯୋଗରେ ବଲିଉଡ ଅଭିନେତା ଧର୍ମେନ୍ଦ୍ରଙ୍କ ସମେତ ଅନ୍ୟ ଦୁଇ ଜଣଙ୍କୁ ଦିଲ୍ଲୀ ପଟିଆଲା ହାଉସ କୋର୍ଟ ସମନ ଜାରି କରିଛନ୍ତି। 'ଗରମ ଧରମ ଢ଼ାବା' ଫ୍ରାଞ୍ଚାଇଜ ସହ ଜଡିତ ଏକ ଠକେଇ ମାମଲାରେ ଅଭିନେତା ଧର୍ମେନ୍ଦ୍ରଙ୍କ ବିରୋଧରେ କୋର୍ଟ ଏହି ପଦକ୍ଷେପ ନେଇଥିବା ଜଣାପଡ଼ିଛି। ସୁଶୀଲ କୁମାର ନାମକ ଦିଲ୍ଲୀର ଜଣେ ବ୍ୟବସାୟୀ ଧର୍ମେନ୍ଦ୍ରଙ୍କ ବିରୋଧରେ ଠକେଇ ଅଭିଯୋଗ ଆଣି କୋର୍ଟର ଦ୍ୱାରସ୍ଥ ହେବା ପରେ ଜୁଡିସିଆଲ ମାଜିଷ୍ଟ୍ରେଟ (ପ୍ରଥମ ଶ୍ରେଣୀ) ଯଶଦୀପ ଚହଲ ସମନ ଜାରି କରିଥିବା ଜଣାପଡ଼ିଛି। ଗରମ ଧରମ ଢ଼ାବାର ଫ୍ରାଞ୍ଚାଇଜରେ ପୁଞ୍ଜି ନିବେଶ କରିବାକୁ ପ୍ରଲୋଭନ ଦେଖାଇ ଟଙ୍କା ଠକି ନେଇଥିବା ସୁଶୀଲ ଅଭିଯୋଗ କରିଛନ୍ତି। ଅଭିଯୋଗ ଆଧାରରେ ଜୁଡିସିଆଲ ମାଜିଷ୍ଟ୍ରେଟ ଯଶଦୀପ ଚହଲ ଏହି ସମନ ଜାରି କରିଛନ୍ତି । ୨୦୨୫ ୨୦ ଫେବୃଆରୀରେ ଏହି ମାମଲାର ପରବର୍ତ୍ତୀ ଶୁଣାଣି ହେବ । ସମନ ପର୍ଯ୍ୟାୟରେ କୋର୍ଟ ଏହି ଘଟଣାର ଅନୁସନ୍ଧାନ କରିବ ବୋଲି କୁହାଯାଇଛି। ତେବେ ପ୍ରାଥମିକ ସ୍ତରରେ ଯାହା ଜଣାପଡ଼ିଛି ତାହା ଆଇପିସି ଧାରା ୪୨୦ ଅନୁସାରେ ଠକେଇ କରାଯାଇଥିବା ଯଶଦୀପ ଚହଲ କହିଛନ୍ତି।

## ବଢୁଛି ଇଣ୍ଡିଆ ମେଣ୍ଟ ନେତୃତ୍ୱ ବିବାଦ

ନୂଆଦିଲ୍ଲୀ,୧୦।୧୨(ଏଜେନ୍ସି): ଇଣ୍ଡିଆ ମେଣ୍ଟର ନେତୃତ୍ୱକୁ ନେଇ ଏବେ ସମସ୍ୟା ବଢିଥିଲା ବେଳେ ଆରଜେଡି ସୁପ୍ରିମୋ ଲାଲୁ ପ୍ରସାଦ ଯାଦବ ସୋମବାର ଦେଇଥିବା ବୟାନକୁ ନେଇ ନୂଆ ମୋଡ଼ ସୃଷ୍ଟି ହୋଇଛି। ଇଣ୍ଡିଆ ମେଣ୍ଟର ନେତୃତ୍ୱ ପାଇଁ ଲାଲୁ ପ୍ରସାଦ ଟିଏମସି ସୁପ୍ରିମୋ ତଥା ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ପ୍ରତି ସମର୍ଥନ ଜଣାଇଛନ୍ତି। ମମତା ହିଁ ଏହି ମେଣ୍ଟର ନେତୃତ୍ୱ ନେବାକୁ ଜଣେ ଉତ୍କୃଷ୍ଟ ନେତ୍ରୀ ବୋଲି ଲାଲୁ କହିଛନ୍ତି। କିନ୍ତୁ ମମତାଙ୍କ ହାତରେ ଇଣ୍ଡିଆ ମେଣ୍ଟର ନେତୃତ୍ୱ ଦିଆଗଲେ କଂଗ୍ରେସ ଏହାକୁ ବିରୋଧ କରିବ ବୋଲି ପ୍ରଶ୍ନରେ ଏହା କୌଣସି ସମସ୍ୟା ସୃଷ୍ଟି କରିବ ନାହିଁ ବୋଲି ଲାଲୁ କହିଛନ୍ତି।

କିଛି ଦିନ ତଳେ ମେଣ୍ଟ ନେତୃତ୍ୱକୁ ନେଇ ମମତା ପ୍ରଶ୍ନ ଉଠାଇଥିଲା ବେଳେ ଯଦି ତାଙ୍କ ହାତରେ ଏହି ଦାୟିତ୍ୱ ଦିଆଯାଏ ତେବେ ସେ ଏହାକୁ ଠିକଣା ଭାବେ ନିଭାଇବେ ବୋଲି କହିଥିଲେ। କିନ୍ତୁ ମମତାଙ୍କ ଏହି ପ୍ରସ୍ତାବକୁ ଆରଜେଡି ନେତା ତେଜସ୍ୱୀ ଯାଦବ ଏକପ୍ରକାର ବିରୋଧ କରିଥିଲେ। ଇଣ୍ଡିଆ ମେଣ୍ଟ ଗଠନ କରିବାରେ ତାଙ୍କ ବାପା ଲାଲୁ ପ୍ରସାଦଙ୍କ ବଳିଷ୍ଠ ଭୂମିକା ରହିଥିବାରୁ ଆରଜେଡିକୁ ଏଥିପାଇଁ ପ୍ରମୁଖତା ମିଳିବା ଉଚିତ ବୋଲି କହିଥିଲେ। କିନ୍ତୁ ଏହି ଘଟଣାର ମାତ୍ର ଦୁଇ ଦିନ ପରେ ନିଜେ ଲାଲୁ ପ୍ରସାଦ ମମତାଙ୍କୁ ସମର୍ଥନ କରିଛନ୍ତି। ତେବେ ମମତା ଯଦି ନେତୃତ୍ୱ ନିଅନ୍ତି ଆଗାମୀ ଦିନରେ କଂଗ୍ରେସର ଅଡୁଆ ବଢିପାରେ ବୋଲି ରାଜନୀତିକ ମହଲରେ ଚର୍ଚ୍ଚା ଆରମ୍ଭ ହୋଇଯାଇଛି। ଉଲ୍ଲେଖଯୋଗ୍ୟ ଯେ, ମୋଦୀ ସରକାରକୁ ନିର୍ମୂଳ କରିବା ଲକ୍ଷ୍ୟରେ ସବୁ ବିରୋଧୀଙ୍କୁ ଏକାଠି କରି ଇଣ୍ଡିଆ ମେଣ୍ଟ ଗଠନ କରାଯାଇଥିଲା। କିନ୍ତୁ ଗତ ଲୋକସଭା ନିର୍ବାଚନ ଠାରୁ ଆରମ୍ଭ କରି ବହୁ ରାଜ୍ୟର ବିଧାନସଭା ନିର୍ବାଚନ ଏବଂ ଉପନିର୍ବାଚନରେ ଏହି ମେଣ୍ଟକୁ ସେଭଳି କୌଣସି ଫଳ ମିଳିପାରି ନଥିଲା। ଯାହାକୁ ନେଇ ରାହୁଲ ଗାନ୍ଧୀଙ୍କ ନେତୃତ୍ୱରେ ଏହି ମେଣ୍ଟର ପରିଚାଳନାକୁ ନେଇ ପ୍ରଶ୍ନ ଉଠିଥିଲା। ତେବେ ମମତା ନିଜେ ନେତୃତ୍ୱ ନେବାକୁ ଆଗ୍ରହ ପ୍ରକାଶ କରିବା ପରେ ତାଙ୍କ ପ୍ରତି ବିଭିନ୍ନ ଦଳର ସମର୍ଥନ ବଢିଛି। ଲାଲୁଙ୍କ ସମର୍ଥନ ପୂର୍ବରୁ ସମାଜବାଦୀ ପାର୍ଟି ଏବଂ ଅନ୍ୟ କିଛି ବିରୋଧୀ ଦଳ ମଧ୍ୟ ମମତା ବାନାର୍ଜୀଙ୍କୁ ଇଣ୍ଡିଆ ମେଣ୍ଟର ନେତା ଭାବରେ ଚୟନ କରବାକୁ ସମର୍ଥନ ଦେଇଛନ୍ତି।

ଏନସିପି (ଏସପି) ମୁଖ୍ୟ ଶରଦ ପାୱାର ମଧ୍ୟ ମମତାଙ୍କ ସପକ୍ଷରେ ଯୁକ୍ତି ବାଢ଼ିଛନ୍ତି। ଏହାପୂର୍ବରୁ ତାଙ୍କର ଝିଅ ସୁପ୍ରିମୟା ସୁଲେ ମଧ୍ୟ ମମାଙ୍କୁ ଖୋଲାଖୋଲି ସମର୍ଥନ କରିଥିଲେ।

**ମମତାଙ୍କ ସମର୍ଥନରେ ବାହାରିଲେ ଲାଲୁ ଓ ଶରଦ ପାୱାର**



## ପୂର୍ବତନ ମୁଖ୍ୟମନ୍ତ୍ରୀ ଏସଏମ୍ କ୍ରିଷ୍ଣାଙ୍କ ପରଲୋକ

ନୂଆଦିଲ୍ଲୀ,୧୦।୧୨(ଏଜେନ୍ସି): ପ୍ରବୀଣ ରାଜନେତା ତଥା ପୂର୍ବତନ ବୈଦେଶିକ ମନ୍ତ୍ରୀ ଏବଂ କର୍ଣ୍ଣାଟକର ପୂର୍ବତନ ମୁଖ୍ୟମନ୍ତ୍ରୀ ଏସ୍ ଏମ କ୍ରିଷ୍ଣାଙ୍କ ପରଲୋକ ହୋଇଛି। ବିଗତ କିଛି ଦିନ ଧରି ତାଙ୍କର ସ୍ୱାସ୍ଥାବସ୍ଥାରେ ଅବନତି ଘଟି ଚାଲିଥିଲା ବେଳେ ଗତକାଲି ମଧ୍ୟରାତ୍ରରେ ସେ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି। ମୃତ୍ୟୁବେଳକୁ ତାଙ୍କୁ ୯୨ ବର୍ଷ ହୋଇଥିଲା। ତାଙ୍କ ପରଲୋକରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସମେତ ବହୁ କେନ୍ଦ୍ରମନ୍ତ୍ରୀ ଏବଂ ପ୍ରତିଷ୍ଠିତ ଶିଳ୍ପଦ୍ୟୋଗୀ ଗଭୀର ଦୁଃଖ ପ୍ରକାଶ କରି କ୍ରିଷ୍ଣାଙ୍କ ଶୋକାକୁଳ ପରିବାର ପ୍ରତି ସମବେଦନା ଜଣାଇଛନ୍ତି। ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ମଧ୍ୟ ତାଙ୍କ ବିୟୋଗରେ ଶୋକ ପ୍ରକାଶ କରିଛନ୍ତି। ଆସନ୍ତାକାଲି କର୍ଣ୍ଣାଟକର ମାଣ୍ଡ୍ୟା ଜିଲ୍ଲାସ୍ଥିତ ପୈତୃକ ଗ୍ରାମରେ ରାଷ୍ଟ୍ରୀୟ ମର୍ଯ୍ୟାଦା ସହିତ କ୍ରିଷ୍ଣାଙ୍କ ଶେଷକୃତ୍ୟ ସମ୍ପନ୍ନ ହେବ। କ୍ରିଷ୍ଣାଙ୍କ ପରଲୋକରେ କର୍ଣ୍ଣାଟକ ସରକାରଙ୍କ ପକ୍ଷରୁ ଦୁଃଖ ପ୍ରକାଶ କରାଯିବା ସହିତ ତାଙ୍କ ସମ୍ମାନାର୍ଥେ ଆସନ୍ତାକାଲି ଛୁଟି ଘୋଷଣା କରାଯାଇଛି। ଉଭୟ ରାଜ୍ୟ ଏବଂ ଜାତୀୟ ରାଜନୀତିରେ କ୍ରିଷ୍ଣା ଥିଲେ ଜଣେ ଚର୍ଚ୍ଚିତ ଚେହେରା । ସେ କର୍ଣ୍ଣାଟକରେ ମନ୍ତ୍ରୀ ଏବଂ ବାଚସ୍ପତି ରହିବା ସହିତ ମୁଖ୍ୟମନ୍ତ୍ରୀ ମଧ୍ୟ ରହିଥିଲେ। ସେହିପରି ବୈଦେଶିକ ମନ୍ତ୍ରୀ ରହିବା ସହୀତ ମହାରାଷ୍ଟ୍ର ରାଜ୍ୟପାଳ ମଧ୍ୟ ରହିଥିଲେ। କେବଳ ରାଜନୀତି ନୁହେଁ, କର୍ପୋରେଟ୍ କ୍ଷେତ୍ରରେ ମଧ୍ୟ କ୍ରିଷ୍ଣାଙ୍କ ପ୍ରଭାବ ଯଥେଷ୍ଟ ରହିଥିଲା। ଆଧୁନିକ ବେଙ୍ଗାଲୁରୁର ନିର୍ମାତା ଭାବେ ପରିଚିତ କ୍ରିଷ୍ଣା କର୍ଣ୍ଣାଟକରେ ଆଇଟି ଏବଂ ବିଟି ଇଣ୍ଡଷ୍ଟ୍ରିର ଭିତ୍ତିଭୂମି ପ୍ରତିଷ୍ଠା କରିବା ସହିତ 'ବ୍ରାଣ୍ଡ ବେଙ୍ଗାଲୁରୁ'କୁ ଆନ୍ତର୍ଜାତିକ ସ୍ତରରେ ପହଞ୍ଚାଇଥିଲେ। କ୍ରିଷ୍ଣା ୧୯୯୯ରୁ ୨୦୦୪ ପର୍ଯ୍ୟନ୍ତ କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ଥିଲେ। ଏହାପରେ ୨୦୦୪ରୁ ୨୦୦୮ ପର୍ଯ୍ୟନ୍ତ ମହାରାଷ୍ଟ୍ର ରାଜ୍ୟପାଳ ହୋଇଥିଲେ। ସେ ୨୦୦୯ରେ ବୈଦେଶିକ ମନ୍ତ୍ରୀ ଭାବେ ଦାୟିତ୍ୱ ତୁଲାଇବା ସହିତ ୨୦୨୩ରେ ପଦ୍ମ ବିଭୂଷଣରେ ସମ୍ମାନିତ ହୋଇଥିଲେ।

**ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀଙ୍କ ଶୋକ**

**ନବୀନ ମଧ୍ୟ ଶୋକ ଜଣାଇଲେ**



## ଟ୍ରମ୍ପ ପ୍ରଶାସନରେ ଆଉ ଜଣେ ଭାରତୀୟ ବଂଶୋଦ୍ଭବଙ୍କୁ ଗୁରୁଦାୟିତ୍ୱ



ୱାଶିଂଟନ୍,୧୦।୧୨(ଏଜେନ୍ସି): ଆମେରିକାର ନବ ନିର୍ବାଚିତ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଟିମ୍‌ରେ ପୂର୍ବରୁ ବହୁ ଗୁରୁତ୍ୱପୂର୍ଣ୍ଣ ପଦ ପଦବୀରେ ଭାରତୀୟ ବଂଶୋଦ୍ଭବଙ୍କୁ ସ୍ଥାନ ମିଳିସାରିଥିଲା ଏବେ ଆଉ ଜଣଙ୍କୁ ମଧ୍ୟ ସୁଯୋଗ ମିଳିଛି। ଆମେରିକାରେ କାର୍ଯ୍ୟ କରୁଥିବା ଭାରତୀୟ ବଂଶୋଦ୍ଭବ ଆଇନଜୀବୀ ହରମିତ କେ ଧିଲୋନଙ୍କୁ ନ୍ୟାୟିକ ବିଭାଗରେ ଆସିଷ୍ଟାଣ୍ଟ ଆଟର୍ଣ୍ଣି ଜେନେରାଲ ଭାବେ ମନୋନୀତ କରାଯାଇଛି। ରାଷ୍ଟ୍ରପତି ଟ୍ରମ୍ପ ସୋସିଆଲ ମିଡିଆରେ ପୋଷ୍ଟ କରି ଧିଲୋନଙ୍କୁ ପ୍ରଶଂସା କରିଛନ୍ତି। ଟ୍ରମ୍ପ କହିଛନ୍ତି ଯେ ହରମିତ୍ ଦେଶର ସର୍ବୋଚ୍ଚ ନିର୍ବାଚନ ଆଟର୍ଣ୍ଣିଙ୍କ ମଧ୍ୟରୁ ଅନ୍ୟତମ। ସେ ଶିଖ ସମ୍ପ୍ରଦାୟ ସହିତ ଜଡ଼ିତ ରହିଥିଲା ବେଳେ ନ୍ୟାୟ ବିଭାଗରେ ତାଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ ରହିବ ଏବଂ ସେ ସାମ୍ବିଧାନିକ ଅଧିକାରର ସୁରକ୍ଷାଦାତା ମଧ୍ୟ ହେବେ। ଉଲ୍ଲେଖଯୋଗ୍ୟ ଯେ, ଧିଲୋନ 'ଫ୍ରି ସ୍ପିଚ୍ ସନ୍ସରସିପ୍' ପାଇଁ ସ୍ୱର ଉତ୍ତୋଳନ କରିଥିବାବେଳେ ଟେକ୍ କମ୍ପାନୀଗୁଡିକୁ ଟାର୍ଗେଟ୍ କରିଥିଲେ। ୧୯୬୯ରେ ଏପ୍ରିଲ ୨ ଚଣ୍ଡିଗଡ଼ରେ ଜନ୍ମ ଗ୍ରହଣ କରିଥିବା ହରମିତ ଦୁଇ ବର୍ଷ ବୟସରେ ତାଙ୍କ ପରିବାର ସହ ଆମେରିକା ଚାଲି ଯାଇଥିଲେ।

## ଡ୍ରାଇଭର ଜାଣିଶୁଣି ଚଢ଼ାଇଦେଲେ ବସ୍ !

ମୁମ୍ବାଇ,୧୦।୧୨(ଏଜେନ୍ସି): ମୁମ୍ବାଇର ପଶ୍ଚିମ କୁର୍ଲା ଅଞ୍ଚଳରେ ଗତକାଲି ରାତିରେ ଘଟିଥିବା ଭୟାବହ ବସ୍ ଦୁର୍ଘଟଣା ମୃତ୍ୟୁସଂଖ୍ୟା ୭କୁ ବୃଦ୍ଧି ପାଇଛି। ଏହି ଘଟଣାରେ ୪୨ ଜଣ ଆହତ ହୋଇଥିଲା ବେଳେ ସେମାନଙ୍କ ମଧ୍ୟରୁ କିଛି ଲୋକଙ୍କ ଅବସ୍ଥା ଗମ୍ଭୀର ରହିଥିବା କୁହାଯାଇଛି। ତେବେ ଏହି ଦୁର୍ଘଟଣାକୁ ନେଇ ବସ୍ ଡ୍ରାଇଭର ସଞ୍ଜୟ ମୋରେଙ୍କୁ ଗିରଫ କରାଯାଇଥିଲା ବେଳେ ସେ ଯାହା କହିଛନ୍ତି ତାହା ସର୍ବ ସାଧାରଣରେ ଚାଞ୍ଚଲ୍ୟ ସୃଷ୍ଟି କରିଛି। ଦୁର୍ଘଟଣାଗ୍ରସ୍ତ ବସ୍ ଇଲେକଟ୍ରିକ୍ ଚାଳିତ ଏବଂ ଅଟୋ ଟ୍ରାନ୍ସମିଶନ ବ୍ୟବସ୍ଥାରେ ଚାଲୁଥିଲା। କିନ୍ତୁ ସଞ୍ଜୟ ଅଟୋ ଟ୍ରାନ୍ସମିଶନ ବ୍ୟବସ୍ଥା ସହ ଅଭିଜ୍ଞ ନଥିଲେ। ଗତ ୧ ତାରିଖରେ ଏହି ବସ୍ ଚାଳନା ପାଇଁ ତାଙ୍କୁ ନିଯୁକ୍ତ କରାଯାଇଥିଲା ବେଳେ ତା' ପୂର୍ବରୁ ସେ କେବଳ ମାନୁଆଲ୍ ଗିଅର ବ୍ୟବସ୍ଥାରେ ବସ୍ ଚଳାଇବାର ଅଭିଜ୍ଞତା ରଖିଥିଲେ ବୋଲି କହିଛନ୍ତି। ଅଟୋ ଟ୍ରାନ୍ସମିଶନ ଅଭିଜ୍ଞତା ନ ଥିବା ଜଣେ ଡ୍ରାଇଭରଙ୍କୁ କିଭଳି ସଡ଼କ ପରିବହନ ବିଭାଗ ଡ୍ରାଇଭର ଭାବେ ନିଯୁକ୍ତକଲା ବୋଲି ଏବେ ପ୍ରଶ୍ନ ଉଠିଛି। ବିଭାଗୀୟ ଭୁଲ ପାଇଁ ୭ ଜଣଙ୍କ ଜୀବନ ନିର୍ବାପିତ ହେବା ସହିତ ବହୁ ଲୋକ ଆହତ ହେଲେ ବୋଲି ସାଧାରଣରେ ଅଭିଯୋଗ ଉଠିଛି। ଉଲ୍ଲେଖଯୋଗ୍ୟ ଯେ, ଗତକାଲି ରାତି ପ୍ରାୟ ୯.୩୦ ମିନିଟ୍‌ରେ କୁର୍ଲାର ଜନଗହଳି ଅଞ୍ଚଳ ଦେଇ ଏହି ବସ୍‌ଟି ଯାଉଥିଲା ବେଳେ ପଥଚାରୀଙ୍କ ଉପରେ ଚଢିଯାଇଥିଲା। ଏହି ଘଟଣାରେ ୭ ଜଣଙ୍କ ମୃତ୍ୟୁ ହୋଇଥିଲା ବେଳେ ଜୀବନର ପ୍ରଥମ ଚାକିରି ପାଇ ପ୍ରଥମ ଦିନ ଡ୍ୟୁଟି ସାରି ଘରକୁ ଫେରୁଥିବା ୨୦ ବର୍ଷୀୟା ଆଫରିନ୍ ଶାହଙ୍କ ଜୀବନ ମଧ୍ୟ ଚାଲିଯାଇଥିଲା। ଅଫିସ୍‌ରୁ ଘରକୁ ଫେରିବା ବେଳେ ଅଟୋ ନ ପାଇବାରୁ ଆଫରିନ ତାଙ୍କ ବାପା ଅବଦୁଲ ସଲିମଙ୍କୁ କଲ୍ କରିଥିଲେ। ସଲିମ ତାଙ୍କୁ କୁର୍ଲା ଷ୍ଟେସନକୁ ଯିବାକୁ କହିଥିଲେ। ମାତ୍ର କିଛି ସମୟ ପରେ ସଲିମ ଅନ୍ୟ ଏକ ଫୋନରୁ କଲ୍ ପାଇଥିଲେ। କେହି ଜଣେ କଲ୍ କରି ତାଙ୍କୁ ଡାକ୍ତରଖାନାକୁ ଯିବାକୁ କହିଥିଲେ। କିନ୍ତୁ ସଲିମ ଡାକ୍ତରଖାନାରେ ପହଞ୍ଚିବା ପରେ ଯାହା ଦେଖିଥିଲେ ତାହା ତାଙ୍କୁ ସ୍ତମ୍ଭୀଭୂତ କରିଦେଇଥିଲା। ନିଜ ଝିଅର ଶବ ଦେଖି ସଲିମଙ୍କ ପାଦ ତଳୁ ମାଟି ଖସିଯାଇଥିଲା। ଆରଫିନଙ୍କ ଭଳି ୫୫ ବର୍ଷୀୟା ନର୍ସ କାନିସ୍ ଅନସାରୀ ମଧ୍ୟ ରାତ୍ରକାଳୀନ ସିଫ୍ଟ ପାଇଁ ଡାକ୍ତରଖାନାକୁ ଯାଉଥିଲେ। ହେଲେ ତାଙ୍କର ମଧ୍ୟ ମୃତ୍ୟୁ ହୋଇଛି।



**ମୁମ୍ବାଇ ବସ୍ ଦୁର୍ଘଟଣା ମୃତ୍ୟୁସଂଖ୍ୟା ୭କୁ ବୃଦ୍ଧି**

**ପ୍ରଥମ ଚାକିରିର ପ୍ରଥମ ଦିନରେ ଚାଲିଗଲା ଆଫରିନଙ୍କ ଜୀବନ**

## ଅଟୋ ଡ୍ରାଇଭରଙ୍କ ଝିଅ ବିବାହ ପାଇଁ ମିଳିବ ଲକ୍ଷେ: ଆପ୍‌ର ପ୍ରତିଶ୍ରୁତି

ନୂଆଦିଲ୍ଲୀ,୧୦।୧୨(ଏଜେନ୍ସି): ଆସନ୍ତା ବର୍ଷ ପ୍ରାରମ୍ଭରେ ଦିଲ୍ଲୀର ବିଧାନସଭା ନିର୍ବାଚନ ହେବାକୁ ରହିଥିବା ବେଳେ ଆମ୍ ଆଦମୀ ପାର୍ଟି ଏବେ ଠାରୁ ପ୍ରସ୍ତୁତି ଆରମ୍ଭ କରିଦେଇଛି। ଦଳୀୟ ମୁଖ୍ୟ ଅରବିନ୍ଦ କେଜ୍ରିୱାଲ ଏବେ ଠାରୁ ସଭା ସମିତି କରି ଭୋଟରଙ୍କ ସମର୍ଥନ ଯୋଗାଡ ଆରମ୍ଭ କରିଦେଇଥିଲା ବେଳେ ଦିଲ୍ଲୀବାସୀଙ୍କ ପାଇଁ ବହୁ ନୂଆ ଯୋଜନା ଆଣିବାକୁ ଘୋଷଣା କରିଛନ୍ତି। ଆପ ସରକାର ବସ୍ ଏବଂ ଅଟୋ ଡ୍ରାଇଭରଙ୍କ ପାଇଁ ନୂଆ ଭେଟି ଦେବାକୁ କେଜ୍ରିୱାଲ ଘୋଷଣା କରିଛନ୍ତି। ଦିଲ୍ଲୀ ଅଟୋ ଡ୍ରାଇଭରଙ୍କ ଝିଅମାନଙ୍କୁ ସେମାନଙ୍କ ବିବାହରେ ୧ ଲକ୍ଷ ଟଙ୍କା ଦେବେ। ସେହିପରି ହୋଲି ଏବଂ ଦୀପାବଳି ପରି ଉତ୍ସବରେ ସେମାନଙ୍କ ୟୁନିଫର୍ମ ପାଇଁ ୨୫୦୦ ଟଙ୍କା ଦେବାକୁ ମଧ୍ୟ ଘୋଷଣା କରାଯାଇଛି। ଏହା ବ୍ୟତୀତ ଅଟୋ ଚାଳକଙ୍କ ପାଇଁ ୫ ଲକ୍ଷ ଟଙ୍କାର ଦୁର୍ଘଟଣାଜନିତ ବୀମା ଏବଂ ୧୦ ଲକ୍ଷ ଟଙ୍କା ଜୀବନ ବୀମା ପ୍ରଦାନ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି। ସେହିପରି ଅଟୋ ଡ୍ରାଇଭରଙ୍କ ପିଲାମାନଙ୍କ ପାଇଁ ମାଗଣା କୋଚିଂ ବ୍ୟବସ୍ଥା କରିବାକୁ ମଧ୍ୟ ମୁଖ୍ୟମନ୍ତ୍ରୀ ଆତିଶୀ କହିଛନ୍ତି। ଅନ୍ୟପକ୍ଷରେ ଡିଟିସି କର୍ମଚାରୀଙ୍କ ପାଇଁ ମଧ୍ୟ ବଡ଼ ଘୋଷଣା କରାଯାଇଛି। ଚୁକ୍ତିଭିତ୍ତିକ ଡ୍ରାଇଭର ଏବଂ ଡିଟିସିର କଣ୍ଡକ୍ଟରଙ୍କ ଦରମା ବୃଦ୍ଧି ପାଇଁ ସରକାର ଏକ ଐତିହାସିକ ନିଷ୍ପତ୍ତି ନେଇଛନ୍ତି ମାସିକ ୨୧୯୧୮ ଟଙ୍କା ବଦଳରେ ଡିଟିସି ଚୁକ୍ତିଭିତ୍ତିକ ଡ୍ରାଇଭରମାନେ ଏଣିକି ମାସକୁ ୩୨୯୧୮ ଟଙ୍କା ଏବଂ ଚୁକ୍ତିଭିତ୍ତିକ କଣ୍ଡକ୍ଟରମାନେ ମାସକୁ ୨୯୨୫୦ ଟଙ୍କା ପାଇବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

## ବିମାନକୁ ବୋମା ଧମକ ଦେଇ ଗିରଫ ବ୍ୟକ୍ତି ଗୁଇନ୍ଦା ଅଧିକାରୀ

ନୂଆଦିଲ୍ଲୀ,୧୦।୧୨(ଏଜେନ୍ସି): ବିଗତ ଦୁଇ ମାସ ଧରି ଦେଶର ବିଭିନ୍ନ ରୁଟ୍‌ରେ ଚଳାଚଳ କରିଥିବା ବିମାନଗୁଡିକୁ ବାରମ୍ବାର ବୋମା ଧମକ ମିଳିଥିଲା। ଏହାକୁ ନେଇ ଯାତ୍ରୀମାନେ ନାନା ସମସ୍ୟାରେ ପଡ଼ିଥିଲା ବେଳେ ସରକାରଙ୍କ ଠାରୁ ଆରମ୍ଭ କରି ସୁରକ୍ଷା ଏଜେନ୍ସି ଏବଂ ବିମାନ କମ୍ପାନୀଙ୍କ ଚିନ୍ତା ବଢିଥିଲା। ପରବର୍ତ୍ତୀ ସମୟରେ ବୋମା ଧମକ ଦେଉଥିବା ବ୍ୟକ୍ତିଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ପାଇଁ ପଦକ୍ଷେପ ନିଆଯାଇଥିଲା ବେଳେ କେତେକ ବ୍ୟକ୍ତିଙ୍କୁ ଗିରଫ କରାଯାଇଥିଲା। ଏହିକ୍ରମରେ ନାଗପୁରରୁ କୋଲକାତା ଯାଉଥିବା ଇଣ୍ଡିଗୋ ବିମାନକୁ ଧମକ ମିଳିବା ଘଟଣାରେ ଗତମାସରେ ଜଣେ ବ୍ୟକ୍ତିଙ୍କୁ ଗିରଫ କରାଯାଇଥିଲା। ହେଲେ ଗିରଫ ବ୍ୟକ୍ତି ଜଣଙ୍କ କେନ୍ଦ୍ରୀୟ ଗୁଇନ୍ଦା ବିଭାଗର ଜଣେ ବରିଷ୍ଠ ଅଧିକାରୀ ବୋଲି ଜଣାପଡ଼ିବା ପରେ ଏବେ ବିଭିନ୍ନ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ନାଗପୁରରେ ଅବସ୍ଥାପିତ ହୋଇଥିବା ଏହି ଆଇବି ଅଧିକାରୀ ଜଣକ ହେଉଛନ୍ତି ଅନିମେଶ ମଣ୍ଡଳ। ସେ ଗୁଇନ୍ଦା ବିଭାଗର ଉପ ଅଧୀକ୍ଷକ ଭାବେ କାର୍ଯ୍ୟ କରୁଥିଲେ। ତେବେ ରାୟପୁର ପୁଲିସ ତାଙ୍କୁ ଏହି ଘଟଣା ପାଇଁ ଭାରତୀୟ ନ୍ୟାୟ ସଂହିତା ଧାରା ୩୫୧(୪) ଅଧୀନରେ ଗିରଫ କରିଛି।



ସ୍ୱୟଂ ସହାୟକ ଗୋଷ୍ଠୀର ସିଆର୍‌ପି, ଏମ୍‌ବିକେ, ପ୍ରାଣୀମିତ୍ର, କୃଷିମିତ୍ରଙ୍କ ଧାରଣାକୁ ସମର୍ଥନ ଜଣାଇ ଲୋୟର ପିଏମ୍‌ଜିରେ ବିଜେଡି ବିଧାୟକ...

# ‘ଦାଦନ’ ଫାଶରେ ସରକାର

**ଭୁବନେଶ୍ୱର,୧୦।୧୨(ସମିସ):** ରାଜ୍ୟରେ ନିଯୁକ୍ତି ସୁଯୋଗ ସୃଷ୍ଟି କରି ଦାଦନ ବନ୍ଦ କରିବାକୁ ନିର୍ବାଚନ ପୂର୍ବରୁ ଘୋଷଣା କରିଥିବା ବିଜେପି । ସରକାର ଆସିଲେ ଆଉ କେହି ଦାଦନ ଖଟିବାକୁ ଯିବେ ନାହିଁ ବୋଲି ଦଳର ନେତାମାନେ ସଭା ଓ ସମାବେଶରେ କହୁଥିଲେ। ମାତ୍ର ସରକାର ଆସିବା ପରେ ରାଜ୍ୟର ଶହଶହ ଲୋକଙ୍କୁ ଦାଦନ ଚାଲାଣ ପାଇଁ ଲାଇସେନ୍ସ ଦେଲେ, ୬୦ ହଜାରରୁ ଊର୍ଦ୍ଧ୍ୱ ଓଡ଼ିଆଙ୍କୁ ଦାଦନ ଖଟିବାକୁ ଯିବାକୁ ବାଟ କାଢ଼ି ଦେଲେ। ବିଜେପି ସରକାରଙ୍କ କଥା ଓ କାମ ମଧ୍ୟରେ ଆକାଶ ପାତାଳ ଫରକ ଥିବା ଅଭିଯୋଗ କରି ବିଧାନସଭାରେ ଗର୍ଜିଛନ୍ତି ବିରୋଧୀ ବିଜେଡି ଓ କଂଗ୍ରେସ। ମଙ୍ଗଳବାର ଗୃହରେ ମୁଲତବୀ ଆଲୋଚନାରେ ସରକାରଙ୍କୁ ଉଭୟ ବିରୋଧୀ କାଠଗଡ଼ାକୁ ଟାଣିଛନ୍ତି । କେନ୍ଦ୍ର ସରକାର ବର୍ଷକୁ ୨ କୋଟି ନିଯୁକ୍ତି କଥା କହିଥିଲେ। ରାଜ୍ୟରେ ବିଜେପି ସରକାର ମଧ୍ୟ ବର୍ଷକୁ ୨ ଲକ୍ଷ ନିଯୁକ୍ତିର କଥା କହିଛନ୍ତି। ମାତ୍ର ଏଯାଏଁ କେତେ ଲୋକଙ୍କୁ ନିଯୁକ୍ତି ଦେଲେଣି ବୋଲି ବିରୋଧୀ ପ୍ରଶ୍ନ କରିଛନ୍ତି ।

କଂଗ୍ରେସ ବିଧାୟକ ଅଶୋକ ଦାସ କହିଥିଲେ ଯେ ଦାଦନଙ୍କ ଦୁଃଖ ପାଇଁ ସରକାରଙ୍କ ଆନ୍ତରିକତା ନାହିଁ। ଯେଉଁଥିପାଇଁ ସ୍ଥାୟୀ ସମସ୍ୟା ଦିଗରେ ସରକାର ଗୁରୁତ୍ୱ ଦେଇନାହାନ୍ତି। ଡବଲ ଇଞ୍ଜିନ ସରକାର ଡବଲ ଦମରେ ଦାଦନ ରୋକିବା ଦିଗରେ କାର୍ଯ୍ୟ

- ବିଧାନସଭାରେ ଶାସକ ଦଳକୁ ବିରୋଧୀଙ୍କ କଡା ସମାଲୋଚନା
- ସରକାରଙ୍କ ଲାଇସେନ୍ସରେ ଦାଦନ ଖଟିବାକୁ ଯାଉଛନ୍ତି ଓଡ଼ିଆ
- ପୂର୍ବ ସରକାରଙ୍କୁ ଦୋଷ ଦେବା ଛାଡ଼ି କାମ କରିବାକୁ ପରାମର୍ଶ

କରିବା କଥା । ଏହା ପରିବର୍ତ୍ତେ ନିଜ ଦୋଷ ଢ଼ାଙ୍କିବାକୁ ପୂର୍ବ ସରକାରଙ୍କୁ ଦୋଷ ଦେଉଛନ୍ତି। ତେଣୁ ଦୋଷ ଦେବାରେ ଦମ୍ ଦେଖାଇବା ପରିବର୍ତ୍ତେ କାମରେ ଦମ୍ ଦେଖାଅ ବୋଲି ସେ ଆହ୍ୱାନ ଦେଇଛନ୍ତି । ବଲାଙ୍ଗୀର ଜିଲ୍ଲାରେ ଜଣେ ଶ୍ରମିକ ନିଜ ପିଲାକୁ ଆଣି ଜିଲ୍ଲାପାଳଙ୍କ ଆଗରେ ରଖୁଛି କି ମୁଁ ପିଲା ପୋଷି ପାରିବି ନାହିଁ । ଏହା ଅତ୍ୟନ୍ତ ଚିନ୍ତାର ବିଷୟ। ବିଧାୟିକା ସୋଫିଆ ଫିର୍ଦୋସ କହିଥିଲେ ଯେ ବିଜେପି ଓଡ଼ିଶାକୁ ଦାଦନ ମୁକ୍ତ କରିବ ବୋଲି ପ୍ରତିଶ୍ରୁତି ଦେଇ କ୍ଷମତାକୁ ଆସିଛି। ୬ ମାସ ବିତିଯାଇଥିଲେ ବି ସେଭଳି କୌଣସି ପଦକ୍ଷେପ ଗ୍ରହଣ କରିନାହାନ୍ତି । କେବଳ କଂଗ୍ରେସ ହିଁ ଦାଦନଙ୍କ ଚିନ୍ତା କରେ ଆଗକୁ କରିବ ବୋଲି ସେ କହିଥିଲେ।

ବିଜେଡି ବିଧାୟକ କଳିକେଶ ନାରାୟଣ ସିଂଦେଓ କହିଥିଲେ ଯେ ରାଜ୍ୟରେ ୬୦ ହଜାର ପଞ୍ଜୀକୃତ ଶ୍ରମିକ । ହେଲେ ଏହାଠୁ ୧୦ ଗୁଣା ଅଧିକ ଦାଦନ ଖଟିବାକୁ ଅନ୍ୟରାଜ୍ୟକୁ ଯାଇଛନ୍ତି । ଶ୍ରମିକଙ୍କ ସର୍ଦ୍ଦାରମାନେ ଘରକୁ ଘର ବୁଲି ଗରିବ ଲୋକଙ୍କ ପରିବାରକୁ ଟଙ୍କା ଯାଚୁଛନ୍ତି । ରାଜ୍ୟର ପ୍ରାୟ ୨୦ ଲକ୍ଷ ଲୋକ ଦାଦନ ଖଟିବାକୁ ବାହାରକୁ ଯାଉଛନ୍ତି । ଏହାକୁ କିଭଳି ରୋକାଯାଇପାରିବ ସେନେଇ ମନ୍ତ୍ରୀ ତାଙ୍କ ଉତ୍ତରରେ କିଛି କହିନାହାନ୍ତି। ଯାହା ପୂର୍ବ ସରକାର କରିଥିଲେ, ତାହାକୁ ଏବେ ମନ୍ତ୍ରୀ ନିଜ ସରକାରର ପଦକ୍ଷେପ ବୋଲି କହୁଛନ୍ତି । ଆନ୍ଧ୍ର ପ୍ରଦେଶରେ ଗଲା ୪ ମାସ ଧରି ୧୬ ଜଣ ଦାଦନ ଶ୍ରମିକଙ୍କୁ ନିର୍ଯାତନା ଦିଆଯାଉଛି। ସରକାରଙ୍କ ପାଖରେ ତଥ୍ୟ ଥିଲେ ବି କିଛି ପଦକ୍ଷେପ ନେଉ ନାହାନ୍ତି ବୋଲି ସେ ଅଭିଯୋଗ ଆଣିଥିଲେ। ବିଧାୟକ ରମେଶ ଚନ୍ଦ୍ର ବେହେରା, ଗଣେଶ୍ୱର ବେହେରା ପ୍ରମୁଖ ରାଜ୍ୟ ସରକାରଙ୍କୁ ଦାଦନ ଶ୍ରମିକ ପ୍ରସଙ୍ଗରେ କଡ଼ା ସମାଲୋଚନା କରିଥିଲେ।

ଅନ୍ୟପକ୍ଷରେ ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀ, ଇରାଶିଷ ଆଚାର୍ଯ୍ୟ, ପ୍ରତାପ ନାୟକ, ମନୋରଞ୍ଜନ ଦ୍ୟାନ ସାମନ୍ତରାୟ ପ୍ରମୁଖ ରାଜ୍ୟରେ ଦାଦନ ଶ୍ରମିକ ଓ ବେକାରୀ ବୃଦ୍ଧି ପାଇଁ ବିଜେଡି ଦାୟୀ ବୋଲି ପାଲଟା ଅଭିଯୋଗ କରିଥିଲେ।

## କର୍ମଚାରୀଙ୍କ ନିଯୁକ୍ତି ନବୀକରଣ ଯୋଜନା ନାହିଁ

# ହଜିଯିବ ‘ମୁକ୍ତା’

**ଭୁବନେଶ୍ୱର,୧୦।୧୨(ସମିସ):** ସରକାର ବଦଳିବା ସହିତ ଓଡ଼ିଶାର ଅନେକ ମହାତ୍ୱାକାଂକ୍ଷୀ ଓ ନିଯୁକ୍ତିଭିତ୍ତିକ ଯୋଜନାର ଭବିଷ୍ୟତ ଅନ୍ଧାର। ମିଶନଶକ୍ତିକୁ ସରକାର ପଙ୍ଗୁ କରିବାକୁ ଯୋଜନା ଚାଲିଥିବାବେଳେ ‘ମୁକ୍ତା’କୁ ମଧ୍ୟ ହଜାଇ ଦେବାକୁ ଆରମ୍ଭ ହୋଇଛି ପ୍ରକ୍ରିୟା। ଫଳରେ ଏଥିରେ କାର୍ଯ୍ୟରତ ୩୬୦ କର୍ମଚାରୀଙ୍କ ଭାଗ୍ୟ ବି ସୂତା ଖିଅରେ ଝୁଲୁଛି। ମୁଖ୍ୟମନ୍ତ୍ରୀ କର୍ମ ତତ୍ପର ଅଭିଯାନ (ମୁକ୍ତା) ଅଧୀନରେ ୧୧୫ ଟି ପୌରାଞ୍ଚଳରେ କାର୍ଯ୍ୟରତ ଏହି ଶହଶହ କର୍ମଚାରୀଙ୍କ ସମ୍ପର୍କରେ ବିଭାଗ ବି ରହସ୍ୟମୟ ଭାବରେ ନିରବତା ଅବଲମ୍ବନ କରୁଛି। ଏହି ସମୟରେ ବିଧାନସଭାରେ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ମୁକ୍ତା ଯୋଜନାରେ କାର୍ଯ୍ୟରତ କର୍ମଚାରୀଙ୍କ ନବୀକରଣ ସଂକ୍ରାନ୍ତରେ କୌଣସି ନିଷ୍ପତ୍ତି ହୋଇ ନ ଥିବା ସୂଚନା ଦେବା ପରେ ମୁକ୍ତାର ଭବିଷ୍ୟତ ଅନ୍ଧକାରାଚ୍ଛନ୍ନ ହୋଇ ପଡ଼ିଛି ।

ରାଜ୍ୟରେ ୨୦୨୧ ମସିହାରୁ ୧୧୫ଟି ପୌର ସଂସ୍ଥାମାନଙ୍କରେ ମୁକ୍ତା ଯୋଜନାରେ କାର୍ଯ୍ୟରତ ୩୬୦ ଜଣ କର୍ମଚାରୀଙ୍କ ଚାକିରୀ ଅବଧି ଗତ ସେପ୍ଟେମ୍ବର ୩୦ ତାରିଖରୁ ଶେଷ ହେଲାଣି। କିନ୍ତୁ ବର୍ତ୍ତମାନ ସୁଦ୍ଧା ସେମାନଙ୍କର ଚାକିରୀ ନବୀକରଣ ଅବା ଅବଧି ସଂପ୍ରସାରଣ ହୋଇ ନ ଥିବାର କାରଣ ସରକାରଙ୍କଠାରୁ ଜାଣିବାକୁ ଚାହିଁଥିଲେ ବିଧାୟକ ଗଣେଶ୍ୱର ବେହେରା। ବିଧାନସଭାରେ ସେ ଏ ପ୍ରସଙ୍ଗରେ ପ୍ରଶ୍ନ କରିବା ସହ କେଉଁ କାରଣ ପାଇଁ ଚୁକ୍ତି ନବୀକରଣ ହୋଇ ନାହିଁ ଓ କେବେ ନବୀକରଣ ହେବ ବୋଲି ପ୍ରଶ୍ନ କରିଥିଲେ। ଏହାର ଉତ୍ତରରେ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ମହାପାତ୍ର ମୁକ୍ତା କର୍ମୀମାନଙ୍କ ନିୟୋଜନ ଅବଧି ସେପ୍ଟେମ୍ବର ୩୦ ତାରିଖରୁ ଶେଷ ହେବା କଥାକୁ ସ୍ୱୀକାର କରିଛନ୍ତି । ମାତ୍ର ସେମାନଙ୍କର ଚୁକ୍ତିର ନବୀକରଣ ପାଇଁ କୌଣସି ନିଷ୍ପତ୍ତି ହୋଇ ନ ଥିବା ଉଲ୍ଲେଖ କରି ସେମାନଙ୍କୁ ନିଯୁକ୍ତି ବାହ୍ୟ ସେବା ପ୍ରଦାନକାରୀ ସଂସ୍ଥା ଦ୍ୱାରା କରାଯାଇଥିବା କହିଛନ୍ତି। ବିଭାଗୀୟ ମନ୍ତ୍ରୀଙ୍କ ଏହି ଉତ୍ତର ମୁକ୍ତା ଯୋଜନାରେ କାର୍ଯ୍ୟ କରୁଥିବା କର୍ମଚାରୀମାନଙ୍କୁ ନିରାଶ କରିଛି ।

ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍‌ଏଚ୍‌ଜି), ବସ୍ତି ଉନ୍ନୟନ ସଂଘ ଜରିଆରେ ମହିଳା ଓ ଗରିବ ଲୋକଙ୍କୁ କାମ ତଥା ରୋଜଗାର ଯୋଗାଇ ଦେବା ଉଦ୍ଦେଶ୍ୟରେ ବିଜେଡି ସରକାର ଅମଳରେ ‘ମୁକ୍ତା’ ଯୋଜନାର ଶୁଭାରମ୍ଭ କରାଯାଇଥିଲା। ମୁକ୍ତା ଯୋଜନାରେ ସହରାଞ୍ଚଳରେ ଛୋଟ ଛୋଟ ପାର୍କ, ମୁକ୍ତାକାଶ ବ୍ୟାୟାମଶାଳା, ପିଲାମାନଙ୍କ ଖେଳ ସ୍ଥାନ, ଭେଣ୍ଡିଂ ଜୋନ, ଜଳାଶୟ, ବର୍ଷା ଜଳ ସଂରକ୍ଷଣ ପ୍ରକଳ୍ପ, କମ୍ୟୁନିଟି ସେଣ୍ଟର ଆଦିର ନିର୍ମାଣ କାର୍ଯ୍ୟ ସେମାନଙ୍କୁ ଦିଆଯାଉଥିଲା। ଏମାନଙ୍କ ଜରିଆରେ ଲକ୍ଷାଧିକ ପ୍ରକଳ୍ପ ସମ୍ପୂର୍ଣ୍ଣ କରାଯାଇଛି। ଏହାର ସଫଳ କାର୍ଯ୍ୟକାରିତା ପାଇଁ ଓଡିଶା ବହୁ ଜାତୀୟ ଏବଂ ଅର୍ନ୍ତଜାତୀୟ ପୁରସ୍କାରରେ ସମ୍ମାନିତ ହୋଇଛି। ୨୦୨୧-୨୨ ବର୍ଷ ପାଇଁ ୱାର୍ଲ୍ଡ ରିସୋର୍ସେସ୍ ଇନଷ୍ଟିଚ୍ୟୁଟ୍ ପକ୍ଷରୁ ରସ୍ ସେଣ୍ଟର ପ୍ରାଇଜ୍‌ରେ ଓଡିଶାକୁ ସମ୍ମାନିତ କରାଯାଇଥିଲା। ମାତ୍ର ସରକାର ବଦଳିବା ପରେ ମୁକ୍ତା ଉପରେ କଳାବାଦଲ ଢ଼ାଙ୍କି ଦେଇଛି ।

# କେନ୍ଦ୍ରୀୟ ଡେପୁଟେସନ୍ ତାଲିକାରେ ୩ ଆଇପିଏସ୍

**ଭୁବନେଶ୍ୱର,୧୦।୧୨(ସମିସ):** କେନ୍ଦ୍ର ସରକାରଙ୍କ ଅଧୀନରେ ଆଇଜି ପଦବୀରେ ତାଲିକାଭୁକ୍ତ ହେବା ପାଇଁ ୩ଜଣ ଆଇପିଏସ୍ ଅଫିସରଙ୍କ ନାମ ଗ୍ରହଣ କରାଯାଇଛି। ସେମାନଙ୍କର ଭିଜିଲାନ୍ସ, କ୍ରାଇମ୍‌ବ୍ରାଞ୍ଚ ଓ ଏଚ୍‌ଆର୍‌ପିସି ସମ୍ବନ୍ଧୀୟ ସବିଶେଷ ତଥ୍ୟ ଦାଖଲ ପାଇଁ ପୂର୍ବରୁ ସ୍ୱରାଷ୍ଟ୍ର ମନ୍ତ୍ରାଳୟ ପକ୍ଷରୁ ରାଜ୍ୟ ସରକାରଙ୍କୁ ପତ୍ର ଲେଖାଯାଇଥିଲା। ଏହି ପରିପ୍ରେକ୍ଷୀରେ ରାଜ୍ୟ ସରକାରଙ୍କ ଗୃହ ବିଭାଗ ପକ୍ଷରୁ ୧୯୯୭ ବ୍ୟାଚ୍‌ର ଆଇପିଏସ୍ ଅଫିସର ଅସିତ କୁମାର ପାଣିଗ୍ରାହୀ, ୧୯୯୮ ବ୍ୟାଚ୍‌ର ଆଇପିଏସ୍ ଅଫିସର ଅମିତାଭ ଠାକୁର ଓ ରାଜେଶ କୁମାରଙ୍କ ସଂକ୍ରାନ୍ତରେ ଡେପୁଟେସନ ପାଇଁ ଅନୁମତି ପ୍ରଦାନ କରାଯାଇଛି।

# ୧୭ରୁ ରତ୍ନଭଣ୍ଡାର ମରାମତି

**ପୁରୀ,୧୦।୧୨(ସମିସ):** ଆସନ୍ତା ୧୭ ତାରିଖରୁ ଆରମ୍ଭ ହେବ ରତ୍ନଭଣ୍ଡାର ମରାମତି। ଏଏସ୍‌ଆଇକୁ ଏଥିପାଇଁ ଦୈନିକ ୪/୫ ଘଣ୍ଟା ସମୟ ଦିଆଯିବ। ମହାପ୍ରଭୁଙ୍କ ନୀତିକାନ୍ତି ଏବଂ ଭକ୍ତଙ୍କ ଦର୍ଶନ ଯେପରି ବ୍ୟାଘାତ ନ ହୁଏ ତାହାକୁ ପ୍ରାଥମିକତା ଦେଇ ଏହି ମରାମତି ହେବ। ତିନି ମାସ ମଧ୍ୟରେ ମରାମତି କାର୍ଯ୍ୟ ସାରିବ ବୋଲି ଲିଖିତ ଭାବେ ଜଣାଇଛି ଏଏସ୍‌ଆଇ। ମଙ୍ଗଳବାର ଅନୁଷ୍ଠିତ ଛତିଶା ନିଯୋଗ ବୈଠକରେ ରତ୍ନଭଣ୍ଡାର ମରାମତି ସଂକ୍ରାନ୍ତରେ ବିସ୍ତୃତ ଭାବେ ଆଲୋଚନା କରାଯାଇ କାର୍ଯ୍ୟସୂଚୀ ଚୂଡ଼ାନ୍ତ ହୋଇଛି।

- ଦ୍ୱିତୀୟ ଭୋଗମଣ୍ଡପ ପରେ ଆରମ୍ଭ ହେବ କାମ
- ଏଏସ୍‌ଆଇକୁ ଦୈନିକ ୪/୫ ଘଣ୍ଟା ସମୟ ଦିଆଯିବ
- ୩ ମାସରେ ମରାମତି ସାରିବାକୁ ରହିଛି ଲକ୍ଷ୍ୟ
- କାମ ସମୟରେ ବାହାର କାଠରୁ ହେବ ଦର୍ଶନ

ବୈଠକ ପରେ ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ ରତ୍ନଭଣ୍ଡାର ମରାମତି ସମ୍ପର୍କରେ ସୂଚନା ଦେଇ କହିଛନ୍ତି, ପୂର୍ବ ନିଷ୍ପତ୍ତି ଅନୁସାରେ ଶ୍ରୀମନ୍ଦିର ନୀତି ପ୍ରଶାସକ ଏବଂ କମାଣ୍ଡର ମରାମତି ନିମନ୍ତେ ସମୟ ନିର୍ଦ୍ଧାରଣ କରିଛନ୍ତି। ମହାପ୍ରଭୁଙ୍କ ନୀତିକାନ୍ତି ଏବଂ ଶ୍ରଦ୍ଧାଳୁଙ୍କ ଦର୍ଶନରେ ଯେପରି କୌଣସି ପ୍ରକାର ସମସ୍ୟା ନ ହୁଏ, ତାହାକୁ ଗୁରୁତ୍ୱ ଦେଇ ସମୟ ନିର୍ଦ୍ଧାରଣ ହୋଇଛି। ପୂର୍ବରୁ ଏଏସ୍‌ଆଇ ଡିସେମ୍ବର ୧୬ରୁ ମରାମତି ଆରମ୍ଭ କରିବ ବୋଲି ପ୍ରସ୍ତାବ ଦେଇଥିଲା। ସେଦିନ ସଂକ୍ରାନ୍ତି ପଡୁଥିବାରୁ ୧୭ରୁ ରତ୍ନଭଣ୍ଡାର ମରାମତି ଆରମ୍ଭ କରାଯିବ। ବିଶେଷକରି ଦ୍ୱିତୀୟ ଭୋଗମଣ୍ଡପ ସରିବା ପରେ ଆପାତତଃ ଅପରାହ୍ଣ ୧ଟାରୁ ଏଏସ୍‌ଆଇକୁ ମରାମତି ଲାଗି ସମୟ ଦିଆଯିବ। ସେମାନେ ୪ରୁ ୫ ଘଣ୍ଟା ଅର୍ଥାତ୍ ସନ୍ଧ୍ୟା ୫/୬ଟା ପର୍ଯ୍ୟନ୍ତ କାମ କରିବେ। କିନ୍ତୁ ଏହା ନିର୍ଦ୍ଦିଷ୍ଟ ନୁହେଁ। ସେହିଦିନର ନୀତିକାନ୍ତିକୁ ଦେଖି କାମ ସମୟ ବଦଳିପାରେ। ସେହିପରି ବିଶେଷ ପର୍ବପର୍ବାଣି, ଶନିବାର ଏବଂ ରବିବାର ଭଳି ଭିଡ଼ ହେବାକୁ ଥିବା ଦିନରେ କାମ ବନ୍ଦ କରିବାକୁ ଏଏସ୍‌ଆଇକୁ ପରାମର୍ଶ ଦିଆଯାଇଛି।

ମରାମତି ସମୟରେ ବାହାର କାଠରୁ ସର୍ବସାଧାରଣ ଦର୍ଶନ ହେବ। କାହାକୁ ଭିତରକାଠ ନିକଟକୁ ଛଡ଼ାଯିବ ନାହିଁ। ଅଧିକୃତ ବ୍ୟକ୍ତି ଯେପରିକି ଏଏସ୍‌ଆଇ ପକ୍ଷରୁ ନିୟୋଜିତ କର୍ମଚାରୀ ପ୍ରମୁଖଙ୍କୁ ପରିଚୟପତ୍ର ପ୍ରଦାନ କରାଯିବ। ମରାମତି ସମୟରେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଏଏସ୍‌ଆଇକୁ ସମ୍ପୂର୍ଣ୍ଣ ଭାବେ ସହଯୋଗ ଯୋଗାଇ ଦିଆଯିବ।

ରତ୍ନଭଣ୍ଡାର ମରାମତି ଏକ ଗୁରୁତ୍ୱପୂର୍ଣ୍ଣ କଥା। ଏହାକୁ ଭଲ ଭାବେ ମରାମତି କରାଯିବ। ତେବେ ୩ ମାସ ମଧ୍ୟରେ କାମ ଶେଷ କରିବା ଲାଗି ଏଏସ୍‌ଆଇ ଲିଖିତ ଭାବେ ଜଣାଇଛି। କିନ୍ତୁ କାମ କେବେ ସମ୍ପୂର୍ଣ୍ଣ ହେବ ତାହା କହିହେବ ନାହିଁ ବୋଲି ସ୍ପଷ୍ଟ କରିଛନ୍ତି ମୁଖ୍ୟ ପ୍ରଶାସକ ଡ. ପାଢ଼ୀ। ତେବେ ମରାମତି ସମ୍ପୂର୍ଣ୍ଣ ହେବା ପରେ ଅସ୍ଥାୟୀ ରତ୍ନଭଣ୍ଡାରରୁ ମହାପ୍ରଭୁଙ୍କ ଅଳଙ୍କାର ସ୍ଥାୟୀ ଭଣ୍ଡାରକୁ ସ୍ଥାନାନ୍ତର କରାଯିବ। ଏହାପରେ ଅଳଙ୍କାର ଗଣତି ମଣତି ହେବ ବୋଲି କହିଛନ୍ତି ମୁଖ୍ୟ ପ୍ରଶାସକ।

ରତ୍ନଭଣ୍ଡାର ମରାମତି ପାଇଁ ସ୍ୱତନ୍ତ୍ର ନୀତି ନିର୍ଘଣ୍ଟ ପ୍ରସ୍ତୁତ କରାଯାଇଛି, ଯାହାକୁ ଛତିଶା ନିଯୋଗ ଅନୁମୋଦନ ଦେଇଛି। ନିର୍ଘଣ୍ଟ ନୀତି ଅନୁଯାୟୀ, ରାତ୍ର ୨ଟାରୁ ଦ୍ୱାରଫିଟା ହେବ। ଦ୍ୱିତୀୟ ଭୋଗ ମଣ୍ଡପ ପରେ ଏଏସ୍‌ଆଇକୁ କାମ କରିବାକୁ ଅନୁମତି ମିଳିବ। ଦିନ ସାଢ଼େ ୧୨ଟା ସୁଦ୍ଧା ସରିବ ଦ୍ୱିତୀୟ ଭୋଗ ମଣ୍ଡପ। ଦ୍ୱିତୀୟ ଭୋଗମଣ୍ଡପ ପରଠାରୁ ସନ୍ଧ୍ୟା ୫ଟା କିମ୍ବା ୬ ଟା ପର୍ଯ୍ୟନ୍ତ କାମ କରିବ ଏଏସ୍‌ଆଇ। ସନ୍ଧ୍ୟା ୬ଟା ପରେ ମହାପ୍ରଭୁଙ୍କ ବେଶ ମଇଲମ ସହ ସନ୍ଧ୍ୟା ଆଳତି ହୋଇ ଅନ୍ୟାନ୍ୟ ନୀତି ବଢ଼ିବ। ସକାଳ ଧୂପ ଓ ମଧ୍ୟାହ୍ନ ଧୂପରେ କେବଳ କୋଠଭୋଗ ବାହାରିବ। ରାତି ୨ଟାରୁ ଦ୍ୱାରଫିଟା ପରେ ୩ଟାରେ ମଙ୍ଗଳଆଳତି ଓ ସାଢ଼େ ୫ଟାରୁ ୬ଟା ମଧ୍ୟରେ ଗୋପାଳ ବଲ୍ଲଭ ଓ ପହିଲି ଭୋଗ ନୀତି ଶେଷ ହେବ। ୧୦ଟା ୧୫ରୁ ସାଢ଼େ ୧୨ଟା ମଧ୍ୟରେ ସରିବ ଦ୍ୱିତୀୟ ଭୋଗ ମଣ୍ଡପ।

## ଛତିଶା ନିଯୋଗ ବୈଠକ

# ପହିଲି ଭୋଗ, ମକର ସଂକ୍ରାନ୍ତି ନୀତିରେ ବାଜିଲା ମୋହର

**ପୁରୀ,୧୦।୧୨(ସମିସ):** ଆସନ୍ତା ୧୬ ତାରିଖରେ ପବିତ୍ର ଧନୁ ସଂକ୍ରାନ୍ତି। ଶ୍ରୀମନ୍ଦିରରେ ଆରମ୍ଭ ହେବ ମହାପ୍ରଭୁଙ୍କ ପହିଲି ଭୋଗ ନୀତି। ମକର ସଂକ୍ରାନ୍ତି ପୂର୍ବଦିନ ପର୍ଯ୍ୟନ୍ତ ପ୍ରତ୍ୟହ ଏହି ନୀତି ଚାଲିବ। ମଙ୍ଗଳବାର ଅନୁଷ୍ଠିତ ଛତିଶା ନିଯୋଗ ବୈଠକରେ ପ୍ରସ୍ତୁତ ନୀତିକାନ୍ତି ସଂକ୍ରାନ୍ତରେ ବିସ୍ତୃତ ଆଲୋଚନା ହୋଇ ମୋହର ବାଜିଛି। ମହାପ୍ରଭୁଙ୍କ ପହିଲି ଭୋଗ ନୀତି ଧନୁ ସଂକ୍ରାନ୍ତି ଅର୍ଥାତ୍ ଡିସେମ୍ବର ୧୬ରୁ ଆରମ୍ଭ ହୋଇ ମକର ସଂକ୍ରାନ୍ତି ପୂର୍ବଦିନ ଅର୍ଥାତ୍ ଜାନୁୟାରୀ ୧୩ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହି ସମୟରେ ପ୍ରତ୍ୟହ ରାତ୍ର ୨ଟାରେ ଦ୍ୱାର ଫିଟାଯିବ। ଭିତରଶୋଧ ପରେ ରାତି ୩ଟାରେ ମଙ୍ଗଳ ଆଳତି ହୋଇ ଅନ୍ୟାନ୍ୟ ସମ୍ପନ୍ନ ହେବ। ଭୋର୍ ସାଢ଼େ ୫ଟାରୁ ୬ଟା ମଧ୍ୟରେ ପହିଲି ଭୋଗ ନୀତି ବଢ଼ିବ। ସାଢେ ୬ରୁ ୮ଟା ସକାଳ ଧୂପ (କେବଳ କୋଠଭୋଗ), ସକାଳ ୭ଟା ୪୫ରୁ ସାଢ଼େ ୯ଟା ଭୋଗମଣ୍ଡପ, ପୂର୍ବାହ୍ନ ୧୦ଟାରୁ ସାଢେ ୧୧ଟା ମଧ୍ୟାହ୍ନ ଧୂପ (କେବଳ କୋଠଭୋଗ) ବାହାରିବ। ୧୧ଟା ୧୫ରୁ ଅପରାହ୍ଣ ସାଢ଼େ ୧ଟା ମଧ୍ୟରେ ଦ୍ୱିତୀୟ ଭୋଗମଣ୍ଡପ ନୀତି ଶେଷ କରାଯିବ। ଏହିପରି ରାତି ୧୧ଟାରେ ରାତ୍ର ପହୁଡ ନୀତି କରାଯିବା ଲାଗି ନୀତିକାନ୍ତି ଚୂଡ଼ାନ୍ତ ହୋଇଛି।

ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟରେ ଅନୁଷ୍ଠିତ ଛତିଶା ନିଯୋଗ ବୈଠକରେ ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ ଅଧ୍ୟକ୍ଷତା କରିଥିଲେ। ଏଥିରେ ପହିଲି ଭୋଗ ବ୍ୟତୀତ ଜାନୁଆରୀ ୧୩ତାରିଖ ଦେବାଭିଷେକ ପୂର୍ଣ୍ଣିମା ଏବଂ ୧୪ତାରିଖ ମକର ସଂକ୍ରାନ୍ତି ନୀତିକୁ ମଧ୍ୟ ଅନୁମୋଦନ କରାଯାଇଛି। ଚଳିତବର୍ଷ ଡିସେମ୍ବର ୩୧ ରାତ୍ର ୧୧ଟା ସୁଦ୍ଧା ଯଦି ରାତି ପହୁଡ଼ ହୋଇ ନପାରିଲା, ତେବେ ରାତ୍ର ପହୁଡ଼ ନୀତି ବାତିଲ କରାଯିବା ଲାଗି ଛତିଶା ନିଯୋଗରେ ଚୂଡ଼ାନ୍ତ ହୋଇଛି। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କ ସମେତ ଛତିଶା ନିଯୋଗ କର୍ମକର୍ତ୍ତା ଏବଂ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

## ଆସିକା ଚିନି ଶିଳ୍ପର ପୁନରୁଦ୍ଧାର

# ଟାସ୍କଫୋର୍ସ ଗଠନ କରିବେ ସରକାର

**ଭୁବନେଶ୍ୱର୧୦।୧୨(ସମିସ):** ଆସିକା ଚିନି କଳର ପୁନରୁଦ୍ଧାର ଓ ଆଧୁନିକୀକରଣ ପାଇଁ ରାଜ୍ୟ ସରକାର ଟାସ୍କ ଫୋର୍ସ ଗଠନ କରିବେ। ଏହି ଟାସ୍କ ଫୋର୍ସରେ କୃଷି, ଅର୍ଥ, ସମବାୟ, ଅବକାରୀ ତଥା ଜଳ ସମ୍ପଦ ବିଭାଗର ବରିଷ୍ଠ ଅଧିକାରୀ ସଦସ୍ୟ ଭାବେ ରହିବେ। ମଙ୍ଗଳବାର ଆସିକା ଚିନି ଶିଳ୍ପର ପୁନରୁଦ୍ଧାର ନିମନ୍ତେ ସଂକ୍ରାନ୍ତ ଆଲୋଚନା କାଳରେ ଏହି ନିର୍ଦ୍ଦେଶ ଦେଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ମାଝୀ।

ବୈଠକରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଏହି ଚିନି କଳ ଏକ ପୁରାତନ ଚିନି କଳ। ଏହା ଉପରେ ଅନେକ ଚାଷୀ ନିର୍ଭର କରନ୍ତି। ତେଣୁ ଏହାର ଉନ୍ନତିକରଣ ଓ ପୁନରୁଦ୍ଧାର କରିବା ପାଇଁ ପଦକ୍ଷେପ ନିଆଯିବା ଆବଶ୍ୟକ। ଏହି ଟାସ୍କ ଫୋର୍ସ ମହାରାଷ୍ଟ୍ର ଏବଂ ଅନ୍ୟ ରାଜ୍ୟଗୁଡିକୁ ପରିଦର୍ଶନରେ ଯାଇ ସେଠାକାର ବ୍ୟବସ୍ଥା ସମ୍ପର୍କରେ ଅନୁଧ୍ୟାନ କରି ଯେଉଁ ରିପୋର୍ଟ ଦେବେ, ସେହି ଆଧାରରେ ଚିନିକଳର ପୁନରୁଦ୍ଧାର କରାଯିବ।

ସୂଚନାଅନୁସାରେ ଆସିକା ସମବାୟ ଚିନି କଳ ୧୯୫୬ ମସିହାରେ ସ୍ଥାପିତ ହୋଇଥିବା ବେଳେ ୧୯୬୩ରେ ଏଠାରେ ଚିନି ଉତ୍ପାଦନ ଆରମ୍ଭ ହୋଇଥିଲା। ପରେ ଏହାର କ୍ଷମତା ବୃଦ୍ଧି ହୋଇ ଚିନି ସହ ଅନ୍ୟାନ୍ୟ ପଦାର୍ଥ ମଧ୍ୟ ଉତ୍ପାଦନ କରାଯାଉଛି। ତେବେ ବର୍ତ୍ତମାନ ଏହା ଲାଭଜନକ ସ୍ଥିତିରେ ନାହିଁ। ଏହାର ପୁନରୁଦ୍ଧାର ପାଇଁ ପଦକ୍ଷେପ ନେବା ପାଇଁ ନୂଆ ସରକାର ଉଦ୍ୟମ ଆରମ୍ଭ କରିଛନ୍ତି।

# ମହିଳାଙ୍କୁ ଟେକିନେଇ ଜଙ୍ଗଲରେ ଗଣଦୁଷ୍କର୍ମ

**ଦେବଗଡ଼, ୧୦।୧୨(ସମିସ):** ଦେବଗଡ଼ ଥାନା ଅଞ୍ଚଳରେ ଜଣେ ବିଧବା ମହିଳାଙ୍କୁ ଗଣଦୁଷ୍କର୍ମ କରାଯାଇଛି। ଏନେଇ ଦେବଗଡ଼ ଥାନାରେ ଅଭିଯୋଗ ହୋଇଛି। ଗତକାଲି ବଜାରରୁ ମହିଳାଜଣଙ୍କ ଫେରୁଥିବା ବେଳେ ତାଙ୍କୁ ଲିଫ୍ଟ ଦେବା ଆଳରେ ସ୍ଥାନୀୟ ଅଞ୍ଚଳର ଦୀପକ କିଣ୍ଡୋ ତାଙ୍କୁ ଅଶ୍ଳୀଳ ଆଚରଣ କରିଥିଲେ। ମହିଳାଜଣକ ଏହାର ବିରୋଧ କରି ବାଇକରୁ ଓହ୍ଲାଇ ପଡ଼ିଥିଲେ। କିଛି ବାଟ ଚାଲିଚାଲି ଯିବା ପରେ ଏକ ସ୍କୁଲ ନିକଟରେ ଦୀପକ ପଛପଟୁ ଆସି ମହିଳାଙ୍କୁ ଅଟକାଇଥିଲା। ପୂର୍ବରୁ ଉକ୍ତ ରାସ୍ତାରେ ଥିବା ଅନ୍ୟ ତିନିଜଣ ଯୁବକ ମିଶି ମହିଳାଙ୍କୁ ନିକଟସ୍ଥ ଜଙ୍ଗଲକୁ ଟେକିନେଇ ଗଣଦୁଷ୍କର୍ମ କରିଥିଲେ। ଏ ସଂପର୍କରେ ପୀଡ଼ିତା ଆଜି ଦେବଗଡ଼ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଦୀପକ ଓ ତାଙ୍କ ସଂପର୍କୀୟ ସରୋଜ ଏକ୍କା ସହ ଅନ୍ୟ ଦୁଇ ଅଚିହ୍ନା ଯୁବକଙ୍କ ନାମରେ ଥାନାରେ ଅଭିଯୋଗ ହୋଇଛି।

# ପୁଅ ମାଡ଼ରେ ବାପ ମୃତ

**ଭଦ୍ରକ/ବାସୁଦେବପୁର, ୧୦।୧୨(ସମିସ):** ଭଦ୍ରକ ଜିଲ୍ଲା ବାସୁଦେବପୁର ଥାନା ଅଧୀନ ବେଲସାଉଁଳିଆ ଗାଁରେ ଘଟିଛି ଅଭାବନୀୟ ଘଟଣା। ପୁଅର ମାଡ଼ରେ ବାପଙ୍କର ମୃତ୍ୟୁ ଘଟିଛି ।ବାଗଦା ବିନାୟକପୁର ପଞ୍ଚାୟତର ବେଲସାଉଁଳିଆ ଗାଁର ବସନ୍ତ କୁମାର ମଳିକ ଏକ ଗାଇକୁ ଗୋଡାଇ ପିଟୁଥିଲେ। ଏହି ସମୟରେ ସେଠାରେ ତାଙ୍କ ପୁଅ ଶିବ ମଳିକ ପହଞ୍ଚି କାହିଁକି ଗାଇକୁ ପିଟୁଛ ବୋଲି ବାପାଙ୍କୁ ପଚାରିଥିଲେ। ପରେ ଅତର୍କିତ ଭାବେ ଏକ ଲୁହାରଡ୍ ଆଣି ବାପାଙ୍କୁ ପିଟିଥିଲା। ରକ୍ତାକ୍ତ ଅବସ୍ଥାରେ ବସନ୍ତଙ୍କୁ ଗ୍ରାମବାସୀ ଉଦ୍ଧାର କରି ଏକ ଆମ୍ବୁଲାନ୍ସ ଯୋଗେ ବାସୁଦେବପୁର ଡାକ୍ତରଖାନାରେ ଭର୍ତ୍ତି କରାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି। ପୁଅ ମାନସିକ ଭିନ୍ନକ୍ଷମ ହୋଇଥିବାରୁ ଭାରସାମ୍ୟ ହରାଇ ଏମିତି କାଣ୍ଡ ଭିଆଇଛନ୍ତି ବୋଲି ଗ୍ରାମବାସୀ କହିଛନ୍ତି। ବାସୁଦେବପୁର ପୁଲିସ୍ ଘଟଣାର ତଦନ୍ତ ଆରମ୍ଭ କରିଛି।

## ଗୋରୁ ଚାଲାଣ ଆଡ୍ଡାରେ ପୁଲିସ ଚଢ଼ଉ

# ଜଙ୍ଗଲରୁ ୭୦୦ରୁ ଊର୍ଦ୍ଧ୍ୱ ଗାଈ ଓ ଷଣ୍ଢ ଉଦ୍ଧାର

**ଟିଗିରିଆ, ୧୦।୧୨(ସମିସ):** ଟିଗିରିଆ ଥାନା ଅନ୍ତର୍ଗତ ବାରମାଣ ବନ୍ଧ ଓ କରଡପଲ୍ଲୀ ସନ୍ନିକଟ ସଂରକ୍ଷିତ ଜଙ୍ଗଲ ମଧ୍ୟରେ ବର୍ଷ ବର୍ଷ ଧରି ଚାଲିଥିବା ଏକ ଗୋ-ଚାଲାଣ ହେଉଥିବା ଆଡ୍ଡା ଉପରେ କଟକ ଜିଲ୍ଲା ପୁଲିସ ଚଢ଼ଉ କରିଛି। ଚଢ଼ଉ ବେଳେ ଉକ୍ତ ସ୍ଥାନରୁ ପ୍ରାୟ ୭ ଶହରୁ ଊର୍ଦ୍ଧ୍ୱ ଗାଈ ଓ ଷଣ୍ଢ ଉଦ୍ଧାର କରାଯାଇଛି।

ସୂଚନା ମୁତାବକ, କଟକ ଜିଲ୍ଲା ଟିଗିରିଆ ବ୍ଲକ ଅନ୍ତର୍ଗତ କରଡାପଲ୍ଲୀ ନିକଟସ୍ଥ ସଂରକ୍ଷିତ ଜଙ୍ଗଲ ଓ ବାରମାଣ ବନ୍ଧ ନିକଟସ୍ଥ ଜଙ୍ଗଲ ମଧ୍ୟରେ ବର୍ଷ ବର୍ଷ ଧରି ଗୋ-ଚାଲାଣ ଚାଲିଥିଲା। ନରସିଂହପୁରରୁ ଆରମ୍ଭ କରି ପଡୋଶୀ ଢେଙ୍କାନାଳ ତଥା ବାଙ୍କୀ ଆଦି ଅଞ୍ଚଳରୁ ଗୋରୁ ମାଫିଆମାନେ ବିଭିନ୍ନ ସ୍ଥାନରୁ ଗାଈଗୋରୁଙ୍କୁ ଆଣି ଏଠାରେ ବାନ୍ଧି ରଖୁଥିଲେ। ପରେ ଏଠାରେ ଗୋରୁଗାଈଙ୍କୁ ହତ୍ୟା କରି ଏହାର ମାଂସକୁ ବଡ଼ ବଡ଼ କଣ୍ଟେନରରେ ଭର୍ତ୍ତି କରି ସୁଦୂର କଲିକତାକୁ ପଠାଇ ବେଶ୍ ଅର୍ଥ ଉପାର୍ଜନ କରିଆସୁଥିଲେ। ଏଥିନେଇ ବାରମ୍ବାର ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇଥିଲା। ନିକଟରେ ଟିଗିରିଆ ଥାନା ଅନ୍ତର୍ଗତ କରଡାପଲ୍ଲୀ ଓ ବଡ଼ମ୍ବାଠାରେ କଣ୍ଟେନର ବୋଝେଇ ଗୋମାଂସ ଜବତ ପରେ ଏହି ଘଟଣା ସାମ୍ନାକୁ ଆସିଥିଲା।



ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଆଜି ପୂର୍ବାହ୍ନରେ କଟକ ଜିଲ୍ଲା ଗ୍ରାମାଞ୍ଚଳ ଏସପି ପ୍ରତୀକ ସିଂ, ଆଠଗଡ଼ ଡିଏସପି ରବୀନ୍ଦ୍ର ମଲ୍ଲୀକ, ଟିଗିରିଆ ଥାନା ଭାରପ୍ରାପ୍ତ ଅଧିକାରୀଙ୍କ ସହ ବିଭିନ୍ନ ଥାନାର କର୍ମଚାରୀ ଓ ୨ ପ୍ଲାଟୁନ ପୁଲିସ ଫୋର୍ସ ସହ ବାରମାଣ ବନ୍ଧ ନିକଟସ୍ଥ ସଂରକ୍ଷିତ ଜଙ୍ଗଲ ଉପରେ ଚଢ଼ଉ କରିଥିଲେ। ଚଢ଼ଉରେ ସାମିଲ ପୁଲିସ କର୍ମଚାରୀ ଜଙ୍ଗଲ ମଧ୍ୟରେ ତନ୍ନ ତନ୍ନ କରି ଖୋଜିବା ପରେ ବିଭିନ୍ନ ସ୍ଥାନରେ ଗୋଠ କରି ବନ୍ଧା ଯାଇଥିବା ୭ ଶହରୁ ଊର୍ଦ୍ଧ୍ୱ ଗାଈଗୋରୁଙ୍କ ସହ ଷଣ୍ଢକୁ ଉଦ୍ଧାର କରିଥିଲେ। ହେଲେ ଆଡ୍ଡା ଚଳାଉଥିବା ଅସାମାଜିକ ବ୍ୟବସାୟୀମାନେ କୌଣସି ସୂତ୍ରରୁ ଖବରପାଇ ଘଟଣାସ୍ଥଳ ଛାଡି ଫେରାର ହୋଇଯାଇଥିବାରୁ ଏଥିନେଇ କାହାରିକୁ ଗିରଫ କରାଯାଇ ପାରି ନ ଥିଲା। ଜବତ ଗାଈଗୋରୁଙ୍କୁ ରାଜ୍ୟର ବିଭିନ୍ନ ଗୋଶାଳାକୁ ସ୍ଥାନାନ୍ତର କରାଯାଇଥିବାର ଜଣାପଡ଼ିଥିବା ବେଳେ ଆସନ୍ତା ଦିନରେ ଏହି ଚଢ଼ଉକୁ ଆହୁରି ବ୍ୟାପକ କରାଯିବ ଓ ଗାଈଗୋରୁଙ୍କୁ ହତ୍ୟା କରୁଥିବା ଗୋ-ମାଫିଆଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଗ୍ରାମାଞ୍ଚଳ ଏସପି ଶ୍ରୀ ସିଂ ଗଣାମାଧ୍ୟମକୁ ସୂଚନା ଦେଇଛନ୍ତି।

## ଗୋ-ମାଫିଆ ଫେରାର୍

## ଯୁବକଙ୍କୁ ଟାଙ୍ଗିଆରେ ହାଣି ହତ୍ୟା ସନ୍ଦେହ

ରାଇରଙ୍ଗପୁର, ୧୦ ।୧୨(ସମିସ): ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଜଣେ ଯୁବକଙ୍କୁ ଟାଙ୍ଗିଆରେ ହାଣି ଅତି ନିର୍ମମଭାବେ ହତ୍ୟା କରାଯାଇଛି ସନ୍ଦେହ କରାଯାଉଛି । ସୂଚନା ଅନୁସାରେ, ସୋମବାର ତିରିଂ ଥାନା ଅଧୀନ ଧୋବା ଧୋବଣୀ ଗାଁର ମାଜୁରା ଶୁଣ୍ଡି (୩୦) ଅପରାହ୍ନରେ ଗାଁ ନିକଟ ସାପ୍ତାହିକ ହାଟକୁ ଜିନିଷ କିଣିବା ପାଇଁ ଯାଇଥିଲେ; ହେଲେ ଦୀର୍ଘ ସମୟ ଧରି ସେ ଘରକୁ ଫେରିନଥିଲେ । ପରେ ପରିବାର ଲୋକେ ସ୍ଥାନୀୟ ଲୋକଙ୍କଠାରୁ ସୂଚନା ପାଇ ମାଜୁରାଙ୍କ ରକ୍ତ ଜୁଡୁବୁଡୁ ମୃତଦେହ ଗାଁ ନିକଟ ମୁଖ୍ୟ ରାସ୍ତା ପାର୍ଶ୍ୱରେ ପଡ଼ିଥିବା ଦେଖିଥିଲେ । ତାଙ୍କ ମୁଣ୍ଡରେ ଗଭୀର କ୍ଷତ ଚିହ୍ନ ରହିଥିଲା । ତିରିଂ ଥାନା ଅଧିକାରୀ ପ୍ରଶାନ୍ତ କୁମାର ଜେନା ଘଟଣାସ୍ଥଳରେ ମୃତଦେହକୁ ଉଦ୍ଧାର କରି ରାଇରଙ୍ଗପୁର ଡାକ୍ତରଖାନାକୁ ପଠାଇଥିଲେ । ତାଙ୍କୁ କେହି ଦୁର୍ବୃତ୍ତ ଟାଙ୍ଗିଆରେ ହାଣି ହତ୍ୟା କରିଥିବା ପୁଲିସ ଅନୁମାନ କରୁଛି । ମଙ୍ଗଳବାର ସକାଳେ ଜିଲ୍ଲା ଅତିରିକ୍ତ ଆରକ୍ଷୀ ଅଧିକାରୀ ନାରାୟଣ ନାଏକ, ରାଇରଙ୍ଗପୁର ଏସ୍ଡିପିଓ ଗୋକୁଳାନନ୍ଦ ସାହୁ ସହିତ ବାରିପଦାରୁ ସାଇଣ୍ଟିଫିକ ଟିମ ଘଟଣାସ୍ଥଳରେ ପହଞ୍ଚି ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ । ପରେ ସାଇଣ୍ଟିଫିକ ଅଧିକାରୀ ଜୟନ୍ତ କୁମାର ମୁର୍ମୁ ଘଟଣାସ୍ଥଳରେ ତଦନ୍ତ ଆରମ୍ଭ କରିଛନ୍ତି । ପୁଲିସ ଏକ ହତ୍ୟା ମାମଲା ରୁଜୁ କରି ଅଧିକ ତଦନ୍ତ କରୁଥିବା ସୂଚନା ମିଳିଛି । ଅନ୍ୟ ପକ୍ଷରେ ପୁଲିସ ରାଇରଙ୍ଗପୁର ଡାକ୍ତରଖାନାରେ ଶବ ବ୍ୟବଚ୍ଛେଦ ପରେ ମୃତକଙ୍କ ପରିବାରକୁ ହସ୍ତାନ୍ତର କରିଛି ।

## ଥଇଥାନ ପାଇଁ ଉଚ୍ଛେଦ ଦୋକାନୀ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ



ବାରିପଦା, ୧୦ ।୧୨(ସମିସ): ପୂର୍ତ୍ତବିଭାଗ ପକ୍ଷରୁ ବୈଶିଙ୍ଗାରୁ ମାଣତ୍ରୀ ପର୍ଯ୍ୟନ୍ତ ରାସ୍ତା ପ୍ରଶସ୍ତିକରଣ କାମ ଚାଲିଛି । ଫଳରେ ବୈଶିଙ୍ଗା ବଜାର ଅଞ୍ଚଳର ୨୬ଟି ଦୋକାନ ଘରକୁ ଉଚ୍ଛେଦ ପାଇଁ ନୋଟିସ ଜାରି ସହିତ ଚିହ୍ନଟ କରାଯାଇଥିବାରୁ ଦୋକାନୀମାନେ ସ୍ୱତଃପ୍ରବୃତ୍ତ ଭାବରେ ଉନ୍ନୟନ କାର୍ଯ୍ୟକୁ ସମ୍ମାନ ଜଣାଇ ଉକ୍ତ ସ୍ଥାନ ଛାଡିଦେଇଛନ୍ତି । ଗତ ୩୦ରୁ ୩୫ ବର୍ଷ ଧରି ଦୋକାନ କରି ପରିବାର ଗୁଜୁରାଣ ମେଣ୍ଟାଉଥିବା ବ୍ୟବସାୟୀଙ୍କୁ ଥଇଥାନ ପାଇଁ ଦାବି କରିଛନ୍ତି । ବିସ୍ଥାପିତ ଦୋକାନୀଙ୍କ ଏକ ପ୍ରତିନିଧି ଦଳ ମଙ୍ଗଳବାର ବାରିପଦାରେ ଜିଲ୍ଲାପାଳଙ୍କୁ ଭେଟି ଥଇଥାନ ପାଇଁ ଗୁହାରି କରିଛନ୍ତି । ଡ୍ରେନେଜ ଓ ରାସ୍ତା ନିର୍ମାଣ ପାଇଁ ଦୋକାନ ଗୃହ ଖାଲି ନ କଲେ ଭଙ୍ଗାଯିବ ବୋଲି ବେତନଟୀ ତହସିଲଦାର ନୋଟିସ କରିଥିଲେ । ଦୋକାନରୁ ବ୍ୟବସାୟୀମାନେ ପରିବାର ପ୍ରତିପୋଷଣ କରୁଥିବାରୁ ଥଇଥାନ ନ କରି ଉଚ୍ଛେଦ ଦ୍ୱାରା ଜୀବନ ଜୀବିକା ଉପରେ ପ୍ରଭାବ ପକାଇଛି । ତେଣୁ ସମସ୍ୟାର ସମାଧାନ ପାଇଁ ଉଚ୍ଛେଦ ଦୋକାନୀଙ୍କ ଥଇଥାନ ନେଇ ବ୍ୟବସ୍ଥା ପାଇଁ ଜିଲ୍ଲାପାଳଙ୍କୁ ଦାବି କରିଛନ୍ତି । ପଞ୍ଚାୟତର ସରକାରୀ ଜାଗା ଥିବା ବେଳେ ମାର୍କେଟ କମ୍ପ୍ଲେକ୍ସ ଗୃହ ନିର୍ମାଣ କରି ଏହି ଦୋକାନୀଙ୍କୁ ଥଇଥାନ ପାଇଁ ସେମାନେ ଗୁହାରି କରିଛନ୍ତି । ଦୋକାନୀଙ୍କ ପକ୍ଷରୁ ସୃଷ୍ଟିଧର ଦାସ, ସତ୍ୟବ୍ରତ ପଣ୍ଡା, ଲକ୍ଷ୍ମୀଧର ଦାସ, ଯୋଗେଶ୍ୱର ଦାସ, ଚକ୍ରଧର ସିଂ, ପ୍ରମୋଦ କୁମାର ଦାସ, ଶଶୀଧର ରଣା, ଅଜୟ ପାଣିଗ୍ରାହୀ ଓ କାର୍ତ୍ତିକ ଦାସ ସମେତ ବୈଶିଙ୍ଗା ବଜାର ବ୍ୟବସାୟୀ ସଂଘ, ସ୍ଥାନୀୟ ଅଞ୍ଚଳବାସୀ ଓ ବୁଦ୍ଧିଜୀବୀ ଜିଲ୍ଲାପାଳଙ୍କୁ ଭେଟି ଥଇଥାନ ପାଇଁ ନିବେଦନ କରିଛନ୍ତି ।

## ‘ସମାବେଶ ଚାଟଶାଳୀ’ ପକ୍ଷରୁ ଗୁରୁପୂଜନ



ଉଦଳା, ୧୦ ।୧୨(ସମିସ): ଉଦଳା ବ୍ଲକ ଅନ୍ତର୍ଗତ ସୁନାପାଳ ଗ୍ରାମରେ ‘ସମାବେଶ ଚାଟଶାଳୀ’ ପକ୍ଷରୁ ଗୁରୁଜନ ପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ସମାବେଶ ଚାଟଶାଳୀର ପିଲାମାନେ ୪୦ ଜଣ ବୟସ୍କଙ୍କୁ ଫୁଲ ଚନ୍ଦନ ଦେଇ ବନ୍ଦାପନା କରିବା ସହ ମିଠା ଖୁଆଇ ପ୍ରଣାମ କରିଥିଲେ । ପରେ ଫୁଲତୋଡା ଦେଇ ସମ୍ମାନିତ କରିଥିଲେ । ବରିଷ୍ଠ ନାଗରିକଙ୍କୁ ସମ୍ମାନ ଦେବା ଏବଂ ତାଙ୍କ କଥାକୁ ମାନି ଚଳିଲେ ଆମେ ନିଶ୍ଚୟ ଭଲ ମଣିଷ ହୋଇପାରିବା ବୋଲି ସମାଜସେବୀ ସୁବ୍ରତ ମହାନ୍ତି ମତବ୍ୟକ୍ତ କରିଥିଲେ । ଏହି କାର୍ଯ୍ୟକ୍ରମ ମାଧ୍ୟମରେ ବୟୋଜ୍ୟେଷ୍ଠ ବ୍ୟକ୍ତିବିଶେଷମାନେ ସରକାରଙ୍କ ବିଭିନ୍ନ ଯୋଜନା ବାବଦରେ ମଧ ଅବଗତ ହୋଇଥିଲେ । ଯାହାର ସୁଫଳ ପାଇବା ପରେ ବାର୍ଦ୍ଧକ୍ୟ ଜୀବନ ସୁଖପ୍ରଦ ହୋଇପାରିବ । ଆକାଶ କୁମାର ମହାନ୍ତ, ଚମ୍ପାବତୀ ହାଁସଦା, ଦେବେନ୍ଦ୍ର କୁମାର ରାଉଳ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ସୂଚନାଯୋଗ୍ୟ ଯେ, ଏହି ସମାବେଶ ଚାଟଶାଳୀ ମୌନଧ୍ୱନି ଫାଉଣ୍ଡେସନର ଏକ ନିଶୁଳ୍କ ଶିକ୍ଷଣ କାର୍ଯ୍ୟକ୍ରମ; ଯାହା ମାଧ୍ୟମରେ ଗ୍ରାମାଞ୍ଚଳରେ ଥିବା ଆର୍ଥିକ ଅନଗ୍ରସର ଶ୍ରେଣୀର ପିଲାଙ୍କୁ ବିନା ମୂଲ୍ୟରେ ଗୁଣାତ୍ମକ ଶିକ୍ଷା ପ୍ରଦାନ କରାଯାଉଛି ।

## ସୁନାହଜା ଜଙ୍ଗଲରେ ଶାଳଗଣ୍ଡି ଗଚ୍ଛିତ; ବନବିଭାଗର ତଦନ୍ତ



ବେତନଟୀ, ୧୦ ।୧୨(ସମିସ): ବେତନଟୀ ଥାନା ତଥା ରେଞ୍ଜ ଅଧୀନ ସୁନାହଜା ସଂରକ୍ଷିତ ଜଙ୍ଗଲରେ ବିପୁଳ ପରିମାଣର ମୂଲ୍ୟବାନ ଶାଳଗଣ୍ଡି ଗଚ୍ଛିତ ରଖାଯାଇଥିବାବେଳେ ଖବରପାଇ ବନବିଭାଗ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି । ସୂଚନା ମୁତାବକ ସୁନାହଜା ସଂରକ୍ଷିତ ଜଙ୍ଗଲରେ ବିପୁଳ ପରିମାଣର ମୂଲ୍ୟବାନ ଶାଳଗଛ କଟାଯାଇ ଚୋରା ଚାଲାଣ ନିମନ୍ତେ ରଖାଯାଇଥିବା ଖବରପାଇ ବେତନଟୀ ବନବିଭାଗର ଟିମ୍ ଘଟଣାସ୍ଥଳରେ ପହଞ୍ଚିଥିଲା । ସେଠାରେ ୧୫ରୁ ଊର୍ଦ୍ଧ୍ୱ ବିଶାଳକାୟ ଶାଳଗଛ କଟାଯାଇ ଗଚ୍ଛିତକରି ରଖାଯାଇଛି । ପ୍ରାୟ ୫୦ରୁ ଅଧିକ ଶାଳଗଣ୍ଡି ପଡ଼ିରହିଥିବା ବେଳେ ସୋମବାର ରାତି ହୋଇଯିବାରୁ ମଙ୍ଗଳବାର ଦାନ୍ତିଆମୁହାଁ ରାଜସ୍ୱ ନିରୀକ୍ଷକଙ୍କୁ ଡକାଇ ଜମି ମାପ ପରେ ଶାଳଗଣ୍ଡି ଗୁଡିକ ଗଚ୍ଛିତ ରଖାଯାଇଥିବା ସ୍ଥାନଟି ସଂରକ୍ଷିତ ଜଙ୍ଗଲ ଅଧୀନରେ ନା ଏହା ଟିକଟଭୁକ୍ତ ଜମି ଚିହ୍ନଟପରେ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବ ବୋଲି ବନବିଭାଗ ପକ୍ଷରୁ ସୂଚନା ଦିଆଯାଇଛି ।

## ପୁରୁଣିଆରୁ ଲକ୍ଷାଧିକ ଟଙ୍କାର ସୁନାଗହଣା ଲୁଟ୍

ବୈଶିଙ୍ଗା, ୧୦।୧୨ (ସମିସ): ମୟୂରଭଞ୍ଜ ଜିଲ୍ଲା ବୈଶିଙ୍ଗା ଥାନା ପୁରୁଣିଆ ଗାଁରେ ସୋମବାର ରାତିରେ ଏକ ପରିବାର ଯାତ୍ରା ଦେଖିବାକୁ ଯାଇଥିବାବେଳେ ଦୁର୍ବୃତ୍ତମାନେ ଲକ୍ଷାଧିକ ଟଙ୍କାର ସୁନାଗହଣା ଲୁଟି ହୋଇଥିବା ନେଇ ଅଭିଯୋଗ ହୋଇଛି । ଗ୍ରାମର ରବୀନ୍ଦ୍ର ସେଠୀଙ୍କ ପରିବାର ସୋମବାର ରାତି ୧୧ଟାରେ ଅପେରା ଦେଖିବାକୁ ଯାଇଥିଲେ । ବିଳମ୍ବିତ ରାତିରେ ଘରକୁ ଫେରି ଆସିଲାବେଳକୁ ଚୋରି ହୋଇଥିବା ଦେଖିବାକୁ ପାଇଥିଲେ । ଦୁର୍ବୃତ୍ତମାନେ ଆଲମିରା ଭାଙ୍ଗି ସୁନା ହାର, ମଙ୍ଗଳସୂତ୍ର, କାନଫୁଲ, ମୁଦି, ପଦକ ସହିତ ଅନେକ ରୁପା ତିଆରି ଗହଣା ଲୁଟ୍ ନେଇ ପଳାଇଛନ୍ତି । ପରେ ଏ ନେଇ ରବୀନ୍ଦ୍ର ଥାନାରେ ଅଭିଯୋଗ କରିଛନ୍ତି । ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି ।

## ହେମପୁର ହାଇସ୍କୁଲରେ କ୍ରୀଡ଼ା ପ୍ରତିଯୋଗିତା



ବୈଶିଙ୍ଗା, ୧୦ ।୧୧(ସମିସ): ହେମପୁର କୈଳାସ ଚନ୍ଦ୍ର ସରକାରୀ ଉଚ୍ଚ ବିଦ୍ୟାଳୟରେ କ୍ରୀଡା ଶିକ୍ଷକ ଶରତ କୁମାର ବେହେରାଙ୍କ ନେତୃତ୍ୱରେ ବାର୍ଷିକ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ପ୍ରଧାନଶିକ୍ଷକ ସମରଜିତ ମହାପାତ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉଦଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ସରପଞ୍ଚ ରଘୁନାଥ ସିଂ ଓ ସମ୍ମାନିତ ଅତିଥି ଭାବେ ପ୍ରଧାନଶିକ୍ଷକ କାର୍ତ୍ତିକ ଚନ୍ଦ୍ର ଦାସ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ । ବାଳକ, ବାଳିକା ତଥା ସିନିୟର ଓ ଜୁନିଅର ବିଭାଗରେ ମୋଟ ୨୨ଟି କ୍ରୀଡା ଅନୁଷ୍ଠିତ ହୋଇଥିଲା । ବିଦ୍ୟାଳୟର ସମସ୍ତ ଶିକ୍ଷକ ପ୍ରତିଯୋଗିତା ପରିଚାଳନା କରିଥିଲେ । କୃତୀ ପ୍ରତିଯୋଗୀଙ୍କୁ ଡିସେମ୍ବର ୨୦ରେ ହେବାକୁ ଥିବା ବାର୍ଷିକ ଉତ୍ସବରେ ପୁରସ୍କୃତ କରାଯିବ ।

## ସାମ୍ବାଦିକଙ୍କ ବିୟୋଗରେ ଶ୍ରଦ୍ଧାଞ୍ଜଳି ସଭା

ବାରିପଦା/ଉଦଳା, ୧୦।୧୨(ସମିସ): ଦେବରଞ୍ଜନ ଥିଲେ ଜଣେ ଦକ୍ଷ ସାମ୍ବାଦିକ । ରାଜ୍ୟସ୍ତରର ସାମ୍ବାଦିକତାରେ ସେ ଥିଲେ ବେଶ ସିଦ୍ଧହସ୍ତ । ତାଙ୍କ ବିୟୋଗରେ ଉଦଳାଠାରେ ଉପଖଣ୍ଡସ୍ତରୀୟ ସାମ୍ବାଦିକଙ୍କ ପକ୍ଷରୁ ଆୟୋଜିତ ଏକ ଶ୍ରଦ୍ଧାଞ୍ଜଳି ସଭାରେ ଅତିଥିମାନେ ଏଭଳି ମତ ରଖିଥିଲେ । ଖୁଣ୍ଟା ବ୍ଲକ ଅଞ୍ଚଳରେ ଏକ ଦୈନିକ ଖବରକାଗଜରେ ସାମ୍ବାଦିକତା କରୁଥିବା ଦେବରଞ୍ଜନ ବେହେରାଙ୍କ ଅକାଳ ବିୟୋଗ ହୋଇଛି । ଭୁବନେଶ୍ୱରର ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସାଧୀନ ଥିବା ଅବସ୍ଥାରେ ତାଙ୍କର ବିୟୋଗ ହୋଇଛି । ତାଙ୍କର ସ୍ମୃତି ଉଦ୍ଦେଶ୍ୟରେ ଉଦଳା ଉପଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଏକ ଶ୍ରଦ୍ଧାଞ୍ଜଳି ସଭା ଉପଖଣ୍ଡ ସାମ୍ବାଦିକ ପରିବାର ପକ୍ଷରୁ ଅନୁଷ୍ଠିତ ହୋଇଥିଲା । ଏଥିରେ ସହକାରୀ ଜିଲ୍ଲାପାଳ ପ୍ରତୀକ ପଣ୍ଡା, ସୁବ୍ରତ ଘୋଷ, ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସରୋଜ କୁମାର ପ୍ରଧାନ, ବରିଷ୍ଠ ସାମ୍ବାଦିକ ଦୀନବନ୍ଧୁ ବାରିକ, ଖୁଣ୍ଟା ଅଞ୍ଚଳର ବରିଷ୍ଠ ସାମ୍ବାଦିକ ତପନ କୁମାର ମହାନ୍ତି, କପ୍ତିପଦାର ସୁଶାନ୍ତ କୁମାର ମହାନ୍ତି ଏବଂ ସନ୍ତୋଷ କୁମାର ବାଛିନି ପ୍ରମୁଖ ମଞ୍ଚାସୀନ ଥିଲେ ।



ତାଙ୍କର ଅମର ଆତ୍ମାର ସଦଗତି କାମନା କରି ଏକ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ମାନସ ପାଣି, ଶଶିକାନ୍ତ ମିଶ୍ର, ନେତାଜୀ ରଥ, ତପନ ସେଠୀ, ହିମାଦ୍ରୀ ପାଲ, ଜଗବନ୍ଧୁ ପ୍ରଧାନ, କୃଷ୍ଣଚୈତନ୍ୟ ସଦୁଆଳ, ସନ୍ତୋଷ ବେହେରା, ଅଭିଜିତ ବେହେରା, ଅଭିଜିତ ବିଶ୍ୱାଳ, ଶ୍ୱେତ ସୁନ୍ଦର ମଲ୍ଲିକ, ଦୀପକ ମିଶ୍ର, ଦୀପକ ପାଣିଗ୍ରାହୀ ପ୍ରମୁଖ ବହୁ ସାମ୍ବାଦିକ ଉପସ୍ଥିତ ଥିଲେ ।

## ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଘାଟିତ



କରଞ୍ଜିଆ, ୧୦।୧୨(ସମିସ): କରଞ୍ଜିଆ ଡିଏମ ପବ୍ଲିକ ସ୍କୁଲର ବାର୍ଷିକ କ୍ରୀଡା ପ୍ରତିଯୋଗିତା ଉପାଧ୍ୟକ୍ଷା ମାଳତୀ ମହାନ୍ତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥିଭାବେ ଉପଖଣ୍ଡ ପୁଲିସ ଅଧିକାରୀ ସୁବ୍ରତ କୁମାର ଓ ସମ୍ମାନିତ ଅତିଥି ଭାବେ କରଞ୍ଜିଆ ଏବିଓ ସୁଭଦ୍ରା ମହାନ୍ତ, ଅଭିଭାବକ ଅରୁଣ କୁମାର ବେହେରା ଯୋଗଦେଇ କ୍ରୀଡା ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ । ଏହି ଅବସରରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଦୌଡ, ଉଚ୍ଚ ଡ଼ିଆଁ, ଲମ୍ବ ଡ଼ିଆଁ, ପୁଚି ଖେଳ, ଜିଲାବି ଡିଆଁ, ମିଉଜିକ ଚେୟାର, ଅଙ୍କ କଷା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କାର ଓ ପ୍ରମାଣପତ୍ର ପ୍ରଦାନ କରିଥିଲେ । ଗୁଞ୍ଜନ କୁମାର ମହାନ୍ତ, ଚନ୍ଦନ ପଲେଇ, ଚତୁର୍ଭୁଜ ମହାରଣା, ଚାରୁ ମଣି ମହାନ୍ତ, ଇତିଶ୍ରୀ ଦାସଅଧିକାରୀ, ଉମେଶ ଚନ୍ଦ୍ର ମହାନ୍ତ, ଯୋଷଦା ଦାସ, ମୋନେନ୍ଦ୍ର ସେଠି ଓ ସୁଷମା ପାତ୍ର ପ୍ରମୁଖ ଶିକ୍ଷକ/ଶିକ୍ଷୟିତ୍ରୀ ପରିଚାଳନା କରିଥିଲେ ।

### ରତିକାନ୍ତ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ

## ଫାଇନାଲରେ ବାରିପଦା ଡିଆରକେ



ଉଦଳା, ୧୦।୧୨(ସମିସ): ରତିକାନ୍ତ ସ୍ମାରକୀ ରାଜ୍ୟ ସ୍ତରୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ପ୍ରଥମ ସେମିଫାଇନାଲ ମ୍ୟାଚରେ ବାଲେଶ୍ୱର ମର୍ଣ୍ଣିଂ ଷ୍ଟାର କ୍ଲବକୁ ହରାଇ ବାରିପଦା ଡିଆରକେ କ୍ଲବ ପ୍ରଥମ ଦଳ ଭାବେ ଫାଇନାଲରେ ପ୍ରବେଶ କରିଛି । ପ୍ରଥମେ ଡିଆରକେ ବ୍ୟାଟିଂ କରି ସମସ୍ତ ଉଇକେଟ ହରାଇ ୧୪୨ ରନ ସଂଗ୍ରହ କରିଥିଲା । ଦଳ ପକ୍ଷରୁ ଏମ ବାଳକୃଷ୍ଣ ସର୍ବାଧିକ ୩୮ ରନ କରିଥିବା ବେଳେ ସୁବ୍ରତ ସିଂ ୩୧ ରନ କରିଥିଲେ । ଜବାବରେ ଭଦ୍ରକ ରେଳବାଇ ଦଳ ୨୪.୩ ଓଭରରେ ମାତ୍ର ୧୧୯ ରନ କରି ଅଲ ଆଉଟ ହୋଇଯାଇଥିଲେ । ଡିଆରକେ ପକ୍ଷରୁ ହୀରକ ସିଂ ସର୍ବାଧିକ ୪ଟି ଉଇକେଟ ନେଇ ବିଜେତା ଖେଳାଳି ଭାବେ ମ୍ୟାନ ଅଫ ଦା ମ୍ୟାଚ ବିବେଚିତ ହୋଇଥିଲେ । ଟୁର୍ଣ୍ଣାମେଣ୍ଟକୁ ସଭାପତି ପ୍ରଦୀପ ପରିଡ଼ା, ସମ୍ପାଦକ ରାଜୀବ ଭୋଳ, କାଜଲ ବେହେରା, ଚନ୍ଦନ ଦୀକ୍ଷିତ, ଡିକେଏନ୍ସ ବେହେରା ପ୍ରମୁଖ ପରିଚାଳନା କରିଥିଲେ ।

## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ‘ବନ ବିହାର’



ବିଶୋଇ, ୧୦।୧୨(ସମିସ) : ବିଶୋଇ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ପ୍ରଧାନ ଗୁରୁଜୀ ରବିନାରାୟଣ ଟିପିରିଆଙ୍କ ସଭାପତିତ୍ୱରେ ‘ବନବିହାର’ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଛାତ୍ରଛାତ୍ରୀଙ୍କ ଶୈକ୍ଷିକ ଓ ମାନସିକ ବିକାଶ ପାଇଁ ଗୁରୁଜୀ ଓ ଗୁରୁମା’ଙ୍କ ସହିତ ଶୃଙ୍ଖଳିତ ଭାବେ ପାଖ ଅରଣ୍ୟକୁ ଭ୍ରମଣରେ ଯାଇ ଶିକ୍ଷାଲାଭ କରିଥିଲେ । ଏହି ପରିପ୍ରେକ୍ଷୀରେ ଛାତ୍ରଛାତ୍ରୀଙ୍କୁ ନେଇ ଏକ ବଣଭୋଜିର ଆୟୋଜନ କରାଯାଇଥିଲା । ବିଦ୍ୟାମନ୍ଦିର ପରିଚାଳନା କମିଟିର ସଭାପତି ସୁରାଇ ହାଁସଦା, ସମ୍ପାଦକ ଶାନ୍ତନୁ ପାତ୍ର, ଗୁରୁଜୀ ବିରଞ୍ଚି ବେହେରା, ମିହିର ରାଜ, ପ୍ରଭାତ ଗିରିଙ୍କ ସମେତ ସମସ୍ତ ଗୁରୁଜୀ ଗୁରୁମା’ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## ରେସ୍ୱାକ୍, ଜାଭେଲିନ୍-ଥ୍ରୋ, ଟ୍ରିପଲଜମ୍ପ୍‌ରେ ଲକ୍ଷ୍ମୀଧରଙ୍କୁ ସ୍ୱର୍ଣ୍ଣ

ବେତନଟୀ, ୧୦ ।୧୨(ସମିସ): ଝାଡଖଣ୍ଡର ଜାମଶେଦପୁରଠାରେ ଥିବା ଜେଆରଡି ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ଚାଲିଥିବା ମାଷ୍ଟର୍ସ ଆଥଲେଟିକ ଚାମ୍ପିଅନସିପରେ ଅଂଶଗ୍ରହଣକରି ବେତନଟୀର ଲକ୍ଷ୍ମୀଧର ପାକଳ (୬୩) ଦୌଡ, ଜାଭେଲିନ-ଥ୍ରୋ, ଟ୍ରିପଲ ଜମ୍ପ ସମେତ ବିଭିନ୍ନ ବିଭାଗରେ ଅଂଶଗ୍ରହଣ କରି ୩ଟି ସ୍ୱର୍ଣ୍ଣ ସମେତ ମୋଟ ୪ଟି ପଦକ ହାସଲ କରିଛନ୍ତି । ପୂର୍ବ ସିଂହଭୂମ ଜିଲ୍ଲାର ଜାମସେଦପୁର ଚାଲିଥିବା ଆନ୍ତଃରାଜ୍ୟ ମାଷ୍ଟର୍ସ ଆଥଲେଟିକ୍ ଚାମ୍ପିଅନସିପ୍‌ରେ ଭାରତର ବିଭିନ୍ନ ରାଜ୍ୟରୁ ୫ ହଜାରରୁ ଅଧିକ ବରିଷ୍ଠ ଧାବକ ଅଂଶଗ୍ରହଣ କରିଥିଲେ । ବେତନଟୀର ବରିଷ୍ଠ ଧାବକ ଲକ୍ଷ୍ମୀଧର ପାକଳ ୩ କିମି ରେସ୍ୱାକରେ ଅଂଶଗ୍ରହଣ କରି ୧୮.୦୬ ମିନିଟରେ ଏହାକୁ ସମାପ୍ତକରି ପ୍ରଥମସ୍ଥାନ ଅଧିକାର କରିଥିଲେ । ସେହିଭଳି ଜାଭେଲିନ-ଥ୍ରୋରେ ୩୧.୪୦ମିଟର ଦୂରତା ପର୍ଯ୍ୟନ୍ତ ଜାଭେଲିନ୍ ଫିଙ୍ଗି ସେଥିରେ ମଧ ପ୍ରଥମସ୍ଥାନ ଅଧିକାର କରିଥିଲେ । ଅନୁରୂପ ଭାବେ ଟ୍ରିପଲଜମ୍ପରେ ମଧ ୮.୧୬ମିଟର ଅତିକ୍ରମ କରି ପ୍ରଥମସ୍ଥାନ ଅଧିକାର କରିଥିଲେ । ୩ଟିଯାକ ବର୍ଗରେ ପ୍ରଥମସ୍ଥାନ ଅଧିକାର କରି ତିନିଟି ସ୍ୱର୍ଣ୍ଣପଦକ ସମେତ ସର୍ବମୋଟ ୪ଟି ପଦକ ହାସଲ କରିବାର ସେ ସୌଭାଗ୍ୟ ଅର୍ଜନ କରିଛନ୍ତି ।



### ଆସିଲାଣି ପିକିନିକ୍ ଋତୁ

## ବ୍ରାହ୍ମଣକୁଣ୍ଡରେ ଜମୁଛି ଭିଡ଼; ବିଶେଷ ଆକର୍ଷଣ ମାଛ

କଳାବାଡିଆ, ୧୦।୧୨(ଧାନଚାନ୍ଦ ହୋତା): ଯେଉଁଠି ସୂର୍ଯ୍ୟ ନଇଁଲେ ସୁନେଲି କିରଣ ବିଛାଡି ହୋଇପଡେ । ବଡ଼ ବଡ଼ ମାଛ ପର୍ଯ୍ୟଟଙ୍କୁ ହାତଠାରି ଡାକନ୍ତି । ଝରଣାର କୁଳୁକୁଳୁ ନାଦରେ ପର୍ଯ୍ୟଟକଙ୍କ ଦେହମନ ଶିହରି ଉଠେ । ପ୍ରକୃତି ମୟୂରଭଞ୍ଜ ଜିଲ୍ଲାକୁ ସୁଷମା ମଣ୍ଡିତ କରିଛି । ଜିଲ୍ଲାର ବିଭିନ୍ନ ସ୍ଥାନରେ ଏପରି ଭରିରହିଛି ପ୍ରାକୃତିକ ସୌନ୍ଦର୍ଯ୍ୟର ଗନ୍ତାଘର । ଯେଉଁଠି ବର୍ଷତମାମ ପର୍ଯ୍ୟଟକଙ୍କ ସୁଅ ଛୁଟିଥାଏ । ସେପରି ଏକ ସ୍ଥାନ ହେଉଛି ‘ବ୍ରାହ୍ମଣ କୁଣ୍ଡ’ । ମୟୂରଭଞ୍ଜ ଜିଲ୍ଲା ବାଙ୍ଗିରିପୋଷି ବ୍ଲକରୁ ୩୫ କିମି ଦୂର ଚାକିଡି ପଞ୍ଚାୟତ ଘଞ୍ଚ ଜଙ୍ଗଲ ପାହାଡ ଘେରା ଅଞ୍ଚଳରେ ରହିଛି ଏହି ପର୍ଯ୍ୟଟନ ସ୍ଥଳ । ପାହାଡି ଝରଣା ଉପରୁ ପଡ଼ି ତଳେ ଜମା ହୋଇ ସୃଷ୍ଟି କରୁଛି ଏକ ବିରାଟକାୟ ପାଣି କୁଣ୍ଡ । ସେହି ପାଣି କୁଣ୍ଡରେ କାହିଁ କେତେ ବର୍ଷ ଧରି ସଂରକ୍ଷିତ ହୋଇ ରହିଛନ୍ତି ହଜାର ହଜାର ମାଛ । ଏହି ମାଛଙ୍କୁ ଦେଖିବା ପାଇଁ ବର୍ଷତମାମ ପର୍ଯ୍ୟଟକଙ୍କ ସୁଅ ଛୁଟିଥାଏ । ତେବେ ବର୍ଷତମାମ ଏହି ମାଛକୁ ଆଦିବାସୀମାନେ ଜଗି ରହିଥାନ୍ତି । ବନ୍ୟା ହେଲେ ବି ମାଛ ତଳକୁ ଯାଆନ୍ତି ନାହିଁ । କୁଣ୍ଡ ନିକଟସ୍ଥ ପାହାଡ଼ ମଧ୍ୟରେ ରହିଛି ଆରାଧ୍ୟ ଦେବାଦେବୀଙ୍କ ପୂଜାସ୍ଥଳୀ । ଆଦିବାସୀ ଦେହୁରୀ ପରମ୍ପରାରେ ପୂଜା ହୁଏ । ବାଙ୍ଗିରିପୋଷି ବଜାରରୁ ଦୁଇଟି ରାସ୍ତା ଦେଇ ଏଠାକୁ ଯିବା ପାଇଁ ପଡ଼ିଥାଏ । କୁସୁମ ବନ୍ଧ ପଞ୍ଚାୟତ ମଧ ଦେଇଗଲେ ୨୦ କିମି ଓ ସୋରିଷପାଳ ପଞ୍ଚାୟତରୁ ୩୫ କିମି ଗଲେ ପଡେ ଏହି ପର୍ଯ୍ୟଟନସ୍ଥଳ । ଭୁବନେଶ୍ୱର ଠାରୁ ଏହାର ଦୂରତା ୨୯୦ କିମି । ବାଙ୍ଗିରିପୋଷି ବଜାରଠାରୁ ବ୍ରାହ୍ମଣକୁଣ୍ଡ ଯିବା ପାଇଁ ସବୁବେଳେ କାର, ଟ୍ୟାକ୍ସି ଓ ଅଟୋ ଉପଲବ୍ଧ । ରାତ୍ରି ଯାପନ ପାଇଁ ପାନ୍ଥନିବାସ, ହୋଟେଲ ମଧ ରହିଛି । ପୂର୍ବରୁ ରାସ୍ତା ପାଇଁ ସମସ୍ୟା ରହିଥିଲା । ଏବେ ଚିକ୍କଣ ପିଚୁ ସଡ଼କ ନିର୍ମାଣ କାର୍ଯ୍ୟ ସରିଯାଇଛି । ତେଣୁ ଓଡ଼ିଶା, ବେଙ୍ଗଲ, ଝାଡ଼ଖଣ୍ଡର ପର୍ଯ୍ୟଟକଙ୍କ ଭିଡ଼ ପରିଲକ୍ଷିତ ହେଉଛି । ତେବେ ମୁଖ୍ୟ ସମସ୍ୟା ଏଠି ବିଏସଏନଏଲ ବ୍ୟତୀତ ଅନ୍ୟ କୌଣସି ନେଟୱର୍କ କାର୍ଯ୍ୟରେ ଆସେ ନାହିଁ । ତାହା ପୁଣି କେତେକ ସ୍ଥାନରେ ପାହାଡ ଓ ଗଛ ଚଢିଲେ ନେଟୱକ ଆସେ । ଏବେ କିନ୍ତୁ ୪-ଜି ବଡ଼ ଫୋନ ଲାଗୁଛି । ରାତିରେ ଏଠାକୁ ଯିବା ମନା । ନିକଟସ୍ଥ ଜାରିକାଣୀ, ବାରିବେଡା ଓ ଫଉଲଝରଣ ଗ୍ରାମର ୧୦୦ରୁ ଊର୍ଦ୍ଧ୍ୱ ଗ୍ରାମବାସୀ ଉକ୍ତ ସ୍ଥାନର ଉନ୍ନତିକରଣ ଓ ରକ୍ଷଣାବେକ୍ଷଣ ପାଇଁ ୨୩ ବର୍ଷ ହେବ ବାଘଯୋଡା ପୂଜା କମିଟି ନାମରେ ଜାରି ରଖିଛନ୍ତି । ପୂର୍ବତନ ଉପଜିଲ୍ଲାପାଳ ଅବଦୁଲ ଅକତର ଏହାକୁ ପର୍ଯ୍ୟଟନ ମାନଚିତ୍ରରେ ସ୍ଥାନଦେବା ପାଇଁ ସରକାରଙ୍କୁ ଚିଠି କରିଥିଲେ । ତତ୍‌କାଳୀନ ଜିଲ୍ଲାପାଳ ସୁରେନ୍ଦ୍ର ମିନା ଉନ୍ନତି କରଣ ପାଇଁ ପର୍ଯ୍ୟାପ୍ତ ଟଙ୍କା ମଞ୍ଜୁର କରିଥିଲେ । ମାତ୍ର କାର୍ଯ୍ୟ ଆରମ୍ଭ ନ ହେଉଣୁ ବନବିଭାଗ ନିଜ ଅଞ୍ଚଳ ଦାବି କରି କାର୍ଯ୍ୟ ରୋକି ଦେଇଥିଲା । ପୁଣି ସ୍ଥାନୀୟ ବିଧାୟକ ତଥା ମନ୍ତ୍ରୀ ସୁଦାମ ମାରାଣ୍ଡିଙ୍କ ପ୍ରଚେଷ୍ଟାରେ କିଛି ଅଂଶ କାର୍ଯ୍ୟ ସହିତ ରାସ୍ତା ହୋଇପାରିଛି । ଏହି ସ୍ଥାନକୁ ପର୍ଯ୍ୟଟନସ୍ଥଳୀର ମାନ୍ୟତା ଦେବା ସହିତ ବିକାଶ କରାଯିବାକୁ ବହୁ ବୁଦ୍ଧିଜୀବି ଦାବି କରିଛନ୍ତି ।







## ମୟୂରଭଞ୍ଜରେ ମହିଳା ଓ ଶିଶୁ ବିକାଶ ଯୋଜନା ବାଟବଣା

# ୩୧୬୭ ଅଙ୍ଗନବାଡ଼ି କେନ୍ଦ୍ରକୁ ନାହିଁ ବିଦ୍ୟୁତ୍ ସଂଯୋଗ

**ବାରିପଦା, ୧୦।୧୨(ସମିସ)**



ଶିଶୁ ଓ ମାତୃ ମୃତ୍ୟୁ ରୋକିବା, ଅପପୁଷ୍ଟିରୁ ରକ୍ଷା ପାଇଁ ନବଜାତ ଓ ପ୍ରସୂତିଙ୍କୁ ପୌଷ୍ଟିକ ଆହାର ଯୋଗାଣ ଏବଂ ପ୍ରାକ୍ ସ୍କୁଲ ଶିକ୍ଷାଦାନ ପାଇଁ ଅଙ୍ଗନବାଡ଼ି କେନ୍ଦ୍ର ଆରମ୍ଭ ହୋଇଛି; କିନ୍ତୁ ଏହି ଯୋଜନା ମୟୂରଭଞ୍ଜ ଜିଲ୍ଲାରେ ବାଟବଣା ହୋଇଛି। ଜିଲ୍ଲାର ୩୧୬୭ଟି ଅଙ୍ଗନବାଡ଼ି କେନ୍ଦ୍ରକୁ ଅଦ୍ୟାବଧି ବିଦ୍ୟୁତ ସଂଯୋଗ ହୋଇନାହିଁ। ଫଳରେ ଅନ୍ଧାରରେ କୋମଳମତି ଶିଶୁଙ୍କ ଭବିଷ୍ୟତ ଗଢା ଚାଲିଛି। ଗ୍ରୀଷ୍ମ ଋତୁରେ ବିନା ଫ୍ୟାନରେ ଶିଶୁଙ୍କୁ ପ୍ରାକ୍ ସ୍କୁଲ ଶିକ୍ଷା ପ୍ରଦାନ କରାଯାଉଛି। ଏମାନଙ୍କ ଯୋଜନା ପାଇଁ କୋଟି କୋଟି ଟଙ୍କା ପାଣି ଭଳି ଖର୍ଚ୍ଚ ହେଉଥିଲେ ସୁଦ୍ଧା ବାସ୍ତବରେ ଠିକ ଢଙ୍ଗରେ କାର୍ଯ୍ୟକାରୀ ହେଉନାହିଁ। ଜିଲ୍ଲାର ୨୬ଟି ବ୍ଲକରେ ସମୁଦାୟ ୫୧୫୩ଟି ଅଙ୍ଗନବାଡ଼ି କେନ୍ଦ୍ର ରହିଛି। ସେଥିରୁ ୧୯୮୬ଟି କେନ୍ଦ୍ରକୁ ବିଦ୍ୟୁତ ସଂଯୋଗ ହୋଇଥିବା ବେଳେ ୩୧୬୭ କେନ୍ଦ୍ର ବଞ୍ଚିତ ରହିଛି। ସେହିପରି ଆଦର୍ଶ ଅଙ୍ଗନବାଡି କେନ୍ଦ୍ର ନିକଟରେ ମମତା ଗୃହ ମଧ୍ୟ ନିର୍ମାଣ ହୋଇଛି। ଏହି ଗୃହଗୁଡିକୁ ବିଦ୍ୟୁତ ସଂଯୋଗ ପାଇଁ ଓମ୍ବାଡସି ପକ୍ଷରୁ ୭୫ ହଜାର ଟଙ୍କା ଲେଖାଏଁ ନିରବଚ୍ଛିନ୍ନ ବିଦ୍ୟୁତ ସେବା ପାଇଁ ସରକାରୀ ଅନୁଦାନ ପ୍ରଦାନ କରାଯାଇଥିଲା। ଇନଭର୍ଟର ଏବଂ ବ୍ୟାଟେରୀ ପାଇଁ ୨୫ ହଜାର ଓ ବିଦ୍ୟୁତ ସଂଯୋଗ ଆଦି ନିମନ୍ତେ ୫୦ହଜାର ଟଙ୍କା ବ୍ୟବରାଦ ରହିଥିଲା। ତେବେ ଅଧିକାଂଶ ସ୍ଥାନରେ ଇନଭର୍ଟରଗୁଡିକ କର୍ମୀଙ୍କ ଘରେ ଲାଗିଛି। ସର୍ବାଧିକ ଠାକୁରମୁଣ୍ଡା ବ୍ଲକରେ ୨୨୪ କେନ୍ଦ୍ରରୁ ୧୮୨ କେନ୍ଦ୍ର ଓ ସର୍ବନିମ୍ନଭାବେ ଗୋପବନ୍ଧୁନଗର ବ୍ଲକରେ ୧୬୪ କେନ୍ଦ୍ରରୁ ୫୩ଟିରେ ବିଦ୍ୟୁତ ସଂଯୋଗ ନାହିଁ। ସେହିପରି ବହଳଦା ବ୍ଲକରେ ୧୫୧ଟି ଅଙ୍ଗନବାଡ଼ି କେନ୍ଦ୍ରରୁ ୯୧ଟି କେନ୍ଦ୍ରକୁ, ବାଙ୍ଗିରିପୋଷି ବ୍ଲକରେ ୨୨୩ କେନ୍ଦ୍ରରୁ ୧୦୩, ବାରିପଦା ବ୍ଲକରେ ୨୪୦ କେନ୍ଦ୍ରରୁ ୧୦୭, ବଡ଼ସାହି ବ୍ଲକରେ ୩୨୪କେନ୍ଦ୍ରରୁ ୧୩୯, ବେତନଟୀ ବ୍ଲକରେ ୨୮୨ କେନ୍ଦ୍ରରୁ ୧୪୪, ବିଜାତଳା ବ୍ଲକରେ ୧୪୬ କେନ୍ଦ୍ରରୁ ୧୦୮, ବିଶୋଇ ବ୍ଲକରେ ୧୬୯କେନ୍ଦ୍ରରୁ ୧୧୯, ଜାମଦା ବ୍ଲକରେ ୧୨୯କେନ୍ଦ୍ରରୁ ୧୦୪, ଯସିପୁର ବ୍ଲକରେ ୨୨୧ କେନ୍ଦ୍ରରୁ ୧୭୬, କପ୍ତିପଦା ବ୍ଲକରେ ୩୩୭କେନ୍ଦ୍ରରୁ ୧୩୬, କରଞ୍ଜିଆ ବ୍ଲକରେ ୨୨୮କେନ୍ଦ୍ରରୁ ୧୭୯, ଖୁଣ୍ଟା ବ୍ଲକରେ ୧୮୨କେନ୍ଦ୍ରରୁ ୧୬୨, କୁଳିଅଣା ବ୍ଲକରେ ୨୧୧କେନ୍ଦ୍ରରୁ ୧୦୯, କୁସୁମୀ ବ୍ଲକରେ ୧୯୯ କେନ୍ଦ୍ରରୁ ୧୫୧, ମୋରଡା ବ୍ଲକରେ ୨୩୫କେନ୍ଦ୍ରରୁ ୧୨୫, ରାଇରଙ୍ଗପୁର ବ୍ଲକରେ ୧୭୯କେନ୍ଦ୍ରରୁ ୯୮, ରରୁଆଁ ବ୍ଲକରେ ୧୩୧କେନ୍ଦ୍ରରୁ ୧୧୫, ରାସଗୋବିନ୍ଦପୁର ବ୍ଲକରେ ୨୦୫କେନ୍ଦ୍ରରୁ ୧୪୬, ସାରସକଣା ବ୍ଲକରେ ୧୯୯କେନ୍ଦ୍ରରୁ ୧୨୯, ଶ୍ୟାମାଖୁଣ୍ଟା ବ୍ଲକରେ ୧୫୯କେନ୍ଦ୍ରରୁ ୫୫, ଶୁକ୍ଳି ବ୍ଲକରେ ୧୦୬କେନ୍ଦ୍ରରୁ ୭୭, ଶୁଳିଆପଦା ବ୍ଲକରେ ୨୦୧ କେନ୍ଦ୍ରରୁ ୧୪୫, ତିରିଂ ବ୍ଲକରେ ୧୧୪କେନ୍ଦ୍ରରୁ ୮୩ ଓ ଉଦଳା ବ୍ଲକରେ ୧୯୪ କେନ୍ଦ୍ରରୁ ୧୩୧ଟି କେନ୍ଦ୍ରରେ ବିଦ୍ୟୁତ ସଂଯୋଗ ନାହିଁ। ଏହି ଯୋଜନାର ଲକ୍ଷ୍ୟ ଠିକଭାବେ ସାଧିତ ହୋଇପାରୁନାହିଁ। ଶିଶୁ ଅନ୍ଧାରରେ ବସି ପାଠ ପଢୁଛନ୍ତି। ଯାହାକି ଶିକ୍ଷାଦାନ ବ୍ୟବସ୍ଥା ସମେତ ମଧ୍ୟାହ୍ନ ଭୋଜନ ପ୍ରସ୍ତୁତିରେ ମଧ୍ୟ ସମସ୍ୟା ସୃଷ୍ଟି ହେଉଛି।

**ମମତା ଗୃହ ପାଇଁ ମିଳିଥିବା ଇନ୍‌ଭର୍ଟର ଲାଗିଛି କର୍ମୀଙ୍କ ଘରେ**

## ଶକ୍ତିପୀଠ ଭୀମେଶ୍ୱରୀର ସୁରକ୍ଷା ଓ ଖନନ ଦାବି





**ବାରିପଦା, ୧୦।୧୨(ସମିସ):** ପୂର୍ବାହ୍ନରେ ଇନଟାକ୍ ମୟୂରଭଞ୍ଜ ଚାପଟରର ସଦସ୍ୟଙ୍କ ପକ୍ଷରୁ ଆବାହକ ମେଜର ରବୀନ୍ଦ୍ରନାଥ ପରିଡ଼ା ଜିଲ୍ଲାପାଳ ହେମକାନ୍ତ ସଏଙ୍କୁ ଭେଟି ଐତିହ୍ୟ ସଂରକ୍ଷଣ ପାଇଁ ଆଲୋଚନା କରିଥିଲେ। ସହଆବାହକ ଡ.ତରୁଣ କୁମାର ଓଝା, ଡ.ଶ୍ୟାମସୁନ୍ଦର ଦାସ, ପ୍ରଦୀପ କୁମାର ପାଣି ଓ ବସନ୍ତ କୁମାର ପାତ୍ର ପ୍ରମୁଖ କପ୍ତିପଦା ତହସିଲ ଅନ୍ତର୍ଭୁକ୍ତ ପେଡ଼ାଗଡ଼ି ଗ୍ରାମରେ ଥିବା ଶକ୍ତି ପୀଠ ଭୀମେଶ୍ୱରୀ ସ୍ଥଳ ନିକଟରେ ନିପତିତ ନବମ-ଦଶମ ଶତାବ୍ଦୀର ବିରଳ ପ୍ରତିମାଗୁଡିକର ସୁରକ୍ଷା ପାଇଁ ପଦକ୍ଷେପ ନେବାକୁ ଜିଲ୍ଲା ପ୍ରଶାସନର ସହାୟତା ଲୋଡ଼ିଥିଲେ। ପ୍ରକାଶ ଥାଉକି ଗତ ଐତିହ୍ୟ ସପ୍ତାହ ପାଳନ ଅବସରରେ ଇନଟାକ୍ ମୟୂରଭଞ୍ଜର ଏକ ବୈଠକ ଏହି ସ୍ଥଳରେ ଆୟୋଜିତ ହୋଇ ଜନସଚେତନତା ସୃଷ୍ଟି ପାଇଁ ଉଦ୍ୟମ କରାଯାଇଥିଲା। ଭଗ୍ନ ମୁଗୁନି ପଥରର ପ୍ରତିମାଗୁଡିକର ଗଠନ ଶୈଳୀ ଅତ୍ୟନ୍ତ ଚିତ୍ତାକର୍ଷକ। ପ୍ରତ୍ନତତ୍ତ୍ୱବିତମାନଙ୍କ ମତରେ ଏଗୁଡ଼ିକ ଖୁବ୍ ବିରଳ। ଏହି ସ୍ଥାନରେ ଥିବା ମାଟି କୁଦ ତଳେ ମନ୍ଦିରର ଭଗ୍ନାବଶେଷ

## ବାଇକ୍ ଡିକିରୁ ୫୦ ହଜାର ଟଙ୍କା ଚୋରି

**ବାରିପଦା, ୧୦।୧୨(ସମିସ):** ବାଇକ ଡିକିରୁ ୫୦ ହଜାର ଟଙ୍କା ଚୋରି ହୋଇଥିବା ନେଇ ଦାମୋଦରପୁର ଅଞ୍ଚଳର ଚିତ୍ତରଞ୍ଜନ ଦାସ ଅଭିଯୋଗ ଭଞ୍ଜପୁର ଥାନାରେ ଅଭିଯୋଗ କରିଛନ୍ତି। ଶ୍ରୀ ଦାସ ମୁର୍ଗାବାଡ଼ି ସ୍ଥିତ ବ୍ୟାଙ୍କ ଅଫ ଇଣ୍ଡିଆରୁ ୫୦ ହଜାର ଟଙ୍କା ଉଠାଇ ବାଇକ ଡିକିରେ ରଖିଥିଲେ। ପରେ ସେ ଦାକାନରୁ ଆସି ଫଳ କିଣି ଫେରିବା ବେଳକୁ ଡିକିରୁ ଟଙ୍କା ଚୋରି ହୋଇଯାଇଥିଲା। ଆଖପାଖ ଅଞ୍ଚଳରେ ଖୋଜାଖୋଜି କରି କିଛି ନ ପାଇ ଶେଷରେ ଥାନାର ଦ୍ୱାରସ୍ଥ ହୋଇଛନ୍ତି। ଅଭିଯୋଗ ପାଇ ପୁଲିସ ତଦନ୍ତ ଚଳାଇଛି।

## ଜିନିଷ ଯୋଗାଇବା ନାଁରେ ଠକେଇ

**ବାରିପଦା, ୧୦।୧୨(ସମିସ):** ଜିନିଷ ଯୋଗାଇ ଦେବା ପ୍ରଲୋଭନ ଦେଖାଇ ଅର୍ଥ ଠକେଇ ହୋଇଥିବା ନେଇ ଅଭିଯୋଗ ହୋଇଛି। ଏନେଇ ନହରପଦା ଅଞ୍ଚଳର ସରୋଜ କୁମାର ସାହୁ ।ରିପଦା ଟାଉନ ଥାନାରେ ଅଭିଯୋଗ କରିଛନ୍ତି। ଯାଜପୁର ଅଞ୍ଚଳର ସେକ ସଫିକ ନାମକ ଜଣେ ବ୍ୟକ୍ତି ତାଙ୍କୁ ଫୋନ କରି ରୁପା ମୁଦି ମରାମତି କରିବା ପାଇଁ ଆସିଥିଲେ। ଏହାପରେ ସେ ଫାଷ୍ଟଫୁଡ଼ ଦୋକାନ ସରଞ୍ଜାମ ଓ ଔଷଧ ଯୋଗାଇବା ପାଇଁ ୪୬ ହଜାର ୨୦୦ଟଙ୍କା ଫୋନ ପେ ଜରିଆରେ ଦେଇଥିଲେ; କିନ୍ତୁ ସେ କୌଣସି ଜିନିଷ ପ୍ରଦାନ ଦୂରରେ ଥାଉ ଆଉ ଧରାଛୁଆଁ ଦେଇ ନଥିଲେ। ଯାହାକୁ ନେଇ ସେ ଥାନାର ଦ୍ୱାରସ୍ଥ ହୋଇଛନ୍ତି।

## ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଗରେ କୁଷ୍ଠରୋଗୀଙ୍କ ଧାରଣା



**ବାରିପଦା, ୧୦।୧୨(ସମିସ):** ବାରିପଦା ପୌରପାଳିକା ଅଞ୍ଚଳରେ ୪ଟି କଲୋନୀରେ ବସବାସ କରୁଥିବା କୁଷ୍ଠ ରୋଗୀମାନେ ସରକାରୀ ଯୋଜନାରୁ ବଞ୍ଚିତ ହୋଇଥିବା ନେଇ ଅଭିଯୋଗ କରି ମଙ୍ଗଳବାର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଦେବା ସହିତ ବିକ୍ଷୋଭ କରିଥିଲେ। ୱାର୍ଡ ନମ୍ବର ୨୨ ଅଞ୍ଚଳର ଇନ୍ଦିରା କଲୋନୀ, ସରସ୍ୱତୀ କଲୋନୀ, ଲିଙ୍ଗରାଜ କଲୋନୀ ଓ ସଡ଼କସାହି କଲୋନୀରେ ରାଜାରାଜୁଡା ଅମଳରୁ କୁଷ୍ଠ ରୋଗୀମାନେ ରହି ଆସୁଛନ୍ତି। କୁଷ୍ଠ ରୋଗୀଙ୍କୁ ଆତ୍ମନିର୍ଭରଶୀଳ କରିବା ପାଇଁ ସରକାରଙ୍କ ବିଭିନ୍ନ ଯୋଜନା ଥିବା ବେଳେ ବାଟମାରଣା ମାରଣା କରାଯାଉଛି। ତେଣୁ ଏହି ରୋଗୀମାନେ ସରକାରୀ ଯୋଜନାରୁ ବଞ୍ଚିତ ରହି ଭିକ୍ଷାବୃତ୍ତି କରୁଛନ୍ତି। ମୌଳିକ ସୁବିଧା ଯୋଗାଇ ଦେବାକୁ ବାରମ୍ବାର ଦାବି କରୁଥିଲେ ମଧ୍ୟ କେହି କର୍ଣ୍ଣପାତ କରୁନାହାନ୍ତି। ତେଣୁ ଆଜି ବାଧ୍ୟହୋଇ ପ୍ରତିବାଦ କରିଛନ୍ତି। ସମସ୍ତ କୁଷ୍ଠ ରୋଗୀଙ୍କୁ ୪ ଡିସେମିଲ ଲେଖାଏଁ ଜମି, ସରକାରୀ ଯୋଜନାରେ ଘର, ପରିବାରରୁ ଜଣକୁ ସରକାରୀ କିମ୍ବା ବେସରକାରୀ ଚାକିରି, ସମସ୍ତ ଲେପ୍ରୋସି କଲୋନୀକୁ ସଂଯୋଗ କରୁଥିବା ରାସ୍ତା ନିର୍ମାଣ, ସରକାରୀ ସହାୟତା ପ୍ରଦାନ, ପରିବାରକୁ ଅନ୍ତ୍ୟୋଦୟ ଯୋଜନାରେ ମାସିକ ୩୫ କେଜି ଚାଉଳ ପ୍ରଦାନ କରିବାକୁ ଦାବି କରିଛନ୍ତି। ଜିଲ୍ଲା ଦିବ୍ୟାଙ୍ଗ ମହାସଂଘର ସଭାପତି ଅରୁଣ କୁମାର ବେହେରାଙ୍କ ନେତୃତ୍ୱରେ ଶତାଧିକ କୁଷ୍ଠ ରୋଗୀ ଧାରଣାରେ ବସି ବିକ୍ଷୋଭ ପ୍ରଦର୍ଶନ କରିବା ସହିତ ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି।

## ନିଶାମୁକ୍ତି ଅଭିଯାନ ସଚେତନତା ରଥର ଶୁଭାରମ୍ଭ



**ବାରିପଦା, ୧୦।୧୨(ସମିସ):** ନିଶା ମୁକ୍ତ ସମାଜ ଗଠନ କରିବା ଲକ୍ଷ୍ୟରେ ନିଶାମୁକ୍ତି ଭାରତ ଅଭିଯାନ ସଚେତନତା ରଥ ମଙ୍ଗଳବାର ବାରିପଦା ସ୍ଥିତ ଜିଲ୍ଲାପାଳ କାର୍ଯ୍ୟାଳୟରେ ଶୁଭାରମ୍ଭ ହୋଇଛି। ସାମାଜିକ ନ୍ୟାୟ ଓ ସଶକ୍ତିକରଣ ଏବଂ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ପକ୍ଷରୁ ଏହି ରଥକୁ ଜିଲ୍ଲାପାଳ ହେମକାନ୍ତ ସଏ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ବିଭୁତି ଭୂଷଣ ନାୟକ, ଜିଲ୍ଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ଅଧିକାରୀ ନାରାୟଣ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ନିଶା କବଳରେ ଆଜିର ଯୁବପିଢ଼ି କବଳିତ ହୋଇ ପଥଭ୍ରଷ୍ଟ ହେଉଛନ୍ତି। ବିଭିନ୍ନ ଅପରାଧିକ କାର୍ଯ୍ୟକଳାପ ମଧ୍ୟ ବୃଦ୍ଧି ପାଇବାରେ ଲାଗିଛି। ନିଶାଦ୍ରବ୍ୟ ବ୍ୟବହାର ଦୁରୁପଯୋଗ ଯୋଗୁଁ ଶରୀର ମଧ୍ୟ ହାନି ପ୍ରଭାବ ପକାଉଛି। ତେଣୁକରି ନିଶାମୁକ୍ତ ସମାଜ ଗଠନ କରିବା ପାଇଁ ସମସ୍ତେ ଶପଥ ନେଇ ନିଶାମୁକ୍ତ ମୟୂରଭଞ୍ଜ ଜିଲ୍ଲା ଗଠନ କରିବା ପାଇଁ ସଚେତନ କରିବ। ମୟୂରଭଞ୍ଜ ଜିଲ୍ଲାର ସମସ୍ତ ବ୍ଲକର ଗାଁ ସମେତ ସହରରେ ବୁଲି ସଚେତନ କରିବ ବୋଲି କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି।

## ମହାରାଜା ଶ୍ରୀରାମଚନ୍ଦ୍ରଙ୍କ ଜୟନ୍ତୀ ପାଳନ ପ୍ରସ୍ତୁତି ବୈଠକ

**ବାରିପଦା, ୧୦।୧୨(ସମିସ):** ପ୍ରାତଃସ୍ମରଣୀୟ ମୟୂରଭଞ୍ଜର ମହାରାଜା ତଥା ନବଉତ୍କଳର ନବନିର୍ମାତା ଶ୍ରୀରାମଚନ୍ଦ୍ରଙ୍କ ଜୟନ୍ତୀ ପାଳନ ନିମନ୍ତେ 'ଆମେ ମୟୂରଭଞ୍ଜିଆ' ସଙ୍ଗଠନ ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ପୌରପରିଷଦ ଯାତ୍ରୀ ନିବାସରେ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ୧୭ତାରିଖ ମଙ୍ଗଳବାରରେ ହେବାକୁ ଥିବା ମହାରାଜାଙ୍କ ୧୫୩ତମ ଜୟନ୍ତୀ ଉତ୍ସବକୁ ପ୍ରତିବର୍ଷ ପରି ଗୌରବ ଦିବସ ଭାବେ ମହାସମାରୋହରେ ପାଳନ ପାଇଁ ନିଷ୍ପତ୍ତି ହୋଇଛି। ଏହି ଅବସରରେ ସଂସ୍କାର ଶିଶୁ ମହୋତ୍ସବ ମୟୂରୀ ପକ୍ଷରୁ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଚିତ୍ରାଙ୍କନ, ମୁରୁଜ ଓ ବକ୍ତୃତା ଏବଂ ମହିଳାଙ୍କ ମଧ୍ୟରେ ଝୋଟି ପ୍ରତିଯୋଗିତା ଅନୁଷ୍ଠିତ ହେବ। ଦିବସବ୍ୟାପୀ ସ୍ଥାନୀୟ ଶିଶୁ ଉଦ୍ୟାନରେ ଥିବା ଐତିହାସିକ ବ୍ୟାଣ୍ଡ ଷ୍ଟାଣ୍ଡରେ ମହାରାଜା ଶ୍ରୀରାମ ଚନ୍ଦ୍ରଙ୍କ ଉପରେ ଆଲୋଚନା ଚକ୍ର ସହିତ ବିଭିନ୍ନ ପ୍ରକାରର ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଅପରାହ୍ନରେ ଶୁଭଶଙ୍ଖ ସାହିତ୍ୟ ଅନୁଷ୍ଠାନ ପକ୍ଷରୁ 'ଅନନ୍ୟ ମୋ ମୟୂରଭଞ୍ଜ' ଶୀର୍ଷକରେ ଏକ କବିତା ପାଠଉତ୍ସବର ଆୟୋଜନ କରାଯାଇଛି। ଆମେ ମୟୂରଭଞ୍ଜିଆର ପ୍ରତିଷ୍ଠାତା ସଞ୍ଜୟ କୁମାର ଚୌଧୁରୀଙ୍କ ଆହ୍ୱାନକ୍ରମେ ଅନୁଷ୍ଠିତ ବୈଠକରେ ବିଶିଷ୍ଟ କ୍ରୀଡ଼ା ପ୍ରଶାସକ କୁମାର ରଞ୍ଜନ ପଣ୍ଡା ସଭାପତିତ୍ୱ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡ଼ଃ ତରୁଣ କୁମାର ଓଝା, ଇଂ ସୁନୀଲ କୁମାର ପ୍ରଧାନ, ଶିକ୍ଷାବିତ କୋମଳ ଲୋଚନ ମହାକୁଡ଼, ପରିବେଶବିତ ବିବେକାନନ୍ଦ ପଟ୍ଟନାୟକ, ଶିକ୍ଷୟିତ୍ରୀ ପ୍ରଣତୀ ପଟ୍ଟନାୟକ ଓ ସମାଜସେବୀ ସାଇ ପ୍ରକାଶ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ।

## କରଞ୍ଜିଆ ବନଖଣ୍ଡରେ ହାତୀପଲ; ଭାଙ୍ଗିଲେ ଘର, ଖାଇଲେ ଧାନ



**କରଞ୍ଜିଆ, ୧୦।୧୨(ସମିସ):** କରଞ୍ଜିଆ ବନଖଣ୍ଡରେ ଥମୁନି ହାତୀ ଉପଦ୍ରବ। ମଙ୍ଗଳବାର କରଞ୍ଜିଆ ବନଖଣ୍ଡରେ ପୃଥକ ପୃଥକ ସ୍ଥାନରେ ୫୧ଟି ହାତୀ ରହିଥିବା ବନବିଭାଗ ସୂତ୍ରରୁ ଜଣାପଡ଼ିଛି। ବିଶେଷ କରି ୨୬ ଟିକିଆ ହାତୀପଲ ୧୦୦ରୁ ଊର୍ଦ୍ଧ୍ୱ ଗାଁରେ ପଶି ବ୍ୟାପକ କ୍ଷତି କରିବା ସହିତ ଉପଦ୍ରବ ଚଳାଇଛନ୍ତି। ଏହି ୨୬ ଟିକିଆ ହାତୀପଲ ଦୁଇ ଭାଗରେ ବିଭକ୍ତ ହେଇ ଶିରିମନୋହରପୁର ଏବଂ ପୋଖରିଆ ଗାଁ ନିକଟରେ ଥିବା ଜଙ୍ଗଲରେ ରହିଛନ୍ତି। ଗତକାଲି ରାତିରେ ଶହ ଶହ ଏକର ଧାନ ଫସଲ ନଷ୍ଟ କରିଥିବା ବେଳେ ପୁଣି ଘର ଭାଙ୍ଗି ଦେଇଛନ୍ତି। ଗତକାଲି ବିଳମ୍ବିତ ରାତିରେ ଏକ ଗୋଠଛଡା ଦନ୍ତା କରଞ୍ଜିଆ ବନଖଣ୍ଡ ଅଞ୍ଚଳର ଟଙ୍ଗାବିଲା ଫରେଷ୍ଟ ସେକ୍ସନ ରାଇତଳିଆ ଗ୍ରାମର ପଙ୍କଜିନୀ ହୋ'ଙ୍କ ଘର ଭାଙ୍ଗିବା ସହିତ ଧାନ ଚାଉଳ ନଷ୍ଟ କରିଦେଇଛି। ତାଙ୍କର ଆଜବେଷ୍ଟସ ଘର ସମ୍ପୂର୍ଣ୍ଣ ଭାଙ୍ଗିଦେଇଛି। ଲୋକେ ଭୟଭିତ ଅବସ୍ଥାରେ ରହୁଛନ୍ତି।

## ବିଶ୍ୱବିଦ୍ୟାଳୟରେ ଫିଟ୍ ଇଣ୍ଡିଆ ଉଦ୍‌ଘାଟିତ




**ବାରିପଦା ୧୦।୧୨(ସମିସ):** ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟରେ ମଙ୍ଗଳବାର ଫିଟ୍ ଇଣ୍ଡିଆ-୨୦୨୪ ଉଦ୍‌ଘାଟିତ ହୋଇଯାଇଛି। ଆଗାମୀ ୪ଦିନ ଧରି ଅନୁଷ୍ଠିତ ହେବାକୁ ଥିବା ଏହି କାର୍ଯ୍ୟକ୍ରମର ଉଦ୍‌ଘାଟନୀ ସଭାରେ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଉଦ୍‌ଘାଟନ କରିଥିଲେ। ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ହେମନ୍ତ କୁମାର ସାହୁ ଅଧ୍ୟକ୍ଷତା କରିଥିଲେ। କୁଳପତି ନିଜ ବକ୍ତବ୍ୟରେ ଫିଟ୍ ଇଣ୍ଡିଆ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ କହିବା ସହ କେବଳ ଶାରୀରିକ ସ୍ତରରେ ନୁହେଁ, ମାନସିକ ସ୍ତରରେ ମଧ୍ୟ ଫିଟ୍ ରହିବା ନିମନ୍ତେ ଛାତ୍ରଛାତ୍ରୀଙ୍କୁ ଯୋଗାଭ୍ୟାସ କରିବାକୁ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ପ୍ରୋତ୍ସାହନ କରିବା ପାଇଁ ଦିନକୁ ଦିନ ହଜିଯାଉଥିବା ପାରମ୍ପରିକ ଭାରତୀୟ ଖେଳଗୁଡ଼ିକର ଆୟୋଜନ କରାଯିବା ଆବଶ୍ୟକତା ରହିଛି ବୋଲି କହିଥିଲେ। କାର୍ଯ୍ୟକ୍ରମ ସଂଯୋଜକ ପ୍ରାଣୀ ବିଜ୍ଞାନ ବିଭାଗର ସହକାରୀ ପ୍ରଫେସର ଡ. ପ୍ରିୟରଞ୍ଜନ ଦେବତା ସ୍ୱାଗତ ଭାଷଣ ଦେଇଥିଲେ। ସାନ୍ତାଳୀ ବିଭାଗର ସହକାରୀ ପ୍ରଫେସର ଡ. ଯତୀନ୍ଦ୍ରନାଥ ବେଶ୍ରା ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଅଂଶଗ୍ରହଣକାରୀଙ୍କୁ ଫିଟ୍ ଇଣ୍ଡିଆର ଶପଥ ପାଠ କରାଯାଇଥିଲା। କଂପ୍ୟୁଟର ବିଜ୍ଞାନ ବିଭାଗର ସହକାରୀ ପ୍ରଫେସର ଡ. ଜନ୍ମେଞ୍ଜୟ ନାୟକ ଓ ବିଶ୍ୱବିଦ୍ୟାଳୟ କ୍ରୀଡ଼ା ଶିକ୍ଷକ ପ୍ରଦୀପ୍ତ ରଞ୍ଜନ ଦାସ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଏହି ଅବସରରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଧୀରସାଇକଲ ଚାଳନା, ତର୍କ, ପ୍ରବନ୍ଧ, କୁଇଜ୍, ପୋଷ୍ଟର, ଦଉଡ଼ିଡିଆଁ, ଦୌଡ଼, ଯୋଗ, ଓ ବିଭିନ୍ନ ପାରମ୍ପରିକ ଭାରତୀୟ କ୍ରୀଡ଼ା ଆୟୋଜନ କରାଯିବ।

## ବାବୁଲାଲ ଅଗରୱାଲାଙ୍କ ୨୭ତମ ଶ୍ରାଦ୍ଧ ବାର୍ଷିକୀ

# ୫ ପ୍ରତିଭାଧାରୀ ଓ ଶ୍ରେଷ୍ଠ ୨୬ ଜଣ କୃଷକଙ୍କୁ ସମ୍ବର୍ଦ୍ଧନା

**ବାରିପଦା, ୧୦।୧୨(ସମିସ)**



ଏକ ବେସରକାରୀ ସଂସ୍ଥା ଉଦ୍ୟମରେ ମୟୂରଭଞ୍ଜ ଜିଲ୍ଲାର ୨୬ଟି ବ୍ଲକର ଅଗ୍ରଣୀ କୃଷକଙ୍କୁ ଦୀର୍ଘ ଦୁଇ ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ହେଲା ସମ୍ବର୍ଦ୍ଧିତ କରାଯିବା ପରମ୍ପରା ସମଗ୍ର ଓଡ଼ିଶାରେ ଅନନ୍ୟ ବୋଲି ମୁଖ୍ୟଅତିଥିରୂପେ ଯୋଗଦେଇ ରାଜ୍ୟସଭା ସାଂସଦ ମମତା ମହାନ୍ତ ଏହା କହିଛନ୍ତି। କାର୍ଯ୍ୟକ୍ରମରେ ମୁଖ୍ୟବକ୍ତାଭାବେ ସଦଭାବନା ସମିତିର ପ୍ରତିଷ୍ଠାତା ପୂର୍ଣ୍ଣଚନ୍ଦ୍ର ବୁଗୁଡେଇ ଏବଂ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଭାରତୀ ହାଁସଦା, ବାରିପଦା ନଗରପାଳ କୃଷ୍ଣାନନ୍ଦ ମହାନ୍ତି ଓ ସମାଜସେବୀ ମୁରାରୀଲାଲ ଶର୍ମା ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ସିଦ୍ଧାର୍ଥ ବେହୁରାଙ୍କ ସଂଯୋଜନାରେ ବ୍ଲକୱାରୀ ଶ୍ରେଷ୍ଠ ୨୬ଜଣ କୃଷକଙ୍କୁ ପୁରସ୍କାର ପ୍ରଦାନ କରାଯାଇଛି। ଏଥିସହିତ ବିଭିନ୍ନ କ୍ଷେତ୍ରର କୃତୀ ସମ୍ପନ୍ନ ୫ଜଣ ବରିଷ୍ଠ ପ୍ରତିଭାଧାରୀ ରାଇରଙ୍ଗପୁରର ବର୍ଷିୟାନ ଆଇନଜୀବୀ ରସାନନ୍ଦ ଲେଙ୍କା, ବରିଷ୍ଠ ସାରସ୍ୱତ ସାଧକ ହରନାରାୟଣ ମିଶ୍ର, କୃଷି ବିଶେଷଜ୍ଞ ରାସେଶ୍ୱର ସାହୁ, ଜଷ୍ଟିସ୍ ଦେବବ୍ରତ ଦାଶ ଏବଂ ଚଳଚିତ୍ର ଜଗତର ଚିନ୍ମୟ ଦାସ ପଟ୍ଟନାୟକଙ୍କୁ ସ୍ୱତନ୍ତ୍ରଭାବେ ମାନପତ୍ର ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ବାରିପଦା ଷ୍ଟାଡିୟମ ସମ୍ମିଳନୀ କକ୍ଷରେ ବାବୁଲାଲ ଅଗରୱାଲା ମେମୋରିଆଲ ଆୱାର୍ଡ ଫାଉଣ୍ଡେସନ ପକ୍ଷରୁ ସ୍ୱର୍ଗତ ବାବୁଲାଲ ଅଗରୱାଲାଙ୍କ ୨୭ତମ ଶ୍ରାଦ୍ଧ ବାର୍ଷିକୀ ଆୟୋଜିତ ହୋଇଥିଲା। କୃଷି ଓ କୃଷକର ଉନ୍ନତି ବିନା ଦେଶର ବିକାଶ ସମ୍ଭବ ନ ଥିବାରୁ ଏକ ବିକାଶଶୀଳ ସମାଜ ଓ ରାଷ୍ଟ୍ର ଗଠନ ପାଇଁ କୃଷିକ୍ଷେତ୍ର ଓ କୃଷିଜୀବିମାନଙ୍କର ବିଭିନ୍ନ ସମସ୍ୟା ସମ୍ପର୍କରେ ଅଧିକ ସଚେତନ ହେବା ପାଇଁ ଅତିଥିମାନେ ଗୁରୁତ୍ୱାରୋପ କରିଥିଲେ। ଫାଉଣ୍ଡେସନର ଚେୟାରମ୍ୟାନ ତଥା ଭାରତ କୃଷକ ସମାଜର ଆଜୀବନ ସଦସ୍ୟ ଡ. ବିଜୟ କୁମାର ଅଗରୱାଲାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉତ୍ସବରେ ସମ୍ବର୍ଦ୍ଧିତ ବ୍ୟକ୍ତି ପ୍ରମୁଖଙ୍କ ସହ ଅବସରପ୍ରାପ୍ତ ସିଡିଏମଓ ଡା. କୈଳାସ ଚନ୍ଦ୍ର ମହାପାତ୍ର, ପଣ୍ଡିତ ଭାଗବତ ପଣ୍ଡା ଓ ବର୍ଷିୟାନ ଶିକ୍ଷାବିତ ନନ୍ଦ କୁମାର ମହାପାତ୍ର ପ୍ରମୁଖ ବାବୁଲାଲ ଅଗରୱାଲାଙ୍କ ସ୍ମୃତିଚାରଣ କରିଥିଲେ। ମୟୂରଭଞ୍ଜ ଆୟୁର୍ବେଦିକ ମହାବିଦ୍ୟାଳୟର ଅଧ୍ୟକ୍ଷ ଡା. ଆଦିତ୍ୟ ପଣ୍ଡା, ଶିକ୍ଷକ ଡ. ଶଶଧର ବିଶ୍ୱାଳ ଓ ପ୍ରାଧ୍ୟାପକ ଶ୍ରୀନିବାସ ଭଞ୍ଜ ପ୍ରମୁଖ ଉତ୍ସବ ପରିଚାଳନା କରିଥିଲେ। ଶେଷରେ ଫାଉଣ୍ଡେସନର ସମ୍ପାଦକ ଡ. ଅକ୍ଷୟ କୁମାର ଅଗରୱାଲା ଧନ୍ୟବାଦ ଦେଇଥିଲେ।

## ୨୦ ଦାଦନ ଶ୍ରମିକ ଉଦ୍ଧାର; ୫ ସର୍ଦ୍ଦାର ଗିରଫ

**ନୂଆପଡ଼ା,୧୦।୧୨(ସମିସ):** ନୂଆପଡ଼ା ରେଳ ଷ୍ଟେସନ୍‌ରୁ ପୁଣି ୨୦ ଦାଦନ ଶ୍ରମିକ ଉଦ୍ଧାର ହୋଇଛନ୍ତି। ଟ୍ରେନ୍ ଯୋଗେ ସେମାନଙ୍କୁ ବାହାର ରାଜ୍ୟକୁ ନିଆଯାଉଥିବା ବେଳେ ସଦର ଥାନା ପୁଲିସ୍ ସେମାନଙ୍କୁ ଉଦ୍ଧାର କରିଛି। ଏହି ଘଟଣାରେ ପୁଲିସ୍ ୫ ସର୍ଦ୍ଦାରଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ, ଲଖନା ଥାନା ବଙ୍ଗାମୁଣ୍ଡା ଗାଁର ଲୋକେଶ



### ମୁଖ୍ୟ ସର୍ଦ୍ଦାର ଫେରାର୍

ସାହୁ(୩୭), ମୁକେଶ ସାହୁ(୩୪), ଦିନେଶ ସାହୁ(୩୨), ନରେନ୍ଦ୍ର ରଣା(୩୨) ଏବଂ ସିମେଲପାଲିର କାର୍ତ୍ତିକ ମହାତୋ( ୪୦)। ତେବେ ମୁଖ୍ୟ ସର୍ଦ୍ଦାର କୁହାଯାଉଥିବା ଲତିଫ୍ ପୁଲିସ୍‌କୁ ଚକମା ଦେଇ ଫେରାର୍ ହୋଇଯାଇଛି। ଏମାନଙ୍କ ବିରୋଧରେ ପୁଲିସ୍ ଭାରତୀୟ ନ୍ୟାୟ ସଂହିତା ଆଇନ ୧୩୮, ୧୪୩ (୩), ୩୧୮(୨), ୩(୫) ଏବଂ ଅନ୍ତଃରାଜ୍ୟ ଶ୍ରମିକ ଚାଲାଣ ନିରୋଧ ଆଇନ ୨୫ରେ ମାମଲା ରୁଜୁ କରିବା ସହ ସମସ୍ତଙ୍କୁ କୋର୍ଟଚାଲାଣ କରିଛି। ଅପରପକ୍ଷେ, ଉଦ୍ଧାର ଶ୍ରମିକମାନଙ୍କୁ ସେମାନଙ୍କ ଗାଁରେ ଛାଡ଼ି ଦିଆଯାଇଛି। ସୂଚନାନୁଯାୟୀ, ଅଭିଯୁକ୍ତମାନେ ବିନା ପଞ୍ଜୀକରଣ ସାର୍ଟିଫିକେଟ୍‌ରେ ଏହି ଶ୍ରମିକମାନଙ୍କୁ ଟ୍ରେନ୍ ଯୋଗେ ଚାଲାଣ କରିବାକୁ ନୂଆପଡ଼ାକୁ ଆଣିଥିଲେ। ରାତିରେ ଟ୍ରେନ୍ ଛାଡ଼ିଦେବାରୁ ଷ୍ଟେସନ୍‌ରେ ସେମାନେ ରହିଯାଇଥିଲେ। କୌଣସି ସୂତ୍ରରୁ ଖବର ପାଇ ନୂଆପଡ଼ା ସଦର ଥାନାଧିକାରୀ ଗଙ୍ଗାଧର ମେହେରଙ୍କ ନିର୍ଦ୍ଦେଶକ୍ରମେ ଏକ ସ୍କ୍ୱାଡ୍ ସେଠାରେ ଚଢ଼ଉ କରି ଶ୍ରମିକମାନଙ୍କୁ ଉଦ୍ଧାର କରିବା ସହ ୫ ସର୍ଦ୍ଦାରଙ୍କୁ ଗିରଫ କରିଥିଲା।

## ବୋମା ଚୋବାଇ ଛିଣ୍ଡିଲା ହାତୀର ଜିଭ

**ଆଠଗଡ଼, ୧୦।୧୨(ସମିସ):** ବାରହା ଶିକାର ପାଇଁ ପକାଯାଇଥିଲା ଥୋପ। ଛେଳି, ମେଣ୍ଢା, କୁକୁର ଏପରିକି କୁକୁଡ଼ାର ମାଂସକୁ ପୁଡ଼ା କରି ତା' ମଧ୍ୟରେ ବାରୁଦ ବ୍ୟବହାର କରି ଜଙ୍ଗଲରେ ପକାଯାଇଥିଲା। ମାଂସ ଲୋଭରେ ଏହାକୁ ଖାଇଥିଲେ ବୋମା ଫୁଟି ବାର୍‌ହାର ପ୍ରାଣ ଯାଇଥା'ନ୍ତା। କିନ୍ତୁ ବାରହା ବଦଳରେ ଏକ ହାତୀ ଏହାକୁ ଚୋବାଇ ଦେବାରୁ ବୋମା ଫୁଟି ହାତୀର ଜିଭ ଛିଣ୍ଡିଛି। ଏପରି ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି, ଆଠଗଡ଼ ବନଖଣ୍ଡ ଅଧୀନ ଖୁଣ୍ଟୁଣୀ ରେଞ୍ଜ ଅଞ୍ଚଳରେ।



### ଚିକିତ୍ସା ପରେ କପିଳାସ ସ୍ଥାନାନ୍ତର

ଦୁଇ ଦିନ ତଳେ ହାତୀଟି ଖୁଣ୍ଟୁଣୀ ରେଞ୍ଜ ଅଞ୍ଚଳ ସମେତ ଆଠଗଡ଼ ରେଞ୍ଜର ସୁବାସୀ ସଂରକ୍ଷିତ ଜଙ୍ଗଲରେ ବୁଲୁଥିବା ଦେଖିବାକୁ ମିଳିଥିଲା। ହାତୀଟିର ପାଟିରେ ଗଭୀର କ୍ଷତ ହୋଇଥିବାରୁ ସେ ଗତ କିଛି ଦିନ ଧରି ସ୍ୱାଭାବିକ ଭାବେ ନଖାଇ ଇତଃସ୍ତତ ଭାବେ ଘୂରି ବୁଲୁଥିଲା। ସୋମବାର ଆଠଗଡ଼ ବୌଦା ବନଖଣ୍ଡି ସଂରକ୍ଷିତ ଜଙ୍ଗଲରେ ହାତୀଟିକୁ ନିସ୍ତେଜ ଅବସ୍ଥାରେ ପଡ଼ିଥିବା ଖବର ପାଇ ବନବିଭାଗ ପକ୍ଷରୁ ହାତୀର ଚିକିତ୍ସା ପାଇଁ ଉଦ୍ୟମ କରାଯାଇଥିଲା। ଓୟୁଏଟିର ଏକ ସ୍ୱତନ୍ତ୍ର ଡାକ୍ତରୀ ଦଳ ଡ. ଇନ୍ଦ୍ରମଣୀ ନାଥଙ୍କ ନେତୃତ୍ୱରେ ଜଙ୍ଗଲରେ ପହଞ୍ଚି ନିଶ୍ଚେତକ ଦେବାକୁ ପ୍ରଥମେ ଚେଷ୍ଟା କରିଥିଲେ। ହେଲେ ଚିକିତ୍ସା ପାଇଁ ସ୍ଥାନଟି ଉପଯୁକ୍ତ ନ ଥିବାରୁ ମଙ୍ଗଳବାର ଅପରାହ୍ନରେ ଏକ ହାଇୱା ଯୋଗେ ଅସୁସ୍ଥ ହାତୀଟିକୁ କପିଳାସକୁ ସ୍ଥାନାନ୍ତର କରାଯାଇଥିଲା। ଆଠଗଡ଼ ବନଖଣ୍ଡ ଅଧିକାରୀ ଡ. ଯଜ୍ଞଦତ୍ତ ପତି, ସହକାରୀ ବନ ସଂରକ୍ଷକ ଡ. ଚିଚିଲିଚି ବିଶ୍ୱାଳ, ବନାଞ୍ଚଳ ଅଧିକାରୀ ରବୀନ୍ଦ୍ର ନାୟକ, ବନପାଳ ସବିତା ରାଉତ ପ୍ରମୁଖ କର୍ମଚାରୀମାନଙ୍କ ସହାୟତାର ହାତୀଟିର ଚିକିତ୍ସା ଜାରି ରହିଛି। ପ୍ରକାଶଥାଉ କି, ଆହତ ଅଣ୍ଡିରା ହାତୀଟିର ଉଚ୍ଚତା ପ୍ରାୟ ୮ ଫୁଟ ଓ ବୟସ ୧୦ ରୁ ୧୨ ବର୍ଷ ହେବ ବୋଲି ସୂଚନା ମିଳିଛି।

## ହାତୀ ଛୁଆ ଓ ଗୟଳର ମୃତଦେହ ଉଦ୍ଧାର



**ନୟାଗଡ଼,୧୦।୧୨(ସମିସ):** ନୟାଗଡ଼ ଜିଲ୍ଲା ଖୋର୍ଦ୍ଧା ବନଖଣ୍ଡ ରଣପୁର ବନାଞ୍ଚଳ ଅଧୀନସ୍ଥ ମୟୂରଝାଲିଆ ପଞ୍ଚାୟତ ବୋରବର ଝରବନ୍ଧ ନିକଟରୁ ଏକ ଛୁଆ ହାତୀର ମୃତଦେହ ଉଦ୍ଧାର ହୋଇଛି। ଦୀର୍ଘ ଦିନ ହେବ ଏହି ଅଞ୍ଚଳରେ ୪୨ ଟିକିଆ ହାତୀପଲ ଉପଦ୍ରବ କରୁଥିଲେ। ଗତ ରାତିରେ ବିଲକୁ ଧାନ ଖାଇବାକୁ ଆସିଥିବା ବେଳେ କୌଣସି କାରଣରୁ ଛୁଆ ହାତୀଟି ମରି ପଡ଼ିଥିବା ଗ୍ରାମବାସୀ ଦେଖିଥିଲେ। ଖବର ପାଇ ଘଟଣାସ୍ଥଳରେ ରଣପୁର ବନ ବିଭାଗ ଓ ଖୋର୍ଦ୍ଧା ଏସିଏଫ୍ ସ୍ୱାତି ମହାନ୍ତି ପହଞ୍ଚି ତଦନ୍ତ କରିଛନ୍ତି। ଛୁଆ ହାତୀର ବୟସ ୩ମାସ ହେବ ବୋଲି ଜଣାପଡ଼ିଛି। ଶବ ବ୍ୟବଚ୍ଛେଦ ପରେ ଆବଶ୍ୟକ କାର୍ଯ୍ୟପନ୍ଥା ଗ୍ରହଣ କରାଯାଇଥିବା ସୂଚନା ମିଳିଛି। ସେହିଭଳି ମଙ୍ଗଳବାର ଗୋପାଳପୁର ସେକ୍ସନ୍ ଅଧୀନ ସାମନ୍ତସିଂହାରପୁର ଜଙ୍ଗଲରୁ ଏକ ଗୟଳର ମୃତଦେହ ମିଳିଛି। ୪ ଦିନ ପୂର୍ବେ ଉଚ୍ଚଶକ୍ତି ସମ୍ପନ୍ନ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଏହି ଗୟଳ ମୃତ୍ୟୁବରଣ କରିଥିବା ଅଭିଯୋଗ ହୋଇଛି। ବନ ବିଭାଗ ମଙ୍ଗଳବାର ସକାଳେ ଖବର ପାଇ ପଶୁ ଚିକିତ୍ସକଙ୍କ ଦ୍ୱାରା ପଞ୍ଚନାମା ପରେ ମୃତଦେହ ପୋତି ଦିଆଯାଇଥିବା ଜଣାପଡ଼ିଛି।



ମହୋଦଧି ଦିବସ ଉପଲକ୍ଷେ ମଙ୍ଗଳବାର ପୁରୀ ବେଳାଭୂମିରେ ବିଚ୍ ଆଣ୍ଡ ଅନ୍ତଃରାଷ୍ଟ୍ରୀୟ ଓସନ ଓ ବିଚ୍ ସ୍ପୋର୍ଟ୍ସ କାର୍ଣ୍ଣିଭାଲ ଉଦ୍‌ଘାଟିତ

■ ଭିତରକାଠରେ ବାନ୍ତି

## ମହାପ୍ରଭୁଙ୍କର ହେଲା ବଡ଼ ମହାସ୍ନାନ

**ପୁରୀ, ୧୦।୧୨(ସମିସ):** ଶ୍ରୀମନ୍ଦିରରେ ମହାପ୍ରଭୁଙ୍କର ହୋଇଛି ବଡ଼ ମହାସ୍ନାନ। ଭିତର କାଠରେ ବାନ୍ତି ପଡ଼ିଥିବାରୁ ଏହି ବଡ଼ ମହାସ୍ନାନ କରାଯାଇଛି। ଏଥିପାଇଁ ନୀତିକାନ୍ତି ବିଳମ୍ବ ହୋଇଛି। ସୂଚନାନୁଯାୟୀ, ମଙ୍ଗଳବାର ଭୋର ୫ଟା ୩୫ରେ ଦ୍ୱାର ଫିଟାଯାଇଥିଲା। ସକାଳ ୬ଟା ୨୦ରେ ମଙ୍ଗଳ ଆଳତି ବଢ଼ି ଅନ୍ୟାନ୍ୟ ନୀତି ଚାଲିଥିଲା। ମଇଲମ, ତଡ଼ପଲାଗି ପରେ ଅବକାଶ ନୀତି ପରେ ପରେ ଭିତର କାଠରୁ ଦର୍ଶନ ଚାଲିଥିଲା। ଏହି ସମୟରେ ଭିତରକାଠରେ ବାନ୍ତି ପଡ଼ିଥିବା ଦେଖିବାକୁ ମିଳିଥିଲା। ଫଳରେ ସେହିଠାରୁ ନୀତି ଅଟକା ଯାଇ ମହାସ୍ନାନ ବିଧି ଆରମ୍ଭ ହୋଇଥିଲା। ବନ୍ଦ ରହିଥିଲା ସର୍ବସାଧାରଣ ଦର୍ଶନ। ରତ୍ନସିଂହାସନଠାରୁ ଜୟବିଜୟ ଦ୍ୱାର ପର୍ଯ୍ୟନ୍ତ ଧୁଆ ହୋଇ ଚୂନପାଣି ପଡ଼ିଥିଲା। ପୂଜାପଣ୍ଡା ସେବକମାନେ ସକାଳ ୮ଟା ୫୦ରେ ମହାସ୍ନାନ ପୂଜା କରିଥିଲେ। ୯ଟାରେ ମହାସ୍ନାନ ପୂଜା ବଢ଼ିବା ପରେ ଆରମ୍ଭ ହୋଇଥିଲା ନୀତିକାନ୍ତି। ଏହାପରେ ଭକ୍ତମାନଙ୍କ ଦର୍ଶନ ପୁଣି ସ୍ୱାଭାବିକ ହୋଇଥିଲା। ଏହି ମହାସ୍ନାନ ପାଇଁ ପ୍ରାୟ ଦେଢ଼ ଘଣ୍ଟାରୁ ଊର୍ଦ୍ଧ୍ୱ ନୀତିକାନ୍ତି ବିଳମ୍ବ ହୋଇଥିଲା। ଏହି ବିଳମ୍ବ ଅନ୍ୟାନ୍ୟ ନୀତିକୁ ମଧ୍ୟ ପ୍ରଭାବିତ କରିଥିଲା।

### ମଣ୍ଡିରେ ଦଲାଲ ଓ ମିଲରଙ୍କ ଦାଦାଗିରି

## ଭଲ ଧାନକୁ ମେସିନ କରୁଛି ଅଯୋଗ୍ୟ

**ବରଗଡ଼, ୧୦।୧୨ (ସମିସ):** ଧାନମଣ୍ଡିରେ ଚାଲିଛି ଦଲାଲ ଓ ମିଲରଙ୍କ ରାଜ୍। ଗ୍ରେନ୍ ଆନାଲାଇଜର ମେସିନ ଚାଷୀର ଭଲ ଧାନକୁ ମଧ୍ୟ ଅଯୋଗ୍ୟ ପ୍ରମାଣିତ କରୁଛି। ଫଳରେ କଟନି-ଛଟନି କରିବାରେ ଦଲାଲ ଓ ମିଲରମାନଙ୍କୁ ଏହା ସହାୟ ହେଉଛି। ଏପରି ଏକ ଚିତ୍ର ଦେଖିବାକୁ ମିଳିଛି ବରଗଡ଼ ଜିଲ୍ଲା ଭଟଲି ବ୍ଲକ ଅନ୍ତର୍ଗତ ସୁଲୁସୁଲିଆ ଧାନକ୍ରୟ କେନ୍ଦ୍ରରେ।

ଗାଁର ଜଣେ ମହିଳା ଚାଷୀ ଅଞ୍ଜଳି ସାହୁ ଅଭିଯୋଗ କରିଛନ୍ତି ଯେ ଗତ ୬ ତାରିଖରେ ସେ ୬୪ ପ୍ୟାକେଟ୍ ଧାନ ମଣ୍ଡିକୁ ଆଣିଥିଲେ। ୪ ଦିନ ପର୍ଯ୍ୟନ୍ତ ତାଙ୍କ ଧାନକୁ ବିକ୍ରି କରିବାର କୌଣସି ବ୍ୟବସ୍ଥା କରାଯାଇ ନଥିଲା। ସେ ବାରମ୍ବାର ମଣ୍ଡିକୁ ଦୌଡ଼ିଲା ପରେ ମଧ୍ୟ ମଣ୍ଡି ଅଧିକାରୀ ତାଙ୍କୁ ବେପାରୀଙ୍କ ସହ କଥାବାର୍ତ୍ତା କରି ଧାନ ଦେଇଦେବା ପାଇଁ କହିଥିଲେ। ଅଞ୍ଜଳିରେ ଏଥିରେ ରାଜି ହୋଇନଥିଲେ। ଏପରିକି, ସେ ଭଲ ଧାନ ଆଣିଥିବା କହି କଟନି-ଛଟନି କରିବା ପାଇଁ ମଧ୍ୟ ମନା କରିଦେଇଥିଲେ। ତେଣୁ ଦଲାଲ ଓ ମିଲର୍ ତାଙ୍କୁ ହଇରାଣ କରିବା ପାଇଁ ଯୋଜନା କରିଥିଲେ। ଏହି ମଣ୍ଡିରେ ପୂର୍ବରୁ ଗ୍ରେନ୍ ଆନାଲାଇଜର୍ ମେସିନ୍ ନଥିବା ବେଳେ କେବଳ ଅଞ୍ଜଳିଙ୍କୁ ହଇରାଣ କରିବା ପାଇଁ ସେମାନେ ଆଜି ହିଁ ଏହି ମେସିନ୍ ଏହି ୟାର୍ଡକୁ ଆଣିଥିଲେ।

ପରେ ନିୟନ୍ତ୍ରିତ ବଜାର କମିଟିର ସଂପାଦକ



- ବେପାରୀଙ୍କୁ ଧାନଦେବା ପାଇଁ କହୁଛନ୍ତି ମଣ୍ଡି ଅଧିକାରୀ
- ଚାଷୀଙ୍କ ଦୁର୍ଦ୍ଦଶା କହିଲେ ନ ସରେ

ଗୋବିନ୍ଦ ନାଗ, ଯୋଗାଣ ନିରୀକ୍ଷକ ସାନ୍ତାକାର ପ୍ରଧାନ ଆସି ସମସ୍ୟା ବିଷୟରେ ଚାଷୀଙ୍କ ସହ ଆଲୋଚନା କରି ସେହି ଚାଷୀଙ୍କ ଧାନକୁ ଗ୍ରେନ୍ ଆନାଲାଇଜର୍ ମେସିନ ସାହାଯ୍ୟରେ ପରୀକ୍ଷା କରାଇଥିଲେ। ଧାନକୁ ପରୀକ୍ଷା କରାଯିବାରୁ ମେସିନ୍ ତାହାକୁ ଅଯୋଗ୍ୟ ପ୍ରମାଣିତ କରିଥିଲା।

ଅଞ୍ଜଳିଙ୍କ କହିବା କଥା, ଏହି ମାର୍କେଟ୍ ୟାର୍ଡରେ ଆଜି ପର୍ଯ୍ୟନ୍ତ ମୋଟ ୧୪୬୫ ପ୍ୟାକେଟ୍ (୬୫୧.୬୩କ୍ୱିଣ୍ଟାଲ) ଧାନ ବିକ୍ରି ହୋଇସାରିଲେଣି। ସେସବୁ ଧାନ ଯେହେତୁ ଦଲାଲଙ୍କ ମାଧ୍ୟମରେ କଟନୀ-ଛଟନୀ ହୋଇ ବିକ୍ରି ହୋଇଛି, ସେଥିପାଇଁ ମେସିନ୍‌ର ଆବଶ୍ୟକତା ପଡ଼ିନଥିଲା। କିନ୍ତୁ ସେ କଟନୀ-ଛଟନୀ କରିବାକୁ ମନା କରିଦେବାରୁ ଆଜି ମେସିନ୍ ଆଣି ସଂପୃକ୍ତ ଅଧିକାରୀମାନେ ତାଙ୍କୁ ଭୟଭୀତ କରାଇଛନ୍ତି।

ଅପରପକ୍ଷେ, ଏ ସଂପର୍କରେ ଅଧିକାରୀମାନଙ୍କ ସହ କିଛି ଚାଷୀ ଆଲୋଚନା କରୁଥିବା ବେଳେ ମିଲର ପ୍ରତିନିଧିମାନେ ସେମାନଙ୍କୁ ଆକ୍ରମଣ କରିବାକୁ ଚେଷ୍ଟା କରିଥିଲେ। ତେଣୁ ମଣ୍ଡିରେ ବେପାରୀ ଓ ମିଲରମାନଙ୍କ ଦାଦାଗିରି ଚାଲିଛି ବୋଲି ଚାଷୀମହଲରେ ଅଭିଯୋଗ ହୋଇଛି।

ସୁଲୁସୁଲିଆ ୟାର୍ଡରେ ଧାନ ବିକ୍ରି ସମସ୍ୟା ଥିବା ନେଇ ଗାଁର ଚାଷୀମାନେ ଜୟ କିସାନ ଆନ୍ଦୋଳନର ଜିଲ୍ଲା ସଭାପତି ସୁଶୀଲ କୁମାର ସାହୁ ଏବଂ ସାଧାରଣ ସଂପାଦକ ହର ବଣିଆଁଙ୍କୁ ଜଣାଇଥିଲେ। ଆଲୋଚନା ସମୟରେ ସରକାରୀ ନିୟମ ଅନୁଯାୟୀ ଧାନ ସଂଗ୍ରହ କରିବା ପାଇଁ ଅଧିକାରୀମାନଙ୍କୁ କୁହାଯାଇଥିଲା ଏବଂ ଚାଷୀ କୌଣସି ଦଲାଲ ମାଧ୍ୟମରେ ଧାନ ନ ବିକି ନିଜେ ୟାର୍ଡକୁ ଆଣି ବିକ୍ରିକରିବା ପାଇଁ କୁହାଯାଇଥିଲା। ହେଲେ ଏଭଳି ସରକାରୀ ନିର୍ଦ୍ଦେଶର ମନେ କିଛି ନ ଥିବା ଚାଷୀମାନେ କହିଛନ୍ତି।

## ଝାଡ଼ଖଣ୍ଡର ରାଜାବସା-ହାତିବାରୀ ଜଙ୍ଗଲରେ 'ଜିନତ'

**ବାରିପଦା, ୧୦।୧୨(ସମିସ):** ଗତ ୩ଦିନ ଧରି ଓଡ଼ିଶା ପାର ହୋଇ ଝାଡ଼ଖଣ୍ଡର ବିଭିନ୍ନ ଜଙ୍ଗଲରେ ବିଚରଣ କରୁଛି ବାଘୁଣୀ 'ଜିନତ'। ରବିବାର ରାତିରେ ଶିମିଳିପାଳରୁ ପ୍ରାୟ ୧୦୦କିମି ରାସ୍ତା ଅତିକ୍ରମ କରି ଝାଡ଼ଖଣ୍ଡର ରାଜାବସା-ହାତିବାରୀ ଜଙ୍ଗଲ ଘୂରି ବୁଲୁଛି। ଶିମିଳିପାଳ ଜଙ୍ଗଲରୁ ବିଚ୍ଛିନ୍ନ ହୋଇଥିବା ବାଘୁଣୀ ଏବେ ଚକୁଳିଆ ସହରର ଅତି ନିକଟରେ ପହଞ୍ଚିଛି। ଚକୁଳିଆ ସହରର ଦକ୍ଷିଣ-ପଶ୍ଚିମ ଦିଗରେ ଅବସ୍ଥିତ ଧୋବାଶୋଳରେ 'ଜିନତ'ର ପାଦଚିହ୍ନ ଠାବ ହେବା ପରେ ବନବିଭାଗ ଟିମ ମାପଚୁପ କରିଛି। ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର ଏକ ସ୍ୱତନ୍ତ୍ର ଟିମ ରକ୍ଷକ ଗାଡ଼ି ସହିତ ଅନୁଧାବନ କରୁଛନ୍ତି। 'ଜିନତ' ୧୦୦କିମି ବ୍ୟାସାର୍ଦ୍ଧରେ ତା'ର ଇଲାକା ତିଆରି କରୁଛି ବୋଲି ବନବିଭାଗ ପକ୍ଷରୁ କୁହାଯାଇଛି। 'ଜିନତ' କୌଣସି କ୍ଷତି ନ କରିବା ପର୍ଯ୍ୟନ୍ତ ତାକୁ ଆଦୌ ଟ୍ରାଙ୍କୁଲାଇଜ କରାଯିବ ନାହିଁ ବୋଲି ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଭାରପ୍ରାପ୍ତ ଅଧିକାରୀ ଡ ପ୍ରକାଶ ଚାନ୍ଦ ଗୋଗିନାନୀ ସୋମବାର କହିଥିଲେ। ତେବେ 'ଜିନତ'କୁ ଟ୍ରାଙ୍କୁଲାଇଜ କରି ଫେରାଇ ଆଣିବା ପାଇଁ ପ୍ରୟାସ ଜାରି ରହିଛି। ବର୍ତ୍ତମାନ ସମୟରେ ତାର ଗତିବିଧି ଓ ଉଦ୍ଧାରକୁ ନେଇ ବିଭାଗ ପକ୍ଷରୁ କୌଣସି ସୂଚନା ଦିଆଯାଇନାହିଁ। ଝାଡ଼ଖଣ୍ଡ ଓ ଓଡ଼ିଶାର ବନ ବିଭାଗର ଟିମ୍ ମିଳିତ ଭାବେ ଏହାର ତଦାରଖ କରୁଛନ୍ତି। ଚକୁଳିଆ ରେଞ୍ଜର ଫରେଷ୍ଟର୍ କଲ୍ୟାଣ ପ୍ରସାଦ ମହାପାତ୍ର ଓ



ତାଙ୍କ ଟିମ୍ ସତର୍କତାର ସହ ଜଙ୍ଗଲରେ ମୁତୟନ ହୋଇଛନ୍ତି। ବାଘ ଟ୍ରାକର ଟିମ୍ ଜିପିଏସ୍ ଫାଇଣ୍ଡର ଉପକରଣ ମାଧ୍ୟମରେ ଜଙ୍ଗଲରେ ବାଘୁଣୀର ଗତିବିଧି ଉପରେ ନଜର ରଖିଛନ୍ତି। ନୟାଗ୍ରାମ ଓ ବେନାଶୋଳି ଗାଁ ସମେତ ଆଖପାଖ ଗ୍ରାମାଞ୍ଚଳରେ ସତର୍କ ସୂଚନା ଜାରି କରାଯାଇଛି। ସ୍ଥାନୀୟ ଅଞ୍ଚଳର ଜନସାଧାରଣଙ୍କୁ ଜଙ୍ଗଲକୁ ନଯିବା ପାଇଁ ଡାକବାଜି ଯନ୍ତ୍ର ସାହାଯ୍ୟରେ ସଚେତନ କରାଯାଉଛି।

## ବୃହତ୍ ବନ୍ଦର ଇତିହାସରେ ପାରାଦୀପ ବନ୍ଦରର ନୂଆ କୀର୍ତ୍ତିମାନ

**ପାରାଦୀପ,୧୦।୧୨(ସମିସ):** ଦେଶର ଏକ ନମ୍ବର ପାରାଦୀପ ବନ୍ଦର ନିଜର ଟ୍ରାକ ରେକର୍ଡରେ ଅଭିବୃଦ୍ଧି ଘଟାଇ ଲଗାତାର ଅଷ୍ଟମ ବର୍ଷ ୧୦୦ ମିଲିୟନ ମେଟ୍ରିକ ଟନ୍ (ଏମଏମଟି) ଟାର୍ଗେଟ୍ ଅତିକ୍ରମ କରି ଆଉ ଏକ କୀର୍ତ୍ତିମାନ ସ୍ଥାପନ କରିଛି। ଡିସେମ୍ବର ୯ତାରିଖରେ ୧୦୦.୧୩ ଏମଏମଟି ପଣ୍ୟ କାରବାର କରି

### ୧୦୦.୧୩ ଏମ୍ଏମ୍‌ଟି ପଣ୍ୟ ପରିଚାଳନା

ସର୍ବ-ଭାରତୀୟ ବୃହତ୍ ବନ୍ଦର ଇତିହାସରେ ଏହି ସଫଳତା ପାଇଛି। ଗତ ୨୦୨୩ ଆର୍ଥିକ ବର୍ଷ ଡିସେମ୍ବର ୧୮ ତାରିଖରେ ୨୬୨ ଦିନରେ ୧୦୦ ଏମଏମଟି ପଣ୍ୟ ପରିଚାଳନାର ରେକର୍ଡ ହୋଇଥିବା ବେଳେ ଚଳିତ ଆର୍ଥିକ ବର୍ଷରେ ଏହି ରେକର୍ଡ ୨୫୩ ଦିନରେ ଅର୍ଥାତ ୯ଦିନ ପୂର୍ବରୁ ଏହି କୀର୍ତ୍ତିମାନ ସ୍ଥାପନ ହୋଇପାରିଛି। ଚଳିତ ଆର୍ଥିକ ବର୍ଷରେ ପାରାଦୀପ ବନ୍ଦର ୧୫୦ ଏମଏମଟି ପଣ୍ୟ ପରିଚାଳନା କରିବାର ଲକ୍ଷ୍ୟ ରଖିଛି।

## ୨୩ରେ ପୁରୀରୁ ଗଡ଼ିବ ମହାକୁମ୍ଭ ସ୍ପେଶାଲ ଟ୍ରେନ୍

**ପୁରୀ, ୧୦।୧୨(ସମିସ):** ଆସନ୍ତା ଜାନୁଆରୀ ୨୩ ତାରିଖରେ ପୁରୀରୁ ଗଡ଼ିବ ମହାକୁମ୍ଭ ସ୍ପେଶାଲ ଟ୍ରେନ୍ (ପୁଣ୍ୟକ୍ଷେତ୍ର ଯାତ୍ରା)। ଓଡ଼ିଶାରେ ପ୍ରଥମଥର ପାଇଁ ଏଭଳି ଏକ ଯୋଜନା କରିଛି ଇଣ୍ଡିଆନ ରେଲୱେ କ୍ୟାଟରିଂ ଆଣ୍ଡ ଟୁରିଜିମ୍ କର୍ପୋରେସନ୍ (ଆଇଆର୍‌ସିଟିସି) ଲିମିଟେଡ୍। ୭ ଦିନର ଏହି ପୁଣ୍ୟକ୍ଷେତ୍ର ଯାତ୍ରା କାଳ ମଧ୍ୟରେ ବାରଣାସୀ, ପ୍ରୟାଗରାଜ ଓ ଅଯୋଧ୍ୟା ଦର୍ଶନ କରିବେ ଯାତ୍ରୀ। ଆଇଆର୍‌ସିଟିସି ତରଫରୁ ଏଭଳି ଏକ ପ୍ୟାକେଜ୍‌ର ଘୋଷଣା କରାଯାଇଛି। ମଙ୍ଗଳବାର ସ୍ଥାନୀୟ ଏକ ହୋଟେଲରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଏହି ପ୍ୟାକେଜ ସମ୍ପର୍କରେ ବିସ୍ତୃତ ଭାବେ ସୂଚନା ଦିଆଯାଇଛି।

### ବାରଣାସୀ, ପ୍ରୟାଗରାଜ ଓ ଅଯୋଧ୍ୟା ବୁଲିବେ ଯାତ୍ରୀ

ସୂଚନାନୁଯାୟୀ, ଏହି ପ୍ୟାକେଜ୍‌ରେ ବାରଣାସୀରେ କାଶୀ ବିଶ୍ୱନାଥ, ପ୍ରୟାଗରାଜରେ କୁମ୍ଭମେଳା ଏବଂ ଅଯୋଧ୍ୟା ରାମମନ୍ଦିର ଦର୍ଶନ ପାଇଁ ବ୍ୟବସ୍ଥା ରହିଛି। ଏସି ଓ ନନ୍‌ଏସି ପାଇଁ ପ୍ୟାକେଜ୍ ମୂଲ୍ୟ ଭିନ୍ନଭିନ୍ନ ରହିଛି। ଅନ୍‌ଲାଇନ ସହ ଅଫ୍‌ଲାଇନ୍ ବୁକିଂ ସୁବିଧା ମଧ୍ୟ ରହିଛି। ପୁରୀରୁ ୨୩ ତାରିଖରେ ଏହି ଟ୍ରେନ୍ ଛାଡ଼ି ୨୯ ତାରିଖରେ ପୁରୀରେ ପହଞ୍ଚିବ। ଯାତ୍ରୀମାନେ ପୁରୀ, ଖୋର୍ଦ୍ଧାରୋଡ, ଭୁବନେଶ୍ୱର, କଟକ, ଭଦ୍ରକ, ବାଲେଶ୍ୱର, ହିଜିଲି ଏବଂ ଟାଟା ନଗରରୁ ଚଢ଼ି ଫେରିବା ବେଳେ ଏହିସବୁ ଜାଗାରେ ଓହ୍ଲାଇପାରିବେ ଆଇଆରସିଟିସି ଭୁବନେଶ୍ୱରର ଜଏଣ୍ଟ ଜେନେରାଲ ମ୍ୟାନେଜର (ଟୁରିଜିମ) ଡ. କ୍ରାନ୍ତି ପି ସାୱରକର ସୂଚନା ଦେଇଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ରିଜିଓନାଲ ମ୍ୟାନେଜର୍ ଅନୁଜ ଦତ୍ତା ଏବଂ ଏକ୍‌ଜିକ୍ୟୁଟିଭ୍ (ଟୁରିଜିମ୍) ସଂଘମିତ୍ରା ରାଉଳ ପ୍ରମୁଖ ଉପସ୍ଥିତ ଥିଲେ।

## ଶିକାରୀମୁକ୍ତ ହୋଇପାରୁନି ଶିମିଳିପାଳ

### ପୁଣି ଏଆଇ କ୍ୟାମେରା ଧରିଲା ୬ ଶିକାରୀ



**ବାରିପଦା/କରଞ୍ଜିଆ,୧୦।୧୨ (ସମିସ):** ବନ ବିଭାଗର ଶତଚେଷ୍ଟା ସତ୍ତ୍ୱେ ଶିକାର ଓ ଶିକାରୀ ମୁକ୍ତ ହୋଇପାରୁନି ଶିମିଳିପାଳ ଅଭୟାରଣ୍ୟ। ଗତ କିଛି ମାସ ମଧ୍ୟରେ ଅଭୟାରଣ୍ୟରୁ ପୁଳାପୁଳା ଶିକାରୀ ଗିରଫ ହେବା ଘଟଣାରୁ ଏହା ସ୍ପଷ୍ଟ ହେଉଛି ବୋଲି କୁହାଯାଉଛି। ଏହି କ୍ରମରେ ଆଜି ଶିମିଳିପାଳରୁ ପୁଣି ୬ ଦୁର୍ଦ୍ଦାନ୍ତ ଶିକାରୀ ଧରାପଡ଼ିଛନ୍ତି। ସେମାନେ ହେଲେ, ଯଶିପୁର ଥାନା ଅନ୍ତର୍ଗତ ରାମଯୋଡ଼ି ଗ୍ରାମର ଲଗେନ୍ଦ୍ର ଗାଗରାଇ, ରାଇସିଂ ଖୁଣ୍ଟିଆ, ରାମଦାସ ଦେହୁରୀ, ଦୁବରାଇ ସିଂ ଖୁଣ୍ଟିଆ, ବୁଧୁ କେରାଇ ଓ ଖେଜୁରୀ ହେମ୍ବ୍ରମ। ସେମାନଙ୍କ ପାଖରୁ ଶିକାର ନିମନ୍ତେ ବ୍ୟବହୃତ ଧନୁ-ତୀର ସହ ସମ୍ବର ଓ ବାରହା ମାଂସ ଜବତ କରାଯାଇଛି। ଏମାନେ ମାରଣାସ୍ତ୍ର ଧରି ଅଭୟାରଣ୍ୟର ଦକ୍ଷିଣ ବନଖଣ୍ଡର କୋର୍ ଅଞ୍ଚଳକୁ ପ୍ରବେଶ କରିଥିବା ବେଳେ ସେମାନଙ୍କ ଫଟୋ ଏ.ଆଇ କ୍ୟାମେରାରେ କଏଦ ହୋଇଥିଲା। ଏହାକୁ ଆଧାର କରି ଯାଞ୍ଚ କରି ସେମାନଙ୍କୁ ସେମାନଙ୍କ ଘରୁ ଗିରଫ କରାଯାଇଥିଲା।

ତେବେ ଏ ସଂପର୍କରେ ବନ୍ୟପ୍ରାଣୀପ୍ରେମୀମାନଙ୍କ କହିବା କଥା, ଜଙ୍ଗଲ ଭିତରେ ଏ.ଆଇ କ୍ୟାମେରା ଲାଗିବାଠାରୁ ଆରମ୍ଭ କରି ବ୍ୟାପକ ପଦକ୍ଷେପ

### ମାରଣାସ୍ତ୍ର ସମେତ ସମ୍ବର, ବାର୍‌ହା ମାଂସ ଜବତ

ନିଆଯିବା ସତ୍ତ୍ୱେ ଶିମିଳିପାଳ ଶିକାରମୁକ୍ତ ହୋଇପାରୁନାହିଁ। ଶିକାରୀଙ୍କ ମନରେ ଭୟ ରହୁନି। ତେଣୁ ସେମାନେ ଶିକାର ପାଇଁ ଜଙ୍ଗଲରେ ବିନା ଭୟରେ ପ୍ରବେଶ କରୁଛନ୍ତି। ସେଥିରୁ କିଛି ଧରାପଡୁଛନ୍ତି; ହୋଇପାରେ, ଅନେକ ଖସି ମଧ୍ୟ ଯାଉଥିବେ। ସେହିପରି ବନ ବିଭାଗ ସେମାନଙ୍କୁ ଧରିବା ବେଳକୁ ଡେରି ହୋଇଯାଉଛି। ସେତେବେଳକୁ ସେମାନେ ୨/୩ଟି ବନ୍ୟଜନ୍ତୁ ଶିକାର କରିସାରୁଛନ୍ତି। ତେଣୁ ଶିମିଳିପାଳକୁ ଶିକାରୀମୁକ୍ତ କରିବାକୁ ବନ ବିଭାଗକୁ ଆହୁରି କଠୋର୍ ପଦକ୍ଷେପ ନେବାକୁ ପଡ଼ିବ ବୋଲି ସେମାନେ ଯୁକ୍ତି ବାଢ଼ିଛନ୍ତି।

## ଦୁଇ ବାଂଲାଦେଶୀ ମାଛଧରା ବୋଟ୍ ଜବତ: ୭୮ ଅଟକ



**ପାରାଦୀପ,୧୦।୧୨(ସମିସ):** ଭାରତୀୟ ଜଳସୀମା ମଧ୍ୟରେ ବେଆଇନ ଭାବେ ପ୍ରବେଶ କରି ମାଛ ଧରୁଥିବା ବେଳେ ଭାରତୀୟ କୋଷ୍ଟଗାର୍ଡ ଦୁଇଟି ବାଂଲାଦେଶୀ ମାଛଧରା ବୋଟ୍‌କୁ ଜବତ କରିବା ସହ ୭୮ ବାଂଲାଦେଶୀ ମତ୍ସ୍ୟଜୀବୀଙ୍କୁ ଅଟକ ରଖିଛି। ଭାରତୀୟ କୋଷ୍ଟଗାର୍ଡ ପକ୍ଷରୁ ଏକ ପ୍ରେସ୍ ଇସ୍ତାହାରରେ ଆଜି ଏହି ସୂଚନା ଦିଆଯାଇଛି। ସୂଚନାନୁଯାୟୀ, ସୋମବାର ସକାଳ ପ୍ରାୟ ୭ଟାରେ ଭାରତୀୟ ଜଳସୀମା ନିକଟରେ କୋଷ୍ଟଗାର୍ଡ ଜାହାଜ ଅମୋଘ ମୁତୟନ ହୋଇଥିଲା। ଏହି ସମୟରେ ଭାରତୀୟ ଜଳସୀମା ମଧ୍ୟରେ ବାଂଲାଦେଶ ପଞ୍ଜିକୃତ ମାଛଧରା ବୋଟ୍ ଏଫ୍‌ଭି ଲୈଲା-୨ ଏବଂ ଏଫ୍‌ଭି ମେଘନା-୫ ବେଆଇନ ଭାବେ ପ୍ରବେଶ କରି ମାଛ ଧରୁଥିଲେ। ଭାରତୀୟ କୋଷ୍ଟଗାର୍ଡ

### କୋଷ୍ଟଗାର୍ଡର ଚଢ଼ଉ

ସେଠାରେ ପହଞ୍ଚି ଛାନ୍‌ଭିନ୍ କରିଥିଲେ। ଭାରତୀୟ ଜଳସୀମା ମଧ୍ୟରେ ବେଆଇନ ଭାବେ ପ୍ରବେଶ କରିଥିବାରୁ ଅର୍ନ୍ତଜାତୀୟ ନୌବାଣିଜ୍ୟିକ ଆଇନ ଅନୁଯାୟୀ ଏହି ଦୁଇଟି ଜାହାଜକୁ ଜବତ କରି ପାରାଦୀପ ଅଣାଯାଉଛି। ଦୁଇଟି ବୋଟ୍‌ରେ ମୋଟ୍ ୭୮ଜଣ ବାଂଲାଦେଶୀ ମତ୍ସ୍ୟଜୀବୀ ରହିଛନ୍ତି। ସେମାନଙ୍କୁ ଧରି କୋଷ୍ଟଗାର୍ଡ ଜାହାଜ ଅମୋଘ ପାରାଦୀପ ଫେରୁଥିବା କୋଷ୍ଟଗାର୍ଡ ପକ୍ଷରୁ ସୂଚନା ମିଳିଛି। ଏ ସମ୍ପର୍କରେ ବୈଦେଶିକ ମନ୍ତ୍ରଣାଳୟକୁ ସୂଚନା ପ୍ରଦାନ କରାଯାଇଛି। ଅର୍ନ୍ତଜାତୀୟ ନୌବାଣିଜ୍ୟିକ ଆଇନ୍ ୧୯୮୧ ଅନୁଯାୟୀ ଏହି ଦୁଇ ମାଛଧରା ବୋଟ୍ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ପାରାଦୀପରେ ପହଞ୍ଚିବା ପରେ ସମସ୍ତ ମତ୍ସ୍ୟଜୀବୀଙ୍କୁ ପାରାଦୀପ ମେରାଇନ୍ ପୁଲିସ୍‌କୁ ହସ୍ତାନ୍ତର କରାଯିବ।

### ନବୀନଙ୍କୁ ଭେଟିଲେ ବଡ଼ମ୍ବା-ନରସିଂହପୁରର ୯୦ରୁ ଊର୍ଦ୍ଧ୍ୱ ନିର୍ବାଚିତ ଜନ ପ୍ରତିନିଧି

# ଭୋଟ ବ୍ୟାଙ୍କ ନୁହେଁ, ବିକାଶ ଓ କଲ୍ୟାଣ ବିଜେଡିର ଲକ୍ଷ୍ୟ: ନବୀନ

**ଭୁବନେଶ୍ୱର,୧୦।୧୨(ସମିସ):** ବିଜେଡି ସରକାରଙ୍କ ଯୋଜନା ଅନ୍ୟମାନଙ୍କ ପାଇଁ ମଡ଼େଲ ହୋଇଛି। ଭାରତ ସରକାର ବି ଆମର ଅନେକ ଯୋଜନା ଆପଣାଇଛନ୍ତି। ଭୋଟ ବ୍ୟାଙ୍କ ସୃଷ୍ଟି କରିବା କେବେ ବି ବିଜେଡି ସରକାରର ଲକ୍ଷ୍ୟ ନଥିଲା। ବିକାଶ ଓ ଲୋକଙ୍କ କଲ୍ୟାଣ ହେଉଛି ଆମର ଲକ୍ଷ୍ୟ ବୋଲି ଦଳୀୟ ନିର୍ବାଚିତ ପ୍ରତିନିଧିମାନଙ୍କୁ ପରାମର୍ଶ ଦେଇଛନ୍ତି ବିଜେଡି ସୁପ୍ରିମୋ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ। ଆଜି ବଡ଼ମ୍ବା ନରସିଂହପୁର ନିର୍ବାଚନ ମଣ୍ଡଳୀର ୯୦ରୁ ଊର୍ଦ୍ଧ୍ୱ ନିର୍ବାଚିତ ଜନପ୍ରତିନିଧି ନବୀନଙ୍କୁ ସାକ୍ଷାତ କରିବା ଅବସରରେ ଶ୍ରୀ ପଟ୍ଟନାୟକ କହିଛନ୍ତି ଯେ ବିଜେଡି ସରକାର ଆରମ୍ଭ କରିଥିବା ବିକାଶ ଓ କଲ୍ୟାଣ ଯୋଜନାରୁ ଓଡିଶାବାସୀଙ୍କୁ କେହି ବଞ୍ଚିତ କରିପାରିବ ନାହିଁ। ବିଜେଡି ସରକାର ବହୁ କଲ୍ୟାଣମୂଳକ କାର୍ଯ୍ୟକ୍ରମ ଆରମ୍ଭ କରିଥିଲା। ସେଗୁଡିକ କିପରି ଚାଲିଛି ଏବଂ ତାହାର ସୁଫଳ ଲୋକମାନଙ୍କ ପାଖରେ ପହଞ୍ଚୁଛି କି ନାହିଁ ତାହା ତଦାରଖ କର। ଦଳର ସାଂଗଠନିକ ଶକ୍ତି ବୃଦ୍ଧି କରିବା ପାଇଁ ସମସ୍ତେ ଏକାଠି କାମ କର ଓ ଲୋକଙ୍କ ସେବା କର ବୋଲି ନବୀନ ପରାମର୍ଶ ଦେଇଛନ୍ତି।

ବଡ଼ମ୍ବା ନରସିଂହପୁର ଅଞ୍ଚଳର ଜନପ୍ରତିନିଧିମାନେ ଶଙ୍ଖ ଭବନ ଠାରେ ବିଜୁ ଜନତା ଦଳର ସମନ୍ୱୟ କମିଟିର ଅଧ୍ୟକ୍ଷ ଦେବୀ ପ୍ରସାଦ ମିଶ୍ରଙ୍କ ଅଧ୍ୟକ୍ଷତାରେ ସଭ୍ୟ ସଂଗ୍ରହ ଅଭିଯାନ ବୈଠକରେ ଭାଗ ନେଇଥିଲେ। ପରେ ଜନ



ପ୍ରତିନିଧିମାନେ ଶଙ୍ଖ ଭବନ ଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବିଜୁ ଜନତା ଦଳ ଓ ଏହାର ସଭାପତି ନବୀନ ପଟ୍ଟନାୟକଙ୍କ ଉପରେ ଦୃଢ଼ ଆସ୍ଥା ପ୍ରକଟ କରିବା ସହିତ ବିଜୁ ଜନତା ଦଳର ଦ୍ୱାରା କରାଯାଇଥିବା ବିକାଶମୂଳକ କାର୍ଯ୍ୟକୁ ଏବେ ମଧ୍ୟ ଜନସାଧାରଣଙ୍କ ଆଦୃତ ହେଉଛି ବୋଲି ବକ୍ତବ୍ୟ ରଖିଥିଲେ। ଏହି ପ୍ରତିନିଧି ଦଳରେ କଟକ ଜିଲ୍ଲା ସଭାପତି କିଶୋର ଚନ୍ଦ୍ର ମିଶ୍ର, ନରସିଂହପୁର ବ୍ଲକ ଅଧ୍ୟକ୍ଷା ସସ୍ମିତା ଜେନା, ନରସିଂହପୁର ବ୍ଲକ ଉପାଧ୍ୟକ୍ଷ ନାରାୟଣ ନାୟକ, ବଡ଼ମ୍ବା ବ୍ଲକ ଉପାଧ୍ୟକ୍ଷା ସ୍ୱର୍ଣ୍ଣଲତା ବେହେରା, ଜିଲ୍ଲା ପରିଷଦ ସଭ୍ୟ ରବୀନ୍ଦ୍ର ସାହୁ, ବିଜୁ ଜନତା ଦଳର ସମ୍ପାଦକ ସଦାନନ୍ଦ ସ୍ୱାଇଁ ତଥା ଜିଲ୍ଲା ପରିଷଦ ସଭ୍ୟ ଅଜୟ ପଣ୍ଡା, ଭାଗ୍ୟଲକ୍ଷ୍ମୀ ବିଶ୍ୱାଳ, ଗୀତାଞ୍ଜଳି ପାତ୍ର, ଜୟଶ୍ରୀ ବରାଳ ପ୍ରମୁଖ ଉପସ୍ଥିତ ଥିଲେ।

ଏହି ଅବସରରେ ଶ୍ରୀ ମିଶ୍ର କହିଥିଲେ ନବୀନ ସରକାର ସମୟରେ ଅନେକ ଉନ୍ନତିମୂଳକ ପ୍ରକଳ୍ପ ମଞ୍ଜୁର ହୋଇ ତା'ର କାମ ଚାଲିଥିଲା ବେଳେ ନୂଆ ବିଜେପି ସରକାର ଏ ସମସ୍ତ କାର୍ଯ୍ୟକୁ ଉଦ୍ଦେଶ୍ୟମୂଳକ ଭାବେ ବନ୍ଦ କରିଛନ୍ତି । ଲୋକ ପ୍ରତିନିଧିମାନଙ୍କ ଉପରେ ଅନେକ ଗୋଡାଣିଆ ଅମଲାତନ୍ତ୍ର ଦ୍ୱାରା ଚାପ ସୃଷ୍ଟି କରି ବିକାଶକୁ ଅକାମୀ କରିଛନ୍ତି। ବିଜେପିରେ ଯୋଗଦେବା ପାଇଁ ସେମାନଙ୍କ ଉପରେ ଚାପ ସୃଷ୍ଟି କରାଯାଉଛି। ଦୁଇ ବର୍ଷ ତଳେ ଗଣତାନ୍ତ୍ରିକ ଧାରାରେ ନିର୍ବାଚିତ ହୋଇ ଆସିଥିବା କିଛି ଜନପ୍ରତିନିଧି ଏଥିରେ ପ୍ରଭାବିତ ହୋଇଛନ୍ତି। ବଡ଼ମ୍ବା ନରସିଂହପୁର ନିର୍ବାଚନ ମଣ୍ଡଳୀରେ ନବୀନ ବାବୁଙ୍କ ଦ୍ୱାରା କରାଯାଇଥିବା ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ ପାଇଁ ପ୍ରତିନିଧି ମଣ୍ଡଳୀ ନବୀନ ବାବୁଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ । ବିଜେଡି ମୁଖପାତ୍ର ଓ ମିଡ଼ିଆ ସଂଯୋଜକ ଡଃ ଲେନିନ ମହାନ୍ତି ସାମ୍ବାଦିକ ସମ୍ମିଳନୀକୁ ସଂଯୋଜନା କରିଥିଲେ।

### ଭଡ଼ାଘରୁ ବିପୁଳ ଟଙ୍କା ଓ ବ୍ରାଉନସୁଗର ମିଳିବା ଘଟଣା

# ଡ୍ରଗ୍ସ କୁଇନ୍‌କୁ କୋର୍ଟଚାଲାଣ



**ଭଦ୍ରକ, ୧୦।୧୨ (ସମିସ):** ଭଦ୍ରକ ଟାଉନ୍ ଥାନା ଅଞ୍ଚଳରେ ଏକ ଭଡ଼ାଘରୁ ୩୦.୪୪ ଲକ୍ଷ ଟଙ୍କା ଓ ୧୬ ଗ୍ରାମ ବ୍ରାଉନସୁଗାର ଜବତ ହେବା ଘଟଣାରେ ପୁଲିସ୍ ଆଜି ଅଭିଯୁକ୍ତ ମହିଳା (ଡ୍ରଗ୍ସ କୁଇନ୍)ଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ, କାଞ୍ଜି ଫାତାମା (୪୦)। ପୁଲିସ୍ ଆଜି ତାଙ୍କ ମିର୍ଜାପୁରସ୍ଥିତ ଘରେ ମଧ୍ୟ ଚଢ଼ଉ କରି ୧ ଲକ୍ଷ ୬୦ ହଜାରରୁ ଅଧିକ ଟଙ୍କା ଜବତ କରିଛି। ତେବେ ବ୍ରାଉନସୁଗାର କାରବାର ସଂପର୍କରେ ଅଧିକ ତଥ୍ୟ ହାସଲ ପାଇଁ ପୁଲିସ୍ ତାଙ୍କୁ ରିମାଣ୍ଡରେ ଆଣିବ ବୋଲି ସୂଚନା ଦେଇଛି।

ସୂଚନାଯୋଗ୍ୟ, ଏକ ବିଶ୍ୱସ୍ତ ସୂତ୍ରରୁ ସୂଚନା ପାଇ ଗତକାଲି ଭଦ୍ରକ ସହରାଞ୍ଚଳ ଥାନା ଅଧୀନ ଏଲଖା ମୀରସାହିଠାରେ ଏକ ଭଡ଼ାଘର ଉପରେ ପୁଲିସ୍ ଚଢ଼ଉ କରିଥିଲା। ଚଢ଼ଉ ବେଳେ ଉକ୍ତ ଘରୁ ଅଳ୍ପ ପରିମାଣରେ ବ୍ରାଉନ ସୁଗର ଓ ନଗଦ ୩୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା, ୭ଟି ମୋବାଇଲ ଜବତ ହୋଇଥିଲା। ଗୁରୁତ୍ୱପୂର୍ଣ୍ଣ କଥା ଅଲଗା ଅଲଗା ବ୍ୟାଙ୍କର ଚେକ୍, ଷ୍ଟାମ୍ପପେପର, ଦସ୍ତଖତ ଥିବା ରେଭିନ୍ୟୁ ଷ୍ଟାମ୍ପ ମଧ୍ୟ ଜବତ ହୋଇଛି। ଗିରଫ ମହିଳା କାନ୍‌ଜି ଫାତମାଙ୍କୁ ଆଜି କୋର୍ଟଚାଲାଣ କରାଯାଇଛି। ଜବତ ବିପୁଳ ଟଙ୍କା ବିଷୟରେ ପୁଲିସକୁ କୌଣସି ସୂଚନା ଦେଇ ନାହାନ୍ତି ଗିରଫ ମହିଳା। ତେଣୁ ଏତେ ଟଙ୍କା କେବଳ ବ୍ରାଉନ ସୁଗର୍ ବେପାରରେ ଲାଗିଥିଲା କି ନାହିଁ ସେ ନେଇ ତଦନ୍ତ ହେବ ବୋଲି ଅତିରିକ୍ତ ଏସ୍‌ପି ଅରୂପ ଅଭିଷେକ ବେହେରା ସୂଚନା ଦେଇଛନ୍ତି। ଏହି ଘଟଣାରେ ଅଧିକ ଲୋକଙ୍କ ସମ୍ପୃକ୍ତି ତଥା ଭଡ଼ା ଦେଇଥିବା ଘର ମାଲିକଙ୍କ ସମ୍ପୃକ୍ତି ଆଦି ବିଷୟରେ ତଦନ୍ତ ପାଇଁ ପୁଲିସ ମହିଳାଙ୍କୁ ରିମାଣ୍ଡରେ ଆଣିବ ବୋଲି ସୂଚନା ଦେଇଛି। ଆଜି ଭଦ୍ରକ ଟାଉନ ଥାନାରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ଅତିରିକ୍ତ ଏସ୍‌ପି (ଗୁଇନ୍ଦା) ଅଂଶୁମାନ ଦ୍ୱିବେଦୀ, ଟାଉନ୍ ଥାନା ଆଇଆଇସି ଅଜୟ ସୁଦର୍ଶନ ବାଗେ ଓ ପୁରୁଣା ବଜାର ଥାନା ଆଇଆଇସି ନିରୋଜ ସାମଲ ପ୍ରମୁଖ ଉପସ୍ଥିତ ଥିଲେ।

## ଓଡ଼ିଶାରେ ଗଡ଼ିବ ଦୁଇଥାକିଆ ବସ୍

**ଭୁବନେଶ୍ୱର, ୧୦।୧୨(ସମିସ):** ଦିଲ୍ଲୀ, ମୁମ୍ବାଇ ମେଟ୍ରୋ ସହର ଭଳି ଓଡ଼ିଶାରେ ଗଡ଼ିବ ଦୁଇଥାକିଆ(ଡବଲ ଡେକର୍) ବସ୍। ଏଥିପାଇଁ କ୍ୟାପିଟାଲ୍ ରିଜିୟନ୍ ଅର୍ବାନ ଟ୍ରାନ୍ସପୋର୍ଟ(କ୍ରୁଟ୍) ପକ୍ଷରୁ ଟେଣ୍ଡର୍ ଆହ୍ୱାନ କରାଯାଇଛି। ପ୍ରାଥମିକ ପର୍ଯ୍ୟାୟରେ ଏହି ବସ୍ ଖୋର୍ଦ୍ଧା, ପୁରୀ ଓ କଟକ ଜିଲ୍ଲାରେ ଚଳାଚଳ କରିବ। ପରବର୍ତ୍ତୀ ପର୍ଯ୍ୟାୟରେ ଓଡ଼ିଶାରେ ଅନ୍ୟ ଜିଲ୍ଲାରେ ଗଡ଼ିବା ନେଇ ଯୋଜନା ରହିଛି। ସହରରେ ବଢୁଥିବା ପ୍ରଦୂଷଣକୁ ଦୃଷ୍ଟିରେ ରଖି ଏହି ବସ୍ ଗୁଡ଼ିକ ସମ୍ପୂର୍ଣ୍ଣ ବିଦ୍ୟୁତ୍ ଚାଳିତ (ଇ-ବସ୍) ହୋଇଥିବା ଜଣାପଡ଼ିଛି।

ସୂଚନାନୁସାରେ, ପ୍ରାଥମିକ ପର୍ଯ୍ୟାୟରେ ୫ଟି ଡବଲ ଡେକର୍ ବସ ଚଲେଇବା ପାଇଁ ଯୋଜନା ରହିଛି। ଡବଲ୍ ଏଥିପାଇଁ ୧୦ ବର୍ଷିଆ ଚୁକ୍ତି ହେବ। ଯୋଗାଣ, ପରିଚାଳନା, ରକ୍ଷଣାବେକ୍ଷଣା ଓ କର୍ମଚାରୀ ସମ୍ପୃକ୍ତ ସଂସ୍ଥା ଯୋଗାଇବ। ଆବଶ୍ୟକ ପଡ଼ିଲେ ଆହୁରି ୨ ବର୍ଷ ଚୁକ୍ତିର ସମୟସୀମା ବୃଦ୍ଧି କରାଯିବ। ରାଜ୍ୟରେ ପର୍ଯ୍ୟଟନର ଦ୍ରୁତ ବିକାଶକୁ ଦୃଷ୍ଟିରେ ରଖି ପର୍ଯ୍ୟଟକମାନଙ୍କ ସୁବିଧାକୁ ଦୃଷ୍ଟିରେ ରଖି ଏହି ବସ୍ ଚଳାଚଳ କରାଯାଉଥିବା ଟେଣ୍ଡରରେ ଉଲ୍ଲେଖ ରହିଛି। ଏନେଇ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର କହିଛନ୍ତି, କଟକ-ଭୁବନେଶ୍ୱର ଓ ଭୁବନେଶ୍ୱର-ପୁରୀ ମଧ୍ୟରେ ପ୍ରାଥମିକ ପର୍ଯ୍ୟାୟରେ ୫ଟି ବସ୍ ଚଳାଚଳ କରିବ। ଏହା ସଫଳତାର ସହ ଚାଲିଲେ, ଆଗାମୀ ଦିନରେ ସଂଖ୍ୟା ବୃଦ୍ଧି କରାଯିବ। ଆସନ୍ତା ଜାନୁଆରୀ ୯ରେ ହେବାକୁ ଥିବା ପ୍ରବାସୀ ଭାରତୀୟ ସମ୍ମିଳନୀ ସମୟରେ ଏହି ବସ୍ ଚଳାଚଳ କରିବ।

## ଅବଶିଷ୍ଟାଂଶ...

### ଧନଖଡ଼ଙ୍କ ବିରୋଧରେ...

ବିରୋଧୀଙ୍କୁ କୌଣସି ପ୍ରସଙ୍ଗ ଉଠାଇବାକୁ ଦେଉ ନାହାନ୍ତି। ତେଣୁ ତାଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଣିବା ଛଡ଼ା ଅନ୍ୟ କୌଣସି ରାସ୍ତା ନଥିଲା।

ଅନ୍ୟପକ୍ଷରେ ବିଜେପି ନେତା ତଥା ସଂସଦୀୟ ବ୍ୟାପାର ମନ୍ତ୍ରୀ କିରଣ ରିଜ୍ଜୁ ଏହି ଅନାସ୍ଥା ପ୍ରସ୍ତାବ ଲାଗି ବିରୋଧୀ ଦଳଙ୍କର ସମାଲୋଚନା କିଛନ୍ତି। ସେ ଅଭିଯୋଗ କରିଛନ୍ତି ଯେ ବିରୋଧୀ ଦଳ ଗୃହକୁ ଅଚଳ ରଖୁଛନ୍ତି ଏବଂ ଅଧ୍ୟକ୍ଷ ଓ ବାଚସ୍ପତିଙ୍କୁ ସମ୍ମାନ ଦେଉନାହାନ୍ତି। ଗୃହରେ କ୍ଷମତାସୀନ ମେଣ୍ଟର ସଂଖ୍ୟାଗରିଷ୍ଠତା ରହିଥିବାରୁ ଅନାସ୍ଥା ପ୍ରସ୍ତାବ କାଟ୍ ଖାଇଯିବ।

ସମ୍ବିଧାନର ଧାରା ୬୭(ବି) ଅନୁଯାୟୀ ଉପରାଷ୍ଟ୍ରପତି ତଥା ରାଜ୍ୟସଭା ଅଧ୍ୟକ୍ଷଙ୍କୁ ହଟାଇବା ପାଇଁ ଗୃହରେ ପ୍ରସ୍ତାବ ଆସିବ। ଏହାକୁ ଗୃହରେ ଉପସ୍ଥିତ ଅଧିକାଂଶ ସଭ୍ୟ ସମର୍ଥନ କରିବା ଦରକାର। ରାଜ୍ୟସଭାରେ ଗୃହୀତ ପ୍ରସ୍ତାବକୁ ଲୋକସଭା ସମର୍ଥନ କରିବା ଜରୁରୀ। ୨୪୫ ସଭ୍ୟ ବିଶିଷ୍ଟ ରାଜ୍ୟସଭାରେ ବିଜେପି ମେଣ୍ଟର ୧୨୫ ଜଣ ସଭ୍ୟ ଥିବା ବେଳେ କଂଗ୍ରେସ ମେଣ୍ଟର ୧୧୨ ସଭ୍ୟ ଅଛନ୍ତି। ବିଭିନ୍ନ ଦଳର ୨୪ ଜଣ ସଭ୍ୟ ନିରପେକ୍ଷ ଥିବା ବେଳେ ୮ଟି ଆସନ ଖାଲିପଡ଼ିଛି। ତେବେ ଏଥିପାଇଁ ୧୪ ଦିନ ଆଗରୁ ନୋଟିସ ଦେବାକୁ ପଡ଼ିବ। ସଂସଦର ଚଳିତ ଅଧିବେଶନ ଆଉ ୧୦ ଦିନ (୨୦ ତାରିଖ)ରେ ଶେଷ ହେବାକୁ ଯାଉଥିବାରୁ ଅନାସ୍ଥା ପ୍ରସ୍ତାବ ଆଗତ ହୋଇପାରିବ କି ନାହିଁ, ତାହା ଜଣାପଡ଼ି ନାହିଁ।

ସଂସଦର ଉଭୟ ଗୃହ ମଧ୍ୟ ଅଚଳ ରହିଛି। ଭାରତ ବିରୋଧୀ ବ୍ୟବସାୟୀ ଜର୍ଜ ସୋରସଙ୍କ ସହିତ କଂଗ୍ରେସ ନେତାଙ୍କ ସଂପର୍କକୁ ନେଇ ଉଭୟ ଗୃହରେ ଆଜି ହଟ୍ଟଗୋଳ ଜାରି ରହିବାରୁ ସଂସଦକୁ ବୁଧବାର ଦିନ ୧୧ଟା ପର୍ଯ୍ୟନ୍ତ ମୁଲତବୀ କରି ଦିଆଯାଇଛି। ରାଜ୍ୟସଭାରେ ଉଭୟ ପକ୍ଷ ଏହି ପ୍ରସଙ୍ଗରେ ମୁହାଁମୁହିଁ ହେବାରୁ ଅଧ୍ୟକ୍ଷ ଗୃହକୁ ମୁଲତବୀ ଘୋଷଣା କରିଥିଲେ। ଏହାପରେ ସେ ଲୋକସଭାରେ ଶାସକ ଦଳର ନେତା ଜେପି ନଡ୍ଡା ଏବଂ ବିରୋଧୀ ଦଳର ନେତା ମଲ୍ଲିକାର୍ଜୁନ ଖଡ଼ଗେଙ୍କୁ ଡାକି ଆଲୋଚନା କରିଥିଲେ। କିନ୍ତୁ କିଛି ସଫଳତା ମିଳିଲା ନାହିଁ। ଫଳରେ ଗୃହକୁ ସେ ଆସନ୍ତାକାଲି ପର୍ଯ୍ୟନ୍ତ ମୁଲତବୀ କରିଦେଇଛନ୍ତି। ଲୋକସଭାରେ ମଧ୍ୟ ସମାନ ସ୍ଥିତି ଦେଖିବାକୁ ମିଳିଥିଲା। ସଭ୍ୟମାନଙ୍କ ଆଚରଣରେ ଅସନ୍ତୋଷ ପ୍ରକାଶ କରି ବାଚସ୍ପତି ଓମ୍ ବିର୍ଲା ଗୃହକୁ ଦିନକ ପାଇଁ ମୁଲତବୀ ଘୋଷଣା କରିଥିଲେ। ଏହି ଅଚଳାବସ୍ଥା ପାଇଁ ଉଭୟ ଶାସକ ଓ ବିରୋଧୀ ଦଳ ପରସ୍ପରକୁ ଦୋଷ ଦେଇଛନ୍ତି।

### କମ୍ପିଲା ବିଧାନସଭା...

ଟଙ୍କା ବାଣ୍ଟୁଥିବାବେଳେ ଅନ୍ୟପଟେ ଧାରଣାରେ ବସିଥିବା ଜିପିଏଲଏଫ୍ କର୍ମୀଙ୍କ ଚୁକ୍ତିନାମା ବୃଦ୍ଧି କରାଯାଉ ନାହିଁ ବୋଲି କ୍ଷୋଭ ପ୍ରକାଶ କରିଥିଲେ ଧ୍ରୁବ। ସେହିପରି ବରିଷ୍ଠ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଡବଲ ଇଞ୍ଜିନ ସରକାରଙ୍କ ଡବଲ ଷ୍ଟାଣ୍ଡାର୍ଡ ନୀତି ଆପଣେଉଛନ୍ତି ବୋଲି ସରକାରଙ୍କୁ କଟାକ୍ଷ କରିଥିଲେ। ସୁଭଦ୍ରା ଯୋଜନାରେ ୨ ବର୍ଷରେ ୫୦ ହଜାର ଦେବାକୁ କହି ୫ ବର୍ଷରେ ୫୦ ହଜାର ଦେବାକୁ ନିଷ୍ପତ୍ତି ନେଇଛନ୍ତି। ଡବଲ ଇଞ୍ଜିନ ସରକାର ମହାରାଷ୍ଟ୍ର ଓ ହରିୟାନାରେ ମହିଳାଙ୍କ ପାଇଁ ମାସିକ ୨୧୦୦ ଟଙ୍କା ପ୍ରଦାନ କରୁଥିବାବେଳେ ଓଡ଼ିଶାରେ ମହିଳାଙ୍କୁ ମାସକୁ ୮୩୩ ଦେଉଛି। ୨୭ ଟଙ୍କା ୬୫ ପଇସା ରେ କିଏ ଉଦ୍ୟୋଗୀ ହେବ ବୋଲି ପ୍ରଶ୍ନ କରିଥିଲେ ରଣେନ୍ଦ୍ର। ନିରଞ୍ଜନ ପୂଜାରୀ କହିଥିଲେ ଯେ କେନ୍ଦ୍ର ସରକାର ସବୁବେଳେ ଏକକ ଭାରତ କଥା କହୁଛନ୍ତି। ୱାନ ନେସନ, ୱାନ୍ ଟ୍ୟାକ୍ସ, ୱାନ୍ ଇଲେକ୍ସନ, ୱାନ୍ ରେସନ୍ ନାରା ଦେଉଛନ୍ତି। ମାତ୍ର ମହିଳାଙ୍କୁ ଆର୍ଥିକ ସହାୟତା ଦେବାରେ ପାତରଅନ୍ତର କରୁଛନ୍ତି। ରାଜ୍ୟ ସରକାର ଏଯାବତ୍ ସେମାନଙ୍କୁ ସେବା ନିବୃତ କରିନାହାନ୍ତି। ତେଣୁ ସେମାନେ ଦରମା ପାଇବାକୁ ସମ୍ପୂର୍ଣ୍ଣ ହକଦାର୍ ବୋଲି ନିରଞ୍ଜନ କହିଥିଲେ।

କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡ଼ାମ କହିଥିଲେ ଯେ ଡବଲ ଇଞ୍ଜିନ ସରକାର ଏହି ମହିଳାମାନଙ୍କ ପାଇଁ ଧ୍ୟାନ ଦେବାର ଆବଶ୍ୟକତା ରହିଛି। ମା ମାନେ ଶୀତ କାକରରେ ରାଜ ରାସ୍ତାରେ ଧାରଣାରେ ବସିଛନ୍ତି । ସେମାନଙ୍କୁ ପୁଣି ଦରମା ଦିଆଯାଉ । କଂଗ୍ରେସ ବିଧାୟକ ଅଶୋକ ଦାସ କହିଛନ୍ତି ଯେ ବିଜେଡି ସରକାର କରି ନ ଥିଲେ ବୋଲି ବିଜେପି ଅଭିଯୋଗ କରୁଛି। ମାତ୍ର ପରସ୍ପରକୁ ଦୋଷାରୋପ କଲେ ଆନ୍ଦୋଳନରତ ମା ମାନଙ୍କର ସମସ୍ୟାର ସମାଧାନ ହେବ ନାହିଁ। ସରକାର ଏଭଳି ସମ୍ବେଦନଶୀଳ ପ୍ରସଙ୍ଗକୁ ଗୁରୁତର ସହ ବିଚାର କରି ସେମାନଙ୍କୁ ତାଙ୍କ ଦରମା ପ୍ରଦାନ କରନ୍ତୁ ବୋଲି ଶ୍ରୀ ଦାସ ଦାବି କରିଥିଲେ। କଂଗ୍ରେସ ବିଧାୟିକା ସୋଫିଆ ଫିର୍ଦ୍ଦୋଶ ଏବଂ ବିଜେଡି ବିଧାୟକ ସାରଦା ଜେନା ମଧ୍ୟ ସମାନ ପ୍ରସଙ୍ଗରେ ସରକାରଙ୍କୁ ସମାଲୋଚନା କରି ତିରନ୍ତ ଗୋଷ୍ଠୀ ସହାୟିକାଙ୍କୁ ଦରମା ଦେବାକୁ ଦାବି କରିଥିଲେ। ଅପରପକ୍ଷେ ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀ କହିଥିଲେ ଯେ ବିଜେଡ଼ି ସରକାର ସେମାନଙ୍କ ଏଗ୍ରିମେଣ୍ଟ ବୃଦ୍ଧି କରି ନ ଥିଲେ। ବିଜେପି ବିଧାୟକ ସନାତନ ବିଜୁଳି, ଓମ୍ ପ୍ରକାଶ ମିଶ୍ର, ଉପାସନା ମହାପାତ୍ର, ଇରାଶିଷ ଆଚାର୍ଯ୍ୟ ପ୍ରମୁଖ ଏହି ପ୍ରସଙ୍ଗରେ ବିଜେଡିକୁ ସମାଲୋଚନା କରିଥିଲେ।

### ମିଶନ୍ ଶକ୍ତି...

ଆମେ ସବୁବେଳେ ଉଦ୍ୟମ କରିଛୁ। ଆଗକୁ ମଧ୍ୟ ମିଶନ୍ ଶକ୍ତି ମା' ମାନଙ୍କ ପାଇଁ ବିଜୁ ଜନତା ଦଳ ଲଢ଼େଇ ଜାରି ରଖିବ ବୋଲି ଶ୍ରୀ ପଟ୍ଟନାୟକ କହିଛନ୍ତି।

ଏଠାରେ ସୂଚନାଯୋଗ୍ୟ ଯେ ସମ୍ପ୍ରତି ରାଜ୍ୟର ୭ ଲକ୍ଷ ମହିଳା ଏସ୍‌ଏଚ୍‌ଜିରେ ୭୦ ଲକ୍ଷ ମହିଳା ନିଜ ପାଇଁ ସ୍ୱତନ୍ତ୍ର ପରିଚୟ ସୃଷ୍ଟି ଓ ସ୍ୱାବଲମ୍ବୀ ହେବା ପଛରେ ତତ୍‌କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କର ବଳିଷ୍ଠ ଅବଦାନ ରହିଛି। ଏଚଏଚ୍‌ଜି ଗଠନ ଠାରୁ ଆରମ୍ଭ କରି ସେମାନଙ୍କୁ ଉଦ୍ୟୋଗୀ କରିବା ପଛରେ ନବୀନଙ୍କ ରଣନୀତି ଓ ଦୂରଦୃଷ୍ଟି ନିହିତ ଥିଲା। ସାରା ଦେଶରେ ଓଡିଶା ସରକାରଙ୍କ ମିଶନ୍ ଶକ୍ତି ଏକ ଉଦାହରଣ ଭାବେ ଗଣାଯାଉଛି। ଗତ ଏପ୍ରିଲ ମାସରେ ମିଶନ ଶକ୍ତି ଗୋଷ୍ଠୀ ସହାୟିକାମାନଙ୍କ ନିଯୁକ୍ତି ଅବଧି ଶେଷ ହୋଇଥିଲା; କିନ୍ତୁ ସେତେବେଳେ ନିର୍ବାଚନ ଆଚରଣ ବିଧି ଲାଗୁ ହୋଇଥିବାରୁ ସେମାନଙ୍କ ନିଯୁକ୍ତି ନବୀକରଣ ହୋଇ ପାରି ନ ଥିଲା। ମାତ୍ର କ୍ଷମତା ବଦଳିବା ପରେ ବିଜେପି ସରକାର ସେମାନଙ୍କର ଚୁକ୍ତିକୁ ନବୀକରଣ କରିନାହାନ୍ତି, ଯେଉଁଥିପାଇଁ ସେମାନେ ୬/୭ ମାସ ହେଲା ଦରମା ପାଇ ନାହାନ୍ତି ।

### ୫୦ ଲକ୍ଷ ମୂଲ୍ୟର...

କରିବାକୁ ଯାଇଥିଲା। ତେବେ ତା' ନିକଟରେ ଏପରି ଦାମୀ ଅଳଙ୍କାର ଦେଖି ଦୋକାନ ମାଲିକ ମମତା ସାହୁଙ୍କ ସନ୍ଦେହ ହୋଇଥିଲା। ଏ ସଂପର୍କରେ ସେ ବନମାଳୀକୁ ତା'ର ପରିଚୟ ସହ କେଉଁଠାରୁ ସେ ଏ ଜିନିଷ ସବୁ ଆଣିଛି ପଚାରିବାରୁ ବନମାଳୀ ସେଠାରୁ ଦୌଡ଼ି ପଳାଇଥିଲା। ଏନେଇ ଦୋକାନୀଜଣକ ଖଇରା ପୁଲିସକୁ ଅଭିଯୋଗ କରିବା ପରେ ଥାନା ଅଧିକାରିଣୀ ମୌସୁମୀ ମହାନ୍ତି ଘଟଣାର ତଦନ୍ତ ଆରମ୍ଭ କରିଥିଲେ। ଦୋକାନରେ ଲାଗିଥିବା ସିସି କ୍ୟାମେରାକୁ ଆଧର କରି ଗତକାଲି ବିଳମ୍ବିତ ରାତିରେ ବନମାଳୀକୁ ତା' ଘରୁ ଗିରଫ କରାଯାଇଥିଲା। ଗିରଫ ପରେ ପଚରାଉଚରା କରିବାରୁ ସେ ସମସ୍ତ ସତ୍ୟ ବଖାଣିଥିଲା। ବେଙ୍ଗାଲୁରୁରେ ସେ ପଦ୍ମା ରେଡ୍ଡୀ ନାମକ ଜଣେ ମହିଳାଙ୍କ ଘରେ କାମ କରୁଥିବା ବେଳେ ତାଙ୍କ ଘରୁ ସମସ୍ତ ଅଳଙ୍କାର ଚୋରି କରିଥିଲା। ଉକ୍ତ ଘଟଣାକୁ ଆଧାର କରି ଖଇରା ପୁଲିସ୍ ପଦ୍ମାଙ୍କୁ ଯୋଗାଯୋଗ କରିଥିଲା। ଉକ୍ତ ଅଳଙ୍କାର ସବୁ ତାଙ୍କ ଘରୁ ଚୋରି ହୋଇଥିବା କଥା ସେ ଖଇରା ପୁଲିସକୁ ଜଣାଇବା ସହ ଅଳଙ୍କାରଗୁଡ଼ିକର ବିଲ୍ ତାଙ୍କ ପାଖରେ ଥିବାର ପ୍ରକାଶ କରିଥିଲେ। ଅଭିଯୁକ୍ତ ବନମାଳୀକୁ ପୁଲିସ କୋର୍ଟଚାଲାଣ କରିଛି।

### ଚାଷୀ କ୍ଷୁବ୍ଧ...

ଧାରଣା ଦେଇଛନ୍ତି। ଯେଉଁଭଳି ଭାବରେ ଧାନ ସଂଗ୍ରହ ଚାଲିଛି, ଯଦି ଆଗକୁ ସେଥିରେ ସୁଧାର ନ ଆସେ, ତେବେ ଆନ୍ଦୋଳନ ଜୋରଦାର୍ ହେବ ବୋଲି ଚାଷୀମାନେ ଚେତାବନୀ ଦେଇଛନ୍ତି।

ସୂଚନାନୁଯାୟୀ, ଆଜି ମଧ୍ୟାହ୍ନରେ ସ୍ଥାନୀୟ କୁମ୍ଭାରୀ ଗ୍ରାମର ଚାଷୀମାନେ ଜିଲ୍ଲା ଯୋଗାଣ ଅଧିକାରୀଙ୍କ କାର୍ଯ୍ୟାଳୟ ଦ୍ୱାରସ୍ଥ ହୋଇଥିଲେ। ମଣ୍ଡିରୁ ଧାନ ଉଠୁନାହିଁ ବୋଲି ସେମାନେ ଅଭିଯୋଗ ବାଢ଼ିଥିଲେ। ସେମାନଙ୍କ କହିବା କଥା ହେଲା, ଗତ ୨ ତାରିଖରୁ କୁମ୍ଭାର ମାର୍କେଟ୍ ୟାର୍ଡରେ ଧାନ ପଡ଼ିବା ଆରମ୍ଭ ହୋଇଥିଲା। ୩ ତାରିଖ ଦିନ ବରପାଲି ତହସିଲଦାର ଓ ଆରଏମସି ସମ୍ପାଦକ ଆସି ମାର୍କେଟ ୟାର୍ଡରେ ପୂଜାର୍ଚ୍ଚନା କରିଥିଲେ। ୩ ତାରିଖ ପରେ ପ୍ରଥମେ ୭ ତାରିଖ ଦିନ ମହାରାଜା ଫୁଡ୍ ଓ ସାଗର ଫୁଡ୍ ୩୦୩ କ୍ୱିଣ୍ଟାଲ୍, ୮ ତାରିଖ ଦିନ ମହାରାଜା ଫୁଡ୍ ୧୫୦ କ୍ୱିଣ୍ଟାଲ ଧାନ ଉଠାଇଥିଲେ। ଆଉ ତା' ପରେ ୟାର୍ଡକୁ କୌଣସି ଗାଡ଼ି ଧାନ ନେବାକୁ ଆସି ନଥିଲେ। ବର୍ତ୍ତମାନ ମେଘୁଆ ପାଗ ସହ ବହୁ ଜାଗାରେ ବର୍ଷା ମଧ୍ୟ ହେଉଛି। ଏପରି ସ୍ଥିତିରେ କୁମ୍ଭାରୀ ମାର୍କେଟ ୟାର୍ଡରେ ୪ ହଜାର କ୍ୱିଣ୍ଟାଲରୁ ଊର୍ଦ୍ଧ୍ୱ ଧାନ ପଡ଼ି ରହିଛି। ଏ ସଂପର୍କରେ ଚାଷୀମାନେ ପ୍ରଶାସନକୁ ଅନେକଥର ଅଭିଯୋଗ କରିବା ପରେ ମଧ୍ୟ କେହି ନ ଶୁଣିନଥିଲେ। ତେଣୁ ଆଜି ସେମାନେ ଜିଲ୍ଲା ଯୋଗାଣ ଅଧିକାରୀଙ୍କୁ ଏ ସଂପର୍କରେ ଅଭିଯୋଗ କରିବାକୁ ଆସିଥିଲେ। ତେବେ ଏହି ସମୟରେ କିଛି ଅଧିକାରୀ ଚାଷୀଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ କରିବାରୁ ପ୍ରତିବାଦରେ ଚାଷୀମାନେ ଯୋଗାଣ ଅଧିକାରୀଙ୍କ ଅଫିସ୍‌ରେ ତାଲା ପକାଇ ଦେଇଥିଲେ। ପରେ ସେମାନେ ଅଫିସ୍ ଆଗରେ ଧାରଣା ଦେଇଥିଲେ। ସମସ୍ୟାର ସମାଧାନ ନ ହେବା ପର୍ଯ୍ୟନ୍ତ ଧାରଣା ଦିଆଯିବ ବୋଲି ଚେତାବନୀ ଦେଇଥିଲେ। ବରଗଡ଼ ତହସିଲଦାର ସୋନାଲି ପଟ୍ଟନାୟକ ଘଟଣାସ୍ଥଳରେ ପହଞ୍ଚି ଅସନ୍ତୁଷ୍ଟ ଚାଷୀଙ୍କୁ ବୁଝାସୁଝା କରି ପ୍ରତିଶ୍ରୁତି ଦେବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ପରେ ଚାଷୀମାନେ ଧାରଣାରୁ ଉଠିଥିଲେ।

### ଆସୁନାହାନ୍ତି ମିଲର...

ଭରସାରେ ବିଭିନ୍ନ ମଣ୍ଡିରେ ପଡ଼ି ରହିଛି। ବର୍ଷଯାକର ପରିଶ୍ରମକୁ ମଣ୍ଡିରେ ଗଦେଇ ଚାଷୀକୁ ନିଦ ହେଉନଥିବା ବେଳେ ପ୍ରଶାସନ ମିଲର୍ସମାନଙ୍କୁ ବୁଝାସୁଝା କରି ମଣ୍ଡିକୁ ଆଣିବାରେ ଫେଲ୍ ମାରିଛି। ନୂଆପଡ଼ା ଜିଲ୍ଲାରେ ଧାନକିଣାକୁ ନେଇ ଏପରି ବିଷମ ସ୍ଥିତି ଏବେ ଚାଷୀଙ୍କ ଚିନ୍ତା ବଢ଼ାଇ ଦେଇଛି।

ସୂଚନାନୁଯାୟୀ, ନୂଆପଡ଼ା ଜିଲ୍ଲାରେ ଧାନ ସଂଗ୍ରହ ନେଇ ସ୍ୱତନ୍ତ୍ର ମଣ୍ଡି ବ୍ୟବସ୍ଥା ରହିଥିବା ବେଳେ ଚଳିତ ଖରିଫ ୨୦୨୪-୨୫ ପାଇଁ ୭୭ଗୋଟି ମଣ୍ଡି ରହିଛି। ଜିଲ୍ଲାରେ ମୋଟ ୩୧ ଗୋଟି ମିଲର୍ସ ଏଥିର ଧାନକିଣାରେ ଭାଗ ନେବାକୁ ନିଷ୍ପତ୍ତି ହୋଇଥିଲା। କିନ୍ତୁ ବର୍ତ୍ତମାନ ସୁଦ୍ଧା ପ୍ରଶାସନ ସହ ସମସ୍ତ ମିଲର୍ସ ଚୁକ୍ତି କରିନାହାନ୍ତି। ତେଣୁ ଗତ ମାସ ୨୨ ତାରିଖ ଦିନ ଆନୁଷ୍ଠାନିକ ଭାବେ ଜିଲ୍ଲାରେ ମଣ୍ଡି ଆରମ୍ଭ ହୋଇଥିଲେ ହେଁ ଆଜି ସୁଦ୍ଧା ସବୁ ମଣ୍ଡିରେ ଧାନକିଣା ଆରମ୍ଭ ହୋଇନାହିଁ। ୨୮ ଗୋଟି ମଣ୍ଡିରେ ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ହୋଇଛି। ୧୧୩୭ ଜଣ ଚାଷୀଙ୍କଠାରୁ ୪୨୨୭୬ କ୍ୱିଣ୍ଟାଲ କିଣାଯାଇଥିବା ବେଳେ ଏବେ ବି ୧୦ଟି ମଣ୍ଡିରେ ୫୩୮ ଜଣ ଚାଷୀଙ୍କ ୫୩ହଜାର ୩୨୦ ବସ୍ତା ଧାନ ପଡ଼ିରହିଛି। ସେହିପରି ୪୨୭ଜଣ ଚାଷୀଙ୍କ ଖାତାକୁ ତାଙ୍କ ଧାନ ସହାୟକ ମୂଲ୍ୟ ପହଞ୍ଚିଛି। ଉଲ୍ଲେଖଯୋଗ୍ୟ, ରାଜ୍ୟ ମିଲ୍ ମାଲିକ ସଂଘର ଆହ୍ୱାନକ୍ରମେ ନୂଆପଡ଼ା ମିଲର୍ସ ଆସୋସିଏସନ ତରଫରୁ ଭିନ୍ନଭିନ୍ନ ୩ଦଫା ଦାବି ନେଇ ରାଜ୍ୟ ସରକାରଙ୍କୁ ଦାବିପତ୍ର ଦେଇଥିଲେ। ସେସବୁ ଆଜି ପର୍ଯ୍ୟନ୍ତ ସମାଧାନ ହୋଇ ନଥିବାରୁ ମିଲର୍ସମାନେ ବିଳମ୍ବରେ ଚୁକ୍ତି କରିଛନ୍ତି। ଯେଉଁ କେତୋଟି ଚୁକ୍ତି କରିଛନ୍ତି, ସେମାନେ ମଧ୍ୟ କଟନୀ-ଛଟନୀ ଆଦି ବିଭିନ୍ନ ବାହାନା କରି ମଣ୍ଡିରୁ ଧାନ ଉଠାଉନଥିବା ଦେଖାଯାଉଛି। ଏଭଳି ସ୍ଥିତିରେ ଧାନକିଣା ପ୍ରଭାବିତ ହେଉଛି।

### ବସ୍ ଧକ୍କାରେ...

କରିବା ପରେ ସ୍ଥିତି ଶାନ୍ତ ପଡ଼ିଥିଲା। ପୁଲିସ୍ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଯାତାୟାତ ସ୍ୱାଭାବିକ କରାଇଥିଲା। ଅପରପକ୍ଷେ, ଭୋଳାନାଥ ବସ୍‌ଟି ଦୁର୍ଘଟଣା ଘଟାଇବା ପରେ ତାଳଚେର ଅଭିମୁଖେ ଦ୍ରୁତ ଗତିରେ ପଳାଉଥିଲା। କିନ୍ତୁ ବାଟରେ ସରାଙ୍ଗ ଫାଣ୍ଡି ପୁଲିସ୍‌କୁ ଦେଖି ଚାଳକ ରାସ୍ତା ଉପରେ ଗାଡ଼ି ଛାଡ଼ି ଜଙ୍ଗଲକୁ ପଳାଇ ଯାଇଥିଲା। ପୁଲିସ୍ ବସ୍‌ଟିକୁ ଜବତ କରିଛି।


## ବିଶେଷ ସୂଚନା

କୃଷି ବିଭାଗ, ଓଡ଼ିଶା ସରକାରଙ୍କ ଦ୍ୱାରା ଆୟୋଜିତ ଜିଲ୍ଲା ସ୍ତରୀୟ କୃଷି ଯନ୍ତ୍ରପାତି ମେଳା ୨୦୨୪, ଆସନ୍ତା ଡିସେମ୍ବର ୧୧ ତାରିଖ ଠାରୁ ଡିସେମ୍ବର ୧୫ ତାରିଖ ପର୍ଯ୍ୟନ୍ତ ସ୍ଥାନୀୟ ଜର୍ଜ ହାଇସ୍କୁଲ ଖେଳପଡିଆ, ବରଗଡଠାରେ ଅନୁଷ୍ଠିତ ହେବାକୁ ଯାଉଅଛି। ଏହି ମେଳାରେ ବିଭିନ୍ନ ପ୍ରକାର ଉନ୍ନତ ଓ ଅତ୍ୟାଧୁନିକ କୃଷି ଯନ୍ତ୍ରପାତିର ପ୍ରଦର୍ଶନୀ ଓ ରିହାତି ଦରରେ ବିକ୍ରିର ବ୍ୟବସ୍ଥା ବିଭିନ୍ନ ବୈଷୟିକ ଆଲୋଚନା ଚକ୍ର ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ଏଣୁ ଚାଷୀ ଭାଇ ଓ ଭଉଣୀମାନଙ୍କୁ ଅନୁରୋଧ ସେମାନେ ବହୁ ସଂଖ୍ୟାରେ ଉକ୍ତ ମେଳାରେ ଯୋଗଦାନ କରି ଆଲୋଚନା ଚକ୍ର ଏବଂ ମେଳାରେ ଭାଗ ନେବା ସହିତ ବିଭିନ୍ନ ଯନ୍ତ୍ରପାତି ସରକାରୀ ରିହାତି ଦରରେ କିଣିବାର ସୁଯୋଗ ନିଅନ୍ତୁ।

**ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ, ବରଗଡ଼**

## OFFICE OF THE NOTIFIED AREA COUNCIL, ASKA (GANJAM)

C-1209

Email: askanac@gmail.com, Ph. No.: 06822-273068

Letter No. 3215 Date: 06.12.2024

**EXPRESSION OF INTEREST / QUOTATION CALL NOTICE**

Executive officer on behalf of Aska NAC . Dist. Ganjam is inviting expression of interest from IT companies / individuals /any other agency having relevant certificates and past experience for the following work.

1) To provide an ICT based integrated SWM monitoring system for management of SWM system of ASKA NAC.

The quotation should furnish the rate for the work as mentioned above. Preference shall be given to the IT companies and agencies who have already rendered similar type of services to various ULBs of Govt, of Odisha .The scaled envelope indicating EOI indicating paper cost of Rs.2000/-(Need to be purchased from office ) & EMD of Rs. 3000/- in the shape of DD/Office MR. The EOI should reach to NAC office by Regd. Post or Speed Post or by hand on or before date 19.12.2024 up to 2 PM and same will be opened on the same day at 4 PM in the presence of quotationer or their authorized representatives.

The quotation received beyond the schedule date and time will not be considered. Bid Evaluation Process

Bid will be evaluated through Technical & Financial evaluation. A technical evaluation will be conducted bin form presentation to verify the bidders capabilities for executing the project. The Financial bid will be opened for the technically qualified Bidders.

The quotationer have to deposit the EMD amount if the agency gets the work order, although the agency is registered in MSME.

The undersigned reserves the right to reject any or all of the EOI proposal without assigning any reason thereof.

Sd/- Executive Officer
NAC, Aska

OIPR-13181/11/0005/2425

## AFFIDAVIT

I, Gouranga Chandra Sahoo, S/o- Late Harihara Sahoo, R/o- Biranarasinghpur Road, near Bhargabi High School, Thentapur, P/o- Biranarasinghpur, P/s- Chandanpur, Dist.- Puri, Pin- 752012, Odisha, declare by this affidavit no- 6 dated 10/12/2024 that now onwards I shall be known as **Gauranga Chandra Sahoo,** S/o- Late Harihara Sahoo for all future purposes.

## AFFIDAVIT

By virtue of an affidavit No- 2799 dtd. 23/10/2024 before Executive Magistrate, Banki my real name is Parbati Mohapatra W/o- Kailash Chandra mohapatra of Vill- Palasuni, Po- Naraganga, PS- Banki, Dist- Cuttack, but my LIC Policy (No-588922702) in which my name is recorded as Manorama Mohapatra. Hence foth Parbati Mohapatra and **Manorama Mohapatra** is one and same person.

**Sd/- Manorama Mohapatra**

## AFFIDAVIT

By the virtue of an affidavit sworn before Executive Magistrate, Daringibadi, Dated 04.12.2024. I Abedana Pradhan, S/o Ruda Pradhan, Address Sitalkupuda, Po: Kumbharbadi, Ps: Daringibadi, Dist : Kandhamal, State: Odisha-762104 declare that I have chaged my Son's name from ALLYALA PRADHAN to PRADESH KUMAR PRADHAN. Henceforth, he shall be known as **PRADESH KUMAR PRADHAN** for all purposes.

## NOTICE

By virtue of an affidavit sworn before Executive Magistrate, Kanas dated 12.11.2024, I Sonali Baliyarsingh, Address: At Mankagaon, Po: Gadakharad, Ps: Gadishagoda, Dist: Puri declare that I have changed my name from Sonali Baliarsingh to Sonali Baliyarsingh. Henceforth, I shall be known as SONALI BALIYARSINGH for all purposes.

**Sd/-SONALI BALIYARSINGH**

## AFFIDAVIT

I, **Pragyan Paramita Patra,** D/o.: Koteswar Patro, Resident of Plot No.: 1268/3559, Jaydurga Nagar, Ekamravihar, Bomikhal, Bhubaneswar, Dist.: Khorda, PIN-751006, Odisha, declare by this affidavit No.: 38, dated-19/ 11/2024, that now onwards I shall be known as **PRAGYAN PARIMEETA PATRO** for all future purposes.

## AFFIDAVIT

By virtue of an affidavit sworn before the Executive Magistrate, Pattamundai Dated 10.12.2024, I Aditi Kanti Behera, At/Po: Beltal, Ps: Pattamundai, Dist : Kendrapara declare that I have changed my name from Aditya Kanti Behera to Aditi Kanti Behera. Henceforth I shall be known as ADITI KANTI BEHERA for all purposes.

**Sd/- ADITI KANTI BEHERA**

## AFFIDAVIT

By virtue of an affidavit sworn before Executive Magistrate, Bhubaneswar dated 03.12.2024 I Binod Bihari Nayak Address: S/o Nabaghana Nayak, Vill: Dutial, Purusottampur, Ps: Kendrapara Sadar, Dist: Kendrapara, Odisha 754211 declare that I have changed my name from Prafulla Kumar Nayak to Binod Bihari Nayak. Henceforth, I Shall be known as BINOD BIHARI NAYAK for all Pursposes.

**BINOD BIHARI NAYAK**

## AFFIDAVIT

I, Etheshyam Haque, S/o- Late Mohammad Zakaria, resident of Ward No. 19, Aadhaar No. 8131 5066 1703, PO/PS/Dist- Jharsuguda, Pin- 768201, Odisha declared by the affidavit No. 13, dated- 07/11/2024 that now onwards I shall be known as **EHTESHAM ANSARI** for all future purposes.

## AFFIDAVIT

I, Saiyyed Akram Ali, S/o- Sayyad asgar Ali, resident of At/Po- Samanga, Dist- Jagatsinghpur, Pin- 754132, Odisha declared by this affidavit No. 770, dtd- 10/12/2024 that now onwards I shall be known as **SAIYYAD AKRAM ALI** for all future purposes.

## AFFIDAVIT

I, Sangrama Kishore Nayak, S/o- Kailash Chandra Nayak, resident of At: MIG-87, Phase-1, Pokhariput, BDA Colony, Bhubaneswar, Dist- Khurda, Pin- 751020, Odish declared by this affidavit No. 768, dtd- 10/12/2024 that now onwards I shall be known as **SANGRAM KISHORE NAYAK** for all future purposes.

## AFFIDAVIT

I, Santosh Kumar Pradhan, S/o- Purna Chandra Pradhan, resident of At- Plot No. 505/735, Kanheipur, Bana Bidyadharpur, CRRI, Cuttack, Pin- 753006, Odisha declared by this affidavit No. 2247, dtd- 0912/2024 that now onwards I shall be known as **SANTOSH PRADHAN** for all future purposes.


## AFFIDAVIT

I, Shaikh Zafar, S/o- Mohammed Tahar, resident of At- Fakirsahi, Po- Suhagpur, Ps- Kakatpur, Dist- Puri, Pin- 752107, Odisha declared by this affidavit No. 2246, dtd- 0912/2024 that now onwards I shall be known as **SEKH ZAFAR** for all future purposes.

୪ର୍ଥ ସୁନକ୍ଷତ୍ର
ସକାଳ
THE SAKALA



# ସମ୍ପାଦକୀୟ



ଆଖିଆଗରେ ସମ୍ପୂର୍ଣ୍ଣ ଅନ୍ଧାର ଛାଇଯିବା ପରେ ହିଁ ତାରକାମାନେ ଦେଖାଯାଆନ୍ତି।
-ମାର୍ଟିନ ଲୁଥର କିଙ୍ଗ (ଜୁନିୟର)

## କୃତଘ୍ନ ପଡ଼ୋଶୀ

ଭାରତର ସାମରିକ ଶକ୍ତି ଓ ଯବାନମାନଙ୍କ ବଳିଦାନରେ ଜନ୍ମ ହୋଇ, ଭାରତର ଆର୍ଥିକ ସହାୟତା ଓ ଅକୁଣ୍ଠ କୂଟନୈତିକ ସମର୍ଥନରେ ପରିପୁଷ୍ଟ ହୋଇଥିବା ବାଂଲାଦେଶ ଏବେ ପାକିସ୍ତାନ ରାସ୍ତାରେ ଯିବା ଆରମ୍ଭ କରିଛି। ଏହାଠାରୁ ବଡ଼ କୃତଘ୍ନ ପଡ଼ୋଶୀର ଉଦାହରଣ ଆଉ କ'ଣ ହୋଇପାରେ? ଶେଖ୍ ହସିନାଙ୍କ ପତନ ପରେ ସେଠାରେ ଭାରତ ବିରୋଧୀ ଆଭିମୁଖ୍ୟ ତୀବ୍ର ହୋଇଛି। ବିଶେଷକରି ହିନ୍ଦୁ ସମ୍ପ୍ରଦାୟ ବିଦ୍ୱେଷୀ ମନୋଭାବ ଓ ଆକ୍ରମଣ ବଢ଼ିବାରେ ଲାଗିଛି। ଦୀର୍ଘ ଦୁଇଦଶନ୍ଧି ଧରି ରହି ଆସିଥିବା ଦ୍ୱିପାକ୍ଷିକ ସୁସମ୍ପର୍କ କ୍ରମଶଃ ତିକ୍ତ ହେଉଛି। ଅଧିକନ୍ତୁ ଦଲାଇ ଲାମାଙ୍କୁ ଶରଣ ଦେଇ ଭାରତ ଯେଭଳି ଚୀନ୍ ଆକ୍ରୋଶର ସମ୍ମୁଖୀନ ହୋଇଥିଲା ସେଭଳି ଶେଖ୍ ହସିନାଙ୍କୁ ରାଜନୈତିକ ଶରଣ ଦେଇ ବାଂଲାଦେଶୀ ମୌଳବାଦୀମାନଙ୍କ ବିଦ୍ୱେଷର ଶିକାର ହୋଇଛି।

ବାଂଲାଦେଶରେ ଏବେ ଯେଉଁ ଆଭିମୁଖ୍ୟ ଦେଖିବାକୁ ମିଳୁଛି, ତାହା ଭାରତ ବିଦ୍ୱେଷ ତୁଳନାରେ ଅଧିକ ହିନ୍ଦୁ ବିଦ୍ୱେଷୀ କହିଲେ ଅତ୍ୟୁକ୍ତି ହେବ ନାହିଁ। କାରଣ ସେଠାରେ ସବୁ ସଂଖ୍ୟାଲଘୁମାନେ ନୁହନ୍ତି, କେବଳ ହିନ୍ଦୁମାନେ ହିଁ ଅସୁରକ୍ଷିତ। ଇତିମଧ୍ୟରେ ଜମାତ୍-ଇ-ଇସ୍‌ଲାମ୍ ଭଳି ମୌଳବାଦୀ ସାମ୍ପ୍ରଦାୟିକ ଶକ୍ତିମାନଙ୍କ ଉପରେ ଥିବା କଟକଣା ଉଠାଇ ଦିଆଯାଇଛି। ଏହାର ପରିଣତି ଯେ ଭାରତ ବିରୋଧୀ ଆଭିମୁଖ୍ୟକୁ ଆହୁରି ବଳଶାଳୀ କରିବ ଏଥିରେ ଦ୍ୱିରୁକ୍ତି ନାହିଁ। ବାଂଲାଦେଶରେ ଇସ୍‌କନ୍ ସଦସ୍ୟ ଚିନ୍ମୟ କ୍ରିଷ୍ଣା ଦାସଙ୍କୁ ଗିରଫ କରାଯିବା ପରେ ପ୍ରତିକ୍ରିୟା ସ୍ୱରୂପ ଅଗ୍ରତାଲାରେ ବାଂଲାଦେଶ ଦୂତାବାସର ଅଧିକାରୀଙ୍କ ଉପରେ ଆକ୍ରମଣ ହୋଇଥିଲା। ଏହାର ଦିନକ ପରେ ବାଂଲାଦେଶରେ ଅବସ୍ଥାପିତ ଭାରତୀୟ ରାଷ୍ଟ୍ରଦୂତଙ୍କୁ ସେଠାକାର କାମଚଳା ସରକାର ସମନ୍ ଜାରି କରି ଭିଏନା କୂଟନୈତିକ ସମ୍ପର୍କ ଶୀର୍ଷ ସମ୍ମିଳନୀ ୧୯୬୧ର ବିରୁଦ୍ଧାଚରଣ କରୁଛି ବୋଲି ଅଭିଯୋଗ କରିଛନ୍ତି। ଭାରତ ଏଥିରେ ଦୁଃଖ ପ୍ରକାଶ କରିଛି। କିନ୍ତୁ ଏଥିରେ ବାଂଲାଦେଶ ସନ୍ତୁଷ୍ଟ ହୋଇନାହିଁ। ଅପରପକ୍ଷରେ ବାଂଲାଦେଶରେ ହିନ୍ଦୁ ବିରୋଧୀ ଆଭିମୁଖ୍ୟକୁ ନେଇ ଭାରତର କେତେ ଉଦ୍‌ବିଗ୍ନ ତାହା ବୈଦେଶିକ ସଚିବ ବିକ୍ରମ ମିସ୍ରୀ ସେଠାକାର ପ୍ରତିପକ୍ଷଙ୍କୁ ଜଣାଇଥିଲେ ମଧ୍ୟ ବାଂଲାଦେଶ ପ୍ରତିକ୍ରିୟାହୀନ ଓ ସମ୍ବେଦନହୀନ ମନୋଭାବ ପ୍ରଦର୍ଶନ କରିଛି। ଦ୍ୱିପାକ୍ଷିକ ସମ୍ପର୍କକୁ ଆହୁରି ତିକ୍ତ କରିଛି ବାଂଲାଦେଶର ପୂର୍ବତନ ସେନାଧିକାରୀମାନେ କରିଥିବା ଅପରିପକ୍ୱ ବାହୁସ୍ଫୋଟ। ବାଂଲାଦେଶ ଚାହିଁଲେ ପଶ୍ଚିମବଙ୍ଗ, ବିହାର ଓ ଓଡ଼ିଶା ଦଖଲ କରିବାକୁ ବେଶୀ ଦିନ ଲାଗିବ ନାହିଁ ବୋଲି ବୃଥା ଆସ୍ଫାଳନକୁ ମଧ୍ୟ ସେଠାକାର କାମଚଳା ସରକାର ଖଣ୍ଡନ କରିନାହାନ୍ତି। ଅଧିକନ୍ତୁ ପୂର୍ବଭାରତ ପାଇଁ ହୋଇଥିବା ଟେଲିକମ୍ ଚୁକ୍ତିକୁ ବାଂଲାଦେଶ ବାତିଲ୍ କରିଛି ଏବଂ ଆଦାନୀ ଗ୍ରୁପ୍‌ର ଅକ୍ଷୟ ଶକ୍ତି ବାବଦ ବକେୟା ପୈଠ କରିବା ମାନସିକତାରୁ ଓହରି ଯାଇଛି। ଏଥିରୁ ଆପାତତଃ ଏହା ସ୍ପଷ୍ଟ ହେଉଛି ଯେ ଭାରତ-ବାଂଲାଦେଶ ସମ୍ପର୍କ କ୍ରମଶଃ ସାମ୍ପ୍ରଦାୟିକ ବିଦ୍ୱେଷର ରୂପ ନେବାରେ ଲାଗିଛି ଏବଂ ବାଂଲାଦେଶ ପୁଣି ଥରେ ସେହି ମୂଳ ପାକିସ୍ତାନର ଭାରତବିରୋଧୀ ମନ୍ତ୍ରରେ ଦୀକ୍ଷିତ ହେବା ଆରମ୍ଭ କରିଥିବାର ଆଭାସ ମିଳୁଛି।

ବାସ୍ତବରେ ବାଂଲାଦେଶ ତା' ନିଜର ଆଭ୍ୟନ୍ତରୀଣ ସମସ୍ୟା ସହିତ ଜୁଝି ହେଉଛି। ଅପରପକ୍ଷରେ ଏଥିପାଇଁ ଭାରତକୁ ଦୋଷାରୋପ କରୁଛି। ହିନ୍ଦୁମାନଙ୍କୁ ଆକ୍ରମଣ କରିବା, ଭାରତୀୟ ଦ୍ରବ୍ୟକୁ ବର୍ଜନ କରିବାର ଧମକ ଦେବା ଭଳି ଅପରିପକ୍ୱ ମାନସିକତାକୁ ସେଠାକାର ସରକାର ନିରବ ସମର୍ଥନ ଦେଉଛନ୍ତି। ସେଠାକାର ଏଭଳି ଭାରତ ବିଦ୍ୱେଷୀ ମନୋଭାବ ପଛରେ ମୁଷ୍ଟିମେୟ ମୌଳବାଦୀ ଗୋଷ୍ଠୀ ଓ ବିଦେଶ ଶକ୍ତିର ଷଡ଼ଯନ୍ତ୍ର ରହିଛି। କିନ୍ତୁ ଏହାକୁ ନ ବୁଝି ବାଂଲାଦେଶ ଯଦି ପାକିସ୍ତାନ ରାସ୍ତାରେ ଯିବ ତେବେ ତାହାକୁ କେବଳ ନେପାଳ ଓ ମାଳଦ୍ୱୀପର ହୀନସ୍ଥା କଥା ଚେତିବାକୁ ହେବ।

ବାଂଲାଦେଶରେ ସ୍ଥିର ସରକାର ରହୁ, ଭାରତ ଏହା ସବୁବେଳେ ଚାହେଁ ଏବଂ ସେଠି ଯିଏ କ୍ଷମତାକୁ ଆସିବ, ତା' ସହିତ ଭଲ ସମ୍ପର୍କ ରଖିବା ମଧ୍ୟ ଭାରତର ଏକପ୍ରକାର ବାଧ୍ୟବାଧକତା। ବାଂଲାଦେଶ ପେଟ୍ରୋଲିୟମ, ବୟନ, କୋଇଲା, ଖାଦ୍ୟଶସ୍ୟ, ମସଲା, ବୈଦ୍ୟୁତିକ ଯନ୍ତ୍ରପାତିଠାରୁ ଆରମ୍ଭ କରି ସିମେଣ୍ଟ, ଲୁହା, ଖାଦ୍ୟ ଶସ୍ୟ, କପା, ଝୋଟ, କୃଷିଜାତ ଦ୍ରବ୍ୟ ଆଦି ଭାରତରୁ ଦ୍ୱିପାକ୍ଷିକ ଅଗ୍ରାଧିକାରଭିତ୍ତିକ ଚୁକ୍ତିରେ ଶସ୍ତାରେ ଆମଦାନୀ କରେ। ଦୁଇଦେଶ ମଧ୍ୟରେ ଧାର୍ମିକ ଭିନ୍ନତା ସତ୍ତ୍ୱେ ଏକ ନିବିଡ଼ ସାଂସ୍କୃତିକ ସମ୍ପର୍କ ରହିଆସିଛି। ସେହି ସମ୍ପର୍କର ଦୃଢ଼ତା ଧର୍ମ ଓ ରାଷ୍ଟ୍ରଠାରୁ ଅଧିକ ପ୍ରଭାବଶାଳୀ। ତେଣୁ ଭାରତ ସହିତ ଦ୍ୱିପାକ୍ଷିକ ସମ୍ପର୍କ ବିଗାଡ଼ିବାକୁ ଉଦ୍ୟମ କଲେ ବାଂଲାଦେଶ ହିଁ ଅଧିକ କ୍ଷତି ସହିବ।

ଭାରତ ସରକାର ଏବେ ମଧ୍ୟ 'ନେବର ଫାଷ୍ଟ ପଲିସି'(ପଡ଼ୋଶୀ ପ୍ରଥମ) ନୀତିରେ ଅଟଳ ରହିଛି। ବାଂଲାଦେଶ, ଭୁଟାନ, ନେପାଳ, ଶ୍ରୀଲଙ୍କା, ମାଳଦ୍ୱୀପ, ଆଫଗାନିସ୍ତାନ ଆଦି ଦେଶକୁ ଆର୍ଥିକ ସହାୟତା ସହିତ ବାଣିଜ୍ୟ କାରବାରରେ ଭାରତ ଅଗ୍ରାଧିକାର ଦେଉଛି। କୋହଳ ବାଣିଜ୍ୟ ନୀତି ଅବଲମ୍ବନ କରି ସେସବୁ ଦେଶରୁ ବିଭିନ୍ନ ସାମଗ୍ରୀ ଆମଦାନୀ କରୁଛି ଏବଂ ସେଠାକାର ଘରୋଇ ବଜାରର ଚାହିଦା ଦେଖି ଭାରତ ରପ୍ତାନୀ କରୁଛି। ସ୍ୱାଧୀନ ରାଷ୍ଟ୍ରମାନଙ୍କର ସାର୍ବଭୌମତ୍ୱକୁ ଭାରତ ସବୁବେଳେ ସମ୍ମାନ ଦେଇ ଆସିଛି। ବାଂଲାଦେଶକୁ ଏକ ନୂତନ ରାଷ୍ଟ୍ର ଭାବେ ଜନ୍ମନେବାର ଶ୍ରେୟ ଭାରତକୁ ଦିଆଯାଉଥିଲେ ମଧ୍ୟ ଭାରତ ନିଜର ବଡ଼ଭାଇ ପଣିଆ ସେହି ଦେଶ ଉପରେ କେବେ ହେଲେ ଜାହିର କରିନାହିଁ। ଏହାସତ୍ତ୍ୱେ ଯଦି ବାଂଲାଦେଶ ଭାରତ ବିରୋଧୀ ଆଭିମୁଖ୍ୟ ପ୍ରଦର୍ଶନ କରିବ ତାହା ତାହାର ଈର୍ଷା, ପରଶ୍ରୀକାତରତା ଓ ପରଘର ପ୍ରରୋଚନାର କୁତ୍ସିତ ମାନସିକତା ବୋଲି ଭାବିବାକୁ ପଡ଼ିବ। ଯଦି ଏହି ଧାରା ବଜାୟ ରହେ ତାହା ହେଲେ ଭାରତ ତୁଳନାରେ ବାଂଲାଦେଶ ହିଁ ଅଧିକ କ୍ଷତି ସହିବ। ଭାରତ ପାଇଁ କେବଳ ଏକ ଅସ୍ଥିର ପଡ଼ୋଶୀ, ଉଗ୍ରବାଦ, ଅନୁପ୍ରବେଶ ଭଳି ସମସ୍ୟା ସୃଷ୍ଟି ହେବ। କିନ୍ତୁ ଅର୍ଥନୈତିକ, କୂଟନୈତିକ, ବାଣିଜ୍ୟିକ, ଭିତ୍ତିଭୂମି, ଶକ୍ତି, ଜଳସେଚନ, ଯୋଗାଯୋଗ, ଗମନାଗମନ, ସଡ଼କ ଓ ରେଳପଥ ସଂଯୋଗ ଆଦି ଦୃଷ୍ଟିରୁ ବାଂଲାଦେଶ ପାକିସ୍ତାନ ଦଶା ଭୋଗିବା ପ୍ରାୟ ନିଶ୍ଚିତ।

## ଡିଜିଟାଲ ଆରେଷ୍ଟ: ଠକେଇର ନୂଆ ମାଧ୍ୟମ

**ଡ. ବିମଳ ଷଡ଼ଙ୍ଗୀ**

ସକାଳୁ ଖବର କାଗଜ ଖୋଲିଲେ ବା ଟେଲିଭିଜନରୁ ଖବର ଶୁଣିଲେ ଡିଜିଟାଲ୍ ଆରେଷ୍ଟର ଶବ୍ଦ କାନକୁ ଆସେ। ଅଜଣା ନମ୍ବରରୁ ଫୋନ ଆସିଲେ ଆମେ କିଛି ନବୁଝି କଥାବାର୍ତ୍ତା ଆରମ୍ଭ କରି ଠକାମିରେ ପଡ଼ିଥାଉ। ପୁଣି କେତେବେଳେ ଇ-ମେଲ୍‌ରେ ଗୋଟିଏ ଅଜଣା ଲିଙ୍କ୍ ମାଧ୍ୟମରେ ନାନା ପ୍ରଲୋଭନର ବଶବର୍ତ୍ତୀ ହୋଇ ଲକ୍ଷ ଲକ୍ଷ ଟଙ୍କା ହରାଇଥାଉ। ପ୍ରାୟ ବହୁତ ଲୋକଙ୍କ ପାଖକୁ ଏପରି ନାନା ପ୍ରକାରର ସାଇବର ଠକାମିର ବାର୍ତ୍ତା କିମ୍ବା କଲ୍ ଆସୁଥିବ। କିଛି ଲୋକ ଜାଣିପାରି ସତର୍କ ହେଉଥିବେ ଏବଂ ଆଉ କେତେଜଣ ଠକାମିର ଶିକାର ହେଉଥିବେ। ଏହିପରି ସାଇବର ଅପରାଧ ଏବେ ଦେଶ ତଥା ନାଗରିକଙ୍କ ନିରାପତ୍ତା ପାଇଁ ସବୁଠାରୁ ବଡ଼ ଆହ୍ୱାନ ରୂପେ ଉଭା ହୋଇଛି।

ଡିଜିଟାଲ ଆରେଷ୍ଟ ଏହି ସାଇବର ଅପରାଧର ଏକ ନୂଆ ରୂପ। ଡିଜିଟାଲ୍ ଆରେଷ୍ଟ ବିଭିନ୍ନ ପ୍ରକାରର କୌଶଳକୁ ବ୍ୟବହାର କରି ଟଙ୍କା ହଡ଼ପ, କ୍ରେଡିଟ କାର୍ଡ ଠକେଇ ଏବଂ ଡିଜିଟାଲ ଡକାୟତି ପର୍ଯ୍ୟନ୍ତ ବିଭିନ୍ନ ପ୍ରକାରରେ ଅନେକ ଲୋକଙ୍କୁ ସର୍ବସ୍ୱାନ୍ତ କରିଚାଲିଛି। ନ୍ୟାସନାଲ କ୍ରାଇମ ରେକର୍ଡ ବ୍ୟୁରୋ(ଏନ୍‌ସିଆରବି) ତଥ୍ୟ ଅନୁଯାୟୀ ଗତ କିଛିବର୍ଷ ମଧ୍ୟରେ ସାଇବର ଅପରାଧରେ ଉଦ୍‌ବେଗଜନକ ଭାବେ ବୃଦ୍ଧି ଘଟିଛି। ୨୦୨୦ରେ ୧୦, ୩୯୫, ୨୦୨୧ରେ ୧୪, ୦୦୭ ଓ ୨୦୨୨ରେ ୧୭, ୪୭୦ଟି ସାଇବର ଅପରାଧ ଘଟିଛି। ଜାନୁଆରୀରୁ ଏପ୍ରିଲ୍ ୨୦୨୪ ମଧ୍ୟରେ ୧୪ଟି ଡିଜିଟାଲ୍ ଆରେଷ୍ଟ ସ୍କାମ ଯୋଗୁଁ ଭାରତୀୟଙ୍କ ୧୨୦.୩୦ କୋଟି ଟଙ୍କା କ୍ଷତି ହୋଇଥିବା ଜଣାପଡ଼ିଛି। ଡିସେମ୍ବର ୫, ୨୦୨୪ ତାରିଖରେ ୧.୦୩ କୋଟି ଟଙ୍କାର କ୍ରିପ୍ଟୋ କରେନ୍ସି ଏବଂ ୪୬ ଲକ୍ଷ ଟଙ୍କା ଜବତ ହୋଇଥିବା ଖବର ମଧ୍ୟ ରେକର୍ଡ ହୋଇଛି।

ଏହାର ମୂଳକାରଣ ହେଉଛି ଆମର ନିର୍ବୋଧତା, ଅସଚେତନତା ଆଉ ଲୋଭ, ଯାହା ପାଇଁ ସାଇବର୍ ଅପରାଧୀମାନେ ସେମାନଙ୍କ ଲକ୍ଷ୍ୟ ହାସଲରେ ସଫଳ ହୋଇପାରୁଛନ୍ତି। ସାଇବର୍ ଅପରାଧୀମାନେ ମୁଖ୍ୟତଃ ଅବସରପ୍ରାପ୍ତ ସରକାରୀ ବା ବେସରକାରୀ ଅଧିକାରୀ, କର୍ପୋରେଟ୍ କ୍ଷେତ୍ରରେ କାମ କରୁଥିବା ଉଚ୍ଚଅଧିକାରୀଙ୍କୁ ଟାର୍ଗେଟ୍ କରୁଛନ୍ତି। ତା' ସହିତ କିଛି ସାଧାରଣ ଲୋକଙ୍କୁ ଅସୁବିଧାରେ ପକାଉଛନ୍ତି। ଅବସର ପରେ ଏମାନଙ୍କ ଆକାଉଣ୍ଟରେ ପର୍ଯ୍ୟାପ୍ତ ଟଙ୍କା ଥିବାର ସୂଚନା ସଂଗ୍ରହ କରି ସେମାନଙ୍କୁ ଟାର୍ଗେଟ୍ କରାଯାଉଛି। କେଉଁ ଅବସରପ୍ରାପ୍ତ ଅଧିକାରୀଙ୍କ ବ୍ୟାଙ୍କ ଆକାଉଣ୍ଟରେ କେତେ ଟଙ୍କା ରହିଛି ସେ ସମ୍ପର୍କିତ ସୂଚନା ଅସାଧୁ ବ୍ୟାଙ୍କ ଅଧିକାରୀଙ୍କ ମାଧ୍ୟମରେ ସାଇବର୍ ଅପରାଧୀଙ୍କ ପାଖକୁ ଯାଇଥାଏ। ତା'ପରେ ସେମାନେ ସାଇବର ଅପରାଧର ଷଡ଼ଯନ୍ତ୍ର ରଚିଥା'ନ୍ତି।

ସମଗ୍ର ଦେଶ ସମେତ ଓଡ଼ିଶାରେ ସାଇବର ଅପରାଧ ଦଳର ସଦସ୍ୟ ଥିବା ପୁଲିସ୍‌ର ଅପରାଧ ନିୟନ୍ତ୍ରଣ ଶାଖା ସନ୍ଦେହ କରୁଛି। ଏମାନେ ଫୋନ୍ କରୁଥିବା ସାଧାରଣ ଲୋକଙ୍କୁ ମୁଖ୍ୟତଃ ସିବିଆଇ, ଇଡି, କଷ୍ଟମ୍, ନାର୍କୋଟିକ୍, ଆରବିଆଇ, ଟ୍ରାଇ, ଆୟକର ଓ ମୁମ୍ବାଇ ସାଇବର୍ ପୁଲିସ ଅଧିକାରୀ ପରିଚୟ ଦେଇ କଥା ହେଉଛନ୍ତି। ବୟସ୍କ ଲୋକଙ୍କୁ ଫୋନ୍ କରି ସେମାନଙ୍କ ନାଁରେ ବ୍ରାଉନସୁଗର୍, ଆର୍ଥିକ ଅନିୟମିତତା ରହିଥିବା ଏବଂ ମାମଲା ଚାପିବାକୁ ହେଲେ ଟଙ୍କା ପଠାଇବାକୁ ଧମକାଉଛନ୍ତି। ବେଆଇନ କାରବାରରେ ସମ୍ପୃକ୍ତ ବ୍ୟକ୍ତିଙ୍କ ମୋବାଇଲ୍ ନମ୍ବର ଏବଂ ଆଧାର ନମ୍ବର ବ୍ୟବହାର ହୋଇଥିବା କହୁଛନ୍ତି। ପୁଲିସ ଅଫିସର କିମ୍ବା ଅଧିକାରୀ ପରିଚୟ ଦେଉଥିବା ବ୍ୟକ୍ତିମାନେ ପୁଲିସ ପୋଷାକରେ ଭିଡିଓ କଲ୍ ମଧ୍ୟ କରୁଛନ୍ତି। ତାଙ୍କ ପଛପଟ ପରଦାରେ, ଥାନା ଓ ସରକାରୀ କାର୍ଯ୍ୟାଳୟର ଲୋଗୋ ଓ ଚିତ୍ର ରହୁଛି। ଯାହା ଫଳରେ ସେମାନେ ସହଜରେ ସନ୍ଦେହଘେରକୁ ଆସିପାରୁନାହାନ୍ତି। ପ୍ରଚ୍ଛଦପଟରେ ପୁଲିସ ଗାଡ଼ିର ସାଇରନ୍ ବାଜୁଛି। ଭିଡିଓ କଲ୍‌ରେ କଥାବାର୍ତ୍ତା କରିବା ବେଳେ ନିଜର ପରିଚୟ ପତ୍ର ଦେଖାଉଛନ୍ତି। ଫଳରେ ସାଧାରଣ ଲୋକ ବିଶ୍ୱାସ କରିବା ସହିତ ଭୟଭୀତ ହୋଇଯାଉଛନ୍ତି। ପରେ ଟଙ୍କା ଦେଇ ସାଧାରଣ ଲୋକଟି ଏକ ଅନ୍ତର୍ଜାତୀୟ ସାଇବର୍ ଅପରାଧୀଙ୍କ ଜାଲରେ ଫସିଯାଉଛି।

ପ୍ରତିଦିନ ନୂଆ ନୂଆ ଡିଜିଟାଲ ଜାଲିଆତି କୌଶଳ ସୃଷ୍ଟି ହେଉଛି। ଏହାର ମୂଳକାରଣ, ସାଇବର ସୁରକ୍ଷା ଭିତ୍ତିଭୂମି ଅଭାବ। ଫାୟାରୱାଲ୍, ସୁରକ୍ଷିତ ସର୍ଭର କିମ୍ବା ଆଣ୍ଟିଭାଇରସ୍, ଏବଂ ସୂଚନା ପରିଚାଳନା ଉପରେ ଦୁର୍ବଳ ନୀତି ଏବଂ ବିବିଧ ହ୍ୟାକିଂ ପଦ୍ଧତି ସମ୍ବନ୍ଧରେ ସାଧାରଣ ଅଜ୍ଞତା ସାଇବର ଅପରାଧୀଙ୍କୁ ଆହୁରି ବଳଶାଳୀ କରୁଛି। ବ୍ୟକ୍ତିଗତ ତଥ୍ୟକୁ ଚୋରାଇବା ପାଇଁ ହ୍ୟାକରମାନେ ସାଇବର ନିରାପତ୍ତାକୁ ଗଭୀର ଭାବରେ ଅନୁଶୀଳନ କରନ୍ତି। ସୂଚନା ଏକତ୍ରିତ କରି ଦିନଦିନ ଧରି ଯୋଜନା ପ୍ରସ୍ତୁତ କରନ୍ତି। ସେଥିପାଇଁ ସେମାନେ ଟ୍ରିକବଟ୍ ବ୍ୟବହାର କରନ୍ତି। ଏହା ମୁଖ୍ୟତଃ ଅନ୍ୟର ସୂଚନା ଚୋରି କରୁଥିବା ଏକ ସଫ୍ଟୱେର୍। ଡମି ବା ଜାଲ୍ ଇମେଲ୍ ଆକାଉଣ୍ଟ୍ ମାଧ୍ୟମରେ ଉପଭୋକ୍ତାଙ୍କର ଇଣ୍ଟରଫେସ ସୁରକ୍ଷା ବ୍ୟବସ୍ଥାକୁ ପ୍ରତିହତ କରି ବ୍ୟକ୍ତିଗତ ସୂଚନା ଓ ବିବରଣୀ, ଆକାଉଣ୍ଟ ନମ୍ବର, କାର୍ଡ ନମ୍ବର ଇତ୍ୟାଦି ହାସଲ କରି ନିଅନ୍ତି।

ଡିଜିଟାଲ ଆରେଷ୍ଟକୁ ସରଳ ଭାବରେ ବୁଝିଲେ ଏହା ହେବ - ଫିସିଂ ଓ ସ୍ପୁଫିଂ ମାଧ୍ୟମରେ ବ୍ୟକ୍ତିଗତ ତଥ୍ୟ, ଲଗଇନ୍ ପ୍ରମାଣପତ୍ର ଏବଂ ଆର୍ଥିକ ବିବରଣୀ ଚୋରି କରି ସାଧାରଣ ଲୋକମାନଙ୍କର ଇ-ମେଲ ଏବଂ ଅନଲାଇନ୍ ମେସେଜିଂ ସେବାଗୁଡ଼ିକର ବ୍ୟବହାର କରି ଲୋକମାନଙ୍କୁ ହଇରାଣ ହରକତ କରିବା। ସଫ୍ଟୱେର ବ୍ୟବହାରକାରୀଙ୍କ ଉପକରଣକୁ ନଷ୍ଟ କିମ୍ବା ଅକ୍ଷମ କରିବା କିମ୍ବା ବ୍ୟକ୍ତିଗତ ଏବଂ ସମ୍ବେଦନଶୀଳ ତଥ୍ୟ ଚୋରି କରିବାରେ ମାଲୱେର୍ ବ୍ୟବହାର କରିବା ମଧ୍ୟ ଏହି ଅପରାଧ ଅଧୀନରେ ଆସୁଛି। ରାନସମୱେର୍ ଏକପ୍ରକାର ମାଲୱେର, ଯାହା ଉପଭୋକ୍ତାମାନଙ୍କୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ପ୍ରବେଶ କରିବାରେ ପ୍ରାଚୀର ସୃଷ୍ଟି କରେ। ତା' ପରେ ଆକ୍ସେସ୍ ପୁନରୁଦ୍ଧାରର ପ୍ରତିଶ୍ରୁତିରେ ଦେୟ ଦାବି କରେ। ବ୍ୟବସାୟ ଇମେଲ, ବ୍ୟବସାୟକୁ ଟାର୍ଗେଟ କରୁଥିବା ଆକ୍ରମଣର ଏକ ଅତ୍ୟାଧୁନିକ ଉପାୟ, ଯାହା ଅନଧିକୃତ ଦେୟ ଦାଖଲ କରିବାକୁ ସାମାଜିକ ଇଞ୍ଜିନିୟରିଂ କୌଶଳ ମାଧ୍ୟମରେ ବୈଧ ଇମେଲ ଆକାଉଣ୍ଟକୁ ବ୍ୟବହାର କରେ। ଇମେଲ-ଆଧାରିତ ଫିସିଂ ସ୍କାମଗୁଡ଼ିକ ବହୁଳ ଭାବରେ ଇଣ୍ଟରନେଟ୍ ଠକେଇ ମଧ୍ୟରେ ଅଛି, ଯାହା ଇଣ୍ଟରନେଟ୍ ବ୍ୟବହାରକାରୀ ଏବଂ ବ୍ୟବସାୟ ପାଇଁ ଏକ ଗୁରୁତର ବିପଦ ସୃଷ୍ଟି କରୁଛି।

ଡିଜିଟାଲ୍ ଆରେଷ୍ଟର ମୁକାବିଲା କରିବାରେ ଆଣ୍ଟିଭାଇରସ୍ ସଫ୍ଟୱେର୍ ପ୍ରମୁଖ ଭୂମିକା ଗ୍ରହଣ କରିଛି। ଆଣ୍ଟିଭାଇରସ୍ ସାଧାରଣତଃ ବହୁମୁଖୀ ଭାଇରସ୍, ମାଲୱେର୍, ଟ୍ରୋଜାନ୍ ହାଉସ୍ ଇତ୍ୟାଦି ପ୍ରତିରକ୍ଷାର ପ୍ରଥମ ଯୋଦ୍ଧା ଭାବରେ କାର୍ଯ୍ୟ କରିଥାଏ। ଏହା କମ୍ପ୍ୟୁଟରର ସାଧାରଣ ଅବସ୍ଥାର ସ୍ଥିତି ସୁରକ୍ଷାରେ ସହାୟତା କରିଥାଏ। କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ଏବଂ ମେସିନ୍ ଲର୍ଣ୍ଣିଂ ଦ୍ୱାରା ଚାଳିତ ଆନାଲିଟିକ୍ସ ମାଧ୍ୟମରେ ସମ୍ଭାବ୍ୟ ଠକେଇଗୁଡ଼ିକୁ ଚିହ୍ନଟ କରାଯାଇପାରିବ। ଏବେ ବାୟୋମେଟ୍ରିକ୍ କୌଶଳ ଏକ ନିର୍ଭରଯୋଗ୍ୟ ସହାୟକ ଭାବେ ପ୍ରମାଣିତ ହେବାରେ ଲାଗିଛି।

ଭାରତରେ ଆଇଟି ଆଇନ ଅନୁଯାୟୀ ସାଇବର ଅପରାଧୀମାନଙ୍କୁ ତିନିବର୍ଷ ପର୍ଯ୍ୟନ୍ତ କାରାଦଣ୍ଡ ଏବଂ ୧ ଲକ୍ଷରୁ ୭ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଜୋରିମାନାର ବ୍ୟବସ୍ଥା ରହିଛି। ଏହାସତ୍ତ୍ୱେ ଡିଜିଟାଲ୍ ଆରେଷ୍ଟର କରାଳ କବଳରୁ ବଞ୍ଚିବାକୁ ଆମେ ଗୁଣାତ୍ମକ ଶିକ୍ଷା ସହିତ ସଚେତନତାମୂଳକ ପଦକ୍ଷେପ ଗ୍ରହଣ କରିବା ଆବଶ୍ୟକ। ସରକାରଙ୍କ ଦ୍ୱାରା ସାଇବର ଅପରାଧର ଶିକାର ହୋଇଥିବା ବ୍ୟକ୍ତିମାନେ ୧୯୩୦ ସାଇବର କ୍ରାଇମ୍ ହେଲ୍ପଲାଇନ ମାଧ୍ୟମରେ କିମ୍ବା https// cybercrime.gov.inରେ ଅନଲାଇନରେ ଘଟଣା ବିଷୟରେ ଅଭିଯୋଗ ଦାଲଖ କରିପାରିବେ ଏବଂ ସ୍ଥାନୀୟ ପୁଲିସକୁ ଜଣାଇ ପାରିବେ। ସର୍ବୋପରି ଜନସଚେତନତା, କଠୋର ଦଣ୍ଡ, ଭରସାଯୋଗ୍ୟ ଟେକ୍ନୋଲୋଜି ତଥା ସରକାରଙ୍କ ସୁସ୍ଥ ଶାସନ ବ୍ୟବସ୍ଥା ନିଶ୍ଚିତ ଭାବରେ ଏହି ଠକେଇରୁ ସର୍ବସାଧାରଣଙ୍କୁ ରକ୍ଷା କରିପାରିବ।

ଭୁବନେଶ୍ୱର, ମୋ: ୯୪୩୭୧୨୩୮ ୯୨

## ମୁକ୍ତକେଶର ଅନୁଚିନ୍ତନ

**ବିଜୟ ଦାସ**

କୁରୁସଭାରେ ଦୁଃଶାସନ ଦ୍ରୌପଦୀଙ୍କ କେଶାଗ୍ରତ କରିବା ପରେ ଯାଜ୍ଞସେନୀ ପ୍ରତିଜ୍ଞା କଲେ ସେହି ଦୁଷ୍ଟ ଦୁଃଶାସନର ରକ୍ତରେ ଧୋଇ ମୁକ୍ତକେଶକୁ ପବିତ୍ର କରିବେ। ଏଥିରୁ ଆରମ୍ଭ ମହାଭାରତ ଯୁଦ୍ଧ। ଦୁଃଶାସନର ରକ୍ତରେ ଧୋଇବା ପରେ ପବିତ୍ର ହୋଇ ବେଣୀ ବନ୍ଧନ ହେଲା ମୁକ୍ତକେଶ। ଏହା ଏକ ଶପଥ, ପ୍ରତିଜ୍ଞା ଏବଂ ପ୍ରତିଶୋଧର ସନ୍ତକ। କଥାଟି ଜଣେ ନାରୀ ଅପମାନର, ବ୍ୟକ୍ତିଗତ ପୁଣି ସାର୍ବଜନୀନ। ନାରୀ ଅତ୍ୟାଚାରର ପରାଭବ ବୋଲି ଧରି ନେଇପାରିବା। ଯାଜ୍ଞସେନୀଙ୍କ ମୁକୁଳା କେଶ କେବଳ ପ୍ରତିଜ୍ଞାର ସାକ୍ଷୀ ନଥିଲା, ବରଂ କୁରୁବଂଶ ନାଶ ହେବାର ପ୍ରଥମ ସୂଚନା ଥିଲା।

ସେହିପରି ଚାଣକ୍ୟଙ୍କ କେଶ ମୁକ୍ତ ହେବାର କାହାଣୀ ଗଣ୍ଠି ପଡ଼ିଥିବା ଚୁଟିକୁ ଖୋଲିଦେବା। ଏହା ଠିକ୍ ଦ୍ରୌପଦୀଙ୍କ ବେଣୀବନ୍ଧନର ବିପରୀତ। ବିପରୀତ ହେବା ବି ସ୍ୱାଭାବିକ। ପାଞ୍ଚାଳୀ ନାରୀ ଆଉ ଚାଣକ୍ୟ ପୁରୁଷ। ପାଞ୍ଚାଳୀଙ୍କ ବେଣୀ ବନ୍ଧନରେ ଥାଏ କିନ୍ତୁ ଚାଣକ୍ୟଙ୍କ ଚୁଟି ଖୋଲା ଥିଲା। ଏଣୁ ଚାଣକ୍ୟଙ୍କର ସେହି କେଶରେ ଗଣ୍ଠି ପକାଇ ପ୍ରତିଜ୍ଞା କରିବା ସ୍ୱାଭାବିକ, କିନ୍ତୁ ଗୋଟିଏ କଥାରେ ସମାନତା। କେଶ ଖୋଲିକରି ହେଉ ବା ବନ୍ଧନ କରି ହେଉ, ପ୍ରତିଜ୍ଞା ପର୍ବର ଆରମ୍ଭ ହୋଇଥିଲା ମହାସଂଗ୍ରାମର। ଏଥିରୁ କେଶର ମହତ୍ତ୍ୱ ଯେ ଶ୍ରେଷ୍ଠ ତାହା ସହଜରେ ଅନୁମେୟ।

ନନ୍ଦ ବଂଶ ଧ୍ୱଂସର କାରଣ ନିଶ୍ଚେ ଚାଣକ୍ୟଙ୍କ ଏହି ଚୁଟି ବା କେଶର ଗଣ୍ଠି ପକାଇବା। ଅନ୍ୟାୟ ଅବିଚାର ଏବଂ ଅତ୍ୟାଚାର ବିରୁଦ୍ଧରେ ଏକ ବିଦ୍ରୋହ। ହୋଇପାରେ ଧନାନନ୍ଦଙ୍କ ଆକ୍ଷେପ ଓ ତିରସ୍କାର ଚାଣକ୍ୟଙ୍କ ପ୍ରତି ବ୍ୟକ୍ତିଗତ। କିନ୍ତୁ ବ୍ୟକ୍ତିବିଶେଷ ଯେତେବେଳେ ମାତୃଭୂମିର ସେବା ପାଇଁ ସମର୍ପିତ, ସେତେବେଳେ ତାହା ବ୍ୟକ୍ତିଗତରୁ ସାର୍ବଜନୀନ ହୋଇଯାଏ। ଏଠାରେ କେଶର ଗଣ୍ଠି ପଡ଼ିବା ଓ ଗଣ୍ଠି ଖୋଲିବା ଭିତରେ ଧ୍ୱଂସ ହୋଇଯାଏ ଅତ୍ୟାଚାରୀ ନନ୍ଦବଂଶ ଏବଂ ସ୍ଥାପିତ ହୁଏ ମୌର୍ଯ୍ୟ ବଂଶ। ଚନ୍ଦ୍ରଗୁପ୍ତ ମୌର୍ଯ୍ୟଙ୍କ ପରି ଜଣେ ସାଧାରଣ ଲୋକର ମଗଧ



ସିଂହାସନ ଆରୋହଣ କରିବାର ଘଟଣାବଳୀ ଲିପିବଦ୍ଧ ହୁଏ କେବଳ ଚାଣକ୍ୟଙ୍କ ପ୍ରତିଜ୍ଞାରୁ।

ମଣିଷ ଯେତେବେଳେ କୌଣସି ବାହାର ପଦାର୍ଥ, ଯେପରିକି ଜଳ ବା ଅଗ୍ନିକୁ ସାକ୍ଷୀ ନ ରଖି ନିଜ ଅଙ୍ଗପ୍ରତ୍ୟଙ୍ଗ ମଧ୍ୟରୁ କାହାକୁ ସାକ୍ଷୀ ରଖେ, ତାହା ହେଉଛି କେଶ। କେଶ ମସ୍ତକ ସୁରକ୍ଷାର ସେନାପତି। ଏହା ପ୍ରଧାନ ଏବଂ ପ୍ରତୀକ ମଧ୍ୟ। ମଣିଷ ଯେତେବେଳେ କହେ କେହି ମୋର କେଶାଗ୍ର ସ୍ପର୍ଶ କରି ପାରିବ ନାହିଁ, ଏହାର ଅର୍ଥ କେହି କେବେ କେଶ ଧରି ମୋ ମଥାନତ କରିପାରିବ ନାହିଁ। ଅଥବା ମୋତେ ବାଧ୍ୟ କରି କେହି ଅନୁଗତ ସ୍ୱୀକାର କରାଇବାକୁ ସଫଳ ହେବ ନାହିଁ।

ଚାଣକ୍ୟଙ୍କ ଚୁଟି ଦମ୍ଭର ପ୍ରତୀକ। ସାହସ ଓ ସତ୍ୟର ପ୍ରତିଚ୍ଛବି। ଅନ୍ୟାୟ ବିରୁଦ୍ଧରେ ବିଜୟ ପ୍ରାପ୍ତିର ସାଙ୍କେତିକ ଅସ୍ତ୍ର। ଏଠାରେ ଶକ୍ତିଠାରୁ ବିଦ୍ୟାବୁଦ୍ଧି ଯେ ବଳୀୟାନ ତାହା ହିଁ ଦର୍ଶାଯାଇଛି। କୌଟିଲ୍ୟ କେବେ ଅସ୍ତ୍ର ଧରି ଯୁଦ୍ଧ କରିନାହାନ୍ତି ବରଂ ବିଦ୍ୟାବୁଦ୍ଧି, କୌଶଳ, କୂଟନୀତି, ରାଜନୀତି ଓ ଜ୍ଞାନମସ୍ତିଷ୍କ ବ୍ୟବହାର ଦ୍ୱାରା କୌଣସି ରାଜବଂଶକୁ ଯେ ଗାଦିଚ୍ୟୁତ କରିହେବ, ତାହାର ଉଦାହରଣ ସ୍ଥାପନା କରିଛନ୍ତି। ଏଠାରେ ମସ୍ତକର ମହତ୍ତ୍ୱ ଓ କେଶର ଉପଲକ୍ଷ୍ୟ ହିଁ ବେଶ ପ୍ରଚାରିତ ଓ ପ୍ରସାରିତ।

କେଶକୁ ବାନ୍ଧିବା ପୁଣି ପ୍ରତିଜ୍ଞା ଶେଷର ସ୍ୱାଧୀନ କରିଦେବା ଏକ ସାଧାରଣ ପ୍ରକ୍ରିୟା ହୋଇନପାରେ। ଏହା ମଧ୍ୟରେ ଯେତେ ଯେତେ ଘଟଣା, ଅଘଟଣ ଓ ପରିବର୍ତ୍ତନ ଘଟିଲା ତା'ର ମୂକସାକ୍ଷୀ ଏହି କେଶ। ଅସତ୍ୟ ଅନ୍ୟାୟର ଶେଷ ଅର୍ଥ ଚୁଟିର ଗଣ୍ଠି ଫିଟିବା। ମହାଭାରତ ହେଉ କି ଇତିହାସ ସବୁଥିରେ ଏହି କେଶ, କେଶ ବିନ୍ୟାସ ଓ କେଶଚର୍ଯ୍ୟାର ମହତ୍ତ୍ୱ ପ୍ରତିପାଦିତ। ପୁନଶ୍ଚ ଉଚ୍ଚବଂଶୀ ରାଜା ସମ୍ରାଟମାନେ ପୁରୁଷ ହୋଇ ମଧ୍ୟ ଦୀର୍ଘ କେଶ ରଖିବାର ପରମ୍ପରା, ଉଚ୍ଚସ୍ଥାନରେ ସେମାନଙ୍କୁ ରଖିବାର ସମାଜର ସ୍ୱାଧୀନତା ହିଁ କେଶର ସମ୍ଭ୍ରାନ୍ତ ଉପସ୍ଥାପନ।

ବେଣୀ ବନ୍ଧନ, ଖୋସା, ଜୁଡ଼ା ଇତ୍ୟାଦି ନାରୀ ସୌନ୍ଦର୍ଯ୍ୟର ଅନନ୍ୟ ପ୍ରସାଧାନ ପ୍ରକ୍ରିୟା, ଯାହା ଖାଲି ସୁନ୍ଦରତା ନୁହେଁ, ଶାନ୍ତି, ସୌମ୍ୟ ଓ ପବିତ୍ରତାର ସୂଚକ। ମୁକ୍ତକେଶ କ୍ଲେଶର, କ୍ରୋଧର, ପ୍ରତିଜ୍ଞା ପ୍ରତିଶୋଧ ଓ ଘୃଣାର ପ୍ରତିବିମ୍ବ। କେଶର ଏହି ଭିନ୍ନ ଭିନ୍ନ ରୂପ ନାରୀର ମନସ୍ତତ୍ତ୍ୱକୁ ପରିପ୍ରକାଶ କରେ। ଅବଶ୍ୟ ଆଜିର ସମାଜରେ କେଶ ଖୋଲି ସୌନ୍ଦର୍ଯ୍ୟ ବଢ଼ାଇବାର କାର୍ଯ୍ୟ ଆପଣେଇବାର ଦୃଷ୍ଟାନ୍ତ ହୋଇପାରେ ପାଶ୍ଚାତ୍ୟ ପରମ୍ପରାର। କିନ୍ତୁ ଏହା ଆମ ସଂସ୍କୃତିର ନୁହେଁ। କେବଳ କୁଆଁରୀ କନିଆମାନଙ୍କ କ୍ଷେତ୍ରରେ ଏହାର ସ୍ୱୀକୃତି ଅଛି।

ଯେହେତୁ ମାନବର କେଶ ସର୍ବାଙ୍ଗର ଶୀର୍ଷରେ ଏବଂ ଏହା ମସ୍ତକର ପ୍ରହରୀ, ଏଣୁ ଏହାକୁ ସର୍ବମାନ୍ୟ ଶ୍ରେଷ୍ଠତା ପ୍ରଦାନ କରାଯାଇଥାଏ। ନାରୀଟିଏ ନିଜ ଇଚ୍ଛାରେ ଏହାକୁ ଖୋଲିବା ଏବଂ ବାନ୍ଧିବା ତା'ର ନିଜସ୍ୱ ସ୍ୱାଧୀନତା। କିନ୍ତୁ ଅନ୍ୟକେହି କ୍ରୋଧରେ, ଅସହମତିରେ ତା'କୁ ଖୋଲିଦେବା ବା ଆକର୍ଷଣ କରିବା ହିଁ ଅତ୍ୟାଚାର ବୋଲି ଧରି ନିଆଯାଏ। ପୁଣି ଅସଜଡ଼ା କେଶ ନିଶ୍ଚେ ବିକୃତି ତଥା ଅଶୁଭ ଲକ୍ଷଣ ବୋଲି ବୁଝାଯାଏ।

ମୁକ୍ତକେଶ ମଧ୍ୟ ସଦାସର୍ବଦା ବିପଦର ସୂଚନା ନୁହେଁ। ପୂଜା ପାର୍ବଣରେ ଦେବୀଦେବତାଙ୍କ ଆରାଧନା ପୂର୍ବରୁ ନାରୀ ନିଶ୍ଚେ କେଶ ଖୋଲିଦିଏ। ଏହା ସମର୍ପଣର ନିଦର୍ଶନ। ପବିତ୍ରତାର ବିନ୍ୟାସ। ଏହାର ଅର୍ଥ ମୁଁ ଅନ୍ୟ କେଉଁ ବନ୍ଧନରେ ନାହିଁ, କେବଳ ହେ ପ୍ରଭୁ! ତୁମ ପାଖରେ ସମର୍ପିତ। ଏହା ହିଁ ମୁକ୍ତକେଶର ସକାରାତ୍ମକ ଦିଗ। ଏଣୁ ବେଣୀବନ୍ଧନ କି ବେଣୀମୁକ୍ତି ଯେକୌଣସି ନାରୀର ନିଜସ୍ୱ ଅଧିକାର। ପୁରୁଷମାନଙ୍କ କ୍ଷେତ୍ରରେ ମଧ୍ୟ କେତେକ ବର୍ଗରେ ଏହା ଗ୍ରହଣୀୟ। କଥା ମୁନିଋଷିଙ୍କର। ସେମାନଙ୍କର ଦୀର୍ଘ କେଶ ରଖିବାର କାରଣ ସୌନ୍ଦର୍ଯ୍ୟ ବଢ଼ାଇବାର ନୁହେଁ। ବରଂ ଜଟାଜୁଟ ହୋଇ ଅପାର୍ଥିବ ଭାବରେ ବିଭୁଧ୍ୟାନ କରିବାର ସ୍ୱତଃବର୍ଦ୍ଧନ। ମାତୃଶକ୍ତିର କେଶ, ବେଣୀ, ଜୁଡ଼ା ପବିତ୍ରତାର ସଂକେତ ହେଉ, ମହାଭାରତୀୟ ଯୁଦ୍ଧର କିମ୍ବା ବଂଶ ଧ୍ୱଂସର ପ୍ରତିଜ୍ଞା ନ ହେଉ।

ଭୁବନେଶ୍ୱର, ମୋ: ୯୩୪୮୮୯୩୭୫୨

## ଶ୍ରୀକ୍ଷେତ୍ରେ କପାଳମୋଚନ

**ସ୍ୱପ୍ନେଶ୍ୱର**

ମହାପ୍ରଭୁ ଶ୍ରୀଜଗନ୍ନାଥ ଶ୍ରୀକ୍ଷେତ୍ରରେ ଆବିର୍ଭାବ ହେବା ପୂର୍ବରୁ ଏ କ୍ଷେତ୍ର ଏକ ବିଶିଷ୍ଟ ଶୈବ କ୍ଷେତ୍ର ଥିଲା ବୋଲି ସ୍କନ୍ଦ ପୁରାଣରୁ ପ୍ରମାଣ ମିଳେ। ଏହି ପୁରାଣରେ କପାଳମୋଚନ, ମାର୍କଣ୍ଡେଶ୍ୱର, ଯମେଶ୍ୱର ଓ ନୀଳକଣ୍ଠ ମହାଦେବଙ୍କ ବିଷୟରେ ବର୍ଣ୍ଣନା ଅଛି। ଶ୍ରୀମନ୍ଦିର ପରିସରରେ ବିଦ୍ୟମାନ ଈଶାନେଶ୍ୱର, ପାତାଳେଶ୍ୱର ଓ କାଶୀବିଶ୍ୱନାଥ ମହାଦେବମାନଙ୍କର ମନ୍ଦିରମାନଙ୍କର ପତ୍ତନ ଶ୍ରୀମନ୍ଦିରର ପତ୍ତନଠାରୁ ଅନେକ ତଳେ ଥିବାରୁ ସେ ମନ୍ଦିରଗୁଡ଼ିକ ବଡ଼ ଦେଉଳଠାରୁ ପ୍ରାଚୀନ ବୋଲି ଗବେଷକମାନେ ବିଶ୍ୱାସ କରନ୍ତି। ତେଣୁ ଶ୍ରୀଜଗନ୍ନାଥଙ୍କ ଆବିର୍ଭାବ ପରେ ତାଙ୍କୁ ସାର୍ବଭୌମ ବୋଲି ପ୍ରମାଣ କରିବା ପାଇଁ ଲୋକକଥାରେ ଶ୍ରୀକ୍ଷେତ୍ର ଓ ଶ୍ରୀମନ୍ଦିର ପରିସରରେ ବିଦ୍ୟମାନ ମନ୍ଦିରରେ ବିଭିନ୍ନ ନାମରେ ପୂଜିତ ଶିବ ବିଗ୍ରହମାନଙ୍କୁ ମହାପ୍ରଭୁଙ୍କ ଦରବାରରେ ବିଭିନ୍ନ ସେବାର ଦାୟିତ୍ୱ ବହନ କରିଥିବା ପାରିଷଦ ଭାବେ ଉପସ୍ଥାପିତ କରାଯାଇଛି। ସେମାନଙ୍କ ଭିତରୁ ପଞ୍ଚପାଣ୍ଡବ ମହାଦେବମାନଙ୍କର ମୂଳ ମନ୍ଦିର ବଡ଼ଦେଉଳ ବାହାରେ ଥିଲେ ମଧ୍ୟ ମହାପ୍ରଭୁଙ୍କର ସେବାର ସୁବିଧା ପାଇଁ ସେମାନେ ଶିବିର ମନ୍ଦିରରେ ବଡ଼ ଦେଉଳ ଭିତରେ ବିରାଜମାନ କରୁଛନ୍ତି।

ଶିବ ଅଷ୍ଟଧା ବିଭକ୍ତ ହୋଇ ଶ୍ରୀକ୍ଷେତ୍ରର ବିଭିନ୍ନ ସ୍ଥାନରେ ଅଷ୍ଟଶମ୍ଭୁ ରୂପେ ବିରାଜମାନ କରି କ୍ଷେତ୍ରକୁ ସୁରକ୍ଷା ଦେଉଛନ୍ତି। ସେମାନେ ହେଲେ କପାଳମୋଚନ, ଯମେଶ୍ୱର, ମାର୍କଣ୍ଡେଶ୍ୱର, ନୀଳକଣ୍ଠ, କାମେଶ୍ୱର, ବିଶ୍ୱେଶ୍ୱର, କ୍ଷେତ୍ରପାଳ ଓ ବଟେଶ୍ୱର। ଏମାନଙ୍କ ଭିତରୁ ପ୍ରଥମ ଚାରିମୂର୍ତ୍ତି ଓ ଲୋକନାଥଙ୍କୁ ମିଶେଇ ପଞ୍ଚ ମହାଦେବ

### ଲୋକକଥାରେ ଲୋକଦେବତା

ପଞ୍ଚପାଣ୍ଡବ ମହାଦେବ ଭାବେ ପୂଜିତ। ସେମାନେ ଚନ୍ଦନ ଯାତ୍ରା ସମୟରେ ମହାପ୍ରଭୁଙ୍କ ଜଳକ୍ରୀଡ଼ା ସାଥୀ ରୂପେ ଯୋଗ ଦିଅନ୍ତି ଏବଂ ବସନ୍ତ ଉତ୍ସବରେ ତାଙ୍କ ସହ ଫଗୁ ଖେଳନ୍ତି। ଏଥିସହିତ କେତେକ ନିର୍ଦ୍ଦିଷ୍ଟ ଶିବ ବିଗ୍ରହ ମହାପ୍ରଭୁଙ୍କର କେତେକ ନିର୍ଦ୍ଦିଷ୍ଟ ସେବାର ଦାୟିତ୍ୱ ଗ୍ରହଣ କରିଛନ୍ତି।

କ୍ଷେତ୍ରପାଳ ମହାଦେବ ଶ୍ରୀକ୍ଷେତ୍ରର କ୍ଷେତ୍ରପାଳକ ଓ ଯମେଶ୍ୱର ଠାକୁରଙ୍କର ଦେୱାନ ରୂପେ ତାଙ୍କର ବର୍ଷକର ହିସାବ ଲେଖି ରଖନ୍ତି। କପାଳମୋଚନ ପ୍ରଭୁଙ୍କର ଆଇନ ପରାମର୍ଶଦାତା ଓ ବିଚାରପତି। ମାର୍କଣ୍ଡେଶ୍ୱର ପ୍ରଭୁଙ୍କର ପୁରୋହିତ ଓ ଈଶାନେଶ୍ୱର ଗୁରୁ ଗୋସେଇଁ। ନୀଳକଣ୍ଠ କ୍ଷେତ୍ରର ସୀମାରକ୍ଷକ ଓ ଲୋକନାଥ ରତ୍ନଭଣ୍ଡାରର ରକ୍ଷକ। ରୋଷଘର ସାମନାରେ ବିରାଜମାନ ଅଗ୍ନୀଶ୍ୱର ମହାଦେବ ଠାକୁରଙ୍କ ପ୍ରସାଦ ସିଦ୍ଧ ହୋଇ ନ ଥିଲେ, ନିଜର ଦୃଷ୍ଟିପାତ ଦ୍ୱାରା ତାକୁ ସିଦ୍ଧ କରି ଦିଅନ୍ତି। ହରି ସହଦେବ ମହାଦେବ ପ୍ରଭୁଙ୍କର ଗୋସମ୍ପଦର ଦାୟିତ୍ୱରେ ଅଛନ୍ତି। କାଶୀ ବିଶ୍ୱନାଥ ସିଂହଦ୍ୱାରରେ ବିଜେ କରି ଦର୍ଶନାର୍ଥୀ ଭକ୍ତମାନଙ୍କର ସ୍ୱାଗତ କରନ୍ତି।

ଶ୍ରୀକ୍ଷେତ୍ରରେ ମହାଦେବଙ୍କ ଉପସ୍ଥିତିକୁ ନେଇ ତୃତୀୟ ଲୋକକଥାଟି କପାଳମୋଚନଙ୍କୁ ନେଇ ସୃଷ୍ଟି ହୋଇଛି। ଶିବ ପଞ୍ଚାନନ। ଚାରି ମୁହଁରେ ଚାରି ବେଦ ଓ ପଞ୍ଚମ ମୁହଁରେ ଶିଶୁ ବେଦ ଗାନ କରିବାର କ୍ଷମତା ତାଙ୍କର ଅଛି। ଏହା ଦେଖି ବ୍ରହ୍ମାଙ୍କ ମନରେ ଈର୍ଷା ହେଲା। ସେ ମଧ୍ୟ ନିଜର ପଞ୍ଚମ ମୁଣ୍ଡ ସୃଷ୍ଟି କରି ଶିଶୁ ବେଦ ଗାନ କରିବାକୁ ଲାଗିଲେ। ଏହା ଦେଖି ଶିବ ଅତ୍ୟନ୍ତ କ୍ରୋଧିତ ହୋଇଗଲେ। ସେ ବ୍ରହ୍ମାଙ୍କୁ ଏପରି ଏକ ଚାପୋଡ଼ ମାରିଲେ ଯେ ବ୍ରହ୍ମାଙ୍କର ପଞ୍ଚମ ମୁଣ୍ଡ ଛିଣ୍ଡି ଯାଇ ଶିବଙ୍କ ହାତରେ ଲାଗି ରହିଲା। ସେହି ଦିନଠାରୁ ବୋଧହୁଏ ସେହି ପ୍ରକାରର ପ୍ରଭାବୀ ଚାପୋଡ଼ ମାଡ଼କୁ 'ବ୍ରହ୍ମ ଚାପୋଡ଼' ବୋଲି କୁହାଯାଉଛି। ଶିବ ବ୍ରହ୍ମହତ୍ୟା ଦୋଷରେ ଦୋଷୀ ହେଲେ। ତେଣୁ କଟାମୁଣ୍ଡ ଶିବଙ୍କ ହାତରୁ ଛାଡ଼ିଲା ନାହିଁ। ସେ ତିନିପୁରର ସମସ୍ତ ତୀର୍ଥ ଭ୍ରମଣ କଲେ। ତଥାପି ତାଙ୍କ ହାତରୁ ମୁଣ୍ଡ ନ ଛାଡ଼ିବାରୁ ଦେବତାମାନେ ତାଙ୍କୁ ସେମାନଙ୍କ ମନ୍ଦିରରେ ପୂରେଇ ଦେଲେ ନାହିଁ। ଏପରିକି ପାର୍ବତୀ ମଧ୍ୟ ନିଜ ସ୍ୱାମୀଙ୍କୁ ଗୃହ ପ୍ରବେଶର ଅନୁମତି ଦେଲେ ନାହିଁ। ଶେଷରେ ଶିବ ଆସି ଶ୍ରୀକ୍ଷେତ୍ରରେ ପହଞ୍ଚିଲେ ଏବଂ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଆରାଧନା କଲେ। ତା' ଦ୍ୱାରା ଶିବ ବ୍ରହ୍ମହତ୍ୟା ପାପରୁ ମୁକ୍ତି ପାଇଲେ ଏବଂ ତାଙ୍କ ହାତରୁ ବ୍ରହ୍ମାଙ୍କ ମୁଣ୍ଡ ଛାଡ଼ିଗଲା। ତାଙ୍କ ହାତରୁ କପାଳମୋଚନ ଏହି କ୍ଷେତ୍ରରେ ହୋଇଥିବାରୁ କୃତଜ୍ଞତାବଶତଃ ଶିବ ଏଠାରେ କପାଳମୋଚନ ନାମ ଗ୍ରହଣ କରି ବିରାଜମାନ କଲେ।

ପାପ ଭିତରେ ବ୍ରହ୍ମହତ୍ୟା ପାପ ସବୁଠାରୁ ଗୁରୁତର ବୋଲି ବିଶ୍ୱାସ କରାଯାଏ। ଏହି କ୍ଷେତ୍ରକୁ ଆସି ଶ୍ରୀଜଗନ୍ନାଥଙ୍କୁ ଆରାଧନା କଲେ ବ୍ରହ୍ମହତ୍ୟା ପାପରୁ ମୁକ୍ତି ମିଳେ - କପାଳମୋଚନ ତା'ର ସାକ୍ଷୀ। ତେଣୁ ଓଡ଼ିଶାର କୋଣଅନୁକୋଣରୁ ଗୋହତ୍ୟା ଜନିତ ପାପ କରିଥିବା ଲୋକମାନେ ପାପମୁକ୍ତି ପାଇଁ ଶ୍ରୀକ୍ଷେତ୍ର ଆସି ପ୍ରାୟଶ୍ଚିତ କରି କପାଳମୋଚନ ଓ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରନ୍ତି।

ମୋ: ୯୯୦୦୦୮୩୪୩୩

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ବିଦ୍ୟୁତ୍ ଆଘାତରେ କର୍ମଚାରୀ ମୃତ

**ନୀଳଗିରି, ୧୦।୧୨(ସମିସ):** ବିଦ୍ୟୁତ୍ ମରାମତି କରୁଥିବାବେଳେ ଜନୈକ ବିଦ୍ୟୁତ୍ କର୍ମଚାରୀଙ୍କ ମୃତ୍ୟୁ ଘଟିଛି। ବରହମପୁର ବିଦ୍ୟୁତ ବିଭାଗ ଅଧୀନରେ ଥିବା ଭାଲୁକାଶୁଣୀ ଷ୍ଟ୍ରକଚର ଅଧୀନରେ ଥିବା ଟିଆକଟା ଗ୍ରାମର ଜନୈକ ବ୍ୟକ୍ତିଙ୍କ ଘରେ ଉଠା ଜଳସେଚନ ପଏଣ୍ଟରେ ନରଣପୁର ଗ୍ରାମର କାର୍ତ୍ତିକ ସାହୁ (୨୪) ନାମକ କର୍ମଚାରୀ ମରାମତି କାମ କରୁଥିଲେ। ହଠାତ୍ ବିଦ୍ୟୁତ୍ ଚାର୍ଜ ହୋଇଯିବାରୁ କାର୍ତ୍ତିକ ଗୁରୁତର ଆହତ ହୋଇପଡ଼ିଥିଲେ। ସଙ୍ଗେ ସଙ୍ଗେ ସାଥୀ କର୍ମଚାରୀ ତାଙ୍କୁ ନୀଳଗିରି ମେଡିକାଲ ଆଣିଥିଲେ। ଅବସ୍ଥା ସଙ୍କଟାପନ୍ନ ହେବାରୁ କଟକ ସ୍ଥାନାନ୍ତର କରାଯାଇଥିଲା। ତେବେ କଟକ ନେବା ରାସ୍ତାରେ ତାଙ୍କର ମୃତ୍ୟୁ ହୋଇଥିବା ସୂଚନା ମିଳିଛି। ତେବେ ଏଭଳି ବିପଦପୂର୍ଣ୍ଣ କାମ କରୁଥିବା ବେଳେ କିଏ ଓ କାହା ଫୋନ୍ କଲରେ ବିଦ୍ୟୁତ୍ ଚାର୍ଜ କରାଗଲା ଏବଂ ଜଣେ ନିରୀହ ଯୁବକର ଜୀବନ ଚାଲିଗଲା ତାହା ତଦନ୍ତ ସାପେକ୍ଷ ବୋଲି ସାଧାରଣରେ ଦାବି ହେଉଛି। ମୃତ ବିଦ୍ୟୁତ୍ କର୍ମଚାରୀଙ୍କ ପରିବାରଙ୍କୁ ତୁରନ୍ତ କ୍ଷତିପୂରଣ ଦେବାକୁ ପରିବାର ସମେତ ଅଞ୍ଚଳବାସୀ ଦାବି କରିଛନ୍ତି।

# ଚୋରା ବାଲି ଟ୍ରାକ୍ଟର ଜବତ

**ବେତନଟୀ, ୧୦।୧୨(ସମିସ):** ବେତନଟୀ ଉପକଣ୍ଠ କୋର୍ଟଛକରୁ ମଙ୍ଗଳବାର ସକାଳେ ଚୋରା ବାଲିବୋଝେଇ ଟ୍ରାକ୍ଟରକୁ ଜବତକରି ମାମଲା ରୁଜୁକଲା ପୁଲିସ। ସୂଚନା ମୁତାବକ ବେତନଟୀ ବଜାର ଭିତରକୁ ଚୋରାବାଲି ପରିବହନ ହେଉଥିବାର ଖବରପାଇ ବେତନଟୀ ପୁଲିସ କୋର୍ଟଛକରେ ଅଟକି ରହିଥିଲା। ସେହି ସମୟରେ ଚୋରା ବାଲିବୋଝେଇ ଟ୍ରାକ୍ଟର ଆସୁଥିବା ବେଳେ ପୁଲିସ ଅଟକାଇଥିଲା। ଚାଳକ ରାସ୍ତାଉପରେ ଗାଡିଛାଡି ଘଟଣା ସ୍ଥଳରୁ ଖସି ପଳାଇବାରେ ସକ୍ଷମ ହୋଇଥିଲା। ଏନେଇ ବେତନଟୀ ପୁଲିସ ଚୋରା ବାଲିଟ୍ରାକ୍ଟରକୁ ଜବତ କରିବା ସହିତ ୪୧୦ ନମ୍ବରରେ ମାମଲା ରୁଜୁକରି ତଦନ୍ତ ଜାରି ରଖିଛି।

## ମୟୂରଭଞ୍ଜ ମହୋତ୍ସବର ନବମ ସନ୍ଧ୍ୟା

# କଳ୍ପନା ହାଁସଦା ଓ ସାଥୀଙ୍କ ଗୀତରେ ଝୁମିଲେ ଦର୍ଶକ

## ଠାକୁରମୁଣ୍ଡା ଛାତ୍ରୀଙ୍କ ପାଇପ୍ ବ୍ୟାଣ୍ଡ ପ୍ରଦର୍ଶନ ଆକର୍ଷଣ





**ବାରିପଦା, ୧୦।୧୨(ସମିସ)**

ସଂସ୍କୃତି, ଐତିହ୍ୟ ଓ ପରମ୍ପରା ରକ୍ଷା ପାଇଁ ସାତବର୍ଷ ଧରି ଅନୁଷ୍ଠିତ ହୋଇଆସୁଥିବା ମୟୂରଭଞ୍ଜ ମହୋତ୍ସବର ନବମ ସନ୍ଧ୍ୟାରେ ଆଦିବାସୀ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ସ୍ୱନାମଧନ୍ୟ କଣ୍ଠଶିଳ୍ପୀ କଳ୍ପନା ହାଁସଦା ତାଙ୍କ ଟିମ୍ ସହିତ ଉଚ୍ଚକୋଟିର ପ୍ରଦର୍ଶନରେ ଦର୍ଶକ ଝୁମିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଠାକୁରମୁଣ୍ଡା ସ୍କୁଲର ଛାତ୍ରୀଙ୍କ ପାଇପ୍ ବ୍ୟାଣ୍ଡ ପ୍ରଦର୍ଶନ ଆକର୍ଷଣ ପାଲଟିଥିଲା। ମହୋତ୍ସବ କମିଟି ପକ୍ଷରୁ ୨୦ ହଜାର ଟଙ୍କା ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା। ପ୍ରତି ସନ୍ଧ୍ୟା ଭଳି ଆଜି ମଧ୍ୟ କାର୍ଯ୍ୟକ୍ରମ ମଝିରେ ଅତିଥି ଓ ବିଶେଷ ବ୍ୟକ୍ତିତ୍ୱଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅତିଥି ଭାବେ ବାରିପଦା ପୌରପରିଷଦର କାର୍ଯ୍ୟନିର୍ବାହୀ ଅଧିକାରିଣୀ ଡ ମଧୁସ୍ମିତା ସାମନ୍ତରାୟଙ୍କ ସହିତ ସମସ୍ତ କାଉନସିଲର ଗଣ ଯୋଗଦେଇ ମହୋତ୍ସବର ପ୍ରଶଂସା କରିଥିଲେ। ଏଥିସହିତ କାଉନସିଲରଙ୍କ ପକ୍ଷରୁ ମିଳିତ ଭାବେ ୫୦ହଜାର ଟଙ୍କାର ଚେକ୍ ମହୋତ୍ସବ କମିଟିକୁ ପ୍ରଦାନ କରିଥିଲେ। କମିଟି ଅଧ୍ୟକ୍ଷ ଅସିତ ବରଣ ପତି, ସଭାପତି ନଗରପାଳ କୃଷ୍ଣାନନ୍ଦ ମହାନ୍ତି, କାର୍ଯ୍ୟକାରୀ ସଭାପତି ସଞ୍ଜିବ ଦ୍ୱିବେଦୀ, ସମ୍ପାଦକ କଳିଙ୍ଗ କେଶରୀ ଜେନା, ପିଣ୍ଟୁ ମାଇତି, ରାକେଶ ସିଂ, ବିଜୟ କୁମାର ଦାସ, ଅମର ସେଠୀ, ଅଭିଜିତ ମହାନ୍ତି ଓ ମୁନା ଦଣ୍ଡପାଣ୍ଡଙ୍କ ସହିତ ଅନ୍ୟ କର୍ମକର୍ତ୍ତା ପ୍ରମୁଖ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ରଣଜିତ ଓ ଖୁସି ମଞ୍ଚ ପରିଚାଳନା କରିଥିଲେ। ସୂଚନାଯୋଗ୍ୟ ଯେ, ଏହି ମହୋତ୍ସବ ଓ ମେଳା ଆସନ୍ତାକାଲି ଉଦ୍ଯାପିତ ହେବ। ପ୍ରତିଦିନ ସନ୍ଧ୍ୟା ୫ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ମେଳାରେ ପ୍ରବଳ ଭିଡ ଦେଖିବାକୁ ମିଳିଛି। ଉଦ୍ଯାପନୀ ସନ୍ଧ୍ୟା ବୁଧବାର ବଲିଉଡର ପ୍ରଚ୍ଛଦପଟ୍ଟ ଗାୟିକା ପଦ୍ମଶ୍ରୀ ଡ. କବିତା କ୍ରିଷ୍ଣମୂର୍ତ୍ତି ଓ ତାଙ୍କ ଟିମ ପରିବେଷଣ କରିବେ ବୋଲି କମିଟି ସୂତ୍ରରୁ ପ୍ରକାଶ।

# ଫୁଟ୍‌ବଲ ପ୍ରତିଯୋଗିତା ଉଦ୍ଯାପିତ; ମୋରଡ଼ା ଏଫ୍‌ସି ଚାମ୍ପିଅନ୍



ମୟୂରଭଞ୍ଜ ମହୋତ୍ସବ କମିଟି ଆନୁକୂଲ୍ୟରେ ଷ୍ଟାଡିୟମ ପରିସରରେ ୨୪ଟି ଟିମକୁ ନେଇ ଚାଲିଥିବା ଫୁଟବଲ ପ୍ରତିଯୋଗିତା ମଙ୍ଗଳବାର ଉଦଯାପିତ ହୋଇଛି। ଫାଇନାଲ ଖେଳରେ କୁସୁମୀ ବ୍ଲକର ଆଇରନ ଏକ୍ସପ୍ରେସ ଦଳ ମୋରଡାର ଏଫସି ଦଳକୁ ୪-୦ ଗୋଲରେ ପରାସ୍ତ କରି ଚାମ୍ପିଅନ ହୋଇଛି।

# ପୋଲରୁ ପଡ଼ି ମାଛ ବ୍ୟବସାୟୀ ମୃତ

**ବାରିକପୁର/ମଞ୍ଜୁରୀ ରୋଡ, ୧୦।୧୨(ସମିସ):** ଭଣ୍ଡାରିପୋଖରୀ ଥାନା ମଞ୍ଜୁରୀ ରୋଡ ନିକଟ ନାଆମୀ ଗ୍ରାମ ପଞ୍ଚାୟତ ଛଞ୍ଚିଣା ଛକ ଠାରେ ଜଣେ ମାଛ ବ୍ୟବସାୟୀ ପୋଲ ତଳକୁ ଖସି ମୃତ୍ୟୁବରଣ କରିଛନ୍ତି। ପ୍ରାପ୍ତ ସୂଚନା ମୁତାବକ ଛଞ୍ଚିଣା ଗ୍ରାମର ବାବୁ ଓରଫ୍ ଚକ୍ରଧର ଦଳେଇ (୬୫) ଆଜି ସକାଳୁ ସାଇକେଲ ଯୋଗେ ଘରୁ ବଜାରକୁ ଆସିଥିଲେ। କିଛି ସମୟ ପରେ ସେ ଛଞ୍ଚିଣା ଛକ ନିକଟ ରେବ ନଦୀ ପୋଲ ତଳେ ସାଇକେଲ ସହିତ ପଡ଼ିଥିବା ସ୍ଥାନୀୟ ଲୋକେ ଦେଖିବାକୁ ପାଇଥିଲେ। ଲୋକ ମାନେ ସେଠାରେ ରୁଣ୍ଡ ହେବା ସହିତ ପରିବାର ଲୋକେ ଘଟଣାସ୍ଥଳରେ ପହଞ୍ଚି ଦେଖନ୍ତି ତ ବାବୁ ମୃତ୍ୟୁବରଣ କରିଛି। ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏହାସହିତ ଥାନା ପକ୍ଷରୁ ତଦନ୍ତ ଆରମ୍ଭ ହୋଇଥିବା ବେଳେ ଏନେଇ ୧୮/୨୪ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି। କୌଣସି ଦୁର୍ଘଟଣା ହେଉ କିମ୍ବା ଅସାବଧାନତା ହେଉ ଯେଉଁଥିପାଇଁ ମାଛ ବ୍ୟବସାୟୀ ଜଣଙ୍କ ପୋଲ ତଳକୁ ଖସି ମୃତ୍ୟୁ ବରଣ କରିଥିବା କୁହାଯାଉଛି।

# ଅବକାରୀ ବିଭାଗର ଚଢଉ; ୫୯୦ ଲିଟର ଚୋରା ମଦ ଜବତ

**ବେତନଟୀ/ବୈଶିଙ୍ଗା, ୧୦।୧୨(ସମିସ):** ମୟୂରଭଞ୍ଜ ଜିଲ୍ଲା ଅବକାରୀ ବିଭାଗ ପକ୍ଷରୁ ମଙ୍ଗଳବାର ଆମ୍ବଗଡ଼ିଆ ଗ୍ରାମରେ ଚଢଉକରି ଚୋରା ମଦ ବାଇକ୍ ଜବତ କରାଯିବା ସହିତ ଏହି କାରବାରରେ ସମ୍ପୃକ୍ତ ଦୁଇଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଆମ୍ବଗଡ଼ିଆ ଗ୍ରାମର ହୃଷିକେଶ ମହାନ୍ତ ଏବଂ ପପୁ ମହାନ୍ତ(୩୦)। ଚଢଉ ସମୟରେ ପପୁ ମହାନ୍ତ ନିକଟରୁ ୩ଲିଟର ୪୨୦ ମିଲିଲିଟର ମଦ ଜବତ କରାଯାଇଥିଲା। ସେହିଭଳି ଏକ ବାଇକ୍ ଏବଂ ୫୦ଲିଟର ଚୋରା ମଦ ଜବତ ସମେତ ଅଭିଯୁକ୍ତ ହୃଷିକେଶ ମହାନ୍ତକୁ ଗିରଫ କରିଥିଲା। ସେହିଭଳି ଆମ୍ବଗଡ଼ିଆ ଗ୍ରାମର ଅନ୍ୟଏକ ଅଜ୍ଞାତ ସ୍ଥାନରେ ଚଢଉ କରି ୫୪୦ ଲିଟର ଚୋରା ମଦ ଜବତ କରିବା ଘଟଣାରେ ଗ୍ରାମର ଜଟାନନା ଓରଫ ପ୍ରମୋଦ ମହାପାତ୍ର ଘଟଣାସ୍ଥଳରୁ ଫେରାର ହୋଇଯାଇଛି। ଅବକାରୀ ବିଭାଗ ପକ୍ଷରୁ ୩ଟି ମାମଲା ରୁଜୁ କରାଯାଇଛି।

# ଖାନୁଆ ସରପଞ୍ଚଙ୍କ ଅକାଳ ବିୟୋଗ

**ବଡସାହି, ୧୦।୧୨(ସମିସ):** ବଡସାହି ବ୍ଲକ ଖାନୁଆ ପଞ୍ଚାୟତର ସରପଞ୍ଚ ଜିତେନ୍ଦ୍ର ସିଂ(୫୫)ଙ୍କ ଅକାଳ ବିୟୋଗ ଘଟିଛି। ସେ ଉଚ୍ଚ ରକ୍ତଚାପ ରୋଗରେ ପୀଡିତ ରହି ତଳେ ପଡ଼ିଯାଇଥିଲେ। ଫଳରେ ତାଙ୍କର ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ପରେ ତାଙ୍କୁ ଭୁବନେଶ୍ୱରସ୍ଥିତ ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା; ମାତ୍ର ମଙ୍ଗଳବାର ତାଙ୍କର ମୃତ୍ୟୁ ଘଟିଛି। ଏହି ଖବର ପ୍ରଚାରିତ ହେବା ପରେ ଆଖପାଖ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଖବରପାଇ ବଡସାହି ବିଡିଓ ବନଜା ଦାସ, ସହକାରୀ ନିର୍ବାହୀ ଯନ୍ତ୍ରୀ ଲୋକନାଥ ପାତ୍ର, ଜିଲ୍ଲା ସରପଞ୍ଚ ସଂଘ ସଭାପତି ଖଗେଶ୍ୱର ସିଂ, ସମ୍ପାଦକ ଫକୀର ମୋହନ ସିଂ, ବ୍ଲକ ସଭାପତି ହରିଶ୍ଚନ୍ଦ୍ର ସିଂ ଓ ସମ୍ପାଦକ କୁନି ସିଂଙ୍କ ସମେତ ବହୁ ସରପଞ୍ଚ ଶେଷ ଦର୍ଶନ କରିଥିଲେ। ସେ ଜଣେ ମେଳାପୀ, ପରୋପକାରୀ ରାଜନେତା ଓ ଧର୍ମପରାୟଣ ବ୍ୟକ୍ତି ଥିଲେ। ବହୁ ମାନ୍ୟଗଣ୍ୟ ବ୍ୟକ୍ତି, ବୁଦ୍ଧିଜୀବୀ ଜନସାଧାରଣ ଓ ରାଜନେତା ତାଙ୍କର ଶେଷ ଦର୍ଶନ କରିବା ସହିତ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଛନ୍ତି। ମୃତ୍ୟୁଶଯ୍ୟା ନିକଟରେ ଦୁଇ ଭଉଣୀ ଓ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ। ଗାଁ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ ହୋଇଛି।

# ଟ୍ରକ୍ ଧକ୍କାରେ ଶିକ୍ଷୟିତ୍ରୀଙ୍କ ମୃତ୍ୟୁ

**କଳାବାଡିଆ, ୧୦।୧୨(ସମିସ):** ବାଙ୍ଗିରିପୋଷି ଥାନା ଅଧୀନ ୪୯ନଂ. ଜାତୀୟ ରାଜପଥ ମଣଦା ନିକଟରେ ପ୍ରାତଃ ଭ୍ରମଣ ସମୟରେ ଏକ ଗାଡ଼ି ଧକ୍କାରେ ଜଣେ ଶିକ୍ଷୟିତ୍ରୀଙ୍କ ମୃତ୍ୟୁ ଘଟିଛି। ଘଟଣାରୁ ପ୍ରକାଶ ଯେ, ମଙ୍ଗଳବାର ଚନ୍ଦନପୁର ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷୟିତ୍ରୀ ରଶ୍ମିତା ସାହୁ (୪୫) ମଣଦା ନିକଟ ଜାତୀୟ ରାଜପଥ କଡ଼ରେ କିଛି ମହିଳାଙ୍କ ସହିତ ପ୍ରାତଃ ଭ୍ରମଣ କରୁଥିଲେ। ଏହି ସମୟରେ ଏକ ଟ୍ରକ ତାଙ୍କୁ ଧକ୍କା ଦେଇଥିଲା। ଫଳରେ ସେ ଗୁରୁତର ହୋଇପଡ଼ିଥିଲେ। ତାଙ୍କୁ ତୁରନ୍ତ ଉଦ୍ଧାର କରାଯାଇ ବାଙ୍ଗିରିପୋଷି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଆଣିଥିଲେ ମଧ ଡାକ୍ତର ମୃତ ଘୋଷଣା କରିଥିଲେ। ପରେ ଟ୍ରକଟି ଦୁର୍ଘଟଣା ଘଟାଇ ଦ୍ରୁତଗତିରେ ପଳାଇଥିଲା। ପରେ ପୁଲିସ ଟ୍ରକଟିକୁ ଜବତ କରିଛି। ମୃତ ଶିକ୍ଷୟିତ୍ରୀଙ୍କ ଘର ବାଲେଶ୍ୱର ଜିଲ୍ଲା ବସ୍ତା ବ୍ଲକ ଜାମଶୁଳି ଗ୍ରାମରେ ବୋଲି ଜଣାପଡ଼ିଛି। ସେ ୨୦୧୨ ମସିହାରୁ ବାଙ୍ଗିରିପୋଷି ମହୁଲ ବରେହି ଗ୍ରାମରେ ରହି ଚନ୍ଦନପୁର ବିଦ୍ୟାଳୟରେ ଶିକ୍ଷୟିତ୍ରୀ ଥିଲେ। ତାଙ୍କ ବିୟୋଗରେ ବିଦ୍ୟାଳୟରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ତାଙ୍କ ସମ୍ମାନରେ ବିଦ୍ୟାଳୟ ଛୁଟି କରାଯାଇଥିଲା।। ଶବ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରିଛି ପୁଲିସ।

# ଜବରଦଖଲ ବିରୋଧରେ ଜିଲ୍ଲାପାଳଙ୍କୁ ଦାବିପତ୍ର

**ରାଇରଙ୍ଗପୁର, ୧୦।୧୨(ସମିସ):** ସ୍ଥାନୀୟ ଘରୋଇ ବସ ଷ୍ଟାଣ୍ଡ ପରିସରରେ ପୌର ପରିଷଦ ପକ୍ଷରୁ ମାର୍କେଟ କମ୍ପ୍ଲେକ୍ସର ଦୋକାନୀମାନେ ନିଜ ଦୋକାନ ସାମ୍ନାରେ ଜାଗା ଅକ୍ତିଆର କରି ଦୋକାନ ସାମଗ୍ରୀ ରଖି ବ୍ୟବହାର କରୁଛନ୍ତି। ଅନେକ ଦୋକାନୀମାନେ ଡ୍ରେନ ଉପରେ ଦୋକାନ କରୁଥିବା ଅଭିଯୋଗ ହୋଇଅଛି। ଯଦ୍ୱାରା ବସ ଷ୍ଟାଣ୍ଡ ପରିସର ସଙ୍କୁଚିତ ହେଉଥିବା ଅଭିଯୋଗ ହୋଇଅଛି ଏବଂ ଯାତ୍ରୀ ମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ବୋଲି ସ୍ଥାନୀୟ ଲୋକ ମାନଙ୍କ ତରଫରୁ ଉପଜିଲ୍ଲାପାଳଙ୍କୁ ଲିଖିତ ଅଭିଯୋଗ କରିଛନ୍ତି। ଏଣୁ ବସ ଷ୍ଟାଣ୍ଡ ପରିସରରେ ଜବର ଦଖଲ କରିଥିବା ଦୋକାନୀ ମାନଙ୍କ ବିରୁଦ୍ଧରେ ସ୍ଥାନୀୟ ଲୋକ ମାନେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବି ହୋଇଛି।

# ଫୁଟବଲ ଟୁର୍ଣ୍ଣାମେଣ୍ଟ; ନୂଆଡିହି ଚାମ୍ପିଅନ



**ରାଇରଙ୍ଗପୁର/ତିରିଂ, ୧୦।୧୨(ସମିସ):** ତିରିଂ ବ୍ଲକ ସୀମାନ୍ତ ଅଞ୍ଚଳ କାସ୍ମାରଡ଼ିହି ଗାଁରେ ହୋଲକୋଚ ଫୁଟବଲ କମିଟି ପକ୍ଷରୁ ୫୪ତମ ବାର୍ଷିକ ଏକ ଦିବସୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୋଟ ୨୪ଟି ଟିମ ଅଂଶଗ୍ରହଣ କରିଥିଲେ। ଫାଇନାଲ ଖେଳରେ ମୁର୍ମୁ ନୂଆଡ଼ିହି ଏଫସି ଫୁଟବଲ ଟିମ ଚାମ୍ପିଅନ ହୋଇଥିବା ବେଳେ ଝାରଖଣ୍ଡର ବିଶାଲ ସ୍ପୋର୍ଟିଂ ଧୂଳିପଦା ଟିମ ରନର୍ସଅପ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବରେ ପୂର୍ବତନ ପୁଲିସ ଅଧିକାରୀ ରାଇସେନ ମୁର୍ମୁ, ସମ୍ମାନିତ ଅତିଥି ଭାବେ ତିରିଂ ବ୍ଲକ ଅଧ୍ୟକ୍ଷ ପରମେଶ୍ୱର ସାମାଡ, ଉପାଧ୍ୟକ୍ଷ ପୂର୍ଣ୍ଣିମା ବାରଦା, ଗୀତିଲତା ସରପଞ୍ଚ ଭାଦା ସୋରେନ, ପୂର୍ବତନ ସରପଞ୍ଚ ଜିତରାଏ ବାସ୍କେ, ସୋରେନ, ପୂର୍ବତନ ସରପଞ୍ଚ ମଧୁସୂଦନ ସରଦାର ପ୍ରମୁଖ ଯୋଗଦେଇ ଚାମ୍ପିୟାନ ଟିମକୁ ଖାସି ପ୍ରଦାନ କରି ପୁରସ୍କୃତ କରାଯାଇଥିଲା। ହୋଲ କୋଚ କାସ୍ମାରଡ଼ିହି ଫୁଟବଲ କମିଟି ସଭାପତି ଲାଲମୋହନ ମହାକୁଡ଼, ସମ୍ପାଦକ ଲେବା ନାଏକ, ରାମଚନ୍ଦ୍ର ବେଶ୍ରା, ବିଶ୍ୱନାଥ ମହାକୁଡ଼, ଗୁରୁଚରଣ ବାସ୍କେ, ମଙ୍ଗଳ ଚରଣ ବାସ୍କେ ପ୍ରମୁଖ ଖେଳ ପରିଚାଳନା କରିଥିଲେ।

## ଗ୍ରାମବାସୀଙ୍କୁ ଦିଆଗଲା ସୁନାହଜା ଜଙ୍ଗଲରେ ଗଚ୍ଛିତ ଶାଳଗଣ୍ଡି

# ରାଜସ୍ୱ ନିରୀକ୍ଷକଙ୍କ ଜମି ନିର୍ଦ୍ଧାରଣ ପରେ କାର୍ଯ୍ୟାନୁଷ୍ଠାନ

**ବେତନଟୀ, ୧୦।୧୨(ସମିସ):** ବେତନଟୀ ରେଞ୍ଜ ସୁନାହଜା ସଂରକ୍ଷିତ ଜଙ୍ଗଲ ସଂଲଗ୍ନ ଜମିରେ ବିପୁଳ ପରିମାଣର ମୂଲ୍ୟବାନ ଶାଳଗଣ୍ଡି ଗଚ୍ଛିତକରି ରଖାଯାଇଥିବା ଘଟଣାର ବନବିଭାଗକୁ ତଦନ୍ତ କରିଛି। ନିଜର ଟିକଟଭୁକ୍ତ ଜମିରୁ ଶାଳଗଛ କାଟି ଗଚ୍ଛିତକରି ରଖିଥିବା ନେଇ ଗ୍ରାମବାସୀ ଯୁକ୍ତି ବାଢିବାପରେ ରାଜସ୍ୱ ନିରୀକ୍ଷକଙ୍କ ଦ୍ୱାରା ଜମି ଚିହ୍ନଟ ପର୍ଯ୍ୟନ୍ତ ମଙ୍ଗଳବାର ୪ଜଣ ଗ୍ରାମବାସୀଙ୍କୁ ୯୪ଖଣ୍ଡ ଶାଳଗଣ୍ଡି ଜିମା ଦିଆଯାଇଛି। ସୁନାହଜା ଜଙ୍ଗଲରେ ମୂଲ୍ୟବାନ ଶାଳଗଛ କଟାଯାଇ ଶାଳଗଣ୍ଡି ଗୁଡିକୁ ଗୋଟିଏ ସ୍ଥାନରେ ଗଚ୍ଛିତ ରଖାଯାଇଥିବା ଖବରପାଇ ବନବିଭାଗ ସୋମବାର ଅପରାହ୍ନରେ ଘଟଣାସ୍ଥଳରେ ପହଞ୍ଚିଥିଲା। ତେବେ ସୋମବାର ରାତି ହୋଇଯିବାରୁ ମଙ୍ଗଳବାର ବନବିଭାଗ ପୁଣି ପହଞ୍ଚି ତଦନ୍ତ କରିଥିଲା। ଗଛଗୁଡିକ ନିଜର ଟିକଟଭୁକ୍ତ ଜମିରୁ କାଟାଯାଇଥିବା ଏବଂ ଟିକଟଭୁକ୍ତ ଜମିରେ ଗଚ୍ଛିତକରି ରଖାଯାଇଥିବା ନେଇ ଗ୍ରାମବାସୀ ବନବିଭାଗ ସମ୍ମୁଖରେ ଯୁକ୍ତି ବାଢିଥିଲେ। ଫଳରେ ଉକ୍ତ ଜମି ଚିହ୍ନଟ ପାଇଁ ଦାନ୍ତିଆମୁହାଁ ରାଜସ୍ୱ ନିରୀକ୍ଷକଙ୍କ ସହାୟତା ଲୋଡିଥିଲା ବନବିଭାଗ। ଉକ୍ତ ଜମି ମାପ ପୂର୍ବକ ଚିହ୍ନଟ ପରେ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବା ନେଇ ବନବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଗ୍ରାମର ହେମେନ୍ଦ୍ର ମହାନ୍ତ, ମହେଶ୍ୱର ମହାନ୍ତ, ନୀଳାମ୍ବର ମହାନ୍ତ ଏବଂ ମହେଶ୍ୱର ମହାନ୍ତଙ୍କୁ ୯୪ଖଣ୍ଡ ଶାଳଗଣ୍ଡିକୁ ବନବିଭାଗ ଜିମା ଦେଇଛି। ବୁଧବାର ଜମି ଚିହ୍ନଟ ପରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ।



# ଦେବକୁଣ୍ଡ ପ୍ରବେଶଦ୍ୱାର ଓ ଇ-ଯାନ ଉଦ୍‌ଘାଟିତ

**ଉଦଳା, ୧୦।୧୨(ସମିସ):** ସୋମବାର ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶରାମ ସିଂ ଖୁଣ୍ଟିଆ ଦେବକୁଣ୍ଡ ପର୍ଯ୍ୟଟନସ୍ଥଳ ଗସ୍ତ କରି ପ୍ରବେଶ ଦ୍ୱାର ଏବଂ ଇ-ଯାନ ଉଦ୍‌ଘାନଟ କରିବା ସହିତ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟର ସମୀକ୍ଷା କରିଥିଲେ। ଏହି ପର୍ଯ୍ୟଟନସ୍ଥଳରେ ବିକାଶ ହେଲେ ଆଗାମୀ ଦିନରେ ପର୍ଯ୍ୟଟକଙ୍କ ସଂଖ୍ୟା ବୃଦ୍ଧି ହେବା ସହିତ ଏ ଅଞ୍ଚଳର ଅର୍ଥନୈତିକ ଓ ସାମାଜିକ କ୍ଷେତ୍ରରେ ଅଭିବୃଦ୍ଧି ଘଟିବା ନେଇ ମନ୍ତ୍ରୀ କହିଥିଲେ। ତେବେ ଦେବକୁଣ୍ଡ ପର୍ଯ୍ୟଟନସ୍ଥଳର ବିକାଶ ପାଇଁ ରାଜ୍ୟ ଏବଂ କେନ୍ଦ୍ର ସରକାର ସରକାର ବିଶ୍ୱସ୍ତରୀୟ କରିବା ପାଇଁ ପରିକଳ୍ପନା କରିଛନ୍ତି। ଏଥିସହିତ ମନ୍ତ୍ରୀ ନୂତନ ଭାବେ ନିର୍ମାଣ ହୋଇଥିବା ବ୍ୟାଖ୍ୟା ଓ ସ୍ମରଣିକା କେନ୍ଦ୍ର, ପ୍ରବେଶ ଦ୍ୱାର ସହିତ ଇ-ଯାନକୁ ବିଧିବଦ୍ଧ ଭାବରେ ଉଦଘାଟନ କରିଥିଲେ। ଇ-ଯାନ ଜରିଆରେ ପର୍ଯ୍ୟଟକମାନେ ବୁଲି ଦେଖିପାରିବେ ବୋଲି ମନ୍ତ୍ରୀ କହିଥିଲେ। ତାଙ୍କ ସହିତ ବାରିପଦା ବିଧାୟକ ପ୍ରକାଶ ସୋରେନ୍, ଉଦଳା ଏନଏସି ଅଧକ୍ଷା ପ୍ରମିଳା ପଣ୍ଡା ଏବଂ ଶିମିଳିପାଳର ଡେପୁଟି ଡାଇରେକ୍ଟର, ଏମସିଏଲ୍, ଡିଏଫ୍‌ଓ ପ୍ରମୁଖ ଉପସ୍ଥିତ ଥିଲେ।

# ଟାଟା ପାୱାର ଆଉଟସୋର୍ସିଂ କର୍ମଚାରୀଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ



**ବେତନଟୀ/ବୈଶିଙ୍ଗା, ୧୦।୧୨(ସମିସ):** ଟାଟା ପାୱାରରେ କାର୍ଯ୍ୟରତ ମେଣ୍ଟେନାନ୍ସ ଆଉଟସୋର୍ସିଂ କର୍ମଚାରୀଙ୍କୁ ନିୟମିତ ଦରମା ମିଳୁନଥିବା ପ୍ରତିବାଦରେ ମଙ୍ଗଳବାର ବେତନଟୀ, ବୈଶିଙ୍ଗା ଓ କୋଚିଲାଖୁଣ୍ଟା ସେକ୍ସନ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିବା ସହିତ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ସୂଚନା ମୁତାବକ ବର୍ତ୍ତମାନ ବେତନଟୀ, ବୈଶିଙ୍ଗା ଓ କୋଚିଲାଖୁଣ୍ଟା ସେକ୍ସନ କାର୍ଯ୍ୟାଳୟରେ କାର୍ଯ୍ୟରତ ଆଉଟସୋର୍ସିଂ କର୍ମଚାରୀମାନେ ଦାୟିତ୍ୱ ତୁଲାଇ ଆସୁଥିଲେ ସୁଦ୍ଧା ଧାର୍ଯ୍ୟ ସମୟରେ ସେମାନଙ୍କୁ ଦରମା ଦିଆଯାଉନାହିଁ। ବାରମ୍ବାର ଏଭଳି ସମସ୍ୟାରେ ଅତିଷ୍ଠ କର୍ମଚାରୀମାନେ ଶେଷରେ ବାଧହୋଇ ମଙ୍ଗଳବାର କାର୍ଯ୍ୟବନ୍ଦ ଆନ୍ଦୋଳନ କରିବା ସହିତ ନିଜନିଜର କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସି ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ବେତନଟଙ୍ଗୀ, ବୈଶିଙ୍ଗା ଓ କୋଚିଲାଖୁଣ୍ଟାରେ ମୋଟ ୪୬ଜଣ ଆଉଟସୋର୍ସିଂ କର୍ମଚାରୀ କାମ କରୁଥିବା ବେଳେ ସମସ୍ତେ ଏକକାଳୀନ କାର୍ଯ୍ୟବନ୍ଦ ଆନ୍ଦୋଳନକୁ ଓହ୍ଲାଇବା ଦ୍ୱାରା ମଙ୍ଗଳବା ସ୍ୱାଭାବିକ ବିଦ୍ୟୁତସେବା ଯୋଗାଣ ଗୁରୁତର ଭାବରେ ପ୍ରଭାବିତ ହୋଇଛି।

## ଆମ୍ବୁଲାନ୍ସ କର୍ମଚାରୀଙ୍କ ମନମାନି

# ଗୁରୁତର ବୃଦ୍ଧଙ୍କୁ ପାଦରେ ଚଲାଇଚଲାଇ ନେଲେ

**ତୁରୁମୁଙ୍ଗା, ୧୦।୧୨(ସମିସ)**

ଗୁରୁତର ରୋଗୀଙ୍କୁ ଉଚିତ ସମୟରେ ମେଡିକାଲକୁ ନେବା ପାଇଁ ସରକାର ୧୦୮ ଆମ୍ବୁଲାନ୍ସର ବ୍ୟବସ୍ଥା କରିଥିବା ବେଳେ ଜଣେ ଗୁରୁତର ରୋଗୀଙ୍କୁ ଘରଠାରୁ ପାଖାପାଖି ୫୦୦ ମିଟର ଚଲାଇ ଚଲାଇ ଆମ୍ବୁଲାନ୍ସ ପର୍ଯ୍ୟନ୍ତ ନେବା ଘଟଣା ଏବେ ପାଟଣା ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି। କେନ୍ଦୁଝର ଜିଲା ପାଟଣା ବ୍ଲକର ଉପାନ୍ତ ଅଞ୍ଚଳ ପଲାଶଘାଟି ପଞ୍ଚାୟତ ଗୋଧିରାମ ପଡ଼ା ଟଗ ସାହିରେ ମଙ୍ଗଳବାର ଅପରାହ୍ନରେ ଏଭଳି ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ରୋଗୀଙ୍କୁ ଆଣିବାକୁ ଯାଇଥିବା ୧୦୮ ଆମ୍ବୁଲାନ୍ସ କର୍ମଚାରୀଙ୍କ ମନମାନି ପାଇଁ ଜଣେ ଚାଲିବାକୁ ଓ ଦେଖିବାକୁ ଅସମର୍ଥ ବୃଦ୍ଧଙ୍କୁ ଆମ୍ବୁଲାନ୍ସ ପାଖକୁ ୫ ଶହ ମିଟର କଷ୍ଟେ ମଷ୍ଟେ ଚାଲିବାକୁ ପଡ଼ିଥିଲା। ଉକ୍ତ ସାହିର ସିଙ୍ଗା ମୁଣ୍ଡା (୬୦)ଙ୍କୁ ଜ୍ୱର ହେବାରୁ ତାଙ୍କ ବଡ ପୁଅ ରାଉତ ମୁଣ୍ଡା ୧୦୮ ଆମ୍ବୁଲାନ୍ସକୁ ଫୋନ କରିଥିଲେ। ଘରଠାରୁ ୫ ଶହ ମିଟର ଦୂରରେ ଆମ୍ବୁଲାନ୍ସକୁ ଡ୍ରାଇଭର ରଖି ଆଉ ଆଗକୁ ଯାଇପାରିବ ନାହିଁ ବୋଲି କହିଥିଲେ। ଆମ୍ବୁଲାନ୍ସ ଡ୍ରାଇଭର ରାସ୍ତାରେ ନୂଆ ମାଟି ପଡ଼ିଥିବାରୁ ଘର ନିକଟକୁ ଗାଡି ନେଲେ ଗାଡି ଫସି ଯିବାର ବାହାନା ଦେଖାଇଥିଲେ। ଉକ୍ତ ରାସ୍ତାରେ ସବୁ ପ୍ରକାର ଗାଡି ଯିବା ଆସିବା କରୁଥିବା ବେଳେ ଡ୍ରାଇଭର ଗାଡି ନେବାକୁ ରାଜି ହୋଇ ନଥିଲେ। ଗ୍ରାମର କିଛି ଭଦ୍ର ବ୍ୟକ୍ତି ଅନୁରୋଧ କରିବାରୁ ଡ୍ରାଇଭର ଓ ଫାର୍ମାସିଷ୍ଟ ଉକ୍ତ ଲୋକଙ୍କୁ ଧମକାଇଥିବା ଗ୍ରାମବାସୀ କହିଛନ୍ତି। ଆମ୍ବୁଲାନ୍ସ କର୍ମଚାରୀଙ୍କ ଜିଦ ଆଗରେ ଘର ଲୋକେ ବାଧ ହୋଇ ସିଙ୍ଗାଙ୍କୁ ବାଡି ଧରି ଚଲାଇ ଚଲାଇ ମଝିଆ ପୁଅ ମହେନ୍ଦ୍ର ଅନେକ କଷ୍ଟରେ ଆମ୍ବୁଲାନ୍ସ ପାଖକୁ ନେଇଥିଲେ। ପରେ ଆମ୍ବୁଲାନ୍ସରେ ସିଙ୍ଗା ମୁଣ୍ଡା ଯାଇ ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି ହୋଇଥିବା ବେଳେ ତାଙ୍କ ଅବସ୍ଥା ଗୁରୁତର ଥିବା ପରିବାର ଲୋକେ କହିଛନ୍ତି।



### ବନବିଭାଗ ଚେକ୍‌ଡ୍ୟାମ ନିର୍ମାଣରେ ଅନୀୟମିତତା ଅଭିଯୋଗ

# ନିମ୍ନମାନର କାର୍ଯ୍ୟର ଭିଜିଲାନ୍ସ ତଦନ୍ତ ଦାବି


**ତେଲକୋଇ,୧୦।୧୨(ସମିସ)**

ବନ୍ୟ ଜନ୍ତୁଙ୍କ ସୁରକ୍ଷା ପାଇଁ ସରକାର ବନ ବିଭାଗ ଜରିଆରେ ବିଭିନ୍ନ ଯୋଜନା ମାଧ୍ୟମରେ କୋଟି କୋଟି ଟଙ୍କା ବ୍ୟୟ କରୁଛନ୍ତି। ସଂରକ୍ଷିତ ଜଙ୍ଗଲ ମଧ୍ୟରେ ପୋଖରୀ ଖନନ ହେଉ କିମ୍ବା ଚେକ୍‌ଡ୍ୟାମ ନିର୍ମାଣ ହେଉ ଅବା ଟ୍ରେଞ୍ଚ ଖନନ। ଏହା ସହିତ ସବୁଜ ସୁନ୍ଦର ପାଇଁ ଚାରା ରୋପଣ। ଏଥିପାଇଁ ବିଭାଗ ପକ୍ଷରୁ କୋଟି କୋଟି ଟଙ୍କା ଖର୍ଚ୍ଚ ହେଉଛି। ହେଲେ ଏହି ଉନ୍ନୟନ ମୂଳକ କାର୍ଯ୍ୟରେ ବ୍ୟାପକ ଅନିୟମିତତା କରାଯାଇ ଉକ୍ତ ଅର୍ଥକୁ ଆତ୍ମସାତ କରୁଥିବା ଅଭିଯୋଗ ହୋଇଛି। ବନ ବିଭାଗ ପକ୍ଷରୁ ଉକ୍ତ କାର୍ଯ୍ୟକୁ ନିର୍ଦ୍ଦିଷ୍ଟ କେତେକ ଠିକାଦାରଙ୍କୁ ମୋଟା ଅଙ୍କରେ ବିକ୍ରି କରାଯାଉଛି। ଫଳରେ ଉନ୍ନୟନ ମୂଳକ କାର୍ଯ୍ୟ ଗୁଡ଼ିକରେ ବ୍ୟାପକ ଅନିୟମିତତା ହେବା ସହିତ ଅତ୍ୟନ୍ତ ନିମ୍ନ ମାନର କାର୍ଯ୍ୟ ହେଉଥିବା ଅଭିଯୋଗ ହୋଇଛି। ଏହି ଅନିୟମିତତା ସ୍କାମରେ ବିଭାଗୀୟ ଅଧିକାରୀ ଓ କର୍ମଚାରୀଙ୍କ ସିଧାସଳଖ ହାତ ରହିଥିବା ଅଭିଯୋଗ ହୋଇଛି। ତେଲକୋଇ ବନାଞ୍ଚଳ ବିମଳା ଫରେଷ୍ଟ ବିଟ୍ କୁଡୁବିଲ ସଂରକ୍ଷିତ ଜଙ୍ଗଲ ମଧ୍ୟରେ ଥିବା ଡୁରୁ ଡୁରି ନାଳ ରେ ନିର୍ମାଣ ହେଉଥିବା ଚେକ୍‌ଡ୍ୟାମରେ ବ୍ୟାପକ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି। ନିର୍ମାଣ କାର୍ଯ୍ୟ ଅତ୍ୟନ୍ତ ନିମ୍ନମାନର ହେଉଥିବାରୁ ସ୍ଥାନୀୟ ବାସିନ୍ଦା ଆଜି ଚେକଡ୍ୟାମ ନିର୍ମାଣ କାର୍ଯ୍ୟକୁ ବନ୍ଦ କରି ଦେଇଛନ୍ତି। ନଦୀ ବାଲି ବଦଳରେ ମାଟି ମିଶ୍ରିତ ବାଲି ଏବଂ ମେଟାଲ ବୋଲଡର ବଦଳରେ ନାଳରୁ ବାହାରୁଥିବା ଗୋଟା ପଥରକୁ ବ୍ୟବହାର କରାଯାଉଛି। ସିମେଣ୍ଟ କଥା ପଚାରେ କିଏ ବୋଲି ସ୍ଥାନୀୟ ଲୋକେ ଅଭିଯୋଗ ଆଣିଛନ୍ତି। କାର୍ଯ୍ୟ ସ୍ଥଳରେ ସୂଚନା ଫଳକ ଲଗାଇବା ପାଇଁ ସରକାରଙ୍କ କଡ଼ା



ନିୟମଥିଲେ ସୁଦ୍ଧା ନିର୍ମାଣସ୍ଥଳୀରେ ସୂଚନା ଫଳକ ଲଗାଯାଇ ନାହିଁ। ଏହି ଚେକ୍‌ଡ୍ୟାମ ନିର୍ମାଣ ପାଇଁ ବିଭାଗ ପକ୍ଷରୁ ୯ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ମଞ୍ଜୁରୀ ହୋଇଥିବା ବେଳେ ସେ ବାବଦରେ କୌଣସି ସୂଚନା ପ୍ରଦାନ କରାଯାଇନାହିଁ। ତଞ୍ଚକତା କରି ଉକ୍ତ ଅର୍ଥକୁ ଆତ୍ମସାତ କରିବାକୁ ବନ ବିଭାଗ ଏବଂ ଠିକାଦାର ମସୁଧା ଚଳାଇଥିବା ସଙ୍ଗୀନ ଅଭିଯୋଗ ହୋଇଛି। ଏହି ନିର୍ମାଣାଧୀନ ଚେକ୍‌ଡ୍ୟାମର ଭିଜିଲାନ୍ସ ତଦନ୍ତ ପାଇଁ ଗ୍ରାମବାସୀ ଦାବି କରିଥିବା ବେଳେ ଏହାକୁ ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ତେବେ ଏ ସମ୍ବନ୍ଧରେ ବନାଞ୍ଚଳ ଅଧିକାରୀ ଶିବାଜୀ ମୋହନ ରାଓଙ୍କୁ ପଚାରିବାରୁ ଅଭିଯୋଗ ହେବାପରେ କାର୍ଯ୍ୟ ବନ୍ଦ ରହିଛି। ବିଭାଗୀୟ ଟେକ୍ନିକାଲ ଟିମ୍‌ଙ୍କ ଦ୍ୱାରା ଏହାର ତଦନ୍ତ କରାଯିବ ବୋଲି କହିଛନ୍ତି। ଅନ୍ୟପଟେ ଏହି ନିମ୍ନମାନର ନିର୍ମାଣ କାର୍ଯ୍ୟକୁ ତେଲକୋଇ ବିଜେପି ଦଳର ଏକ ସକ୍ରିୟ ଗୋଷ୍ଠୀ କିଛି ଦିନ ତଳେ ବିରୋଧ କରି ନିର୍ମାଣ କାର୍ଯ୍ୟ ବନ୍ଦ କରିଥିବା ବେଳେ ଦଳର ଅନ୍ୟ ଜଣେ କର୍ମକର୍ତ୍ତା ଏହି ନିର୍ମାଣ କାର୍ଯ୍ୟକୁ ତ୍ୱରାନିତ କରିବାକୁ ଚାପ ପକାଇଥିବା ଚର୍ଚ୍ଚାର ବିଷୟ ହୋଇଛି। ଯାହା ଫଳରେ ନିମ୍ନମାନର କାର୍ଯ୍ୟ ହେଉଥିବା ଅଭିଯୋଗ ହୋଇଛି। ଏହା ସହିତ ବନ ବିଭାଗ ଅଧୀନରେ ହୋଇଥିବା ସମସ୍ତ ଉନ୍ନୟନ ମୂଳକ କାର୍ଯ୍ୟର ଭିଜିଲାନ୍ସ ତଦନ୍ତ ପାଇଁ ସାଧାରଣରେ ଦାବି ହୋଇଛି।

## ଟ୍ରାକ୍ଟର ଜବତ; ୨୦ ହଜାର ଜରିମାନା



**ରାମଚନ୍ଦ୍ରପୁର,୧୦।୧୨(ସମିସ):** ଘସିପୁରା ବ୍ଲକ ଅନ୍ତର୍ଗତ ଦେଓଗାଁ ଶୈଳଙ୍ଗ ରାସ୍ତାର ଚମ୍ପୁହିଁ ନିକଟରୁ ବେଆଇନ ବାଲି ବୋଝେଇ ଟ୍ରାକ୍ଟର ଜବତ ହୋଇଛି। ଓଡି୦୯ ଏଲ ୪୮୫୩ ନମ୍ବର ଥିବା ଏକ ଟ୍ରାକ୍ଟରକୁ ଘସିପୁରା ତହସିଲଦାର ନିଳକଣ୍ଠ ବେହେରା ଆଜି ପୂର୍ବାହ୍ନରେ ଅଟକ ରଖି କାଗଜପତ୍ର ଯାଞ୍ଚ କରିବା ପରେ ତାହା ବେଆଇନ ବାଲି ବୋଝେଇ ହୋଇଥିବା ଜାଣିବା ପରେ ଗାଡିଟିକୁ ଘସିପୁରା ଥାନାକୁ ହସ୍ତାନ୍ତର କରିଥିଲେ। ତହସିଲଦାରଙ୍କ ନିର୍ଦ୍ଦେଶ ମୁତାବକ ଗାଡି ମାଲିକ ୨୦ ହଜାର ଟଙ୍କା ଜୋରିମାନା ପୈଠକରି ଲିଖିତ ଚୁକ୍ତିନାମାରେ ଛାଡ ପାଇଥିବା ଜଣାପଡିଛି।

### ● ଧାନ ଚୋରଙ୍କୁ ସାତବେଣ୍ଟିଆ କରିବା ଘଟଣା

## ୫ ଗ୍ରାମବାସୀଙ୍କୁ ବାନ୍ଧିଲା ପୁଲିସ


**ତେଲକୋଇ,୧୦।୧୨(ସମିସ):** କେନ୍ଦୁଝର ଜିଲ୍ଲା ତେଲକୋଇ ଥାନା ଡିମିରି ମୁଣ୍ଡା ଗ୍ରାମରେ ଘଟିଥିବା କଙ୍ଗାରୁ କୋର୍ଟ ଘଟଣାରେ ତେଲକୋଇ ପୁଲିସ ୫ ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ଶତ୍ରୁଘ୍ନ ମହାକୁଡ଼, ଜଗା ମହାକୁଡ, ମାୟାଧର ପ୍ରଧାନ, ଡମ୍ବରୁ ବେହେରା ଓ ଗୋପୀ ବେହେରା। ଗିରଫ ଅଭିଯୁକ୍ତଙ୍କୁ ତେଲକୋଇ ଥାନାର କେସ ନମ୍ବର ୩୨୨/୨୪ରେ ମାମଲା ରୁଜୁ କରାଯାଇ



କୋର୍ଟଚାଲାଣ କରାଯାଇଥିବା ଜଣାପଡ଼ିଛି। ତେବେ ପ୍ରକାଶ ଥାଉକି, ସଂପୃକ୍ତ ଅଭିଯୁକ୍ତମାନେ ଗ୍ରାମର ଦୁଇ ଧାନ ଚୋରଙ୍କୁ ଧରି କଙ୍ଗାରୁ କୋର୍ଟରେ ନ୍ୟାୟ ବିଚାର କରି ମୁହଁରେ ଚୂନ କାଳି ବୋଳିବା ସହିତ ଫାଳେ ନିଶ କାଟି ବେକରେ ଜୋତା ମାଳ ପକାଇ ଗାଁ ଦାଣ୍ଡରେ ବୁଲାଇ ଅମାନବୀୟ ଶାସ୍ତି ଦେଇଥିଲେ। ଏହି ଘଟଣା ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ପୁଲିସ୍ ଆକ୍ସନ ମୁଡ଼କୁ ଆସିଥିଲା।

## ଖଣିଜ ବୋଝେଇ ଟ୍ରେଲର ଜବତ

**ଯୋଡା,୧୦।୧୨(ସମିସ):** କେନ୍ଦୁଝର ଜିଲ୍ଲା ଯୋଡା ଖଣି ମଣ୍ଡଳ ଅନ୍ତର୍ଗତ ତଥା ୫୨୦ ନଂ. ଜାତୀୟ ରାଜପଥର ବିଲେଇପଦା ଟୋଲ ଗେଟ୍‌ଠାରେ ଚୋରା ଲୁହାପଥର ଚୋରା ଚାଲାଣ ବେଳେ ଖଣି ବିଭାଗ ଚଢାଉ କରି ଖଣିଜ ବୋଝେଇ ଟ୍ରେଲରକୁ ଜବତ କରିଛି। ଖଣି ବିଭାଗ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଯୋଡା ଖଣି ଉପ ନିର୍ଦ୍ଦେଶକ ଦିନେଶ ଅଗ୍ରୱାଲଙ୍କ ନିର୍ଦ୍ଦେଶ କ୍ରମେ ଉପନିର୍ଦ୍ଦେଶାଳୟ ର ଖଣି ଅଧିକାରୀ ବ୍ରହ୍ମାନନ୍ଦ ମହାନ୍ତ ଟୋଲଗେଟ୍‌ରେ ଯାଞ୍ଚ କରୁଥିଲେ। ଟ୍ରେଲର ରେ ପ୍ରାୟ ୩୫ ଟନ୍‌ରୁ



ଊର୍ଦ୍ଧ୍ୱ ଉନ୍ନତ ମାନର ଲୁହାପଥର ବୋଝେଇ କରି ବିଲେଇପଦା ଟୋଲ ଗେଟ୍ ଦେଇ ଚୋରାଚାଲାଣ ଉଦ୍ୟମ ବେଳେ ଖଣି ଅଧିକାରୀ ଉକ୍ତ ଟ୍ରେଲରର ଟ୍ରାଞ୍ଜିଟ ପାସ୍ ଯାଞ୍ଚ କରିଥିଲେ। ଟିପିରେ ଉଲ୍ଲେଖ ଥିବା ଟ୍ରେଲର ନଂ. ଓ ଲୁହାପଥର ବୋଝେଇ ହୋଇଥିବା ଟ୍ରେଲର ନଂ. ଅଲଗା ଥିବାରୁ ତାହା ଚୋରା ଚାଲାଣ ହେଉଥିବା ଜଣାପଡିବା ପରେ ଖଣି ବିଭାଗ ଟ୍ରେଲରକୁ ଜବତ କରିଥିଲା। ଟିପିରେ କୋଇଡା ଖଣି ମଣ୍ଡଳ ସ୍ଥିତ ରୁଙ୍ଗଟା ସନ୍ସ ଖଣିରୁ ପରିବହନ ହେଉଥିବା ଖଣି ବିଭାଗ ଯାଞ୍ଚରୁ ଜାଣିବାକୁ ପାଇଥିବା ସୂଚନା ଦେଇଛି। ତେବେ ଘଟଣାସ୍ଥଳରୁ ଡ୍ରାଇଭର ଫେରାର ହୋଇଯାଇଥିବା ସୂଚନା ମିଳିଛି।

## ଗାଡ଼ି ଧକ୍କାରେ ଯୁବକଙ୍କ ଜୀବନ ଗଲା

**ଆନନ୍ଦପୁର,୧୦।୧୨(ସମିସ):** ଶାଳପଦାର ଆନନ୍ଦପୁର୍ ବ୍ୟାରେଜ କଲୋନୀ ସମ୍ମୁଖରେ ଏକ ଅଜଣା ଗାଡି ଧକ୍କାରେ ଗୋହିରା ପଞ୍ଚାୟତ ଓସ୍ତପୁରା କାସିବେଡା ସାହିର ଉଡାନ ମାରାଣ୍ଡିଙ୍କ ମୃତ୍ୟୁ ହୋଇଯାଇଛି। ୨୦ ନମ୍ବର ଜାତୀୟ ରାଜପଥ ବାରିଗାଁ ପେଟ୍ରୋଲ ପମ୍ପ ନିକଟରେ ହୋଇଥିବା ଡାଇଭରର୍ସନ ବନ୍ଦଥିବାରୁ ରଙ୍ଗ ରୁଟରେ ଆସୁଥିବା ଏକ ଅଜଣା ଗାଡି ଧକ୍କା ଦେବାରୁ ଘଟଣାସ୍ଥଳରେ ବାଇକ୍ ଆରୋହୀ ଟଳି ପଡ଼ିଥିଲେ। ଏହାକୁ କେନ୍ଦ୍ର କରି ଉତ୍ତେଜନା ପ୍ରକାଶ ପାଇଥିବା ବେଳେ ପୁଲିସ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତିକୁ ଆୟତ୍ତ କରିବା ସହିତ ମୃତ ଦେହକୁ ବ୍ୟବଚ୍ଛେଦ ପାଇଁ ଆନନ୍ଦପୁର ଡାକ୍ତରଖାନାକୁ ପଠାଇ ଥିଲେ। ସୂଚନାଯୋଗ୍ୟ ଯେ ଏନଏଚଏଆଇ କର୍ମଚାରୀଙ୍କ ସମେତ ସରକାରୀ ଅଧିକାରୀମାନେ ଉକ୍ତ ରାସ୍ତା ଦେଇ ପ୍ରତ୍ୟେକ ଦିନ ଯିବା ଆସିବା କରୁଥିବା ବେଳେ ଉକ୍ତ ସ୍ଥାନଟିକୁ ଅଣଦେଖା କରି ଚାଲି ଯାଉଛନ୍ତି। ଯାହାଦ୍ୱାରା ଅନେକ ସମୟରେ ଗାଡିଗୁଡିକ ଦ୍ରୁତଗତିରେ ଯିବା ସହ ବହୁ ସମୟରେ ଦୁର୍ଘଟଣା ଘଟୁଥିବା ବେଳେ ଅନେକ ଧନ ଜୀବନ ହାନି ହେଉଛି।

## ମାନବାଧିକାର ଦିବସରେ ସଚେତନତା

**ହାଟଡିହୀ,୧୦।୧୨(ସମିସ):** ଆଜି ବିଶ୍ୱ ମାନବାଧିକାର ଦିବସ ଅବସରରେ ଭାତକୁରାଠାରେ ଏକ ସଚେତନତା ସଭା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ସଚେତନତା ବୈଠକରେ ଅକରୁଆ ପଞ୍ଚାୟତର ପିଆରଆଇ, ସରକାରୀ ଶିକ୍ଷକ, ଏସଏଚଜି ମହିଳା, ଯୁବକ, ଯୁବତୀ, ବାଳିକା, ଅଭିଭାବକ ଏବଂ ଅନ୍ୟାନ୍ୟ ସଦସ୍ୟମାନେ ଯୋଗ ଦେଇଥିଲେ। ବିଶ୍ୱ ମାନବାଧିକାର ଦିବସର ବିଭିନ୍ନ କାର୍ଯ୍ୟସୂଚୀ ସମ୍ବନ୍ଧରେ ଆଲୋଚନା ହେବା ସହ ବିଭିନ୍ନ ଅଧିକାର ମଧ୍ୟରେ ସମାନତାର ଅଧିକାର, ସ୍ୱାଧୀନତା ଅଧିକାର, ଶୋଷଣ ବିରୋଧୀ ଅଧିକାର, ଧର୍ମର ସ୍ୱାଧୀନତା ଅଧିକାର, ସାଂସ୍କୃତିକ ଏବଂ ଶିକ୍ଷାଗତ ଅଧିକାର, ସାମ୍ବିଧାନିକ ପ୍ରତିକାର ଅଧିକାର ସହ ମାନବ ଅଧିକାର ସମ୍ବନ୍ଧୀୟ ସମସ୍ତ ବିଷୟ ଉପରେ ମଧ୍ୟ ଆଲୋଚନା କରାଯାଇଥିଲା।

### ଜିପିଏସ୍ ଚାଳକଙ୍କ ଅଭଦ୍ରାମି

## ବସ୍‌ରେ ଯିବାକୁ ଡରୁଛନ୍ତି ମହିଳା

**କେନ୍ଦୁଝର,୧୦।୧୨(ସମିସ):** ଗାଁକୁ ମହିଳାମାନେ ସୁବିଧାରେ ଅଳ୍ପ ପଇସାରେ ସୁରକ୍ଷିତ ଭାବେ ଯା' ଆସ ପାଇଁ ପୂର୍ବତନ ସରକାର ଲକ୍ଷ୍ମୀ ବସ୍ ସେବା ଆରମ୍ଭ କରିଥିଲେ। ଏହି ବସ୍ ସେବା ସାଧାରଣ ଲୋକଙ୍କ ପାଇଁ ଅତ୍ୟନ୍ତ ଉପଯୋଗୀ ହେଉଥିବାରୁ ଲୋକେ ଏହାର ସୁବିଧା ନେଉଛନ୍ତି। ପରବର୍ତ୍ତୀ ସମୟରେ ମୁଖ୍ୟମନ୍ତ୍ରୀ ଗ୍ରାମୀଣ ପରିବହନ ସେବା (ଜିପିଏସ୍) ନାମରେ ଏହା ନାମିତ ହୋଇଥିଲା। ବିଶେଷ କରି ଗ୍ରାମାଞ୍ଚଳର ମହିଳାମାନେ ଏଥିରେ ବିଶେଷ ଉପକୃତ ହେଉଛନ୍ତି। କିନ୍ତୁ ସଦର ବ୍ଲକର ଜଦୀପଡା ଆଡ଼କୁ ଯାଉଥିବା ଗୋଟିଏ ବସ୍‌ର ଡ୍ରାଇଭରଙ୍କ ମହିଳା ଓ କଲେଜ ଛାତ୍ରୀମାନଙ୍କ ପ୍ରତି ଅଶାଳିନ ବ୍ୟବହାରକୁ ନେଇ ସେ ଗାଡ଼ିରେ ମହିଳା ଯା'ଆସ କରିବାକୁ ଡରିଲେଣି। ଏଭଳି ଅଭିଯୋଗ ଆଣିଛନ୍ତି ଜଦୀପଡା ଗ୍ରାମର ନିମାଦ୍ରୀ ସିଂହ ନାମକ ଜଣେ ମହିଳା। ଏବାଦରେ ମଙ୍ଗଳବାର ସେ ମୁଖ୍ୟମନ୍ତ୍ରୀ, ଜିଲ୍ଲାପାଳଙ୍କୁ ଲିଖିତ ଜଣାଇ ନ୍ୟାୟ ଭିକ୍ଷା କରିଛନ୍ତି। ସମ୍ପୃକ୍ତ ବସ୍‌ରେ ଅନେକ ମହିଳା ଏବଂ କଲେଜ ଛାତ୍ରୀ ଯା'ଆସ କରୁଛନ୍ତି। ଯଦି ସମ୍ପୃକ୍ତ ବସ୍‌ର ଡ୍ରାଇଭର ମହିଳାମାନଙ୍କୁ ଅଶାଳିନ ବ୍ୟବହାର କରନ୍ତି ତେବେ ତାଙ୍କ ପାଇଁ କ'ଣ ଆଇନ ନାହିଁକି ବୋଲି ଏଭଳି ବ୍ୟବହାରର ଅତିଷ୍ଠ ମହିଳା ଜଣଙ୍କ ପ୍ରଶ୍ନ କରିଛନ୍ତି। ପ୍ରଶାସନ ପଦକ୍ଷେପ ନେବାକୁ ଦାବି ହୋଇଛି।

### ବିଡିଓଙ୍କୁ ଦେଲେ ଭିନ୍ନ ଭିନ୍ନ ଦାବିପତ୍ର

## ରାସ୍ତା ନିର୍ମାଣକୁ ଦୁଇ ପକ୍ଷ ବିବାଦ



**ତୁରୁମୁଙ୍ଗା,୧୦।୧୨(ସମିସ):** କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ବୁଢିକାପୁଡି ପଞ୍ଚାୟତ ଅନ୍ତର୍ଗତ ତେନ୍ତଳାପଶି ଗ୍ରାମବାସୀ ମଙ୍ଗଳବାର ପାଟଣା ବିଡିଓଙ୍କୁ ଭେଟି ଗାଁ ମୁଣ୍ଡରୁ ବୈତରଣୀ ନଦୀ ପର୍ଯ୍ୟନ୍ତ ଯାଇଥିବା ଗୋଦାଣ୍ଡୀ ରାସ୍ତାର ଜବର ଦଖଲ ଉଚ୍ଛେଦ ସହ ରାସ୍ତା ନିର୍ମାଣ କରିବା ପାଇଁ ଦାବିପତ୍ର ପ୍ରଦାନ କରିଛନ୍ତି। ଉକ୍ତ ରାସ୍ତା ନିର୍ମାଣ ପାଇଁ କାର୍ଯ୍ୟାଦେଶ ମିଳିଥିଲେ ସୁଦ୍ଧା କାର୍ଯ୍ୟକାରୀ ହୋଇନଥିବାରୁ ଗ୍ରାମବାସୀ ମୁଖ୍ୟମନ୍ତ୍ରୀଙ୍କୁ ଗୁହାରି କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ କ୍ରମେ ପାଟଣା ବିଡିଓ, ଏପିଓ, ବୁଢିକାପୁଡି ସରପଞ୍ଚ, ପଞ୍ଚାୟତ ନିର୍ବାହୀ ଅଧିକାରୀ, ଗ୍ରାମ ରୋଜଗାର ସେବକ ଘଟଣାସ୍ଥଳକୁ ସରଜମିନ ତଦନ୍ତ ପାଇଁ ଯାଇଥିଲେ। ଉକ୍ତ ରାସ୍ତାକୁ ଗ୍ରାମର ଦୁଇଟି ପରିବାର ଜବରଦଖଲ କରି ରଖିଥିବା ବେଳେ ପାଟଣା ତହସିଲ କାର୍ଯ୍ୟାଳୟ ପକ୍ଷରୁ ଜବରଦଖଲ ଉଚ୍ଛେଦ କରାଯାଇଥିଲେ ମଧ୍ୟ ଉକ୍ତ ଦୁଇ ପରିବାର ସେହି ରାସ୍ତା ଉପରେ କୌଣସି ଉନ୍ନତିମୂଳକ କାର୍ଯ୍ୟ କରିବାକୁ ଦେଉନାହାନ୍ତି। ଏହାକୁ ବିରୋଧ କରି ତେନ୍ତଳାପଶି ଗ୍ରାମର ପୁରୁଷ ମହିଳା ପାଟଣା ବ୍ଲକ କାର୍ଯ୍ୟାଳୟରେ ଉକ୍ତ ଜବରଦଖଲ ଉଚ୍ଛେଦ କରି ରାସ୍ତା ନିର୍ମାଣ କରିବାକୁ ପାଟଣା ଗୋଷ୍ଠୀ ଉନ୍ନୟନ ଅଧିକାରୀ ମାନସ କୁମାର ଦଣ୍ଡପାଟଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ତେବେ ଅପରପକ୍ଷ ରାସ୍ତା ନିର୍ମାଣକୁ ବିରୋଧ କରି ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ସେମାନଙ୍କ ଦାବି ଅନୁସାରେ ରାସ୍ତା ଭଲଥିବା ବେଳେ କେତେକ ଲୋକ ଆକ୍ରୋଷମୂଳକ ଭାବେ ଏବଂ ବାଲି ଚୋରାଚାଲାଣ କରିବାକୁ ଏହି ରାସ୍ତା ନିର୍ମାଣ ଦାବି ଉଠାଉଛନ୍ତି। ତେବେ ବିଡିଓ ଉଭୟଙ୍କ ଦାବିପତ୍ର ପାଇବା ପରେ ଘଟଣାସ୍ଥଳ ଅନୁଧ୍ୟାନ କରାଯିବ। ଆବଶ୍ୟକ ଥିଲେ ରାସ୍ତା ନିର୍ମାଣ କରାଯିବ ବୋଲି କହିଛନ୍ତି।

## ଫକୀରପୁର ସାହିତ୍ୟ ସଂସଦରେ କାନ୍ତକବି ଜୟନ୍ତୀ



**ଆନନ୍ଦପୁର,୧୦।୧୨(ସମିସ):** କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ଜୟନ୍ତୀ ଫକୀରପୁର ସାହିତ୍ୟ ସଂସଦ ପକ୍ଷରୁ ପାଳିତ ହୋଇଯାଇଛି। ସଂସଦର ସଭାପତି ସରୋଜ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟବକ୍ତା ଭାବେ ପ୍ରାକ୍ତନ ଅଧ୍ୟକ୍ଷ ରମାକାନ୍ତ ନାୟକ, ମୁଖ୍ୟଅତିଥି ରାଜ୍ୟ ଶିକ୍ଷକ ପ୍ରଶିକ୍ଷକ ଅଭିମନ୍ୟୁ ସାହୁ ଓ ସମ୍ମାନିତ ଅତିଥି ଆନନ୍ଦପୁର ଶିକ୍ଷା ଜିଲ୍ଲା ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ହେମେନ୍ଦ୍ର ମହାନ୍ତି, ସମ୍ପାଦନ ଅନୀଲ କୁମାର ସାହୁ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷାବିତ୍ ନୃସିଂହ ଚରଣ ଦତ୍ତ, ନରେନ୍ଦ୍ର ପଣ୍ଡା, କାମଦେବ ଗୁଇଁ, ଗଙ୍ଗାଧର ସାହୁ, ନାରାୟଣ ବାରିକ, ହରିହର ସାହୁ, ଘନଶ୍ୟାମ ରଣା, ବସନ୍ତ ସାହୁ, ମାଗୁଣି ଚରଣ ଦାସ, ନୀଳମଣି ବାରିକ ଆଦି ଯୋଗଦାନ କରି ସଫଳ କରିଥିଲେ। ସଂସଦର ଉପସଭାପତି ଶିକ୍ଷକ ବିଜୟସେଣ୍ଠି ଓ ରାଜୀବ ନାୟକ ସହାୟତା ଯୋଗାଇ ଦେଇଥିଲେ। ପ୍ରକୃତି ପ୍ରେମୀ ତ୍ରିଲୋଚନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଅନ୍ତର୍ଜାତୀୟ ମାନବାଧିକାର ଦିବସ ପାଳିତ



**କେନ୍ଦୁଝର,୧୦।୧୨(ସମିସ):** ଜିଲ୍ଲା ଆଇନସେବା ପ୍ରାଧିକରଣ କେନ୍ଦୁଝର ଆୟୋଜନରେ ସରକାରୀ ମହିଳା ମହାବିଦ୍ୟାଳୟ ସଭାଗୃହଠାରେ ଅନ୍ତର୍ଜାତୀୟ ମାନବାଧିକାର ଦିବସ-୨୦୨୪ ପାଳିତ ହୋଇଯାଇଛି। ପ୍ରାଧିକରଣ ଅଧ୍ୟକ୍ଷ ତଥା ଜିଲ୍ଲା ଓ ଦୌରାଜଜ୍ ଅଶୋକ କୁମାର ପଣ୍ଡାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସଚିବ ମାମୀ ବେହେରା ଯୋଗଦେଇଥିଲେ। ପ୍ରାରମ୍ଭରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ପ୍ରଭାକର ନାୟକ ପ୍ରାରମ୍ଭିକ ସ୍ୱାଗତ ଅଭିଭାଷଣ ପ୍ରଦାନ ପୂର୍ବକ ଦିବସର ଲକ୍ଷ୍ୟ ଉପରେ ଆଲୋକପାତ କରିଥିଲେ। ପ୍ରାଧିକରଣ ସଦସ୍ୟ ତଥା ତଦାଶା ସଂପାଦକ ଅକ୍ଷୟ କୁମାର ଚକ୍ର ଯୋଗଦେଇ ଜିଲ୍ଲା ଆଇନସେବା ପ୍ରାଧିକରଣ କିଭଳି ଲୋକମାନଙ୍କୁ ସଚେତନତା ମାଧ୍ୟମରେ ସେମାନଙ୍କର ଅଧିକାରକୁ ସାବ୍ୟସ୍ତ କରିପାରୁଛି ତାହା ଉଦାହରଣ ମାଧ୍ୟମରେ ବର୍ଣ୍ଣନା କରିଥିଲେ। ଅଦାଲତର ପ୍ରାକ୍ତନ ବରିଷ୍ଠ କର୍ମୀ ତଥା ପିଏଲ୍‌ଭି କିଶୋର ଚନ୍ଦ୍ର ଦାସ କିଭଳି ମାନବାଧିକାର କ୍ଷୁଣ୍ଣ ହେଉଛି ବୋଲି ମତ ଦେଇଥିଲେ। ପରେ ପରେ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମରେ ଅଧ୍ୟାପିକା, ଅଧ୍ୟାପକ ଓ ଛାତ୍ରୀମାନେ ଭାଗ ନେଇଥିଲେ। ରାଜନୀତି ବିଜ୍ଞାନ ମୁଖ୍ୟ ପ୍ରାଧ୍ୟାପକ ଦେବାନନ୍ଦ ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପିଏଲ୍‌ଭି ବନଲତା ଜେନା, ମମତାମୟୀ ମହାନ୍ତ, ପ୍ରଦୀପ ସେଠୀ, ପ୍ରାଧିକରଣ କର୍ମୀ ଦେବବ୍ରତ କୁମାର ଦାସ ଯୋଗଦେଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଦାରିଦ୍ର୍ୟ ଦୂରୀକରଣ କର୍ମଶାଳା

**ତୁରୁମୁଙ୍ଗା,୧୦।୧୨(ସମିସ):** କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ସଭାଗୃହରେ ମଙ୍ଗଳବାର ସ୍ୱେଚ୍ଛାସେବୀ ସଂଗଠନ ପିକକ ପକ୍ଷରୁ ଦାରିଦ୍ର୍ୟ ଦୂରୀକରଣ ଯୋଜନା ସମ୍ବନ୍ଧିତ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ପାଟଣା ଗୋଷ୍ଠୀ ଉନ୍ନୟନ ଅଧିକାରୀ ମାନସ କୁମାର ଦଣ୍ଡପାଟ ମୁଖ୍ୟଅତିଥି ଭାବେ ଯୋଗଦେଇ ଥିଲେ। କାର୍ଯ୍ୟକ୍ରମରେ ଅତିଥି ଭାବେ ବିଏସ୍‌ଏସ୍‌ଓ ଅଭୟ ଚରଣ ଦେହୁରୀ, ଏପିଓ ଦୀପକ କୁମାର ବେହେରା, ଓଏଲେମ ସସ୍ମିତା ସାହୁ, ପିକକର ସତ୍ୟନାରାୟଣ ମହାନ୍ତ,



ସଂଯୋଜକ ପୂଜା ପଣ୍ଡା, ରତନ ଦାସ, କୋଷାଧ୍ୟକ୍ଷ ପ୍ରମୁଖ ଅତିଥି ଭାବେ ଯୋଗଦାନ କରିଥିଲେ। ଗ୍ରାମାଞ୍ଚଳରେ ଦାରିଦ୍ର୍ୟ ଦୂରୀକରଣ ପାଇଁ ରହିଥିବା ବିଭିନ୍ନ ଯୋଜନା ଗୁଡିକ ସମ୍ପର୍କରେ ପାଟଣା ବ୍ଲକର ଜନସାଧାରଣଙ୍କୁ ସଚେତନ କରାଗଲା। ଏହି କାର୍ଯ୍ୟକ୍ରମରେ ବ୍ଲକର ବିଭିନ୍ନ ସ୍ଥାନରୁ ଆସିଥିବା ଲୋକେ ଯୋଗଦାନ କରିଥିଲେ। ଏହି ସଭାକୁ ପିକକ୍‌ର କେନ୍ଦୁଝର ଜିଲ୍ଲାର ସଂଯୋଜକ ସତ୍ୟନାରାୟଣ ମହାନ୍ତ ପରିଚାଳନା କରିଥିଲେ।

## ମହୁମାଛି ଆକ୍ରମଣରେ ୧୫ ଆହତ

**ବେଲବାହାଲି,୧୦।୧୨(ସମିସ):** ଆନନ୍ଦପୁର ବ୍ଲକ ଅନ୍ତର୍ଗତ ବେଲବାହାଲି ସୀମାନ୍ତବର୍ତ୍ତି ବାସୁଲି ଠାରେ ମହୁମାଛି ଆକ୍ରମଣରେ ୧୫ ଜଣ ଆହତ ହୋଇଥିବା ସୂଚନା ମିଳିଛି। ସୂଚନା ମୁତାବକ ମଙ୍ଗଳବାର ଦିନ ମଧ୍ୟାହ୍ନ ସମୟରେ ବେଲବାହାଲି ପାଖରୁ ଆନନ୍ଦପୁର ଉପଖଣ୍ଡକୁ ଯିବା ସମୟରେ ହଠାତ ପାଖରେ ଥିବା ଘଞ୍ଚ ଜଙ୍ଗଲ ଭଳି ନିର୍ଜନ ସ୍ଥାନରୁ ମହୁମାଛି ମାନେ ଉଡି ଆସି ଗୋଡ଼ାଇ ଗୋଡ଼ାଇ ପାଖରେ ଯାଉଥିବା ଲୋକଙ୍କୁ ଆକ୍ରମଣ କରିଥିଲେ। ଫଳରେ ଆହତ ହୋଇଥିବା ଲୋକେ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟକୁ କିଛି ମାତ୍ରାରେ ଯାଇ ଚିକିତ୍ସିତ ହୋଇଥିବା ସୂଚନା ମିଳିଛି।

## ପାଟଣା ଥାନାରେ ନୂତନ ଅଧିକାରୀ



**ତୁରୁମୁଙ୍ଗା, ୧୦।୧୨ (ସମିସ):** କେନ୍ଦୁଝର ଜିଲ୍ଲା ପାଟଣା ଥାନାରେ ନୂତନ ଥାନାଧିକାରୀ ଭାବରେ ମାନସ କୁମାର ମହାକୁଡ ମଙ୍ଗଳବାର ଯୋଗ ଦେଇଛନ୍ତି। ଶ୍ରୀ ମହାକୁଡ ଏଥିପୂର୍ବରୁ ଅନୁଗୁଳ, ରାଉରକେଲାର ଚାନ୍ଦିପୋଷ ଥାନାରେ କାର୍ଯ୍ୟ କରିଥିଲେ। ପାଟଣା ଥାନା ଏକ ସମ୍ବେଦଶୀଳ ଥାନା ଅଞ୍ଚଳରେ ଦୁର୍ଘଟଣା ଡକାୟତି, ଚୋରୀ, ବୃଦ୍ଧି ପାଇଥିବା ବେଳେ ନୂଆ ଥାନା ଅଧିକାରୀ ଚୋରି, ଲୁଟ୍, ଆଇନ ଶୃଙ୍ଖଳା ଉପରେ ପ୍ରାଥମିକତା ଦେଇ କାର୍ଯ୍ୟ କରିବି ବୋଲି କହିଛନ୍ତି।

## ବହୁମୁଖୀ ପ୍ରଶିକ୍ଷଣ କେନ୍ଦ୍ର ଉଦ୍‌ଘାଟିତ



**ତୁରୁମୁଙ୍ଗା,୧୦।୧୨(ସମିସ):** କେନ୍ଦୁଝର ଜିଲ୍ଲା ଚମ୍ପୁଆ ବ୍ଲକ ଫୁଲକ ଅଁଳେଇ ଶିବ ମନ୍ଦିର ନିକଟରେ ମଙ୍ଗଳବାର ଓଡିଶା ଅନୁସୂଚିତ ଜନଜାତି ସଶକ୍ତିକରଣ ଓ ଜୀବିକା ନିର୍ବାହ କାର୍ଯ୍ୟକ୍ରମ ପ୍ଲସ ଏବଂ ଓଟିଇଏଲପି ପ୍ଲସ ଆଇଟିଡିଏ ଚମ୍ପୁଆ ପକ୍ଷରୁ ବହୁମୁଖୀ ପ୍ରଶିକ୍ଷଣ କେନ୍ଦ୍ର ଉଦ୍‌ଘାଟିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଆଇଟିଡିଏ ଚମ୍ପୁଆର ପ୍ରକଳ୍ପ ପ୍ରଶାସକ ଜୟଶ୍ରୀ ମଲ୍ଲିକ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବରେ ଜଜପଶି ସରପଞ୍ଚ ସୁବାସିନୀ ନାଏକ, ପ୍ରୋଗ୍ରାମ ଅଫିସର ଅମରେନ୍ଦ୍ର ରାଉତ, ଫାଇନାନ୍ସ ଅଫିସର ପି, ଗିରିଧାରୀ ରାଓ, ପିଓ ସିବି ନିହାର ରଞ୍ଜନ ଟାକ୍ରି, ଆକାଉଣ୍ଟେନ୍ ଅଭିଷେକ ବାରିକ, ଯନ୍ତ୍ରୀ ପ୍ରଶାନ୍ତ କୁମାର ବେହେରା ଯୋଗ ଦେଇଥିଲେ। ଏହି ପ୍ରଶିକ୍ଷଣ କେନ୍ଦ୍ର ରେ ଫୁଲକଅଁଳେଇ ଗ୍ରାମର ଅନୁସୂଚିତ ଜନଜାତି ର ମହିଳା ଏବଂ ଯୁବତୀ ମାନଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ୪୫ ଦିନ ଧରି ମାଗଣା ରେ ବିଭିନ୍ନ ପ୍ରକାର ସିଲେଇ, ତାଲିମ ଦିଆଯିବ ବୋଲି ମୁଖ୍ୟ ଅତିଥି କହିଥିଲେ। ଏଥିରେ ଟ୍ରେନର ଭାବରେ ଏଲିନା ରାଉତ ଯୁବତୀ ଓ ମହିଳାଙ୍କୁ ସିଲେଇ ବାବଦରେ ତାଲିମ ଦିଆଯିବ। କାର୍ଯ୍ୟକ୍ରମ ରେ ଗ୍ରାମ ଉନ୍ନୟନ ସଙ୍ଘର ସିଏସପି ନିରୋଜ କୁମାର ସାହୁଙ୍କ ସମେତ ସଭାପତି ଓ ସମ୍ପାଦକ ଉପସ୍ଥିତ ଥିଲେ।

## ଜେଏସ୍‌ପି କାଶିଆ ଓ ଟେନ୍‌ସା ମାଇନ୍ସକୁ ୮ ପୁରସ୍କାର

**ଯୋଡ଼ା,୧୦।୧୨(ସମିସ)**




ଖଣି ନିରାପତ୍ତା ମହା ନିର୍ଦ୍ଦେଶାଳୟ-ଡିଜିଏମଏସଙ୍କ ତତ୍ତ୍ୱବଧାନରେ ଅନୁଷ୍ଠିତ ୪୨ତମ ବାର୍ଷିକ ଖଣି ସୁରକ୍ଷା ସପ୍ତାହ-୨୦୨୪ର ପ୍ରି-ଫାଇନାଲ ସମାରୋହରେ ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାରର କାଶିଆ ଆଇରନ ଆଣ୍ଡ ଡୋଲାମାଇଟ ଓ ଟେନ୍ସା ମାଇନ୍ସକୁ ବିଭିନ୍ନ ବର୍ଗରେ ୮ଟି ପୁରସ୍କାର ମିଳିଛି। ତାଲିମ, ସ୍ୱାସ୍ଥ୍ୟ, ସୁରକ୍ଷା, ଜନକଲ୍ୟାଣ ଭଳି କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ଏସବୁ ପୁରସ୍କାର ମିଳିଛି। ଯୋଡ଼ାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କାଶିଆ ମାଇନ୍ସକୁ ୫ଟି ବର୍ଗରେ ପୁରସ୍କାର ମିଳିଛି। ତାଲିମ, ସ୍ୱାସ୍ଥ୍ୟ ଓ ଜନକଲ୍ୟାଣ ବର୍ଗରେ କାଶିଆ ମାଇନ୍ସ ପ୍ରଥମ ସ୍ଥାନରେ ରହିଥିବା ବେଳେ ଗୋଷ୍ଠୀଗତ ଧନ୍ଦାମୂଳକ ତାଲିମ କେନ୍ଦ୍ର (ଜିଭିଟିସି) ଉଲ୍ଲେଖନୀୟ ପ୍ରଦର୍ଶନ ପାଇଁ ଦ୍ୱିତୀୟ ପୁରସ୍କାର, ନିରାପତ୍ତା ଓ ବୈଧାନିକ ନିୟମ ଅନୁପାଳନ ପାଇଁ ଦ୍ୱିତୀୟ ଏବଂ ବୃତ୍ତିଗତ ସ୍ୱାସ୍ଥ୍ୟକେନ୍ଦ୍ରକୁ ତୃତୀୟ, ଜରୁରୀକାଳୀନ ପ୍ରସ୍ତୁତି ଓ ମକ୍‌ଡ୍ରିଲ ପାଇଁ ତୃତୀୟ ପୁରସ୍କାର ମିଳିଛି। ସେହିପରି ଟେନ୍ସା ମାଇନ୍ସକୁ ମଧ୍ୟ ବିଭିନ୍ନ ବର୍ଗରେ ୩ଟି ପୁରସ୍କାର ମିଳିଛି। ତାଲିମ, ସ୍ୱାସ୍ଥ୍ୟ ଓ ଜନକଲ୍ୟାଣ ବର୍ଗରେ ପ୍ରଥମ, ଖନନ, ବିସ୍ଫୋଟନ ଓ ସୁରକ୍ଷିତ ବାରୁଦ ପରିଚାଳନା ପାଇଁ ଦ୍ୱିତୀୟ ପୁରସ୍କାର ସହିତ ଅଭିନବୀକରଣ ଓ ଡିଜିଟାଲକରଣ ପାଇଁ ମଧ୍ୟ ଦ୍ୱିତୀୟ ପୁରସ୍କାର ମିଳିଛି। ଏହି ସଫଳତା ପାଇଁ କାଶିଆ ମାଇନ୍ସର ୟୁନିଟ ମୁଖ୍ୟ ପ୍ରମୋଦ କୁମାର ପାତ୍ର ସମସ୍ତଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଏହି ପୁରସ୍କାର ଆମର ଦଳଗତ ଉଦ୍ୟମକୁ ସ୍ୱୀକୃତି ପ୍ରଦାନ କରିବା ସହ ଏଥିରେ ସର୍ବୋଚ୍ଚ ନିରାପତ୍ତା ମାନକର ଅନୁପାଳନ, ଦଳଗତ କାର୍ଯ୍ୟକୁ ପ୍ରୋତ୍ସାହନ ଓ ନିରନ୍ତର ଉନ୍ନତି ପାଇଁ ଚାଲିଥିବା ପ୍ରୟାସ ପ୍ରତିଫଳିତ ହେଉଛି ବୋଲି ସେ କହିଛନ୍ତି।

## କୃଷି ସାମଗ୍ରୀ ବିତରଣ



**ହାଟଡିହୀ/ସୋସୋ,୧୦।୧୨(ସମିସ):** ହାଟଡିହୀ ବ୍ଲକ ବଞ୍ଚୋ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ କୃଷି ବିଭାଗ ପକ୍ଷରୁ ଚାଷୀମାନଙ୍କୁ କୃଷି ସାମଗ୍ରୀ ବିତରଣ ଓ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବଞ୍ଚୋ ପଞ୍ଚାୟତର ସରପଞ୍ଚ ପ୍ରଶାନ୍ତ ରାଉତ, ସାଂସଦ ପ୍ରତିନିଧି ଜ୍ଞାନରଞ୍ଜନ ସାମନ୍ତ ସିଂହାର, ଗ୍ରାମ୍ୟ କୃଷି କର୍ମଚାରୀ ଉମେଶ ପ୍ରଧାନ, କୃଷକ ସାଥି ମନୋଜ ବରାଳ ପ୍ରମୁଖ ଯୋଗଦେଇ ଧାନଚାଷ ପରେ ପଡ଼ିଆ ରହୁଥିବା ଜମିର ଉପଯୋଗ କରିବା ପାଇଁ ଚାଷୀ ମାନଙ୍କୁ ସଚେତନ କରାଇଥିଲେ। ଏହି ଅବସରରେ ଚାଷୀଙ୍କୁ ମୁଗ, ବିରି, ସୋରିଷ, ସୋଲା ଆଦି ବିହନ ବଣ୍ଟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସୁଚିତ୍ରା ନନ୍ଦ ବରାଳ, ନାକଫୋଡି ଜେନା, ରମେଶ ବିଶ୍ୱାଳ, ଅକ୍ଷୟ ଖଟୁଆ, ଅଜୟ ବରାଳ, ଶାନ୍ତନୁ ଜେନାଙ୍କ ସମେତ ୫୦ରୁ ଊର୍ଦ୍ଧ୍ୱ ଚାଷୀ ଯୋଗ ଦେଇଥିବା ବେଳେ ପଞ୍ଚାୟତର ବିଭିନ୍ନ ଗ୍ରାମର ୧୫୦ରୁ ଊର୍ଦ୍ଧ୍ୱ ଚାଷୀଙ୍କୁ ବିହନ ବଣ୍ଟାଯିବ ବୋଲି ଗ୍ରାମ୍ୟ କୃଷି କର୍ମଚାରୀ ସୂଚନା ଦେଇଛନ୍ତି।

## ନୂଆଗାଁରେ ଜଳିଗଲା ୨ ବଖରା



**ହାଟଡିହୀ,୧୦।୧୨(ସମିସ):** ହାଟଡିହୀ ବ୍ଲକ ଆଇତିପୁର ପଞ୍ଚାୟତ ଅଧୀନସ୍ଥ ନୂଆଗାଁ ଗ୍ରାମରେ ୧ବଖରା ଘର ଜଳିଯାଇଛି। ସୂଚନା ଅନୁସାରେ, ସୋମବାର ବିଳମ୍ବିତ ରାତିରେ କୌଣସି କାରଣ ବଶତଃ ଗ୍ରାମର ବିଦ୍ୟାଧର ବେହେରାଙ୍କ ଘରେ ନିଆଁ ଲାଗି ସମ୍ପୂର୍ଣ୍ଣ ୧ବଖରା ଘର ଓ ଘରର ସମସ୍ତ ସରଞ୍ଜାମ ସହ ଦରକାରୀ କାଗଜପତ୍ର ଜଳିପୋଡ଼ି ନଷ୍ଟ ହୋଇଯାଇଛି। ପରିବାର ଲୋକେ ନିଆଁକୁ ଆୟତ୍ତ କରି ନପାରିବାରୁ ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ଖବର ପାଇ ନିକଟସ୍ଥ ଭଣ୍ଡାରିପୋଖରୀ ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ ସୁଦ୍ଧା ୧ବଖରା ଘର ସମ୍ପୂର୍ଣ୍ଣ ଜଳିପୋଡ଼ି ନଷ୍ଟ ହୋଇଯାଇଥିଲା ବେଳେ ବିଦ୍ୟାଧରଙ୍କ ଘରକୁ ଲାଗିଥିବା ଅନ୍ୟଜଣଙ୍କ ଘରେ ମଧ୍ୟ ଆଂଶିକ ନିଆଁ ଲାଗିଥିଲା। ତେବେ ଏହି ଅଗ୍ନିକାଣ୍ଡରେ ବିଦ୍ୟାଧରଙ୍କ ଅନେକ କ୍ଷୟକ୍ଷତି ହୋଇଚି। ଆଜି ଦିନବେଳା ରାଜସ୍ୱ ନିରୀକ୍ଷକ ଘଟଣାସ୍ଥଳକୁ ଯାଇ ପରିଦର୍ଶନ ପରେ ଖଣ୍ଡିଏ ପଲିଥିନ ଯୋଗାଇ ଦେଇଛନ୍ତି। ବିଦ୍ୟାଧର ଜଣେ ନିହାତି ଗରିବ ଶ୍ରେଣୀର ଲୋକ ହୋଇଥିଲା ବେଳେ ଏବେ ସମ୍ପୂର୍ଣ୍ଣ ବାସଶୂନ୍ୟ ପାଲଟି ଯାଇଛନ୍ତି। ଏପରି ଅବସ୍ଥାରେ ସେ ଏବେ ନିଜ ସ୍ତ୍ରୀ ଓ ୨ପିଲାଙ୍କୁ ନେଇ କିପରି ଦିନକାଟିବେ ତାହା ଚିନ୍ତାର କାରଣ ସାଜିଥିବା ବେଳେ ପ୍ରଶାସନ ପକ୍ଷରୁ ତାଙ୍କୁ ତୁରନ୍ତ ଅନ୍ୟ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

## ଟ୍ରାକ୍ଟର - ଅଟୋ ଧକ୍କାରେ ଜଣେ ମୃତ

**ତେଲକୋଇ,୧୦।୧୨(ସମିସ):** ତେଲକୋଇ ଥାନା ଜଗମୋହନପୁର ପଞ୍ଚାୟତ ଟୁଙ୍ଗୁରୁ ବାହାଳ ଗ୍ରାମରେ ଟ୍ରାକ୍ଟର ଧକ୍କାରେ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ଜଣେ ମହିଳା ଗୁରୁତର ହୋଇଥିବା ଅଭିଯୋଗ ହୋଇଛି। ମୃତକ ହେଲେ ସେହି ଗ୍ରାମର ଦିଲ୍ଲୀପ ଦଣ୍ଡପାଟ (୨୭) ଏବଂ ଗୁରୁତର ହେଲେ ସଞ୍ଜୁଲତା ଦଣ୍ଡପାଟ। ତେବେ ସୂଚନା ମୁତାବକ ଦିଲ୍ଲୀପ ତାଙ୍କ ପରିବାର ସହିତ ଏକ ଅଟୋ ଯୋଗେ ଜଗମୋହନପୁର ସ୍ଥିତ ବଜାରକୁ କିଣାକିଣି କରିବାକୁ ଆସୁଥିବା ବେଳେ ସମ୍ମୁଖ ଭାଗରୁ ଆସୁଥିବା ଏକ ଧାନବୋଝେଇ ଟ୍ରାକ୍ଟର ସହିତ ଧକ୍କା ହୋଇଥିଲା। ଏଥିରେ ଦିଲ୍ଲୀପ ଏବଂ ତାଙ୍କ ପୁତୁରା ବୋହୂ ଗୁରୁତର ହୋଇଥିବା ବେଳେ ସ୍ଥାନୀୟ ଲୋକେ ସଙ୍ଗେସଙ୍ଗେ ଉଦ୍ଧାର କରି ତେଲକୋଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସ୍ୱାସ୍ଥ୍ୟ କେନ୍ଦ୍ରରେ ଦିଲ୍ଲୀପଙ୍କୁ ମୃତ ଘୋଷଣା କରାଯାଇଥିଲା। ଗୁରୁତର ସଂଯୁଲତାଙ୍କୁ ପ୍ରାଥମିକ ଚିକିତ୍ସା ପରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିବା ଜଣାପଡ଼ିଛି। ଖବର ପାଇ ତେଲକୋଇ ପୁଲିସ ମୃତଦେହ ଜବତ କରିବା ସହିତ ଏକ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ କରାଇଛି। ଏହି ଘଟଣାରେ ପୋଲିସ କାହାରିକୁ ଗିରଫ କରି ନଥିବା ବେଳେ ଦୁର୍ଘଟଣା ଗ୍ରସ୍ତ ଗାଡ଼ିକୁ ମଧ୍ୟ ଜବତ କରି ପାରିନାହିଁ।

## ନିଆଁରେ ପୋଡ଼ି ହୋଇଥିବା ବୃଦ୍ଧାଙ୍କ ମୃତ୍ୟୁ

ତୁରୁମୁଙ୍ଗା,୧୦।୧୨(ସମିସ): କେନ୍ଦୁଝର ଜିଲ୍ଲା ତୁରୁମୁଙ୍ଗା ଥାନା ଅନ୍ତର୍ଗତ ମହୁଦିପା ଗ୍ରାମର ରବୀନ୍ଦ୍ର ନାଏକଙ୍କ ପତ୍ନୀ ପୁର୍ଣ୍ଣମୀ ନାଏକ(୬୫)ଙ୍କ ଚିକିତ୍ସାଧୀନ ଅବସ୍ଥାରେ କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ମୃତ୍ୟୁ ହୋଇଯାଇଛି। ପୁର୍ଣ୍ଣମୀ ଶୁକ୍ରବାର ସନ୍ଧ୍ୟାରେ କାଠ ଚୁଲିରେ ରୋଷେଇ କରୁଥିବା ବେଳେ ହଠାତ ମୁଣ୍ଡ ବୁଲାଇବା ଯୋଗୁଁ ପଡି ଯାଇଥିଲେ। ଫଳରେ ତାଙ୍କର ୨ ଗୋଡ ଚୁଲି ନିଆଁରେ ପୋଡ଼ିହୋଇ ଯାଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ପରିବାର ଲୋକେ ପ୍ରଥମେ ଉଦୟପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ମଙ୍ଗଳବାର କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ତୁରୁମୁଙ୍ଗା ଥାନା ଏଏସ୍ଆଇ ବିରେନ୍ଦ୍ର କିଶୋର ବେହେରା ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛନ୍ତି। ଏନେଇ ତୁରୁମୁଙ୍ଗା ଥାନାରେ ୩୮/୨୪ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

## କୁଣ୍ଡେଶ୍ୱରରେ ଜମୁଛି ପରିବା ହାଟ | ଖୋଲାଆକାଶ ତଳେ ବ୍ୟବସାୟୀ



**ଆନନ୍ଦପୁର,୧୦।୧୨(ସମିସ):** ଆନନ୍ଦପୁର ବ୍ଲକ ଅନ୍ତର୍ଗତ ଟୁକୁଣା ନିକଟସ୍ଥ କୁଣ୍ଡେଶ୍ୱର ହାଟ ପଡିଆରେ ଜମୁଛି ଚାଷୀଙ୍କ ପରିବା ହାଟ। ହେଲେ ଏହି ହାଟରେ ଚାଷୀମାନଙ୍କ ପାଇଁ ହାଟ ପିଣ୍ଡି ଓ ଆନୁଷଙ୍ଗିକ ସୁବିଧା ନଥିବାରୁ ଖୋଲା ଆକାଶ ତଳେ ବ୍ୟବସାୟୀମାନେ ବସୁଥିବା ପରିଲକ୍ଷିତ ହୋଇଛି। ଦୀର୍ଘ ୩୦ ବର୍ଷ ଧରି ଚାଲିଥିବା ଏହି ସର୍ବ ପୁରାତନ ହାଟରେ ସ୍ଥାନୀୟ ଚାଷୀମାନେ ଉତ୍ପାଦିତ ପନିପରିବା ଓ ଖାଦ୍ୟ ଶସ୍ୟ ବିକ୍ରି କରିଥାନ୍ତି। ହେଲେ ସରକାର କିମ୍ବା ପ୍ରଶାସନ ପକ୍ଷରୁ କିଣାବିକା କରୁଥିବା ଚାଷୀ ଓ ଜନସାଧାରଣଙ୍କ ପାଇଁ କୌଣସି ସୁବିଧା ନଥିବାରୁ ଏନେଇ ଅସନ୍ତୋଷ ପ୍ରକାଶ ପାଇଛି। ଗତ ୧୯୯୫ ମସିହାରେ ବାଇଲୋ ପଞ୍ଚାୟତର ସୁପାରିସରେ ସାପ୍ତାହିକ ହାଟ ପାଇଁ ଅନୁମତି ପାଇଥିଲେ ମଧ୍ୟ ଏଠାରେ ହାଟପିଣ୍ଡି କିମ୍ବା ବଜାର ସୃଷ୍ଟି ପାଇଁ ପ୍ରଶାସନ ପକ୍ଷରୁ କୌଣସି ସୁବିଧା କରାଯାଇନାହିଁ। ବାଇଲୋ, ବେଲବାହାଳି, ପଞ୍ଚୁପଲ୍ଲୀ, ହରିଡାପାଳ ଓ ଜଳସୁଆଁ ପଞ୍ଚାୟତର ଚାଷୀମାନେ ପ୍ରତି ମଙ୍ଗଳବାରରେ ହେଉଥିବା ଏହି ସାପ୍ତାହିକ ହାଟରେ ଉତ୍ପାଦିତ ପନିପରିବା ବିକ୍ରି କରୁଥିବା ବେଳେ ସ୍ଥାନୀୟ ଅଞ୍ଚଳବାସୀ ସଦ୍ୟ ପନିପରିବା ସୁଲଭ ମୂଲରେ ପାଉଥିବାରୁ ଏହି ହାଟରେ ଦିନକୁ ଦିନ କ୍ରମଶଃ ଜନଗହଳି ହେଉଥିବା ପରିଲକ୍ଷିତ ହୋଇଛି। ସାପ୍ତାହିକ ହାଟରେ ଚାଷୀମାନଙ୍କ ପାଇଁ ବଜାର ପିଣ୍ଡି, ପାନୀୟ ଜଳ, ଶୌଚାଳୟ, ପଡିଆ ଚତୁଃପାଶ୍ୱର୍ ଉନ୍ନତିକରଣ ଏବଂ ସାପ୍ତାହିକ ହାଟ ପଡିଆକୁ ସଂଯୋଗୀ କରଣ ରାସ୍ତା କରିବା ପାଇଁ ବ୍ୟବସ୍ଥା ଥିଲେ ମଧ୍ୟ ଆନନ୍ଦପୁର ନିୟନ୍ତ୍ରିତ ବଜାର କମିଟି ପକ୍ଷରୁ ଏଠାରେ କୌଣସି ବ୍ୟବସ୍ଥା କରାଯାଇନଥିବା ଚିନ୍ତାର କାରଣ ହୋଇଛି। ରାଜ୍ୟ ସରକାର ଚାଷୀ ମାନଙ୍କ ଉନ୍ନତି କଳ୍ପେ ଏବଂ ସେମାନଙ୍କୁ ଆତ୍ମନିର୍ଭରଶୀଳ କରିବା ପାଇଁ ବିବିଧ ଯୋଜନା କରିଥିବା ବେଳେ ବିଭାଗୀୟ ପଦାଧିକାରୀମାନେ ଦୃଷ୍ଟି ଦେଉନଥିବା ଚିନ୍ତାର କାରଣ ହୋଇଛି। ଏଣୁ ଆନନ୍ଦପୁର ଉପଖଣ୍ଡ ପ୍ରଶାସନ ଓ ନିୟନ୍ତ୍ରିତ ବଜାର କମିଟି ପକ୍ଷରୁ ଯଥାଶୀଘ୍ର କୁଣ୍ଡେଶ୍ୱର ହାଟ ପଡିଆରେ ହାଟପିଣ୍ଡି ନିର୍ମାଣ କରିବା ସହିତ ଆବଶ୍ୟକୀୟ ସୁବିଧା ଯୋଗାଇ ଦେବାକୁ ଅଞ୍ଚଳବାସୀ ଦାବି ଜଣାଇଛନ୍ତି।

## ୨ ୱାରେଣ୍ଟିଙ୍କୁ କୋର୍ଟ ଚାଲାଣ

**ଚମ୍ପୁଆ,୧୦।୧୨(ସମିସ):** ଚମ୍ପୁଆ ପୁଲିସ ଦ୍ୱାରା ଆଜି ୨ ୱାରେଣ୍ଟିଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଥିବା ଜଣାପଡିଛି। ଏମାନେ ବିଭିନ୍ନ କେସ୍‌ରେ ଛନ୍ଦି ହୋଇ ଧରାଛୁଆଁ ଦେଉନଥିଲେ। ଚମ୍ପୁଆ ଥାନା ଆଇଆଇସି ଅବିନାଶ ପରିଡାଙ୍କ ସୂଚନା ଅନୁଯାୟୀ ତପନ ପ୍ରଧାନ (୩୪) ପିତା ବିଚିତ୍ର ପ୍ରଧାନ ଭାଲିଆଢିପା ସାହି ସାନନଇର ବାସିନ୍ଦା। ୱାରେଣ୍ଟି ଜିଆର୍ ନମ୍ବର ୯୦/୨୦ ଆଧାରରେ ପୁଲିସ ତାଙ୍କୁ ଧରିବାରେ ସଫଳ ହୋଇ ଗିରଫ କରିବା ପରେ କୋର୍ଟ ଚାଲାଣ କରିଛନ୍ତି। ସେହିପରି ଅନ୍ୟ ଜଣଙ୍କ ହେଉଛନ୍ତି ଦୁଃଶାସନ ସିଂହ (୬୫) ପିତା ନରୋତମ ସିଂହ ଟିଆଁସପଶି ଚମ୍ପୁଆ ଥାନା ୱାରେଣ୍ଟି ଜିଆର୍ ନମ୍ବର ୧୮୩/୨୦୧୯ ଆଧାରରେ ଗତକାଲି ଗିରଫ କରି କୋର୍ଟଚାଲାଣ କରାଯାଇଥିବା ଜଣାପଡିଛି। ଏଭଳି ଅଭିଯାନ ଆଗକୁ ଜାରିରହିବ ବୋଲି ଆଇଆଇସି ଶ୍ରୀ ପରିଡା ସୂଚନା ଦେଇଛନ୍ତି।

## ମଧ୍ୟାହ୍ନ ଭୋଜନକୁ ନେଇ ତାତିଲେ ଶିକ୍ଷକ | ପିଲାପିଛା ଖର୍ଚ୍ଚକୁ ବଳିପଡୁଛି ଅଣ୍ଡା ମୂଲ୍ୟ

**ଚମ୍ପୁଆ,୧୦।୧୨(ସମିସ):** ପ୍ରଧାନମନ୍ତ୍ରୀ ପୋଷଣ ଗାଇଡଲାଇନ ଅନୁସାରେ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ଛାତ୍ରଛାତ୍ରୀଙ୍କୁ ସପ୍ତାହକୁ ୨ ଥର ଭୋଜନରେ ଅଣ୍ଡା ଦିଆଯିବାକୁ ନିର୍ଦ୍ଦେଶ ରହିଛି। ଏଥିପାଇଁ ପ୍ରାଥମିକ ବିଦ୍ୟାଳୟର ପିଲା ପିଛା ୫.୯୦ ପଇସା ରୋଷେଇ ଖର୍ଚ୍ଚ ଏବଂ ଉଚ୍ଚ ପ୍ରାଥମିକ ପିଲା ପିଛା ୮.୮୨ ପଇସା ଦିଆଯାଉଛି। କିନ୍ତୁ ଚମ୍ପୁଆ ବ୍ଲକ ଶିକ୍ଷକ ସଂଘ ତରଫରୁ ଅଣ୍ଡାର ବଜାର ଦର ଅହେତୁକ ଭାବେ ବୃଦ୍ଧି ପାଉଥିବାରୁ ସେମାନେ ଅସନ୍ତୋଷ ପ୍ରକାଶ କରି ମଣ୍ଡଳ ଶିକ୍ଷାଧିକାରୀଙ୍କ ଜରିଆରେ ଜିଲ୍ଲାପାଳ ତଥା ଡିଏମଏଫର ଚେୟାରମ୍ୟାନଙ୍କୁ ଅବଗତ କରାଇଛନ୍ତି। ସେମାନଙ୍କର ଅଭିଯୋଗ ପିଲା ପିଛା ୫ ଟଙ୍କା ୩୦ ପଇସା ଯୋଗାଇ ଦେଉଥିବା ବେଳେ ଅଣ୍ଡାର ବଜାର ଦର କେବଳ ୮ ଟଙ୍କା ରହିଛି। ତେବେ ୫ ଟଙ୍କା ୯୦ ଓ ୮ ଟଙ୍କା ୩୨ ପଇସା ପିଲା ପିଛା ମଧ୍ୟାହ୍ନ ଭୋଜନ ଖର୍ଚ୍ଚ ଆସୁଥିବା ବେଳେ କେବଳ ଅଣ୍ଡା ଦାମ ୮/୯ ଟଙ୍କା। ଏହା ବାଦ ଚାଉଳ ଡାଲି କାଠର ଖର୍ଚ୍ଚ କିପରି ଭରଣା ହେବ ସେଥିପ୍ରତି ପ୍ରଶାସନର ନିଗାର ନାହିଁ। ଯାହାଫଳରେ ପ୍ରତ୍ୟେକ ମାସ ଶିକ୍ଷକଙ୍କ ପକେଟରୁ ଅନ୍ୟୁନ ୫ ହଜାର ଟଙ୍କା ଖର୍ଚ୍ଚ ହେଉଛି। ଅଣ୍ଡା ଦୋକାନରେ ପ୍ରତି ମାସ ୧୫ ରୁ ୨୦ ହଜାର ଟଙ୍କା ବାକି ରହୁଥିବାରୁ ଦୋକାନି ମଧ୍ୟ ଅଣ୍ଡା ଯୋଗାଣ ବନ୍ଦ କରିବାକୁ ତାଗିଦ କରୁଛି। ତେଣୁ ମଧ୍ୟାହ୍ନ ଭୋଜନ ପରିଚାଳନା କରିବା ସେମାନଙ୍କ ପକ୍ଷେ ଅସମ୍ଭବ ମନେ ହେଉଛି। ଏହି ବାବଦରେ ଜିଲ୍ଲା ସଂଘ ତରଫରୁ ବାରମ୍ବାର ଅବଗତ କରାଯାଉଥିଲେ ମଧ୍ୟ ଜିଲ୍ଲା ପ୍ରଶାସନ ଚୁପ ରହିବା ବିଡମ୍ବନାର ବିଷୟ ବୋଲି ସଂଘ ସଭାପତି ଚିତ୍ତରଞ୍ଜନ ମହାନ୍ତ ଏବଂ ସମ୍ପାଦକ ପ୍ରଦୀପ କୁମାର ମହାନ୍ତ କ୍ଷୋଭ ପ୍ରକାଶ କରିଛନ୍ତି।

## ଦରଦାମ ବୃଦ୍ଧି ପ୍ରତିବାଦରେ ବିକ୍ଷୋଭ

**ଚମ୍ପୁଆ,୧୦।୧୨(ସମିସ):** ଭାରତୀୟ କମ୍ୟୁନିଷ୍ଟ ପାର୍ଟି ତରଫରୁ ଆଜି ଅହେତୁକ ଦରମାର ବୃଦ୍ଧି ଓ ଅନ୍ୟାନ୍ୟ ପ୍ରସଙ୍ଗ ଉପରେ ଶାନ୍ତିପୂର୍ଣ୍ଣ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। କମ୍ୟୁନିଷ୍ଟ ପାର୍ଟିର ଜିଲ୍ଲା ସମ୍ପାଦକ ବିଦ୍ୟାଧର ମହାନ୍ତ, ସହସମ୍ପାଦକ ଅର୍ଜ୍ଜୁନ ଚରଣ ମହାନ୍ତଙ୍କ ନେତୃତ୍ୱରେ ସହସ୍ରାଧିକ କର୍ମୀଙ୍କୁ ନେଇ ଏକ ବିଶାଳ ରାଲି ସ୍ଥାନୀୟ ନେହରୁ ଷ୍ଟାଡିୟମ ଠାରୁ ବାହାରି ସହର ପରିକ୍ରମା କରିଥିଲା। ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯିବା ପରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ସ୍ଥାନୀୟ ଉପଜିଲ୍ଲାପାଳ ଉମାକାନ୍ତ ପରିଡାଙ୍କୁ ପ୍ରଦାନ କରାଯାଇଥିଲା। ଏହି ବିକ୍ଷୋଭ ରେ ଅନ୍ୟମାନଙ୍କ ମଧ୍ୟରେ ଜିଲା କାର୍ଯ୍ୟକାରିଣୀ ସଦସ୍ୟ ଗିରିଶ ଚନ୍ଦ୍ର ନାଏକ, ଭରଦ୍ୱାଜ ମହାନ୍ତ, ନରେଶ ଚନ୍ଦ୍ର ମହାନ୍ତ, ଦଶମା ମୁଣ୍ଡା ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ।

## ଗନ୍ଧମାର୍ଦ୍ଦନ ଟ୍ରାନ୍ସପୋର୍ଟିଂ ସୋସାଇଟିରେ ଭୋଟର ସଦସ୍ୟ ପାଇଁ ଦାବି



**କେନ୍ଦୁଝର,୧୦।୧୨(ସମିସ):** କେନ୍ଦୁଝର ଜିଲ୍ଲାର ବାଂଶପାଳ ବ୍ଲକ ଅନ୍ତର୍ଗତ ଶୁଆକାଟିଠାରେ ଥିବା ଗନ୍ଧମାର୍ଦ୍ଦନ ଲୋଡିଂ ଏଜେନ୍ସି ଓ ଟ୍ରାନ୍ସପୋର୍ଟିଂ କୋଅପରେଟିଭ ସୋସାଇଟିରେ ଭୋଟର ସଦସ୍ୟ ହେବା ପାଇଁ ସହକାରୀ ସମବାୟ ନିବନ୍ଧକଙ୍କ ନିକଟରେ ସ୍ଥାନୀୟ କେତେକ ଜନସାଧାରଣ ଦାବିପତ୍ର ପ୍ରଦାନ କରିଛନ୍ତି। ଅନେକ ଦିନରୁ ସମ୍ପୃକ୍ତ ବ୍ୟକ୍ତି ବିଶେଷ ସୋସାଇଟିର ସାଧାରଣ ସଭ୍ୟ ଭାବେ ରହି ଆସିଛନ୍ତି। ବର୍ଷ ବର୍ଷ ଧରି ସେମାନଙ୍କର ଦାବିକୁ ଉପେକ୍ଷା କରି ଭୋଟର ସଦସ୍ୟତା ଦିଆଯାଆଉ ନ ଥିବା ସେମାନେ ଅଭିଯୋଗ କରିଛନ୍ତି। ଇତିମଧ୍ୟରେ ବହୁ ସମୟ ଅନ୍ତରାଳେ ସୋସାଇଟିର ନିର୍ବାଚନ ହେବାକୁ ଯାଉଥିବାରୁ ସଦସ୍ୟତାକୁ ନେଇ ଛକାପଞ୍ଝା ଚାଲିଛି। ସାଧାରଣ ସଦସ୍ୟମାନଙ୍କୁ ଭୋଟର ସଦସ୍ୟ ଭାବେ ନିଆ ଯାଉନଥିବାରୁ ଲୋକେ ଏବଂ କେତେକ ଜଣ ପ୍ରତିନିଧି ଅସନ୍ତୋଷ ବ୍ୟକ୍ତ କରୁଛନ୍ତି। ସେମାନଙ୍କୁ କାହିଁକି ଭୋଟର ସଦସ୍ୟ ଭାବେ ନିଆଯାଆଉନାହିଁ ବୁଝା ପଡୁନଥିଲେ ମଧ୍ୟ ଶତାଧିକ ଲୋକଙ୍କର ଏହା ଅସନ୍ତୋଷର କାରଣ ହୋଇଛି। ଜିଲ୍ଲା ପ୍ରଶାସନ ଏଦିଗରେ ଆବଶ୍ୟକ ପଦକ୍ଷେପ ନେଇ ଏମାନଙ୍କୁ ସୋସାଇଟିରେ ଭୋଟର ସଦସ୍ୟ ଭାବେ ନେବାକୁ ଦାବି ଜୋର ଧରିଛି। ନଚେତ ଆଗାମୀ ଦିନରେ ଶୁଆକାଟି ଅଞ୍ଚଳରେ ଏମାନେ ଆନ୍ଦୋଳନାତ୍ମକପନ୍ଥା ଗ୍ରହଣ କରିବାକୁ ଯାଉଥିବା ସେମାନେ କହିଛନ୍ତି।

## ମା' ମଙ୍ଗଳା ସେବା ସଙ୍ଗଠନକୁ 'ଉତ୍କଳ ଶ୍ରୀ ସେବା ସମ୍ମାନ'



ବେଲବାହାଳି,୧୦।୧୨(ସମିସ): କେନ୍ଦୁଝର ଜିଲ୍ଲା ଆନନ୍ଦପୁର ଉପଖଣ୍ଡର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ମା' ମଙ୍ଗଳା ସେବା ସଙ୍ଗଠନ ଭଦ୍ରକ ଜିଲ୍ଲା ଭଣ୍ଡାରିପୋଖରୀ ସ୍ଥିତ କଲ୍ୟାଣ ମଣ୍ଡପଠାରେ ଉତ୍କଳ ଫାଉଣ୍ଡେସନ ଟ୍ରଷ୍ଟର "୩ୟ ରାଜ୍ୟସ୍ତରୀୟ ଉତ୍କଳଶ୍ରୀ ସେବା ସମ୍ମାନ ୨୦୨୪'ର ବାର୍ଷିକ ଉତ୍ସବରେ ସମ୍ବର୍ଦ୍ଧିତ କରାଯାଇଛି। କରୋନା ମହାମାରୀଠାରୁ ଆରମ୍ଭ କରି ସଙ୍ଗଠନ ନିୟମିତ ଭାବେ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ, ରନ୍ଧା ଖାଦ୍ୟ, ଶୀତ ବସ୍ତ୍ର ବଣ୍ଟନ, ଚାରା ରୋପଣ, ଅଗ୍ନି ବିପନ୍ନଙ୍କୁ ସହାୟତା ଆଦି କାର୍ଯ୍ୟରେ ନିୟୋଜିତ ରହି ସ୍ଥାନୀୟ ଅଞ୍ଚଳରେ ବେଶ୍ ପ୍ରତିଷ୍ଠା ଲାଭ କରି ପାରିଛି। ସେଥିପାଇଁ ଉତ୍କଳ ଫାଉଣ୍ଡେସନ ପକ୍ଷରୁ ମା' ମଙ୍ଗଳା ସେବା ସଂଗଠନକୁ ନିମନ୍ତ୍ରଣ କରାଯାଇ ଭଣ୍ଡାରିପୋଖରୀ କଲ୍ୟାଣ ମଣ୍ଡପଠାରେ ବହୁ ମାନ୍ୟଗଣ୍ୟ ଅତିଥିଙ୍କ ଦ୍ୱାରା ସମ୍ମାନିତ କରାଯାଇଥିଲା। ଉକ୍ତ ଉତ୍ସବରେ ସଙ୍ଗଠନର ପ୍ରତିଷ୍ଠାତା ହରିହର ଓଝା, ସଭାପତି ମୋହନ ଚରଣ ବିନ୍ଧାଣି ଉପସଭାପତି ସୌମ୍ୟ ରଞ୍ଜନ ଖିଲାର, ମହେଶ୍ୱର ସାହୁ, ବାଇଧର ଓଝା, ବ୍ରଜବନ୍ଧୁ ଦାସ, ଦେବେନ୍ଦ୍ର ପଣ୍ଡା ଯୋଗ ଦେଇ ଉତ୍ତରୀୟ ଓ ମାନପତ୍ର ଗ୍ରହଣ କରିଥିଲେ।

## ନିୟମିତ ହେଲେ ୫୭ କନିଷ୍ଠ ଶିକ୍ଷକ



**ବାଲିବନ୍ଧ,୧୦।୧୨(ସମିସ):** କେନ୍ଦୁଝର ଜିଲ୍ଲା ଝୁମ୍ପୁରା ବ୍ଲକ ଶିକ୍ଷାଧିକାରୀ କାର୍ଯ୍ୟାଳୟ ଅଧୀନରେ କାର୍ଯ୍ୟରତ ୫୭ଜଣ କନିଷ୍ଠ ଶିକ୍ଷକ, ଶିକ୍ଷୟିତ୍ରୀ ସୋମବାର ଦିନ ନିୟମିତ ହୋଇଛନ୍ତି। ତେବେ ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସୋମବାର ସେମାନଙ୍କୁ ନିୟମିତ ସହକାରୀ ଶିକ୍ଷକ, ଶିକ୍ଷୟିତ୍ରୀ ଭାବେ ନିଯୁକ୍ତି ପତ୍ର ପ୍ରଦାନ କରାଯାଇଛି। ଏହି ଅବସରରେ ବ୍ଲକ ଶିକ୍ଷାଧିକାରୀ କାର୍ଯ୍ୟାଳୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବ୍ଲକ ଶିକ୍ଷାଧିକାରୀ କ୍ଷେତ୍ରମୋହନ ହାଁସଦା, ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ନବକିଶୋର ସାମଲ, ମୁକୁନ୍ଦ ଚରଣ ସାହୁ, ଜୟନ୍ତୀ ମଲ୍ଲିକଙ୍କ ସମେତ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଉପସ୍ଥିତ ରହି ଶିକ୍ଷକ, ଶିକ୍ଷୟିତ୍ରୀ ଙ୍କୁ ନିଯୁକ୍ତି ପତ୍ର ପ୍ରଦାନ କରିଥିଲେ। ତେବେ ନିୟମିତ ସହକାରୀ ଶିକ୍ଷକ ଭାବେ ନିଯୁକ୍ତି ହୋଇଥିବା ଶିକ୍ଷକ, ଶିକ୍ଷୟିତ୍ରୀଙ୍କୁ ସରକାରୀ ନୀତି ନିୟମ ମାନି, ସ୍ୱଚ୍ଛତା ଓ କର୍ତ୍ତବ୍ୟନିଷ୍ଠା ଭାବେ ଅଧିକ ମନୋବୃତ୍ତି ସହ କାର୍ଯ୍ୟ କରିବା ପାଇଁ ବ୍ଲକ ଶିକ୍ଷାଧିକାରୀ ଶ୍ରୀ ହାଁସଦା ପରାମର୍ଶ ଦେଇଥିଲେ।

## ଜଗା ଦର୍ଶନରେ ଭୂୟାଁରୋଇଡ଼ା ପଞ୍ଚାୟତବାସୀ

**ଯୋଡ଼ା,୧୦।୧୨(ସମିସ):** କେନ୍ଦୁଝରର ଜିଲ୍ଲା ଆଦିବାସୀ ଅଧ୍ୟୁଷିତ ପଛୁଆ ଅଞ୍ଚଳ ଭୂୟାଁରୋଇଡ଼ା ପଞ୍ଚାୟତ। ଏହି ପଞ୍ଚାୟତର ଅନେକ ଲୋକ ଆଜି ପର୍ଯ୍ୟନ୍ତ ଦେଖିନାହାନ୍ତି ପୁରୀ, କୋଣାର୍କ, ଭୁବନେଶ୍ୱର। ଜଗା ଦର୍ଶନର ଇଚ୍ଛା ଥିଲେ ମଧ୍ୟ ତାହା ପୂରଣ ହୋଇପାରିନାହିଁ। ପଛୁଆ, ଅବହେଳିତ ତଥା ଗରିବ ଶ୍ରେଣୀର ଏହି ଆଦିବାସୀ ଲୋକଙ୍କ ଏହି ଅଧୁରା ସ୍ୱପ୍ନକୁ ପୂରଣ କରିଛନ୍ତି ସ୍ଥାନୀୟ ସରପଞ୍ଚ। ଶତାଧିକ ବୃଦ୍ଧବୃଦ୍ଧାଙ୍କୁ ଟ୍ରେନ୍ ଯୋଗେ ପୁରୀ ନେଇଛନ୍ତି। ଜୀବନକାଳ ମଧ୍ୟରେ ପୁରୀ ଯାଇନଥିବା ଏହି ଶ୍ରଦ୍ଧାଳୁଙ୍କ ଇଚ୍ଛାକୁ ଗୁରୁତ୍ୱ ଦେବାକୁ ଯାଇ କେନ୍ଦୁଝର ଜିଲ୍ଲା ଯୋଡା ବ୍ଲକ ଭୂୟାଁରୋଇଡା ଗ୍ରାମପଞ୍ଚାୟତର ମହିଳା ସରପଞ୍ଚ ତୁଳସୀ ବବଙ୍ଗା ସେମାନଙ୍କୁ ଜଗନ୍ନାଥ ଦର୍ଶନ କରାଇଛନ୍ତି। ଭୂୟାଁରୋଇଡା ପଞ୍ଚାୟତର ଭୂୟାଁରୋଇଡା, କୁନ୍ଦୁରୁପାଣି, ମୁଣ୍ଡା ବସ୍ତି, ଡି- ବ୍ଲକ, କ୍ୟାମ୍ପ ହାଟିଂ, ରୋଇଡା କ୍ୟାମ୍ପ, କ୍ୟାଥ ହାଟିଂ ଭଳି ଗ୍ରାମରୁ ପ୍ରାୟ ହଜାରରୁ ଊର୍ଦ୍ଧ୍ୱ ପୁରୁଷ ଓ ମହିଳା ଭକ୍ତଙ୍କୁ ଟ୍ରେନ୍ ଯୋଗେ ପୁରୀ ନେବାର ସୁବନ୍ଦୋବସ୍ତ କରାଇଥିଲେ। ଏହି ୪ ଦିନିଆ ଯାତ୍ରରେ ପୁରୀଧାମ ସହିତ କୋଣାର୍କ, ଚନ୍ଦ୍ରଭାଗା, ଲିଙ୍ଗରାଜ ମନ୍ଦିର, ଖଣ୍ଡଗିରି, ଉଦୟଗିରି, ନନ୍ଦନକାନନ, ଧଉଳି ଆଦି ବୁଲିବାର କାର୍ଯ୍ୟକ୍ରମ ରହିଛି।



ଜରୋଳି ରେଳଷ୍ଟେସନରୁ ବଡବିଲ-ପୁରୀ ଇଣ୍ଟରସିଟି ଏକ୍ସପ୍ରେସ ଯୋଗେ ମଙ୍ଗଳବାର ମଧ୍ୟାହ୍ନରେ ସେମାନେ ପୁରୀ ଯାତ୍ରା ଆରମ୍ଭ କରିଛନ୍ତି। ଶୁକ୍ରବାର ସେମାନେ ପୁନର୍ବାର ଇଣ୍ଟରସିଟି ଯୋଗେ ଜରୋଳି ରେଳଷ୍ଟେସନରେ ପହଞ୍ଚିବେ ବୋଲି ଜଣାପଡିଛି।

## ଶିକ୍ଷକଙ୍କ ବଦଳି ବାତିଲ ଦାବି

**ହାଟଡିହୀ,୧୦।୧୨(ସମିସ)**



କେନ୍ଦୁଝର ଜିଲ୍ଲା ହାଟଡିହୀ ବ୍ଲକ ଶାଳଣିଆଁ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ବଦଳିକୁ ନେଇ ଅଭିଭାବକ ମନରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଏହି ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ପର୍ଯ୍ୟନ୍ତ ୧୪୦ଜଣ ଛାତ୍ରଛାତ୍ରୀ ପାଠ ପଢୁଥିବା ବେଳେ ୫ଜଣ ଶିକ୍ଷକ ନିଯୁକ୍ତି ଥିଲେ। କିନ୍ତୁ ଦୁଃଖର ବିଷୟ ଗତବର୍ଷ ହାଟଡ଼ିହୀ ବ୍ଲକ୍ ଶିକ୍ଷାଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ଶିକ୍ଷୟିତ୍ରୀ ପ୍ରୀତିଲତା ସେଠୀଙ୍କୁ ଅନ୍ୟତ୍ର ବଦଳି କରାଯାଇ ୧ମାସ ମଧ୍ୟରେ ଜଣେ ଶିକ୍ଷକ ଦେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ସେହିପରି ଲିପିକା ନାୟକ ପ୍ରସୂତି କାଳୀନ ଲମ୍ବା ଛୁଟି ନେଇଥିବା ବେଳେ ସୀତାଲତା ପାତ୍ର ଦେହ ଅସୁସ୍ଥତା ଯୋଗୁଁ ଠିକ୍ ଭାବେ କାର୍ଯ୍ୟ ତୁଲାଇ ପାରୁନାହାଁନ୍ତି। ବର୍ତ୍ତମାନର କାର୍ଯ୍ୟରତ ଶିକ୍ଷୟିତ୍ରୀ ପ୍ରତିଭା ନାୟକଙ୍କୁ ଅନ୍ୟତ୍ର ଡେପୁଟେସନରେ ପଠାଇବାକୁ ବ୍ଲକ ଶିକ୍ଷା ଅଧିକାରୀ ନିର୍ଦ୍ଦେଶ ଦେଇଛନ୍ତି। କିନ୍ତୁ ପ୍ରଧାନ ଶିକ୍ଷୟିତ୍ରୀ ସନ୍ଧ୍ୟାରାଣୀ ପେରେଇ ରିଲିଭ କରିନାହାଁନ୍ତି। ଏହି ବିଷୟରେ ଅଭିଭାବକ କମିଟି ଜାଣିବା ପରେ ମାତ୍ର ୨ଜଣ ଶିକ୍ଷକ ୧୪୦ ଜଣ ଛାତ୍ରଛାତ୍ରୀଙ୍କୁ କିପରି ଶିକ୍ଷାଦାନ କରିବେ ତାହାକୁ ନେଇ ଚିନ୍ତାରେ ପଡ଼ିଛନ୍ତି। ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଅନ୍ଧାର ହେବା କଥା ଜାଣି ଅଭିଭାବକ ମାନେ ତୁରନ୍ତ ବଦଳି ବାତିଲ କରିବା ସହିତ ଅଧିକ ଶିକ୍ଷକ ଯୋଗାଇ ଦେବାକୁ ସିଆର୍‌ସିସି ଯତିବ୍ରତ ସ୍ୱାଇଁଙ୍କ ମାଧ୍ୟମରେ ବ୍ଲକ ଶିକ୍ଷାଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଯଦି ଆଗାମୀ ଦିନରେ ବିଦ୍ୟାଳୟରେ ଶିକ୍ଷକ ପଦବୀ ପୂରଣ ନହୁଏ ତେବେ ଅଭିଭାବକ ମାନେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବେ ବୋଲି ଚେତାବନୀ ଦେଇଛନ୍ତି।

## ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ



**କେନ୍ଦୁଝର,୧୦।୧୨(ସମିସ):** ସ୍ଥାନୀୟ ଜେଲରୋଡସ୍ଥ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର କେନ୍ଦୁଝରଗଡର ୩୮ତମ ବାର୍ଷିକ କ୍ରୀଡା ଉତ୍ସବ ୨୦୨୪ ସ୍ଥାନୀୟ ରିଜର୍ଭ ପୁଲିସ ପଡିଆରେ ଉଦ୍‌ଯାପିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଜିଲ୍ଲା କ୍ରୀଡ଼ା ପରିଦର୍ଶକ ଫକୀର ମୋହନ ମହାନ୍ତ ଯୋଗ ଦେଇ ଶିଶୁମାନଙ୍କ ମନରେ ସର୍ବଦା ଖେଳୁଆଡ ମନୋଭାବ ରହିବା ଆବଶ୍ୟକ ବୋଲି ନିଜ ବକ୍ତବ୍ୟରେ କହିଥିଲେ। ଅନ୍ୟତମ ଅତିଥି ଭାବରେ ବିଦ୍ୟାଳୟ ପରିଚାଳନା ସମିତିର ସଂପାଦକ ସୁଧାଂଶୁ ଶେଖର ପଣ୍ଡା, ସହସଂପାଦକ ଦୀପକ କୁମାର ମହାକୁଳ, କୋଷାଧକ୍ଷ ବିଜୟ କୁମାର ଦିକ୍ଷୀତ ଉପସ୍ଥିତ ଥିଲେ। ପ୍ରଧାନଆଚାର୍ଯ୍ୟ ଅଲେଖ ମହାନ୍ତ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଦୁଇ ଦିନ ଧରି ଚାଲିଥିବା ଏହି କ୍ରୀଡ଼ାରେ ମୋଟ ୬୦ଟି ଖେଳରେ ଛାତ୍ରଛାତ୍ରୀ ଭାଗ ନେଇଥିଲେ। ଉଦ୍‌ଯାପନୀ ସମାରୋହରେ ଶିଶୁଙ୍କ ଦ୍ୱାରା ନୃତ୍ୟ, ପିରାମିଡ, ବ୍ୟାୟାମ ଯୋଗ, ଡମ୍ବୁରୁଯୋଗ, ସୂର୍ଯ୍ୟ ନମସ୍କାର ଆଦି ପ୍ରଦର୍ଶନ କରିଥିଲେ। ବିଦ୍ୟାଳୟ କ୍ରୀଡା ଶିକ୍ଷକ ବିରଞ୍ଚି ନାରାୟଣ ମହାନ୍ତ ବାର୍ଷିକ କ୍ରୀଡା ବିବରଣୀ ପଠନ କରିଥିବା ବେଳେ ଅନ୍ୟ ସମସ୍ତ ଗୁରୁଜୀଗୁରୁମା, ସେବକସେବିକା ସହଯୋଗ କରିଥିଲେ।

## ଆଜିର ରାଶିଫଳ

**ମେଷ:** ଅଫିସ୍‌ରେ ସମସ୍ୟା ଦେଖା ଦେବ। ଗୁରୁଜନଙ୍କ ସହ ଉତ୍ତମ ବୁଝାମଣା ରହିବ। ଆର୍ଥିକ ଦୃଷ୍ଟିରୁ ଦିନଟି ଉତ୍ତମ। ରୋଜଗାର ବୃଦ୍ଧି ହେବ। ମନ ପ୍ରସନ୍ନ ରହିବ। ଜୀବନସାଥୀଙ୍କ ସହଯୋଗ ମିଳିବ।

**ବୃଷ:** ଦିନଟି ମିଶ୍ରଫଳ ପ୍ରଦାନ କରିବ। କୌଣସି କାର୍ଯ୍ୟ ବିଗିଡ଼ିଯାଇପାରେ। ଧାର୍ମିକ କାର୍ଯ୍ୟ ପ୍ରତି ଆଗ୍ରହ ବଢ଼ିବ। ଆଚରଣରେ ନିୟନ୍ତ୍ରଣ ରକ୍ଷା କରିବେ। ଆତ୍ମବିଶ୍ୱାସର ସହ କାର୍ଯ୍ୟ କରିବେ।

**ମିଥୁନ:** ବିରୋଧୀଙ୍କ ସହ ମତାନ୍ତର ଦୂର ହେବ। ଆଇନ ସମ୍ବନ୍ଧୀୟ ମାମଲା ଆପଣଙ୍କ ସପକ୍ଷରେ ଯିବ। ପାରିବାରିକ ଜୀବନରେ ସୁଖଶାନ୍ତି ରହିବ। କଳା ଓ ସାହିତ୍ୟ କ୍ଷେତ୍ରରେ ସମ୍ମାନିତ ହୋଇପାରନ୍ତି।

**କର୍କଟ:** ଦାନଧର୍ମରେ ଦିନଟି ଅତିବାହିତ କରିବେ। ବିଦ୍ୟାର୍ଥୀ ବିଦେଶ ଯାତ୍ରା କରିବେ। କାର୍ଯ୍ୟ କ୍ଷେତ୍ରରେ ବରିଷ୍ଠ ଅଧିକାରୀଙ୍କ ମାର୍ଗଦର୍ଶନରେ ପରିଚାଳିତ ହେବେ। ଖର୍ଚ୍ଚରେ ନିୟନ୍ତ୍ରଣ ରକ୍ଷା କରିବେ।

**ସିଂହ:** ଆର୍ଥିକ ସମସ୍ୟା ସୃଷ୍ଟି ହେବ। ସେଲ୍‌ସ ମାର୍କେଟିଂ କ୍ଷେତ୍ରରେ ସଫଳତା ମିଳିବ। କାର୍ଯ୍ୟକ୍ଷେତ୍ରରେ ବିଶେଷ ଧ୍ୟାନ ଦେବେ। କାର୍ଯ୍ୟଧାରାରେ ପରିବର୍ତ୍ତନ ଆଣିବେ। ଅତିଥି ସତ୍କାର କରିପାରନ୍ତି।

**କନ୍ୟା:** ସମାଜରେ ମାନ ସମ୍ମାନ ବୃଦ୍ଧି ପାଇବ। ବନ୍ଧୁଙ୍କ ସହାୟତାରେ କାମ ପୂରା କରିବେ। ଛାତ୍ରଛାତ୍ରୀ ପଢ଼ାକୁ ନେଇ ଚିନ୍ତାରେ ରହିବେ। ସ୍ୱାସ୍ଥ୍ୟ ସମସ୍ୟା ଉପୁଜିବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**ତୁଳା:** ଦିନଟିରେ ସଫଳତା ମିଳିବ। ପୈତୃକ ବ୍ୟବସାୟରୁ ଲାଭବାନ ହେବେ। ସକାରାତ୍ମକ ଚିନ୍ତାଧାରାରେ ସମସ୍ତ କାର୍ଯ୍ୟ କରିବେ। ଆର୍ଥିକ ଲାଭ ମିଳିବ। ଅଚାନକ ଖୁସି ଖବର ପାଇପାରନ୍ତି।

**ବିଛା:** ବାଦବିବାଦରୁ ଦୂରେଇ ରହିବେ। ତରବରିଆ ଭାବେ ନିଷ୍ପତ୍ତି ନେବେ ନାହିଁ। କାମରୁ ଲାଭ ଓ ସଫଳତା ମିଳିବ। ବ୍ୟବସାୟରେ ଦୂରସ୍ଥାନକୁ ଯାତ୍ରା କରିବେ। କୌଣସି କଥାକୁ ନେଇ ସମାଲୋଚିତ ହୋଇପାରନ୍ତି।

**ଧନୁ:** କାର୍ଯ୍ୟକ୍ଷେତ୍ରରେ ଆତ୍ମବିଶ୍ୱାସର ଅଭାବ ରହିବ। ସମସ୍ୟାରେ ପଡ଼ିପାରନ୍ତି। ପରିଶ୍ରମ ଅନୁସାରେ ସଫଳତା ମିଳିବ। ମହାଦେବଙ୍କ ପୂଜାର୍ଚ୍ଚନାରେ ସମୟ ବିତିବ। ଉଧାର ଟଙ୍କା ଫେରି ପାଇବେ।

**ମକର:** ବିବାହ ପ୍ରସ୍ତାବ ଆସିବ। ଧନଲାଭ ଯୋଗ ଅଛି। କୌଣସି କଥାକୁ ନେଇ ଅଧିକ ଚିନ୍ତା କରିବେ ନାହିଁ। ହସ ଖୁସିରେ ଦିନ କାଟିବେ। ଡାକ୍ତରୀ ଛାତ୍ରଛାତ୍ରୀଙ୍କୁ ନିଯୁକ୍ତି ସୁଯୋଗ ମିଳିବ। ନୂତନ ପ୍ରୋଜେକ୍ଟ ମିଳିପାରେ।

**କୁମ୍ଭ:** ପରନିନ୍ଦାରୁ ଦୂରେଇ ରହିବେ। ପ୍ରେମିକ-ପ୍ରେମିକାଙ୍କ ମଧ୍ୟରେ ମତାନ୍ତର ଦେଖା ଦେବ। ରଣନୀତିରେ କାମ କରିବେ ଏବଂ ସଫଳତା ପ୍ରାପ୍ତି ହେବ। ସ୍ୱାସ୍ଥ୍ୟ ସମସ୍ୟା ପାଇଁ ଖର୍ଚ୍ଚାନ୍ତ ହେବେ।

**ମୀନ:** ମାନସିକ ଶାନ୍ତି ପାଇବେ। ଅଫିସ୍‌ରେ ପ୍ରତିଷ୍ଠା ବଢ଼ିବ। ଆର୍ଥିକ ଦୃଷ୍ଟିରୁ ଦିନଟି ଶୁଭ। କାମ ଆରମ୍ଭ ପୂର୍ବରୁ ଗୁରୁଜନଙ୍କ ପରାମର୍ଶ ନେବେ। ବ୍ୟବସାୟୀ କୌଣସି ଶୁଭ ଖବର ପାଇପାରନ୍ତି। ଅଯଥା ଖର୍ଚ୍ଚ କରନ୍ତୁନି।

## ଆଜିର ଇତିହାସ

- ୧୯୨୨- ବଲିଉଡ୍ ଅଭିନେତା ଦିଲୀପ କୁମାରଙ୍କ ଜନ୍ମ।
- ୧୯୪୬- ଡ.ରାଜେନ୍ଦ୍ର ପ୍ରସାଦ ଭାରତୀୟ ସମ୍ବିଧାନ ସଭାର ଅଧ୍ୟକ୍ଷ ନିର୍ବାଚିତ ହେଲେ।
- ୧୯୬୯- ଚେସ୍ ଖେଳାଳି ବିଶ୍ୱନାଥନ୍ ଆନନ୍ଦଙ୍କ ଜନ୍ମ।
- ୨୦୦୭- ଉତ୍ତର ଓ ଦକ୍ଷିଣ କୋରିଆ ମଧ୍ୟରେ ୫୦ ବର୍ଷ ପରେ ରେଳ ସେବା ଆରମ୍ଭ ହେଲା।
- ୨୦୧୨-ପ୍ରଖ୍ୟାତ ସିତାର ବାଦକ ପଣ୍ଡିତ ରବିଶଙ୍କରଙ୍କ ପରଲୋକ।
- ୨୦୧୪- ଅନ୍ତଃରାଷ୍ଟ୍ରୀୟ ଯୋଗ ଦିବସ ପାଳନ ପାଇଁ ମିଳିତ ଜାତିସଂଘ ସ୍ୱୀକୃତି ଦେଲା।

## ଜୈବ ବିବିଧତାର ସୁରକ୍ଷା କବଚ



### ଅନ୍ତର୍ଜାତୀୟ ପର୍ବତ ଦିବସ

ପ୍ରତିବର୍ଷ ଡିସେମ୍ବର ୧୧ ତାରିଖକୁ 'ଅନ୍ତର୍ଜାତୀୟ ପର୍ବତ ଦିବସ' ଭାବେ ପାଳନ କରାଯାଏ। ଆଜିର ଦିନକୁ ପାଳନ କରିବା ଅବସରରେ ପର୍ବତ ଆରୋହଣ କରୁଥିବା ସାହସୀ ବ୍ୟକ୍ତିଙ୍କୁ ଉତ୍ସାହିତ କରିବା ସହ ପର୍ବତକୁ ନଷ୍ଟ ନ କରିବା ପାଇଁ ସଚେତନ କରାଯାଏ। ମାନବ ସମାଜ ପ୍ରତି ପ୍ରକୃତିର ବହୁ ଅବଦାନ ରହିଛି। ଏସବୁ ମଧ୍ୟରୁ ପର୍ବତ ବା ପାହାଡ଼ ଅନ୍ୟତମ। ପ୍ରକୃତିର ଏହି ଅବଦାନ ମାନବକୁ ଅନେକ ଆବଶ୍ୟକୀୟ ସାମଗ୍ରୀ ଯୋଗାଇବା ସହ ସୀମାବର୍ତ୍ତୀ ଅଞ୍ଚଳରେ ଏକ ଢାଲ ହୋଇ ରହିଛି। ତେଣୁ ପର୍ବତର ସୁରକ୍ଷା ପାଇଁ ଲୋକଙ୍କୁ ସଚେତନ କରାଇବା ଉଦ୍ଦେଶ୍ୟରେ ଏହି ଦିବସ ପାଳନ କରାଯାଏ। ଜାତିସଂଘର ସାଧାରଣ ପରିଷଦର ଅନୁମୋଦନ କ୍ରମେ ୨୦୦୩ ମସିହାରୁ ପ୍ରତିବର୍ଷ ଡିସେମ୍ବର ୧୧ ତାରିଖକୁ 'ଅନ୍ତର୍ଜାତୀୟ ପର୍ବତ ଦିବସ' ଭାବରେ ପାଳନ କରାଯାଉଛି। ପର୍ବତ ବହୁ ସଭ୍ୟତାର ମୂକ ସାକ୍ଷୀ ହୋଇ ରହିଛି। ଏହା ସଭ୍ୟତାର କାହାଣୀ ବଖାଣି ଥାଏ। ପ୍ରାଚୀନ କାଳରେ ବା ପୁରାତନ ପ୍ରସ୍ତର ଯୁଗ ପୂର୍ବରୁ ମାନବ ଗୁମ୍ଫାରେ ବାସ କରୁଥିଲା। ଆଜି ମଧ୍ୟ ବହୁ ସଂପ୍ରଦାୟର ଲୋକ ପାହାଡ଼ରେ ରହୁଛନ୍ତି। ଆମ ଦେଶର ପୂର୍ବ ଓ ପଶ୍ଚିମ ପାର୍ଶ୍ୱରେ ଥିବା ପୂର୍ବ ଓ ପଶ୍ଚିମଘାଟ ପର୍ବତମାଳା ତଥା ଉତ୍ତରରେ ଥିବା ଅନନ୍ୟ ହିମାଳୟ ପର୍ବତମାଳା ଆମ ଦେଶରେ ପାର୍ବତ୍ୟ ଉପସ୍ଥିତିର ଉଦାହରଣ। ଏହା ଛଡ଼ା ମଧ୍ୟ-ଭାରତରେ ମଧ୍ୟ ଅନେକ ପର୍ବତ ରହିଛି। ସମସ୍ତ ଭୂଭାଗର ୨୪% ଅଞ୍ଚଳ ପର୍ବତ ବା ପାହାଡ଼ ଦ୍ୱାରା ଆଚ୍ଛାଦିତ। ଏପରିକି ସମୁଦ୍ର ମଧ୍ୟରେ ବି ପର୍ବତ ଅଛି ଯାହାକି ଦୀପ ଭାବେ ଦୃଶ୍ୟମାନ ହୋଇଥାଏ। ପାର୍ବତ୍ୟାଞ୍ଚଳର ଅଧିବାସୀମାନେ ମୁଖ୍ୟତଃ ସେମାନଙ୍କର ଜୀବିକା ନିର୍ବାହ ପାଇଁ ପର୍ବତ ଉପରେ ନିର୍ଭର କରିଥାନ୍ତି। ସେହିଭଳି ପଶୁପକ୍ଷୀଙ୍କ ପାଇଁ ସବୁଠୁ ସୁରକ୍ଷିତ ସ୍ଥଳ ହେଲା ପାହାଡ଼। କିନ୍ତୁ ଖଣିଜ ପଦାର୍ଥ ପାଇଁ ମଣିଷ ପାହାଡ଼ଗୁଡ଼ିକୁ ବ୍ଲାଷ୍ଟିଂ ଦ୍ୱାରା ଧ୍ୱଂସ କରିଚାଲିଛି। ଫଳରେ ପାହାଡ଼ଗୁଡ଼ିକରେ ସବୁଜିମା ହ୍ରାସ ପାଉଛି। କେତେକ ବଡ଼ ପର୍ବତ ଏବେ ଧ୍ୱଂସାଭିମୁଖୀ। ବିଶ୍ୱ ଜୈବବିବିଧତାର ମୁଖ୍ୟସ୍ଥଳ ହେଉଛି ପର୍ବତ। ତେଣୁ ପର୍ବତର ସୁରକ୍ଷା ନିହାତି ଆବଶ୍ୟକ। ମାନବଜାତିକୁ ପର୍ବତର ଗୁରୁତ୍ୱ ବିଷୟରେ ସଚେତନ କରିବା ଅନ୍ତର୍ଜାତୀୟ ପର୍ବତ ଦିବସର ମୁଖ୍ୟ ଲକ୍ଷ୍ୟ।

## ତିନୋଟି ପାର୍ଟରେ ଆସିବ 'ଆନିମଲ'

ବଲିଉଡ୍ ଅଭିନେତା ରଣବୀର କପୁରଙ୍କ ଅଭିନୀତ 'ଆନିମଲ' ବକ୍ସ ଅଫିସ୍‌ରେ ବ୍ଲକ୍‌ବଷ୍ଟର ସାବ୍ୟସ୍ତ ହୋଇଥିଲା। ସାରା ବିଶ୍ୱରେ ଏହା ପାଖାପାଖି ୯୦୦ କୋଟି ଆୟ କରିଥିଲା। ଦର୍ଶକେ ଅନେକ ଦିନରୁ ଏହାର ସିକ୍ୱେଲକୁ ଅପେକ୍ଷା କରିଛନ୍ତି। ଇତିମଧ୍ୟରେ ରଣବୀର 'ଆନିମଲ-୨' ସମ୍ପର୍କରେ ସୂଚନା ଦେଇଛନ୍ତି। ନିକଟରେ ରେଡ୍ ସି ଚଳଚ୍ଚିତ୍ର ଉତ୍ସବରେ ଯୋଗ ଦେଇ ରଣବୀର ତାଙ୍କ ଆଗାମୀ ଫିଲ୍ମଗୁଡ଼ିକ ବିଷୟରେ ଆଲୋଚନା କରିଥିଲେ। ଏହି ସମୟରେ ସେ 'ଆନିମଲ'ର ସିକ୍ୱେଲ ନେଇ କହିଥିଲେ ଯେ, 'ଆମେ ଏହି ଫିଲ୍ମର ସୁଟିଂ ୨୦୨୭ରୁ ଆରମ୍ଭ କରିବୁ। ଫିଲ୍ମ ସୁଟିଂ ପାଇଁ ଆହୁରି କିଛି ସମୟ ବାକି ଅଛି। ମୋତେ ସନ୍ଦୀପ ରେଡ୍ଡି ଭାଙ୍ଗା ଫିଲ୍ମଟିକୁ କିପରି ନିର୍ମାଣ କରାଯିବ, ସେବିଷୟରେ ଆଇଡିଆ ଦେଇଥିଲେ। ଏହା ତିନୋଟି ପାର୍ଟରେ ନିର୍ମାଣ କରାଯିବ। ଦ୍ୱିତୀୟ ପାର୍ଟର ନାମ 'ଆନିମଲ ପାର୍କ' ରଖାଯାଇଛି। ଏଥିରେ ମୁଁ ଡବଲ ରୋଲ୍‌ରେ ଦେଖାଯିବି। ଉଭୟ ନାୟକ ଓ ଖଳନାୟକ ଭୂମିକା ମୁଁ ନିର୍ବାହ କରିବି। ଏହି ଫିଲ୍ମର ଏକ ଅଂଶ ହୋଇ ମୁଁ ଗର୍ବ ଅନୁଭବ କରୁଛି।' ଏଠାରେ ପ୍ରକାଶ ଥାଉ କି, 'ଆନିମଲ' ୨୦୨୩ରେ ଆସିଥିଲା। ଯଦିଓ ଫିଲ୍ମଟି ବକ୍ସ ଅଫିସ୍‌ରେ ହିଟ୍ ସାବ୍ୟସ୍ତ ହୋଇଥିଲା, କିନ୍ତୁ ଏଥିରେ ଥିବା ହିଂସାତ୍ମକ ଦୃଶ୍ୟ ଯୋଗୁଁ ଏହା ଅନେକ ସମାଲୋଚନାର ମଧ୍ୟ ଶିକାର ହୋଇଥିଲା। ତେବେ 'ଆନିମଲ' ଠାରୁ 'ଆନିମଲ ପାର୍କ'ରେ ଆହୁରି ଅଧିକ ହିଂସାତ୍ମକ ଦୃଶ୍ୟ ରହିବ ବୋଲି ଏହାର ନିର୍ଦ୍ଦେଶକ ସନ୍ଦୀପ ରେଡ୍ଡି ଭାଙ୍ଗା ଅନେକ ଗଣମାଧ୍ୟମ ସାକ୍ଷାତକାରରେ ପୂର୍ବରୁ ସୂଚନା ଦେଇଛନ୍ତି।



## ଆଲାର୍ମ ବାଜିବା ପୂର୍ବରୁ କାହିଁକି ଭାଙ୍ଗିଯାଏ ନିଦ




ଅନେକ ଲୋକ ସକାଳୁ ଉଠିବା ପାଇଁ ଘଣ୍ଟାରେ ଆଲାର୍ମ ଦେଇଥାନ୍ତି। କିନ୍ତୁ ଆଲାର୍ମ ବାଜିବାର ପାଞ୍ଚ ବା ଦଶ ମିନିଟ୍ ପୂର୍ବରୁ ଅନେକଙ୍କର ନିଦ ଭାଙ୍ଗିଯାଏ। ଏହା ପଛରେ ବୈଜ୍ଞାନିକ କାରଣ ରହିଛି। ବୈଜ୍ଞାନିକମାନଙ୍କର କହିବା ଅନୁଯାୟୀ, ଆମ ଶରୀରରେ ଏକ ଜୈବିକ ଘଡ଼ି ରହିଛି। ଏହା ଆଲାର୍ମ ଭଳି କାମ କରିଥାଏ। ଯାହା ଦିନ ରାତି ହିସାବରେ ମଣିଷକୁ ଜାଗ୍ରତ କରାଏ, ଶୁଆଇ ଦିଏ। ଯଦି ଜଣେ ଶୋଇବାକୁ ଯିବା ଓ ବିଛଣା ଛାଡ଼ିବା ପାଇଁ ଏକ ନିର୍ଦ୍ଦିଷ୍ଟ ସମୟ ସ୍ଥିର କରନ୍ତି, ଶରୀର ସେହି ଅନୁସାରେ ନିଜକୁ ପ୍ରସ୍ତୁତ କରିଦିଏ। ଯଦି ଜଣେ ଏକ ନିର୍ଦ୍ଦିଷ୍ଟ ସମୟରେ ସବୁଦିନ ସକାଳୁ ଉଠୁଥାନ୍ତି, ତାଙ୍କ ଶରୀର ସେହି ସମୟ ଆଖପାଖରେ ଉଠିବା ପାଇଁ ନିଜକୁ ପ୍ରସ୍ତୁତ କରିଦିଏ। ଖାସ୍ ଏହି କାରଣରୁ ଜଣେ ଭୋର ୫ଟାରେ ଆଲାର୍ମ ଦେଇଥିବା ବେଳେ ଏହାର ୫ -୧୦ ମିନିଟ୍ ଆଗରୁ ନିଦ ଭାଙ୍ଗିଯାଇଥାଏ। ଏହାବାଦ୍ ଏଥିପାଇଁ PER ନାମକ ପ୍ରୋଟିନ୍ ମଧ୍ୟ ଦାୟୀ ରହିଥାଏ। ଏହାର ସ୍ତର ରାତିରେ ହ୍ରାସ ପାଇବାରୁ ରକ୍ତଚାପ ହ୍ରାସ ପାଏ, ହୃଦ୍‌ସ୍ପନ୍ଦନ ମଧ୍ୟ ଧୀମା ହୋଇଯାଏ। ଫଳରେ ଶରୀର ନିସ୍ତେଜ ହୋଇ ନିଦ ଲାଗିଥାଏ। ସେହିଭଳି ଜଣେ ଶୋଇରୁ ଉଠିବା ସମୟରେ PER ସ୍ତର ବୃଦ୍ଧି ପାଏ। ଏହା ସହ ଶରୀରର ରକ୍ତଚାପ ଓ ତାପମାତ୍ରା ବଢ଼ିଯାଏ। ଏହି ସମୟରେ ମସ୍ତିଷ୍କରୁ କର୍ଟିସୋଲ ନାମକ ହରମୋନ୍‌ର କ୍ଷରଣ ହୋଇଥାଏ। ଫଳରେ ନିଦରେ ବ୍ୟାଘାତ ସୃଷ୍ଟି ହୋଇଥାଏ। ଏଥିପାଇଁ ଆଲାର୍ମ ବାଜିବା ପୂର୍ବରୁ ଜଣକର ନିଦ ଭାଙ୍ଗିଯାଏ।

## ଅନ୍ତର୍ମୁଖୀ ସ୍ୱଭାବର ଯୁବପିଢ଼ିଙ୍କ ପାଇଁ ବୃତ୍ତି

**ଅନ୍ତର୍ମୁଖୀ ସ୍ୱଭାବର ବ୍ୟକ୍ତି ଅପେକ୍ଷାକୃତ ଅଧିକ ଶାନ୍ତ, ସଂଯମ ଓ ବିଚାରଶୀଳ ହୋଇଥାନ୍ତି। ସେମାନେ ଅନ୍ୟମାନଙ୍କ ସହ ସହଜରେ ମିଶି ପାରନ୍ତି ନାହିଁ। ଏକାକୀ ରହିବାକୁ ଭଲ ପାଆନ୍ତି। ତେବେ ଅନ୍ତର୍ମୁଖୀ ସ୍ୱଭାବର ଯୁବକ ଯୁବତୀ କେଉଁ ଚାକିରିରେ ସହଜ ଅନୁଭବ କରିପାରିବେ, ଜାଣି ରଖନ୍ତୁ।**



**ଡାଟା ଆନାଲିଷ୍ଟ:** ଡାଟା ଆନାଲିଷ୍ଟ ଡାଟାକୁ ବିଶ୍ଳେଷଣ କରିବା ଏବଂ ଟ୍ରେଣ୍ଡକୁ ଚିହ୍ନଟ କରି ରିପୋର୍ଟ ପ୍ରସ୍ତୁତ କରନ୍ତି। ଏହା ହେଉଛି ଏକ ଡେସ୍କ ଚାକିରି। ଏଥିରେ କେବଳ ଏକାଗ୍ରତା ଏବଂ ବିଶ୍ଳେଷଣାତ୍ମକ କୌଶଳ ଆବଶ୍ୟକ।

**ଗ୍ରାଫିକ୍ ଡିଜାଇନର:** ଗ୍ରାଫିକ୍ ଡିଜାଇନର ବିଭିନ୍ନ ମିଡିଆ ପାଇଁ ଭିଜୁଆଲ ଡିଜାଇନ୍ ପ୍ରସ୍ତୁତ କରିଥାନ୍ତି। ଏହି କାମ ପାଇଁ ସୃଜନଶୀଳତା ଜରୁରି। ଏହାସହ ଏଥିରେ ସାମାଜିକ ସମ୍ପର୍କ ନ୍ୟୂନତମ ହୋଇଥାଏ।

**ଲାଇବ୍ରେରିଆନ୍:** ଲାଇବ୍ରେରିଆନ୍ ବା ଗ୍ରନ୍ଥାଗାରିକ ପାଠାଗାରରେ ପୁସ୍ତକ ସଂଗ୍ରହକୁ ବ୍ୟବସ୍ଥିତ କରିଥାନ୍ତି। ଏଥିରେ ଶାନ୍ତ ଓ ଏକାନ୍ତ ପରିବେଶରେ କାମ କରିବାକୁ ହୋଇଥାଏ। କମ୍ ସାମାଜିକ ଯୋଗାଯୋଗ ପସନ୍ଦ କରୁଥିବା ବ୍ୟକ୍ତିଙ୍କ ପାଇଁ ଏହା ହେଉଛି ଏକ ଉତ୍ତମ ଚାକିରି।



**ୱେବ୍ ଡେଭଲପର ଏବଂ ଡିଜାଇନର:** ୱେବ୍ ଡେଭଲପର ଏବଂ ଡିଜାଇନର୍ ୱେବ୍‌ସାଇଟ୍ ତିଆରି କରିବା ଏବଂ ଏହାକୁ ଡିଜାଇନ୍ କରିବାରେ ସାହାଯ୍ୟ କରନ୍ତି। ଏହି ଚାକିରି ଅନ୍ତର୍ମୁଖୀ ଲୋକଙ୍କ ପାଇଁ ଖୁବ୍ ଉତ୍ତମ।

**ରିସର୍ଚ୍ଚ ସାଇଣ୍ଟିଷ୍ଟ:** ରିସର୍ଚ୍ଚ ସାଇଣ୍ଟିଷ୍ଟ ରିସର୍ଚ୍ଚ ସହିତ ଡାଟା ବିଶ୍ଳେଷଣ କରି ରିପୋର୍ଟ ପ୍ରସ୍ତୁତ କରିଥାନ୍ତି। ଏନେଇ ଗବେଷଣାଗାରରେ ସ୍ୱତନ୍ତ୍ର କାମ କରିବାକୁ ହୋଇଥାଏ। ତେଣୁ ଏଥିରେ ଲୋକଙ୍କ ସହ ସେତେ ବେଶି ମିଳାମିଶା କରିବାକୁ ପଡ଼ି ନ ଥାଏ।

## ସମ୍ଭାବନା



### ପଢ଼ା ପାଇଁ ଚାଟ୍‌ଜିପିଟି





**ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ)ର ଉପଯୋଗ ଏବେ ପ୍ରତ୍ୟେକ କ୍ଷେତ୍ରରେ ଦେଖିବାକୁ ମିଳୁଛି। ଏହା ଶିକ୍ଷା କ୍ଷେତ୍ରରୁ ମଧ୍ୟ ବାଦ୍ ପଡ଼ି ନାହିଁ। ତେବେ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସକୁ ଯଦି ଠିକ୍ ଭାବେ ଉପଯୋଗ କରାଯିବ, ତେବେ କ'ଣ କଲେ ଏହାକୁ ସୁଧାରି ହେବ, ସେ ବିଷୟରେ ଜାଣନ୍ତୁ।**

- ଚାଟ୍‌ଜିପିଟି ପଢ଼ା ଶୈଳୀ ଅନୁଯାୟୀ କଣ୍ଟେଣ୍ଟ ପ୍ରସ୍ତୁତ କରିଥାଏ। ଏହା ଦ୍ୱାରା କଷ୍ଟକର ବିଷୟ ବୁଝିବାରେ ସହଜ ହୁଏ।
- ଚାଟ୍‌ଜିପିଟି ସାହାଯ୍ୟରେ ପଢ଼ା ସମ୍ବନ୍ଧିତ ଦ୍ୱନ୍ଦ୍ୱକୁ ତୁରନ୍ତ ଦୂର କରିପାରିବେ।
- ଏହା ମାଧ୍ୟମରେ ଅଭ୍ୟାସ ପାଇଁ ପ୍ରଶ୍ନପତ୍ର ମଧ୍ୟ ପ୍ରସ୍ତୁତ କରିପାରିବେ।
- ଚାଟ୍‌ଜିପିଟି ସାହାଯ୍ୟରେ ପଢ଼ା ପାଇଁ ଯୋଜନା ମଧ୍ୟ କରିପାରିବେ।
- ଏହା ମାଧ୍ୟମରେ କୌଣସି ପ୍ରସଙ୍ଗକୁ ବିଭିନ୍ନ ଉପାୟରେ ବୁଝିପାରିବେ।
- ଆସାଇନ୍‌ମେଣ୍ଟ ପାଇଁ ମଧ୍ୟ ଏହାକୁ ଉପଯୋଗ କରିପାରିବେ।
- ପରୀକ୍ଷା ସମୟରେ ପଢ଼ା ଟିପ୍ସ ଦେଇ ଏହା ପ୍ରୋତ୍ସାହିତ କରିବାକୁ ସକ୍ଷମ ହୋଇଥାଏ।
- ପରୀକ୍ଷା ପ୍ରସ୍ତୁତିକୁ ଅଧିକ ପ୍ରଭାବଶାଳୀ କରିବା ପାଇଁ ଏହାକୁ ଟୁଲ୍ ଭାବେ ମଧ୍ୟ ଉପଯୋଗ କରାଯାଇପାରିବ।

## ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ପ୍ରସ୍ତୁତି

**ସାଧାରଣତଃ କୌଣସି ପରୀକ୍ଷାର ପ୍ରସ୍ତୁତି ସବୁ ବିଦ୍ୟାର୍ଥୀଙ୍କ ପକ୍ଷେ ସହଜ ନ ଥାଏ। ଏଭଳି କ୍ଷେତ୍ରରେ ପ୍ରତିଯୋଗିତାମୂଳକ ପରୀକ୍ଷା ପ୍ରସ୍ତୁତି ଅଧିକ ଆହ୍ୱାନପୂର୍ଣ୍ଣ ହୋଇଥାଏ। ତେବେ କିଭଳି ପ୍ରସ୍ତୁତି କରାଗଲେ, ପରୀକ୍ଷାରେ ସଫଳ ହେବା ସମ୍ଭବ, ତାହା ନିମ୍ନରେ ଦିଆଗଲା।**



- ସିଲାବସ୍ ଅନୁଯାୟୀ ଗୁରୁତ୍ୱପୂର୍ଣ୍ଣ ବିଷୟର ପ୍ୟାଟର୍ଣ୍ଣକୁ ବୁଝନ୍ତୁ। ଏହା ଦ୍ୱାରା ପଢ଼ିବା ଏବଂ ବିଷୟକୁ ମନେ ରଖିବା ସହଜ ହୁଏ।
- ପରୀକ୍ଷା ପାଇଁ ସମୟ ସାରଣୀ ପ୍ରସ୍ତୁତ କରନ୍ତୁ। ଏଭଳି କଲେ ପଢ଼ିବା ପାଇଁ ସମୟ ମିଳିଥାଏ।
- ପଢ଼ିବା ବେଳେ ପଏଣ୍ଟ ଏବଂ ସର୍ଟ ନୋଟ୍ ପ୍ରସ୍ତୁତ କରନ୍ତୁ। ଏହା ରିଭିଜନ୍‌ରେ ସାହାଯ୍ୟ କରିଥାଏ।
- ପ୍ରତ୍ୟେକ ସପ୍ତାହରେ ମକ୍ ଟେଷ୍ଟ ଦିଅନ୍ତୁ। ଯାହା ଦ୍ୱାରା ପରୀକ୍ଷା ପ୍ରସ୍ତୁତି ସହଜ ହୁଏ ଏବଂ ଲେଖିବା ଅଭ୍ୟାସରେ ସୁଧାର ଆସେ।
- ଯେକୌଣସି ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ଖବରକାଗଜ ପଢ଼ନ୍ତୁ। ଏଭଳି କରିବା ଦ୍ୱାରା ସାଧାରଣ ଜ୍ଞାନ ବୃଦ୍ଧି ପାଏ।
- ରାତିରେ ଭଲରେ ନିଦ ନ ହେଲେ ଦିନରେ ପଢ଼ିବା ପାଇଁ ମନ ଲାଗେ ନାହିଁ। ତେଣୁ ରାତିରେ ୮ ଘଣ୍ଟା ନିଦ୍ରା ଯିବା ଜରୁରି।
- ନିୟମିତ ରିଭିଜନ ଦ୍ୱାରା ବିଷୟ ମନେ ରଖିବା ସହଜ ହୁଏ।
- ପଢ଼ାରେ ଧ୍ୟାନଭଙ୍ଗ ନ ହେବା ପାଇଁ ସାମାଜିକ ଗଣମାଧ୍ୟମଠାରୁ ଦୂରତ୍ୱ ରକ୍ଷା କରିବା ଭଲ।
- ପରୀକ୍ଷା ପ୍ରସ୍ତୁତି ସମୟରେ ନିଜ ଉପରେ ଆତ୍ମବିଶ୍ୱାସ ରହିବା ଆବଶ୍ୟକ।
- ସକାରାତ୍ମକ ଦୃଷ୍ଟିକୋଣ ସହିତ ନିଜ ଲକ୍ଷ୍ୟ ପ୍ରତି ସମର୍ପିତ ରଖିବା ଦରକାର।
- ଲଗାତାର ଦୀର୍ଘ ସମୟ ବସିରହି ପଢ଼ିବା ପରିବର୍ତ୍ତେ ମଝିରେ ମଝିରେ ବ୍ରେକ୍ ନିଅନ୍ତୁ।

## ବ୍ୟକ୍ତିତ୍ୱ ଉପରେ କଥାବାର୍ତ୍ତାର ପ୍ରଭାବ



କଥାବାର୍ତ୍ତା କରିବା ଏକ କଳା। ସେଥିପାଇଁ ଢଗ ରହିଛି- 'କହି ଜାଣିଲେ କଥା ସୁନ୍ଦର।' କଥା ମାଧ୍ୟମରେ ଜଣକୁ ନିଜ ପ୍ରତି ଆକର୍ଷିତ କରି ହୁଏ। ତେବେ ଏହି କଳା କେବଳ ଯୋଗାଯୋଗରେ ସାହାଯ୍ୟ କରି ନ ଥାଏ, ବରଂ ଜଣେ ବ୍ୟକ୍ତିର ବ୍ୟକ୍ତିତ୍ୱ ଏବଂ ଆତ୍ମବିଶ୍ୱାସକୁ ଦର୍ଶାଇଥାଏ। ସେହିପରି ଅନେକ ଲୋକ ନିଜ କଥା ମାଧ୍ୟମରେ ଅନ୍ୟକୁ ଆକର୍ଷିତ କରିପାରନ୍ତି ନାହିଁ। କାରଣ ଏଭଳି ଲୋକ କଥାବାର୍ତ୍ତା କରିବା ବେଳେ ଜାଣତରେ ହେଉ ଅବା ଅଜାଣତରେ ଛୋଟମୋଟ ଭୁଲ କରିଥାନ୍ତି। ଏହା ଦ୍ୱାରା ଖରାପ ପ୍ରଭାବ ପଡ଼ିଥାଏ। ବିଶେଷକରି ବୃତ୍ତିଗତ ଉନ୍ନତି ପାଇଁ ନିଜ କଥାକୁ ପ୍ରଭାବୀ ଢଙ୍ଗରେ ରଖିବାର କଳାକୁ ଜାଣିବା ଖୁବ୍ ଜରୁରି।

କଥାବାର୍ତ୍ତା କରିବା ବେଳେ ମୋବାଇଲ ବ୍ୟବହାର କରନ୍ତୁ ନାହିଁ। ସେହିପରି ଦୃଷ୍ଟିଆକର୍ଷଣ କରିବା ପାଇଁ ଆବଶ୍ୟକ ଠାରୁ ଅଧିକ କଥା କହିବାରୁ ଦୂରେଇ ରୁହନ୍ତୁ। ନିଜ କଥାକୁ ବୁଲେଇ ବଙ୍କେଇ ନ କହି ସିଧା ଓ ସଂକ୍ଷିପ୍ତରେ ପ୍ରକାଶ କରନ୍ତୁ। ଏହାସହ ମିଛ କଥା ନ କହି ତଥ୍ୟଭିତ୍ତିକ କଥାବାର୍ତ୍ତା କରିବା ଭଲ। ସେହିପରି ସର୍ବଦା କଥା କହିବା ବେଳେ ଭାବଭଙ୍ଗୀ ପ୍ରତି ଧ୍ୟାନ ଦିଅନ୍ତୁ। କେବଳ ସେତିକି ନୁହେଁ, ଆଖିରେ ଆଖି ମିଶାଇ କଥା କହିବା ଅଭ୍ୟାସ ରଖନ୍ତୁ।

## ଆପଣାନ୍ତୁ ବ୍ୟାକରଣ ସୁଧାରିବା ଅଭ୍ୟାସ

**ଇଂରାଜୀ ହେଉ ଅବା ଓଡ଼ିଆ କି ହିନ୍ଦୀ, ପ୍ରତ୍ୟେକ ଭାଷାର ବ୍ୟାକରଣ ଜ୍ଞାନ ରହିବା ଦରକାର। ଅନେକଙ୍କର ବ୍ୟାକରଣଗତ ତ୍ରୁଟି ଅଧିକ ଦେଖିବାକୁ ମିଳେ। ତେବେ ଭାଷାଗତ ଜ୍ଞାନ ବଢ଼ାଇବା ପାଇଁ ବ୍ୟାକରଣକୁ ଆପଣାଇବା ଆବଶ୍ୟକ।**


- ନିୟମିତି ପଢ଼ାଭ୍ୟାସ ଜାରି ରଖନ୍ତୁ। ଅଧିକ ପଢ଼ିଲେ, ବ୍ୟାକରଣ ଜ୍ଞାନ ବଢ଼ିଥାଏ।
- ଯେଉଁ ଭାଷାର ବ୍ୟାକରଣ ଶିଖୁଛନ୍ତି, ତାହାକୁ ନିତିଦିନ ଅଳ୍ପ ଅଳ୍ପ ଅଭ୍ୟାସ କରନ୍ତୁ।
- ନିଜ ବ୍ୟାକରଣଗତ ତ୍ରୁଟିକୁ ଜାଣନ୍ତୁ। ଏହାକୁ ସୁଧାରିବାକୁ ଚେଷ୍ଟା କରନ୍ତୁ।
- ୟୁଟ୍ୟୁବ୍ ଏବଂ ଅନ୍ୟ ସୋସିଆଲ ମିଡିଆ ପ୍ଲାଟଫର୍ମରେ ବ୍ୟାକରଣ ସମ୍ବନ୍ଧିତ ଟ୍ୟୁଟୋରିଆଲ ଦେଖନ୍ତୁ।
- ବ୍ୟାକରଣ ସହ ଜଡ଼ିତ ନିୟମକୁ ଶିଖିବା ପାଇଁ ଚେଷ୍ଟା କରନ୍ତୁ। ବିରାମ ଚିହ୍ନ, ବାକ୍ୟ ସଂରଚନା ସହ ଜଡ଼ିତ ନିୟମକୁ ଶିଖି ବ୍ୟାକରଣରେ ନିପୁଣ ହୋଇଯିବେ।
- ବ୍ୟାକରଣଗତ ତ୍ରୁଟିକୁ ଧରିବା ପାଇଁ ସହପାଠୀ କିମ୍ବା ଶିକ୍ଷକଙ୍କ ସାହାଯ୍ୟ ନେଇପାରିବେ। ଏପରି କ୍ଷେତ୍ରରେ ଆଦୌ କୁଣ୍ଠା ପ୍ରକାଶ କରନ୍ତୁ ନାହିଁ।

# ସାବାଲେଙ୍କା ଡବ୍ଲ୍ୟୁଟିଏ ପ୍ଲେୟର ଅଫ୍ ଦି ଇୟର



**ସେଣ୍ଟ ପିଟର୍ସବର୍ଗ, ୧୦।୧୨(ଏଜେନ୍ସି):** ବେଲାରୁଷର ଅରିନା ସାବାଲେଙ୍କା ଏବର୍ଷର ଶ୍ରେଷ୍ଠ ମହିଳା ଟେନିସ ଖେଳାଳି ଅର୍ଥାତ୍ ଡବ୍ଲ୍ୟୁଟିଏ ପ୍ଲେୟର ଅଫ୍ ଦି ଇୟର ବିବେଚିତ ହୋଇଛନ୍ତି। ଚଳିତ ବର୍ଷ ସେ ଦମ୍‌ଦାର ପ୍ରଦର୍ଶନ କରି କ୍ୟାରିଅରରେ ପ୍ରଥମଥର ପାଇଁ ଏହି ପୁରସ୍କାର ହାସଲ କରିଛନ୍ତି। ସେ ଦୁଇଟି ଗ୍ରାଣ୍ଡସ୍ଲାମ ଟାଇଟଲ ହାସଲ କରିବା ସହ ବର୍ଷ ଶେଷରେ ୧ ନଂ ଖେଳାଳି ବିବେଚିତ ହୋଇଥିଲେ। ସେ ଏହି ବର୍ଷ ମୋଟ୍ ଉପରେ ୪ଟି ଟାଇଟଲ ଜିତିଛନ୍ତି। ସେ ଅଷ୍ଟ୍ରେଲିଆନ ଓ ୟୁଏସ୍ ଓପନ୍ ଗ୍ରାଣ୍ଡସ୍ଲାମ ଟାଇଟଲ ଜିତିବା ସହ ସିନ୍‌ସିନାଟି ଓପନ୍ ଓ ଉହାନ ଓପନ୍‌ରେ ମଧ୍ୟ ଚାମ୍ପିଅନ ହୋଇଥିଲେ। ସେହିପରି ସେ ଅକ୍ଟୋବରରେ ପୋଲଣ୍ଡର ଇଗା ସ୍ୱିଆଟେକଙ୍କୁ ହଟାଇ ୧ ନଂ ସ୍ଥାନ ହାସଲ କରିବା ସହ ବର୍ଷ ଶେଷ କରିବେ । ସେ ଏଥର ୱିମ୍ବଲଡନ ଟେନିସ ଟୁର୍ଣ୍ଣାମେଣ୍ଟରୁ କାନ୍ଧରେ ଆଘାତ ସମସ୍ୟା ପାଇଁ ଓହରିଯାଇଥିଲେ। ସେ ମୋଟ୍ ଉପରେ ୧୯ଟି ଗ୍ରାଣ୍ଡସ୍ଲାମ ମ୍ୟାଚ୍ ଖେଳି ୧୮ଟିରେ ବିଜୟ ହାସଲ କରିଛନ୍ତି ଓ ତାଙ୍କର ବିଜୟ ପ୍ରତିଶତ ୯୪.୭ ରହିଛି। ସେ ପ୍ରଥମ ଖେଳାଳି ଭାବେ ଉହାନ ଓପନ୍ ଟାଇଟଲ ତୃତୀୟଥର ପାଇଁ ଜିତି ରେକର୍ଡ କରିଥିଲେ। ୨୬ ବର୍ଷୀୟା ସାବାଲେଙ୍କା କ୍ୟାରିଅରରେ ଏପର୍ଯ୍ୟନ୍ତ ୧୭ଟି ଟାଇଟଲ ଅର୍ଜନ କରିଛନ୍ତି।

# ରବି ଶଙ୍କରଙ୍କୁ ଓଓଏ କୋଷାଧକ୍ଷ ଦାୟିତ୍ୱ



**କଟକ, ୧୦।୧୨(ସମିସ):** ଓଡ଼ିଶା ଅଲିମ୍ପିକ ସଂଘ(ଓଓଏ)ର କୋଷାଧକ୍ଷ ଭାବେ ରବି ଶଙ୍କର ପ୍ରତିହାରୀ ମନୋନୀତ ହୋଇଛନ୍ତି। ସଂଘର ଜରୁରୀକାଳିନ କାଉନସିଲ ବୈଠକରେ ସର୍ବସମ୍ମତି କ୍ରମେ ଏହି ନିଷ୍ପତ୍ତି ନିଆଯାଇଛି। ଆଗାମୀ ନିର୍ବାଚନ ପର୍ଯ୍ୟନ୍ତ ସେ କୋଷାଧକ୍ଷ ଦାୟିତ୍ୱ ତୁଲାଇବେ। ପ୍ରକାଶ ଥାଉକି, ଗତ ୨ ତାରିଖରେ ଓଓଏର କୋଷାଧକ୍ଷ ତଥା ରାଜ୍ୟର ବର୍ଷିୟାନ କ୍ରୀଡ଼ା ସଙ୍ଗଠକ ଅଧୀପ ଦାସଙ୍କ ପରଲୋକ ଘଟିଥିଲା। ୧୯୮୮ ମସିହାରୁ ମୃତ୍ୟୁ ପର୍ଯ୍ୟନ୍ତ ସେ ଓଓଏ କୋଷାଧକ୍ଷ ଦାୟିତ୍ୱ ତୁଲାଇ ଆସୁଥିଲେ।

■ ଆନ୍ତଃ ଜୋନ୍ କରାଟେ ପ୍ରତିଯୋଗିତା

# ଭାଗନେବେ ଓଡ଼ିଶା ସଂଘର ୧୨ ପ୍ରତିଯୋଗୀ




**ଭୁବନେଶ୍ୱର, ୧୦।୧୨(ସମିସ):** ମଙ୍ଗଳବାରଠାରୁ ଦିଲ୍ଲୀରେ ଆରମ୍ଭ ହୋଇଥିବା ସର୍ବଭାରତୀୟ ଆନ୍ତଃ ଜୋନ କରାଟେ ପ୍ରତିଯୋଗିତାରେ ଓଡ଼ିଶା ରାଜ୍ୟ କରାଟେ ଡୋ ସଂଘର ୧୨ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିବେ। ଏହି ଖେଳାଳିମାନେ ଦିଲ୍ଲୀ ଯାତ୍ରା କରିଛନ୍ତି। ବିଭିନ୍ନ ବର୍ଗରେ ଅଂଶଗ୍ରହଣ କରିବାକୁ ଥିବା ଏହି ପ୍ରତଯୋଗୀମାନେ ହେଲେ କୃଷ୍ଣଚନ୍ଦ୍ର ନାୟକ, ରାଜେଶ ମହାପାତ୍ର, ଓମ୍ ଶୁଭମ ମହାନ୍ତି, ସୁସ୍ମିନ ପାଲଟାସିଂହ, ସିନ୍ଧୁ ତନୟା ଖୁଣ୍ଟିଆ, ମୋନାଲି ସାହୁ, ରୋଶନ ସାଇ ପଲ୍, ଆୟୁଷ ରଥ, ଦୀପ୍ତି ନାମଦେଓ, ତ୍ରିଲୋଚନ ରଣା, ଜୟଜିତ ସାମନ୍ତ ଓ ସୋନାଲି ପାଣିଗ୍ରାହୀ। ଏହି ପ୍ରତିଯୋଗିତା ୧୩ ତାରିଖ ପର୍ଯ୍ୟନ୍ତ ଚାଲିବ ଓ ଏଥିରେ ଦେଶର ୫ଟି ଜୋନରୁ ମୋଟ୍ ୮୦୦ ପ୍ରତିଯୋଗୀ ଅଂଶଗ୍ରହଣ କରିବେ। ପ୍ରତିଯୋଗୀମାନଙ୍କୁ କରାଟେ ସଂଘ ତରଫରୁ ଶୁଭେଚ୍ଛା ଜଣାଯାଇଛି।

## ବର୍ଡର- ଗାଭାସ୍କର ଟ୍ରଫି: ୧୪ରୁ ବ୍ରିସ୍‌ବେନ୍‌ରେ ତୃତୀୟ ଟେଷ୍ଟ

# ଅଭ୍ୟାସ ଆରମ୍ଭ କଲେ ଭାରତୀୟ କ୍ରିକେଟର

**ଆଡିଲେଡ୍, ୧୦।୧୨(ଏଜେନ୍ସି):** ଚଳିତ ବର୍ଡର-ଗାଭାସ୍କର ଟ୍ରଫିର ତୃତୀୟ ଟେଷ୍ଟ ମ୍ୟାଚ୍ ଆସନ୍ତା ୧୪ ତାରିଖରୁ ବ୍ରିସ୍‌ବେନ୍ ଆରମ୍ଭ ହେବ। ଏହି ଟେଷ୍ଟ ପୂର୍ବରୁ ଭାରତୀୟ କ୍ରିକେଟରମାନେ ଆଡିଲେଡ୍‌ରେ ଜୋରଦାର ଅଭ୍ୟାସ ଆରମ୍ଭ କରିଛନ୍ତି। ମଙ୍ଗଳବାର ଭାରତୀୟ ଖେଳାଳିମାନେ ପ୍ରାକ୍ଟିସ ସେସନରେ ବେଶ୍ ଝାଳ ବୁହାଇଛନ୍ତି। କିନ୍ତୁ ଅଭିଜ୍ଞ ଦ୍ରୁତ ବୋଲର ଯଶପ୍ରୀତ ବୁମ୍‌ରା ଅତ୍ୟଧିକ କାର୍ଯ୍ୟଭାରକୁ ଦୃଷ୍ଟିରେ ରଖି ଅଭ୍ୟାସରୁ ଦୂରେଇ ରହିଥିଲେ। ଦ୍ୱିତୀୟ ଟେଷ୍ଟ ଅଢ଼େଇ ଦିନରେ ଶେଷ ହୋଇଥିଲା। ଫଳରେ ଭାରତୀୟ ଦଳ ଏବେ ମଧ୍ୟ ଆଡିଲେଡ୍‌ରେ ଅବସ୍ଥାନ କରିଛନ୍ତି। ଦଳ ଖୁବଶୀଘ୍ର ବ୍ରିସ୍‌ବେନ ଯାତ୍ରା କରିବ ବୋଲି କୁହାଯାଇଛି। ଖେଳାଳିଙ୍କ ଅଭ୍ୟାସ ଭିଡିଓ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ସାମାଜିକ ଗଣମାଧ୍ୟମରେ ସେୟାର କରିଛି। ଦ୍ୱିତୀୟ ଟେଷ୍ଟର ଲଜ୍ଜାଜନକ ପରାଜୟକୁ ଭୁଲି ଭାରତ ଏବେ ବ୍ରିସବେନ୍‌ରେ କମାଲ କରିବା ଲକ୍ଷ୍ୟରେ ରହିଛି।





### ୧-୧ ବରାବର ସ୍ଥିତିରେ ସିରିଜ

ଆଡିଲେଡ୍‌ରେ ଖେଳାଯାଇଥିବା ଦିବାରାତ୍ର ପିଙ୍କବଲ୍ ଟେଷ୍ଟରେ ଭାରତ ୧୦ ୱିକେଟରେ ପରାସ୍ତ ହୋଇଥିଲା। ତେବେ ପର୍ଥରେ ଅନୁଷ୍ଠିତ ପ୍ରଥମ ଟେଷ୍ଟରେ ଭାରତ ୨୯୫ ରନରେ ବିଜୟୀ ହୋଇ ଇତିହାସ ସୃଷ୍ଟି କରିଥିଲା। ଫଳରେ ଏହି ୫ ମ୍ୟାଚ୍ ବିଶିଷ୍ଟ ହାଇପ୍ରୋଫାଇଲ ଟେଷ୍ଟ ସିରିଜ ୧-୧ ବାରବର ସ୍ଥିତରେ ପହଞ୍ଚିଛି। ସିରିଜରେ ଅଗ୍ରଣୀ ହାସଲ କରିବା ପାଇଁ ତୃତୀୟ ଟେଷ୍ଟ ଉଭୟ ଦଳ ପାଇଁ ସମାନ ଭାବେ ଗୁରୁତ୍ୱ ବହନ କରୁଛି। ତେଣୁ ଭାରତୀୟ ଦଳ ପ୍ରତ୍ୟାବର୍ତ୍ତନ କରି ତୃତୀୟ ଟେଷ୍ଟରେ ବାଜି ମାରିବା ଲକ୍ଷ୍ୟରେ ରହିଛି।

### ବ୍ୟାକ୍‌ଫୁଟ୍‌ରେ କୋହଲିଙ୍କ ଫୋକସ୍

ବ୍ୟାଟିଂ ସୁପରଷ୍ଟାର ବିରାଟ କୋହଲିଙ୍କ ସମେତ ଅନ୍ୟ ଭାରତୀୟ ବ୍ୟାଟରମାନେ ନେଟ୍ସରେ ବ୍ୟାକ୍‌ଫୁଟ୍‌ରେ ବ୍ୟାଟିଂ ଅଭ୍ୟାସ କରିଥିଲେ। ପ୍ରାକ୍ଟିସ ସେସନ୍‌ରେ ଯଶସ୍ୱୀ ଜୟସ୍ୱାଲ ଓ ଲୋକେଶ ରାହୁଲ ପ୍ରଥମେ ବ୍ୟାଟିଂ ଅଭ୍ୟାସ କରିଥିଲେ। ଫଳରେ ତୃତୀୟ ଟେଷ୍ଟରେ ଏହି ଦୁଇ ବ୍ୟାଟର ପୁଣି ଓପନିଂ କରିବେ ବୋଲି ଆଶା କରାଯାଉଛି। ଏହାପରେ ଅନ୍ୟ ବ୍ୟାଟର ଶୁବମାନ ଗିଲ୍, କୋହଲି, ରୋହିତ ଶର୍ମା ଓ ଋଷଭ ପନ୍ତ ବ୍ୟାଟିଂ ଅଭ୍ୟାସ କରିଥିଲେ। ଆଡିଲେଡ୍ ନେଟ୍ସରେ ଅତ୍ୟଧିକ ବାଉନ୍ସ କାରଣରୁ କୋହଲି ବ୍ୟାକ୍‌ଫୁଟ୍‌ରେ ବ୍ୟାଟିଂ ଅଭ୍ୟାସ କରିଥିଲେ। ତେବେ ଅଭ୍ୟାସ ବେଳେ ଏକ ଅଭାବନୀୟ ଘଟଣା ଘଟିଥିଲା। ପନ୍ତଙ୍କ ହେଲ୍‌ମେଟ୍‌ରେ ବଲ୍ ବାଜିଥିଲା ଓ ମେଡିକାଲ ଷ୍ଟାଫ୍ ତାଙ୍କର ଦେଖାଶୁଣା କରିଥିଲେ। କୋହଲି ଓ ରାହୁଲ ନିକଟରେ ବ୍ୟାଟିଂ ଅଭ୍ୟାସ ବନ୍ଦ କରି ପନ୍ତଙ୍କୁ ଦେଖିବାକୁ ଆସିଥିଲେ। କିନ୍ତୁ ପନ୍ତ ପୁଣିଥରେ ବ୍ୟାଟିଂ କରିବାକୁ ନେଟ୍ସ ଆସିଥିଲେ। ହର୍ଷିତ ରାଣା, ରବୀନ୍ଦ୍ର ଜାଡେଜାଙ୍କ ସମେତ ଭାରତୀୟ ବୋଲିଂ ବିଭାଗ ମଧ୍ୟ ନେଟ୍ସରେ ଝାଳ ବୁହାଇଥିଲେ।

### ବ୍ରିସ୍‌ବେନ୍‌ରେ ରେକର୍ଡ ନୈରାଶ୍ୟଜନକ

ବ୍ରିସ୍‌ବେନ୍‌ର ଗାବା ଗ୍ରାଉଣ୍ଡରେ ଭାରତୀୟ କ୍ରିକେଟ ଦଳର ରେକର୍ଡ ଭଲ ନାହିଁ। ଏଠାରେ ଭାରତ ମୋଟ ଉପରେ ୧୯୪୭ରୁ ୨୦୨୧ ମଧ୍ୟରେ ୭ଟି ଟେଷ୍ଟ ଖେଳିଛି। ଭାରତ ଏଠାରେ ୫ଟି ଟେଷ୍ଟରେ ହାରିଥିବା ବେଳେ ଗୋଟିଏରେ ବିଜୟୀ ହୋଇଛି ଓ ଗୋଟିଏ ମ୍ୟାଚ୍ ଅମୀମାଂସିତ ଭାବେ ଶେଷ ହୋଇଛି। ୨୦୨୧ରେ ଭାରତ ଏଠାରେ ଅଷ୍ଟ୍ରେଲିଆକୁ ୩ ୱିକେଟରେ ପରାସ୍ତ କରିଥିଲା। ଅପରାଜିତ ୮୯ ରନର ଧୈର୍ଯ୍ୟପୂର୍ଣ୍ଣ ପାଳି ଖେଳିଥିବା ଋଷଭ ପନ୍ତ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ଏହି ମ୍ୟାଚ୍‌ରେ ଶୁବମାନ ଗିଲ୍ ୯୧ ଓ ଚେତେଶ୍ୱର ପୂଜାରା ୫୬ ରନର ଲଢୁଆ ପାଳି ଖେଳିଥିଲେ।

### ଡବ୍ଲ୍ୟୁଟିସିରେ ତୃତୀୟ ସ୍ଥାନରେ ଭାରତ

ଆଡିଲେଡ ଟେଷ୍ଟ ପରାଜୟ ପରେ ଭାରତ ବିଶ୍ୱ ଟେଷ୍ଟ ଚାମ୍ପିଅନସିପ୍ (ଡବ୍ଲ୍ୟୁଟିସି) ପଏଣ୍ଟ ତାଲିକାର ତୃତୀୟ ସ୍ଥାନକୁ ଖସିଛି। ଭାରତର ପର୍ସେଣ୍ଟେଜ ପଏଣ୍ଟ ୫୭.୨୯ ରହିଛି। ୬୦.୭୧% ପଏଣ୍ଟ ସହ ଅଷ୍ଟ୍ରେଲିଆ ଶୀର୍ଷରେ ଓ ୫୯.୨୬% ପଏଣ୍ଟ ସହ ଦକ୍ଷିଣ ଆଫ୍ରିକା ଦ୍ୱିତୀୟ ସ୍ଥାନରେ ପହଞ୍ଚିଛି।


# ଆଡିଲେଡ୍ ଓଭାଲରେ ପେଣ୍ଟିଂ କରୁଛନ୍ତି ଓଲୋଙ୍ଗା

**ଆଡିଲେଡ୍, ୧୦।୧୨(ଏଜେନ୍ସି):** ଏକଦା ଅନ୍ତର୍ଜାତୀୟ କ୍ରିକେଟରେ ମାଷ୍ଟର ବ୍ଲାଷ୍ଟର ସଚିନ ତେନ୍ଦୁଲକରଙ୍କୁ ଟକ୍କର ଦେଇ ଚର୍ଚ୍ଚା ସୃଷ୍ଟି କରିଥିବା ଜିମ୍ବାୱେ ପୂର୍ବତନ ଦ୍ରୁତ ବୋଲର ହେନେରୀ ଓଲୋଙ୍ଗା ଏବେ ପେଣ୍ଟିଂ କରୁଛନ୍ତି। ସେ ଆଡିଲେଡ ଓଭାଲ ଗ୍ରାଉଣ୍ଡରେ ଗୀତ ଗାଇବା ସହ ପେଣ୍ଟିଂ କରି ଘଣ୍ଟା ହିସାବରେ ଅର୍ଥ ଉପାର୍ଜନ କରୁଛନ୍ତି। ୪୮ ବର୍ଷୀୟ ଓଲୋଙ୍ଗା ଗ୍ରାଉଣ୍ଡର ଭିଲେଜ ଗ୍ରୀନ୍ ଏରିଆରେ ୧୨

**ଘଣ୍ଟା ହିସାବରେ ପାଉଛନ୍ତି ପାରିଶ୍ରମିକ**

ନଂ ଗେଟ୍‌ରେ ପେଣ୍ଟିଂ କରୁଥିବା ଭିଡିଓ ଇଣ୍ଟରନେଟ୍ ବେଶ୍ ଭାଇରାଲ ହୋଇଛି।

ସେ ଜିମ୍ବାୱେ ଛାଡିବା ପରେ ଇଂଲଣ୍ଡରେ ଗୋଟିଏ ଦଶନ୍ଧି ବିତାଇଥିଲେ। ପରେ ୨୦୧୫ରୁ ଅଷ୍ଟ୍ରେଲିଆରେ ଅବସ୍ଥାନ କରୁଛନ୍ତି। ଓଲୋଙ୍ଗା ଗୀତ ଗାଇବା, ପେଣ୍ଟିଂ କରିବା, କୋଚିଂରେ ମନୋନିବେଶ କରିବା ସହ କେତୋଟି ସ୍ଥାନୀୟ କ୍ରିକେଟ ମ୍ୟାଚ୍‌ରେ ଅମ୍ପାୟରିଂ ମଧ୍ୟ କରିଛନ୍ତି। ଅଷ୍ଟ୍ରେଲିଆ ନାଗରିକତ୍ୱ ହାସଲ କରିଥିବା ଓଲୋଙ୍ଗା ଜଣେ ଅଷ୍ଟ୍ରେଲୀୟ ମହିଳାଙ୍କୁ



ବିବାହ କରିଛନ୍ତି ଓ ତାଙ୍କର ଦୁଇଟି ସନ୍ତାନ ରହିଛନ୍ତି। ଅଷ୍ଟ୍ରେଲିଆକୁ ସେ ବହୁତ ଭଲ ପାଆନ୍ତି ବୋଲି କହିଛନ୍ତି। ୧୯୯୮ରେ ଶାରଜା ଖେଳାଯାଇଥିବା ଏକ ମ୍ୟାଚ୍‌ରେ ସଚିନ ତାଙ୍କ ବଲ୍‌କୁ ନିର୍ଦ୍ଦୁମ ପିଟିଥିଲେ ଓ ଏବେ ମଧ୍ୟ ଏହାକୁ ଭୁଲିନାହାନ୍ତି। ଏହାର ପୂର୍ବ ମ୍ୟାଚ୍‌ରେ ସେ ସର୍ଟ ବଲ୍‌ରେ ସଚିନଙ୍କୁ ୧୧ ରନରେ ଆଉଟ କରିଥିଲେ ଓ ଏହି ମ୍ୟାଚ ଜିମ୍ବାୱେ ୧୩ ରନରେ ବିଜୟୀ ହୋଇଥିଲା। ସେ ୪୬ ରନରେ ଦେଇ ୪ ୱିକେଟ ଅକ୍ତିଆର କରିଥିଲେ। ଭାରତୀୟ ଦ୍ରୁତ ବୋଲର ଯଶପ୍ରୀତ ବୁମରା ଓ ମହମ୍ମଦ ସିରାଜଙ୍କର ସେ ପ୍ରଶଂସକ ବୋଲି କହିଛନ୍ତି। ବୁମରାଙ୍କ ବୋଲିଂ ଦେଖି ପାକିସ୍ତାନ ପୂର୍ବତନ ଦ୍ରୁତ ବୋଲର ୱାସିମ ଆକ୍ରାମଙ୍କ କଥା ମନେ ପଡୁଛି ବୋଲି ସେ କହିଛନ୍ତି। ବୁମ୍‌ରା ଏବେ ବିଶ୍ୱର ଶ୍ରେଷ୍ଠ ଦ୍ରୁତ ବୋଲର ବୋଲି ସେ କହିଛନ୍ତି। ୧୯୯୫ରୁ ୨୦୦୩ ପର୍ଯ୍ୟନ୍ତ ସେ ଜିମ୍ବାୱେ ତରଫରୁ ପ୍ରତିନିଧିତ୍ୱ କରି ୩୦ ଟେଷ୍ଟ ଓ ୫୦ଟି ଦିନିକିଆ ମ୍ୟାଚ୍ ଖେଳିଛନ୍ତି।

**ବାପାଙ୍କ ପରେ ଅନ୍ତର୍ଜାତୀୟ କ୍ରିକେଟ୍ ଖେଳିଲେ ୩ ଭାଇ**

# ଜିମ୍ବାୱେ ଦଳରେ ସ୍ଥାନ ପାଇଲେ ବେନ୍ କୁରାନ

**ହରାରେ, ୧୦।୧୨ (ଏଜେନ୍ସି):** ସାମ୍ ଓ ଟମ୍‌ଙ୍କ ପରେ ଆଉ ଜଣେ କୁରାନ ଭ୍ରାତା ଅନ୍ତର୍ଜାତୀୟ କ୍ରିକେଟ୍‌ରେ ପାଦ ଥାପିବାକୁ ଯାଉଛନ୍ତି। ସେ ହେଲେ ବେନ୍ କୁରାନ। ଆଗାମୀ ଆଫଗାନିସ୍ତାନ ବିପକ୍ଷ ଏକଦିବସୀୟ ସିରିଜ ଲାଗି ମଙ୍ଗଳବାର ଘରୋଇ ଜିମ୍ବାୱେ ଦଳ ଘୋଷିତ ହୋଇଥିଲା। ଘୋଷିତ ଜିମ୍ବାୱେ ଦଳରେ ୨୮ ବର୍ଷୀୟ ବାମହାତୀ ବ୍ୟାଟର୍ ବେନ୍‌ଙ୍କୁ ସୁଯୋଗ ମିଳିଛି। ଫଳରେ କୁରାନ ପରିବାରର ୪ର୍ଥ ସଦସ୍ୟ ଭାବେ ବେନ୍ ଅନ୍ତର୍ଜାତୀୟ କ୍ରିକେଟ୍‌ରେ ପାଦ ଥାପିବାକୁ ଯାଉଛନ୍ତି। ବେନ୍ ଜଣେ ଦକ୍ଷ ବାମହାତୀ ବ୍ୟାଟର୍। ଜିମ୍ବାୱେ ଘ ରେ । ଇ



ଏକଦିବସୀୟ କ୍ରିକେଟ୍‌ରେ ବେନ୍ ୬୪.୫୦ ହାରରେ ରନ ସଂଗ୍ରହ କରି ଟପ୍ ସ୍କୋରର୍ ରହିଥିଲେ। ଭ୍ରମଣକାରୀ ଆଫଗାନିସ୍ତାନ ଓ ଜିମ୍ବାୱେ ମଧ୍ୟରେ ୩ ମ୍ୟାଚ୍‌ବିଶିଷ୍ଟ ଟି-୨୦ ସିରିଜ ବୁଧବାରଠାରୁ ଆରମ୍ଭ ହେବ। ଏହାପରେ ଡିସେମ୍ବର ୧୭ରୁ ୩ ମ୍ୟାଚ୍‌ବିଶିଷ୍ଟ ଏକଦିବସୀୟ ସିରିଜ ଓ ଡିସେମ୍ବର ୨୬ରୁ ଟେଷ୍ଟ ସିରିଜ ଖେଳାଯିବ। ଏଠାରେ ଉଲ୍ଲେଖଯୋଗ୍ୟ, ବେନ୍‌ଙ୍କ ସାନ ଭାଇ ସାମ୍ କୁରାନ ଓ ବଡ଼ ଭାଇ ଟମ୍ କୁରାନ ଉଭୟ ଇଂଲଣ୍ଡ ପାଇଁ ଖେଳୁଛନ୍ତି। ୨୬ ବର୍ଷୀୟ ବାମହାତୀ ଅଲରାଉଣ୍ଡର ସାମ୍ ଇଂଲଣ୍ଡ ପାଇଁ ୨୪ ଟେଷ୍ଟ, ୩୫ ଏକଦିବସୀୟ ଓ ୫୮ ଟି-୨୦ ମ୍ୟାଚ୍ ଖେଳିସାରିଲେଣି। ଇଂଲଣ୍ଡ ଦଳର ସେ ଜଣେ ପ୍ରମୁଖ ଅଲ୍‌ରାଉଣ୍ଡର। ସେହିଭଳି ୨୮ ବର୍ଷୀୟ ଟମ୍ ମଧ୍ୟ ଜଣେ ଅଲ୍‌ରାଉଣ୍ଡର। ସେ ଇଂଲଣ୍ଡ ପକ୍ଷରୁ ୨ ଟେଷ୍ଟ, ୨୮ ଏକଦିବସୀୟ ଓ ୩୦ ଟି-୨୦ ମ୍ୟାଚ୍ ଖେଳିଛନ୍ତି। ଏଥିପୂର୍ବରୁ କୁରାନ ଭ୍ରାତାଙ୍କ ବାପା କେଭିନ କୁରାନ ୧୯୮୩ରୁ ୧୯୮୭ ପର୍ଯ୍ୟନ୍ତ ଜିମ୍ବାୱେ ପାଇଁ ୧୧ଟି ଏକଦିବସୀୟ ମ୍ୟାଚ୍ ଖେଳିଥିଲେ। କେଭିନ ଜିମ୍ବାୱେର ଅଧିବାସୀ ହୋଇଥିଲେ ମଧ୍ୟ ତାଙ୍କର ଦୁଇ ପୁଅ ସାମ୍ ଓ ଟମ୍ କାଉଣ୍ଟି କ୍ରିକେଟ୍ ଖେଳି ସେଠାରେ ଇଂଲଣ୍ଡ ପକ୍ଷରୁ ଖେଳିବାର ସୁଯୋଗ ପାଇଥିଲେ। ଅନ୍ତର୍ଜାତୀୟ କ୍ରିକେଟ୍‌ରେ ବାପାଙ୍କ ପରେ ୩ ପୁଅ ଖେଳିବା ଏକ ବିରଳ ସୌଭାଗ୍ୟ ଭାବେ ବିବେଚନା କରାଯାଉଛି।

# ଆମେରିକାର ନ୍ୟାସନାଲ କ୍ରିକେଟ ଲିଗ୍‌କୁ ବ୍ୟାନ୍ କଲା ଆଇସିସି

**ଦୁବାଇ, ୧୦।୧୨(ଏଜେନ୍ସି):** ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ଆମେରିକାର ନ୍ୟାସନାଲ କ୍ରିକେଟ ଲିଗ୍ (ଏନ୍‌ସିଏଲ୍)କୁ ବ୍ୟାନ୍ କରିଛି। ଏ ସଂକ୍ରାନ୍ତରେ ଆଇସିସି ୟୁନାଇଟେଡ ଷ୍ଟେଟ୍ସ ଅଫ୍ ଆମେରିକା (ୟୁଏସ୍‌ଏସି)କୁ ଚିଠି ଲେଖି ଅବଗତ କରାଇଛି। ଆଗକୁ ଏହି ଲିଗ୍‌କୁ ମଞ୍ଜୁରୀ ନ ଦେବାକୁ ଓ ମାନ୍ୟତା ପ୍ରଦାନ ନ କରିବାକୁ ଆଇସିସି ନିର୍ଦ୍ଦେଶ ଦେଇଛି। ଏହି ଲିଗ୍‌ରେ ପ୍ଲେଇଙ୍ଗ୍ ଇଲେଭେନ୍ ନିୟମର ଉଲ୍ଲଂଘନ ହୋଇଛି ବୋଲି ଆଇସିସି ଚିଠିରେ ଉଲ୍ଲେଖ କରିଛି। ଟି-୨୦ ଫର୍ମାଟ୍‌ରେ ଏହି ଲିଗ୍‌ରେ ୬ରୁ ୭ଜଣ ବିଦେଶୀ ଖେଳାଳିଙ୍କୁ ଖେଳାଯାଇଥିଲା।

ଗତ ଅକ୍ଟୋବର ୪ରୁ ୧୪ ତାରିଖ ମଧ୍ୟରେ ଏନ୍‌ସିଏଲ୍‌ର ପ୍ରଥମ ସଂସ୍କରଣ ଆୟୋଜିତ ହୋଇଥିଲା। ରବିନ ଉଥାପ୍ପାଙ୍କ ନେତୃତ୍ୱରେ ଚିକାଗୋ ସିସି ୪୩ ରନରେ ଆଟଲାଣ୍ଟ କିଙ୍ଗ୍‌କୁ ପରାସ୍ତ କରି ଟାଇଟଲ ଜିତିଥିଲା। କ୍ରିକେଟ ଆଇକନ ସଚିନ ତେନ୍ଦୁଲକର ଚାମ୍ପିଅନ ଟ୍ରଫି ପ୍ରଦାନ କରିଥିଲେ। ଆଇସିସି ନିୟମ ଅନୁସାରେ ପ୍ରତ୍ୟେକ ଦଳରେ ଅତିକମ୍‌ରେ ୭ଜଣ ଆମେରିକୀୟ ଖେଳାଳି ସାମିଲ ରହିବା ଆବଶ୍ୟକ। କିନ୍ତୁ କେତୋଟି ମ୍ୟାଚ୍‌ରେ ୬ରୁ ୭ଜଣ ବିଦେଶୀ ଖେଳାଳିଙ୍କୁ ସାମିଲ କରାଯାଇଥିଲା। ଲିଗ୍‌ରେ ଡ୍ରପ୍ ଇନ୍ ପିଚ୍ ବ୍ୟବହାର ହୋଇଥିଲା ଏହା ନିହାତି ଖରାପ ଥିଲା। ଫଳରେ ବ୍ୟାଟରମାନେ କିପରି ଆହତ ନ ହେବେ ସେଥିପାଇଁ ୱାହାବ ରିୟାଜ ଓ ଟାଇମଲ ମିଲ୍ସଙ୍କ ଭଳି ଦ୍ରୁତ ବୋଲରଙ୍କୁ ସ୍ପିନ୍ ବଲ୍ ପକାଇବାକୁ ହୋଇଥିଲା। ପୁଣି ବିଦେଶୀ ଖେଳାଳିଙ୍କୁ ଖେଳାଇବା ପାଇଁ ଅଧିକାରୀମାନେ ଆମେରିକାର ଇମିଗ୍ରେସନ ନିୟମର ମଧ୍ୟ ଉଲ୍ଲଂଘନ କରିଥିଲେ। ଅର୍ଥ ବଞ୍ଚାଇବାକୁ ଯାଇ କେତେକ ଖେଳାଳିଙ୍କୁ ସ୍ପୋର୍ଟ୍ସ ଭିଜା ନ ଦିଆଯାଇ ଅନ୍ୟ ଉପାୟରେ ଆମେରିକାକୁ ଆଣାଯାଇଥିଲା।

## ଗଣ୍ଡରପୁର କପ୍ ଫୁଟ୍‌ବଲ୍ | ସନ୍‌ରାଇଜ୍-ସ୍ପୋର୍ଟ୍ସ ହଷ୍ଟେଲ ସେମି ଆଜି

**ନନ୍ଦନକାନନ, ୧୦।୧୨(ସମିସ):** ଭୁବନେଶ୍ୱର ଉତ୍ତର କଲ୍ୟାଣପୁର ପଞ୍ଚାୟତ ଗଣ୍ଡରପୁରସ୍ଥିତ ବିଜୁ ପଟ୍ଟନାୟକ ମିନି ଷ୍ଟାଡିୟମ୍‌ଠାରେ ୟୁନାଇଟେଡ୍ ୟୁଥ୍ ସ୍ପୋର୍ଟ୍ସ କ୍ଲବ୍ ଆନୁକୂଲ୍ୟରେ ଚାଲିଥିବା ସର୍ବଭାରତୀୟ ଗଣ୍ଡରପୁର କପ୍ ଫୁଟ୍‌ବଲ୍ ଟୁର୍ଣ୍ଣାମେଣ୍ଟର ତୃତୀୟ ଦିବସ ଖେଳ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଗ୍ରାମାଞ୍ଚଳ 'ଖ' ବିଭାଗର ପ୍ରଥମ ମ୍ୟାଚ୍‌ରେ ପଦ୍ମକେଶରୀପୁର ୨-୧ ଗୋଲ୍‌ରେ ଉରାଳୀକୁ ହରାଇ ସେମିଫାଇନାଲକୁ ଉଠିଥିଲା। ସେହିଭଳି ଗ୍ରାମାଞ୍ଚଳ 'କ' ବିଭାଗରେ ମଧୁବନ କ୍ଲବ୍ ଓ ସ୍ୱର୍ଣ୍ଣଦେବୀ କ୍ଲବ୍ ବଉଳକୁଦ ମଧ୍ୟରେ ଖେଳ ହୋଇଥିଲା। ଏଥିରେ ମଧୁବନ ୨-୧ ଗୋଲ୍‌ରେ ବିଜୟୀ ହୋଇଥିଲା। ଏହି ମ୍ୟାଚ୍‌ରେ ୧୦ ନମ୍ବର ଖେଳାଳି ସୋରେନ୍ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ସେହିପରି ଦ୍ୱିତୀୟ ମ୍ୟାଚ୍‌ରେ ମା' ମଙ୍ଗଳା କ୍ଲବ୍ (ଗୋଠପୁର) ୨-୧ ଗୋଲ୍‌ରେ ମଇନ୍ଦିପୁର ଫୁଟ୍‌ବଲ୍ ଏକାଡେମୀକୁ ପରାସ୍ତ କରିଥିଲା। ଗୋଠପୁର ଦଳର ଭାବଗ୍ରାହୀ ପଡ଼ିଆରୀ ଶ୍ରେଷ୍ଠ ଖେଳାଳି ହୋଇଥିଲେ। ଅପରପକ୍ଷରେ ସହରାଞ୍ଚଳ ବିଭାଗର ଗୋଟିଏ ମ୍ୟାଚ୍ ହୋଇଥିଲା। ସନ୍‌ରାଇଜ୍ କ୍ଲବ୍ (କଟକ) ଓ ତାମିଲନାଡୁ ପୁଲିସ ମଧ୍ୟରେ ହୋଇଥିଲା। ଏଥିରେ ସନ୍‌ରାଉଜ କ୍ଲବ ୩-୦ ଗୋଲରେ ବିଜୟୀ ହୋଇ ସେମିଫାଇନାଲରେ ପ୍ରବେଶ କରିଛି। ବୁଧବାର ଦୁଇ କଟକ କ୍ଲବ ସ୍ପୋର୍ଟ୍ସ ହଷ୍ଟେଲ ଓ ସନ୍‌ରାଇଜ ମଧ୍ୟରେ ସେମିଫାଇନାଲ ଅନୁଷ୍ଠିତ ହେବ।

ଆଜିର ମ୍ୟାଚରେ ମୁଖ୍ୟ ଅତିଥି ଭାବେ ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା, ସାମ୍ମାନିତ ଅତିଥିଭାବେ ବରିଷ୍ଠ କ୍ରୀଡ଼ା ସଂଗଠକ ନବରଞ୍ଜନ ପଟ୍ଟନାୟକ, ପୂର୍ବତନ ସରପଞ୍ଚ ସନ୍ତୋଷ ନାଥ, ନିର୍ମଳ ରାଉତ, ମନୋଜ ଦାସ, ଗଣ୍ଡରପୁର ଗ୍ରାମ୍ୟ କମିଟି ସମ୍ପାଦକ ଜିତେନ୍ଦ୍ର ସେନାପତି ଯୋଗଦେଇଥିଲେ। ମ୍ୟାଚଗୁଡ଼ିକୁ ରେଫରୀ ସୁଦୀପ ଦାସ, ପ୍ରଦୀପ୍ତ ନାୟକ, ପ୍ରିୟବ୍ରତ ବାହିନୀପତି, ବ୍ରହ୍ମାନନ୍ଦ ଭୋଇ ପରିଚାଳନା କରିଥିଲେ। ରଙ୍ଗନିଧି ରାଉତ ଧାରା ବିବରଣୀ ଦେଇଥିଲେ।



**ସର୍ବଭାରତୀୟ ସଦାଶିବ ସ୍ମାରକୀ କ୍ରିକେଟ**

# ସାଇ ଇଲେଭେନକୁ ହରାଇ ଫାଇନାଲରେ ଭାଇଜାଗ

**ଭାପୁର, ୧୦।୧୨ (ସମିସ):** ନୟାଗଡ଼ ଭାପୁର ବ୍ଲକ ଫତେଗଡ଼ ଶ୍ରୀରାମ ପାହାଡ଼ ତଳେ ଥିବା ନାଲିସାଗର ଗ୍ରାଉଣ୍ଡରେ ଚାଲିଥିବା ସର୍ବଭାରତୀୟ ସଦାଶିବ ସ୍ମାରକୀ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟରେ ପ୍ରଥମ ଦଳ ଭାବେ ଭାଇଜାଗ ଫାଇନାଲରେ ପ୍ରବେଶ କରିଛି। ମଙ୍ଗଳବାର ଅନୁଷ୍ଠିତ ପ୍ରଥମ ସେମିଫାଇନାଲରେ ଭାଇଜାଗ ୪୧ ରନରେ ସାଇ ଇଲେଭେନ (ଭୁବନେଶ୍ୱର)କୁ ପରାସ୍ତ କରିଥିଲା। ଏହି ମ୍ୟାଚରେ ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଭାଇଜାଗ ୨୦ ଓଭରରେ ୭ ୱିକେଟ୍ ହରାଇ ୧୭୯ ରନ କରିଥିଲା। ଦଳ ପକ୍ଷରୁ ଏସ୍. ତରୁଣ ୨୯ ବଲରେ ୩୯ ରନ କରିଥିଲେ। ଜବାବରେ ସାଇ ଇଲେଭେନ ସ୍ରିଷ୍ଟି ସାଗରଙ୍କ ୪୫ ରନ ସତ୍ତ୍ୱେ ୯ ୱିକେଟ୍‌ରେ ୧୩୮ ରନ କରିବାକୁ ସକ୍ଷମ ହୋଇଥିଲା।





୨୨ ରନ କରିବା ସହ ୨ ୱିକେଟ୍ ନେଇ ଅଲ୍‌ରାଉଣ୍ଡ ପ୍ରଦର୍ଶନ କରିଥିବା ଭାଇଜାଗର ଚିନା ରାଜୁ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ଭାପୁର ବ୍ଲକର ପୂର୍ବତନ ଅଧ୍ୟକ୍ଷ ଶିବ ପ୍ରସାଦ ଷଡ଼ଙ୍ଗୀ, ମଧୁସୂଦନ ରଥ, ସନ୍ତୋଷ ତ୍ରିପାଠୀ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ବୁଧବାର ସମ୍ବଲପୁରର ଏମ୍‌ଏମ୍‌ସିସି ସହ କରିମ ଏକାଡେମୀ (ନାଗପୁର) ମଧ୍ୟରେ ୩ୟ କ୍ୱାର୍ଟର ଫାଇନାଲ ଖେଳାଯିବ।

୪ର୍ଥ ସ୍ୱନକ୍ଷତ୍ର
ସକାଳ THE SAKALA
www.sakalaepaper.com



### ବରିଷ୍ଠ ମହିଳା ଏକଦିବସୀୟ ଟ୍ରଫି: କେରଳକୁ ହରାଇଲା ଓଡ଼ିଶା

# ଶତକ ସହ ସୁଶ୍ରୀଙ୍କୁ ୪ ୱିକେଟ



କଟକ, ୧୦।୧୨(ସମିସ): ଅଧିନାୟିକା ସୁଶ୍ରୀ ଦିବ୍ୟଦର୍ଶିନୀଙ୍କ ଅଲରାଉଣ୍ଡ ପ୍ରଦର୍ଶନ ବଳରେ ବରିଷ୍ଠ ମହିଳା ଏକଦିବସୀୟ ଟ୍ରଫିରେ ଓଡ଼ିଶା ଦ୍ୱିତୀୟ ବିଜୟ ହାସଲ କରିଛି। ଅହମ୍ମଦାବାଦର ଗୁଜରାଟ କ୍ରିକେଟ ଗ୍ରାଉଣ୍ଡରେ ଓଡ଼ିଶା ୪ ୱିକେଟରେ କେରଳକୁ ହରାଇଥିଲା। ଶତକୀୟ ପାଳି ଖେଳିବା ସହ ୪ ୱିକେଟ ଦଖଲ କରିଥିବା ସୁଶ୍ରୀଙ୍କୁ ପ୍ଲେୟାର ଅଫ ଦି ମ୍ୟାଚ୍ ବିବେଚିତ କରାଯାଇଥିଲା।

ମଙ୍ଗଳବାର ଅନୁଷ୍ଠିତ ଏହି ମ୍ୟାଚ୍‌ରେ ଓଡ଼ିଶା ଟସ୍ ଜିତି କେରଳକୁ ପ୍ରଥମେ ବ୍ୟାଟିଂ ସୁଯୋଗ ଦେଇଥିଲା। ଓପନର ଟି ଶାନି ଏବଂ ଆଇଭି ଦ୍ରିଶ୍ୟା ୭୪ ରନର ଭାଗୀଦାରି ସୃଷ୍ଟି କରିଥିଲେ। ଶାନି ୭୨ ଏବଂ ଦ୍ରିଶ୍ୟା ୩୧ ରନରେ ଆଉଟ ହେବା ପରେ କେରଳର ଅନ୍ୟ ଖେଳାଳିମାନେ ଆଖି ଦୃଶିଆ ପ୍ରଦର୍ଶନ କରି ପାରି ନ ଥିଲେ। କେରଳର ପାଳି ୧୯୮ ରନରେ ସୀମିତ ରହିଥିଲା। ବୋଲିଂରେ ଓଡ଼ିଶା ପାଇଁ ସୁଶ୍ରୀ ୨୧ରନ ବିନିମୟରେ ୪ଟି ୱିକେଟ ଅକ୍ତିଆର କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜାନକୀ ରେଡ୍ଡୀ, ସଙ୍ଗୀତା ଖାଡିଆ ଏବଂ ଜ୍ୟୋତି କେ ପ୍ରସାଦ ଯଥାକ୍ରମେ ୩ଟି, ୨ଟି ଏବଂ ଗୋଟିଏ ୱିକେଟ ଅକ୍ତିଆର କରିଥିଲେ। ଜବାବରେ ସୁଶ୍ରୀଙ୍କ ଶତକ ସହାୟତାରେ ୪୬ତମ ଓଭରରେ ୬ ୱିକେଟ୍ ହରାଇ ଓଡ଼ିଶା ବିଜୟୀ ହୋଇଥିଲା। ସୁଶ୍ରୀ ୧୦୦ ବଲରୁ ୧୨ଟି ଚୌକା ବଳରେ ଅପରାଜିତ ୧୦୨ ରନର ମ୍ୟାଚ୍ ବିଜୟୀ ଶତକୀୟ ପାଳି ଖେଳିଥିଲେ। ଜାନକୀ ୨୮ ରନ, ମାଧୁରୀ ମେହେଟା ୨୬ରନ କରିଥିଲେ।

# ସୟଦ ମୁସ୍ତାକ ଅଲ୍ଲୀ କ୍ୱାର୍ଟର ଫାଇନାଲ ଆଜି

ବେଙ୍ଗାଲୁରୁ, ୧୦।୧୨ (ଏଜେନ୍ସି): ବିସିସିଆଇ ଆନୁକୂଲ୍ୟରେ ଚାଲିଥିବା ଜାତୀୟ ଟି-୨୦ ପ୍ରତିଯୋଗିତା ସୟଦ ମୁସ୍ତାକ ଅଲ୍ଲୀ ଟ୍ରଫିର ନକ୍‌ଆଉଟ୍ ପର୍ଯ୍ୟାୟ ବୁଧବାରଠାରୁ ଆରମ୍ଭ ହେବ। ଚାରୋଟି ଯାକ କ୍ୱାର୍ଟର ଫାଇନାଲ ବୁଧବାର ଖେଳାଯିବ। ବରୋଦା ଓ ବେଙ୍ଗଲ ମଧ୍ୟରେ ପ୍ରଥମ ଏବଂ ଦିଲ୍ଲୀ ଓ ଉତ୍ତର ପ୍ରଦେଶ ମଧ୍ୟରେ ୨ୟ କ୍ୱାର୍ଟରଫାଇନାଲ ଅନୁଷ୍ଠିତ ହେବ। ଏହି ଦୁଇଟି ମ୍ୟାଚ୍ ଏମ୍ ଚିନ୍ନାସ୍ୱାମୀ ଷ୍ଟାଡିୟମରେ ଖେଳାଯିବ। ସେହିଭଳି ମଧ୍ୟପ୍ରଦେଶ ଓ ସୌରାଷ୍ଟ୍ର ମଧ୍ୟରେ ୩ୟ ଏବଂ ମୁମ୍ବାଇ ଓ ବିଦର୍ଭ ମଧ୍ୟରେ ୪ର୍ଥ କ୍ୱାର୍ଟର ଫାଇନାଲ ଖେଳାଯିବାର କାର୍ଯ୍ୟସୂଚୀ ରହିଛି। ଏହି ଦୁଇଟି ମ୍ୟାଚ୍ ଆଲୁରର କେଏସ୍‌ସିଏ କ୍ରିକେଟ୍ ଗ୍ରାଉଣ୍ଡରେ ଅନୁଷ୍ଠିତ ହେବ। ଗ୍ରୁପ୍ ପର୍ଯ୍ୟାୟରେ ୫ଟି ଗ୍ରୁପ୍‌ର ଶୀର୍ଷରେ ରହି ମଧ୍ୟପ୍ରଦେଶ, ବରୋଦା, ଦିଲ୍ଲୀ, ବିଦର୍ଭ ଓ ମୁମ୍ବାଇ ସିଧାସଳଖ କ୍ୱାର୍ଟରରେ ପ୍ରବେଶ କରିଥିଲେ। ଏହାପରେ ଦ୍ୱିତୀୟ ସ୍ଥାନରେ ରହିଥିବା ଦଳଙ୍କ ମଧ୍ୟରେ ସୌରାଷ୍ଟ୍ର ସବୁଠୁ ଅଧିକ ପଏଣ୍ଟ ରହି କ୍ୱାର୍ଟର ଟିକଟ୍ ଅର୍ଜନ କରିଥିଲା।


**କ୍ୱାର୍ଟର କାର୍ଯ୍ୟସୂଚୀ**

- ସକାଳ ୯ଟା: ମଧ୍ୟପ୍ରଦେଶ ବନାମ ସୌରାଷ୍ଟ୍ର
- ସକାଳ ୧୧ଟା: ବରୋଦା ବନାମ ବେଙ୍ଗଲ
- ଅପରାହ୍ଣ ୧ଟା ୩୦: ମୁମ୍ବାଇ ବନାମ ବିଦର୍ଭ
- ଅପରାହ୍ଣ ୪ଟା ୩୦: ଦିଲ୍ଲୀ ବନାମ ଉତ୍ତର ପ୍ରଦେଶ

କ୍ୱାର୍ଟରର ଶେଷ ଦୁଇଟି ସ୍ଥାନ ଲାଗି ପରବର୍ତ୍ତୀ ୪ଟି ଶ୍ରେଷ୍ଠ ଦ୍ୱିତୀୟ ସ୍ଥାନିତ ଦଳ ମଧ୍ୟରେ ପ୍ରି-କ୍ୱାର୍ଟର ଫାଇନାଲ ଖେଳାଯାଇଥିଲା। ଏଥିରେ ବେଙ୍ଗଲ ୩ ରନରେ ଚଣ୍ଡିଗଡ଼କୁ ଓ ଉତ୍ତର ପ୍ରଦେଶ ୪ ୱିକେଟ୍‌ରେ ଆନ୍ଧ୍ର ପ୍ରଦେଶକୁ କ୍ୱାର୍ଟରରେ ସ୍ଥାନ ସୁରକ୍ଷିତ କରିଥିଲେ। ଜିଓ ସିନେମା ଆପ୍‌ରେ ମ୍ୟାଚ୍‌ର ସିଧାପ୍ରସାରଣ ହେବ।

### ଦ୍ୱିତୀୟ ଦିନିକିଆ

## ବାଂଲାଦେଶ ୨୨୭ରେ ଅଲ୍‌ଆଉଟ୍



ବାସେଟେରେ, ୧୦।୧୨(ଏଜେନ୍ସି): ସ୍ଥାନୀୟ ୱାର୍ଣ୍ଣର ପାର୍କରେ ମଙ୍ଗଳବାର ଖେଳାଯାଇଥିବା ୱେଷ୍ଟଇଣ୍ଡିଜ ବିପକ୍ଷ ଦ୍ୱିତୀୟ ଦିନିକିଆ ମ୍ୟାଚ୍‌ରେ ବାଂଲାଦେଶ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ୪୫.୫ ଓଭରରେ ୨୨୭ ରନରେ ଅଲଆଉଟ ହୋଇଛି। ଟସ୍ ଜିତି ୱେଷ୍ଟଇଣ୍ଡିଜ ଫିଲ୍ଡିଂ କରିବାକୁ ନିଷ୍ପତ୍ତି ନେଇଥିଲା। ପ୍ରଥମେ ବ୍ୟାଟିଂ କରି ବାଂଲାଦେଶ ନିୟମିତ ଅନ୍ତରରେ ୱିକେଟମାନ ହରାଇ ବଡ଼ ସ୍କୋର କରିବାରେ ବିଫଳ ହୋଇଥିଲା। ମହମୁଦୁଲ୍ଲା ସର୍ବାଧିକ ୬୨ ରନର ଅର୍ଦ୍ଧଶତକୀୟ ପାଳି ଖେଳିଥିବା ବେଳେ ତାଞ୍ଜିମ ହାସନ ସକିବ୍ ୪୫, ଓପନର ତାନଜିଦ ହାସନ ୪୬, ଅଫିଫ୍ ହୋସେନ ୨୪, ସୋରିଫୁଲ ଇସ୍‌ଲାମ୧୫ ରନକରି ଆଉଟ ହୋଇଥିବା ବେଳେ ଅନ୍ୟମାନେ ବିଫଳ ହୋଇଥିଲେ। ବୋଲିଂରେ ୱେଷ୍ଟଇଣ୍ଡିଜ ତରଫରୁ ଜେଡେନ ସିଲ୍ସ ୪, ଗୁଡାକେଶ ମୋତି ୨ ୱିକେଟ ଅକ୍ତିଆର କରିଛନ୍ତି।

# ଆରମ୍ଭ ହେଲା ଓଡ଼ିଶା ମାଷ୍ଟର୍ସ- ୨୦୨୪




କଟକ, ୧୦।୧୨(ସମିସ): ସ୍ଥାନୀୟ ଜବାହରଲାଲ ନେହେରୁ ଇଣ୍ଡୋର ଷ୍ଟାଡିୟମରେ ମଙ୍ଗଳବାରଠାରୁ ଅନ୍ତର୍ଜାତୀୟ ବ୍ୟାଡ୍‌ମିଣ୍ଟନ ଟୁର୍ଣ୍ଣାମେଣ୍ଟ ଓଡ଼ିଶା ମାଷ୍ଟର୍ସ-୨୦୨୪ ଆରମ୍ଭ ହୋଇଛି। ୫ ଦିନ ଧରି ହେବାକୁ ଥିବା ଏହି ବିଡବ୍ଲ୍ୟୁଏଫ୍ ଟୁର୍ ସୁପର୍-୧୦୦ ପ୍ରତିଯୋଗିତାରେ ୨୯ଟି ରାଷ୍ଟ୍ରର ୩୦୦ରୁ ଅଧିକ ପ୍ରତିଯୋଗୀ ଭାଗନେଇଛନ୍ତି। ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହ ଦେଓ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ମଙ୍ଗଳବାର ସନ୍ଧ୍ୟାରେ ଏହି ଅନ୍ତର୍ଜାତୀୟ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ବାରବାଟୀ-କଟକ ବିଧାୟିକା ସୋଫିଆ ଫିର୍ଦ୍ଦୋଶ, କ୍ରୀଡ଼ା ବିଭାଗର ପ୍ରମୁଖ ଶାସନ ସଚିବ ଭାସ୍କର ଜ୍ୟୋତି ଶର୍ମା, ହକି ପ୍ରମୋସନ କାଉନସିଲ ଅଫ ଓଡ଼ିଶାର ସିଇଓ ଦୀପଙ୍କର ମହାପାତ୍ର, ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ, ଡିସିପି ଜଗମୋହନ ମୀନା ଅନ୍ୟତମ ଅତିଥି ଭାବେ ଉପସ୍ଥିତ ଥିଲେ।

ବିଡବ୍ଲ୍ୟୁଏଫ ୱାର୍ଲ୍ଡ ଟୁର୍‌ର ଏହି ମର୍ଯ୍ୟାଦାଜନକ ର୍‍ୟାଙ୍କିଂ ପ୍ରତିଯୋଗିତା ପାଇଁ ଇଣ୍ଡୋର ଷ୍ଟାଡିୟମରେ ୪ଟି କୋର୍ଟ ପ୍ରସ୍ତୁତ ହୋଇଛି। କୋର୍ଟ-୧ରେ ପୁରୁଷ ସିଙ୍ଗିଲ୍ସ ଯୋଗ୍ୟତା ପର୍ଯ୍ୟାୟ ରାଉଣ୍ଡ-୧୬ର ଏକ ମ୍ୟାଚ୍‌ରେ ଭାରତୀୟ ପ୍ରତିଯୋଗୀ ମାନଭ ଚୌଧୁରୀ ୨୧-୧୬, ୨୧-୧୨ ଗେମ୍‌ରେ ୟୁଏଇର ମହମ୍ମଦ ମୁନାୱରଙ୍କୁ ହରାଇ ପରବର୍ତ୍ତୀ ପର୍ଯ୍ୟାୟରେ ପ୍ରବେଶ କରିଛନ୍ତି। ମିକ୍ସଡ ଡବଲ୍ସ କ୍ୱାର୍ଟର ଫାଇନାଲ ଯୋଗ୍ୟତା ପର୍ଯ୍ୟାୟ ମ୍ୟାଚ୍‌ରେ ଭାରତୀୟ ଯୋଡ଼ି ରୋହିତ ମୋହନ କୁମାର ଏବଂ ରିଦ୍ଧୁଭର୍ଶିନି ରାମାସ୍ୱାମୀ ୨୧-୧୪, ୨୧-୧୨ ଗେମ୍‌ରେ ଅନ୍ୟତମ ଭାରତୀୟ ଯୋଡ଼ି ରାଜୁ ମହମ୍ମଦ ଏବଂ ଆନିସ ଜମ୍ମାଲୁଦ୍ଦିନଙ୍କୁ ପରାସ୍ତ କରିଥିଲେ। ପୁରୁଷ ସିଙ୍ଗିଲ୍ସ ଯୋଗ୍ୟତା ପର୍ଯ୍ୟାୟ ରାଉଣ୍ଡ-୧୬ର ଅନ୍ୟ ଏକ ମ୍ୟାଚ୍‌ରେ ଚୀନ ପ୍ରତିଯୋଗୀ ଝୁ ଉଆନ ଚେନ ୨-୧ ସେଟ୍‌ରେ ଭାରତୀୟ ପ୍ରତିଯୋଗୀ କିରଣ କୁମାର ମାକେଲାଙ୍କୁ ହରାଇଥିଲେ। ପ୍ରଥମ ସେଟ୍‌କୁ ମାକେଲା ୨୧-୭ ଗେମ୍‌ରେ ଜିତିବା ପରେ ଅବଶିଷ୍ଟ ୨ଟି ସେଟ୍‌ରେ ପରାସ୍ତ ହୋଇଥିଲେ।

# ଆଜି ସମ୍ମାନ ପାଇଁ ଖେଳିବ ଭାରତ

ପର୍ଥ, ୧୦।୧୨ (ଏଜେନ୍ସି): ଅଷ୍ଟ୍ରେଲିଆ ଗସ୍ତରେ ଯାଇଥିବା ଭାରତୀୟ ମହିଳା କ୍ରିକେଟ୍ ଦଳ ବୁଧବାର ଏଠାରେ ଦିନିକିଆ ସିରିଜର ଅନ୍ତିମ ତଥା ୩ୟ ମ୍ୟାଚ୍ ଖେଳିବ। ସକାଳ ୯ଟା ୫୦ରେ ଏହି ମ୍ୟାଚ୍ ଆରମ୍ଭ ହେବ। ଘରୋଇ ଅଷ୍ଟ୍ରେଲିଆ ମହିଳା କ୍ରିକେଟ୍ ଦଳ ପ୍ରଥମ ଦୁଇ ମ୍ୟାଚକୁ ଯଥାକ୍ରମେ ୫ ୱିକେଟ୍ ଓ ୧୨୨ ରନରେ ଜିତି ସିରିଜକୁ ଆଗୁଆ ୨-୦ରେ କବ୍‌ଜା କରିନେଇଛି। ଫଳରେ ହରମନପ୍ରୀତ୍ କୌରଙ୍କ ନେତୃତ୍ୱାଧୀନ ଭାରତୀୟ ଦଳ ଏବେ ସମ୍ମାନ ବଞ୍ଚାଇବା ଲାଗି ୩ୟ ମ୍ୟାଚ୍ ଖେଳିବ। ଦ୍ୱିତୀୟ ମ୍ୟାଚରେ ଅଷ୍ଟ୍ରେଲିଆର ଏଲିସେ ପେରୀ ଓ ଜର୍ଜିଆ ଭୋଲ୍ ଶତକ ହାସଲ କରି ଭାରତ ବିପକ୍ଷରେ ୮ ୱିକେଟ୍‌ରେ ୩୭୧ ରନର ରେକର୍ଡ ସ୍କୋର କରିଥିଲେ।

### ରାଜମାତା ଜିଜାବାଇ ଟ୍ରଫି

## ମହାରାଷ୍ଟ୍ରକୁ ହରାଇଲା ଓଡ଼ିଶା

କଟକ, ୧୦।୧୨(ସମିସ): ୨୯ତମ ବରିଷ୍ଠ ମହିଳା ଜାତୀୟ ଫୁଟବଲ ଚାମ୍ପିଅନସିପ୍ ଜିଜାବାଇ ଟ୍ରଫି ମଙ୍ଗଳବାରଠାରୁ ଆରମ୍ଭ ହୋଇଛି। ଛତିଶଗଡ଼ର ଆରକେଏମ୍ ଆଶ୍ରମ ଗ୍ରାଉଣ୍ଡରେ ମଙ୍ଗଳବାର ଖେଳାଯାଇଥିବା ପ୍ରଥମ ଲିଗ୍‌ରେ ଓଡ଼ିଶା ୨-୦ ଗୋଲରେ ମହାରାଷ୍ଟ୍ରକୁ ହରାଇ ଅଭିଯାନ ଆରମ୍ଭ କରିଛି। ବିଜୟୀ ଓଡ଼ିଶା ନିମନ୍ତେ ପ୍ୟାରୀ ଖାଖା ଦୁଇଟି ଯାକ ଗୋଲ ସ୍କୋର କରିଥିଲେ। ଅତିରିକ୍ତ ୪୭ତମ ମିନିଟରେ ଗୋଲ ଦେଇ ସେ ଦଳକୁ ପ୍ରଥମାର୍ଦ୍ଧରେ ଅଗ୍ରଣୀ ରଖିଥିଲେ। ଦ୍ୱିତୀୟାର୍ଦ୍ଧର ୫୪ତମ ମିନିଟରେ ପ୍ୟାରୀ ଦ୍ୱିତୀୟ ଗୋଲ ସ୍କୋର କରିଥିଲେ।

**ପ୍ୟାରୀ ଖାଖାଙ୍କ ଡବଲ୍ ଗୋଲ୍**



### ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଭଲିବଲ୍

## କିସ୍ ବାଳିକା, ନିମାପଡ଼ା ବାଳକ ଚାମ୍ପିଅନ



ଭୁବନେଶ୍ୱର, ୧୦।୧୨(ସମିସ): କିଟ୍ ବିଶ୍ୱବିଦ୍ୟାଳୟ ଇଣ୍ଡୋର ଷ୍ଟାଡିୟମରେ ଗତ ୭ ତାରିଖରୁ ଆରମ୍ଭ ହୋଇଥିବା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଭଲିବଲ୍ ଟୁର୍ଣ୍ଣାମେଣ୍ଟ ମଙ୍ଗଳବାର ଶେଷ ହୋଇଛି। ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଓ କିସ୍ ବିଦ୍ୟାଳୟ ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ବାଳିକା ବର୍ଗରେ କିସ୍ ଢ଼େଙ୍କାନାଳର ପରିକୁଳ ବିଦ୍ୟାଳୟକୁ ପରାସ୍ତ କରି ଚାମ୍ପିଅନ ହୋଇଛି। ସେହିପରି ବାଳକ ବର୍ଗରେ ନିମାପଡ଼ା ବିଦ୍ୟାଳୟ କେନ୍ଦ୍ରପଡ଼ାର ଇଭିନିଂ ହାଇଅର ସେକେଣ୍ଡାରୀ ସ୍କୁଲକୁ ପରାସ୍ତ କରି ଟାଇଟଲ ହାସଲ କରିଛି। କିସ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଚାମ୍ପିଅନ ଓ ରନର୍ସଅପ ଦଳଗୁଡ଼ିକୁ ଅଭିନନ୍ଦନ ଜଣାଇଥିଲେ।

# ଚାମ୍ପିଅନ ସୃଷ୍ଟି କରୁଛି ଖୋ ଖୋ ହାଇ ପରଫର୍ମାନ୍ସ ସେଣ୍ଟର

ଭୁବନେଶ୍ୱର, ୧୦।୧୨ (ସମିସ): ଉତ୍ତର ପ୍ରଦେଶର ଆଲିଗଡ଼ରେ ଗତ ନଭେମ୍ବର ୨୫ରୁ ୨୯ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିବା ଜାତୀୟ ଜୁନିଅର ଖୋ ଖୋ ଚାମ୍ପିଅନସିପ୍‌ରେ ଓଡ଼ିଶାର ଉଭୟ ବାଳକ ଓ ବାଳିକା ଦଳ ରନର୍ସଅପ୍ ହୋଇଥିଲା। ଟ୍ରଫି ବିଜୟୀ ଉଭୟ ଦଳରେ ଓଡ଼ିଶା ଏଏମ୍/ଏନ୍‌ଏସ୍ ଖୋ ଖୋ ହାଇ ପରଫର୍ମାନ୍ସ ସେଣ୍ଟର (ଏଚ୍‌ପିସି)ର ୧୧ଜଣ ଖେଳାଳି ଅଂଶଗ୍ରହଣ କରିଥିଲେ। ଓଡ଼ିଶା ବାଳକ ଦଳରେ ଖୋ ଖୋ ଏଚ୍‌ପିସିର ସୁନିଲ ପାତ୍ର, କୁନା ବେହେରା ଓ ଯଶୱନ୍ତ ଯାଦବ ରହିଥିବାବେଳେ ବାଳିକା ଦଳରେ ଅର୍ଚ୍ଚନା ପ୍ରଧାନ, ହରପ୍ରିୟା ଭୂୟାଁ, ସବିତା ମୁର୍ମୁ, ବାସନ୍ତୀ ନାଗ, ଲିସାରାଣୀ ରାଇତା, ଆଶିକା କୁଜୁର, କେ ରମ୍ୟା ଓ ଶୁଭଶ୍ରୀ ମଲ୍ଲିକ ସ୍ଥାନ ପାଇଥିଲେ। ଲିସାରାଣୀ ଉଚ୍ଚକୋଟୀର ପ୍ରଦର୍ଶନ କରି ଏହି ଜାତୀୟ ଖୋ ଖୋ ପ୍ରତିଯୋଗିତାରେ ଶ୍ରେଷ୍ଠ ଆଟାକର୍ ପୁରସ୍କାର ଜିତିଥିଲେ। ୧୪ ବର୍ଷୀୟ ଲିସାରାଣୀ ଏହି ସଫଳତାର ଶ୍ରେୟ ପ୍ରଶିକ୍ଷକ, ସାଥୀ ଖେଳାଳି, ପରିବାର ଓ ଓଡ଼ିଶା ଏଏମ୍/ଏନ୍‌ଏସ୍ ଖୋ ଖୋ ହାଇ ପରଫର୍ମାନ୍ସ ସେଣ୍ଟର (ଏଚ୍‌ପିସି)କୁ ଦେଇଛନ୍ତି।



ଲିସାରାଣୀ ରାଇତା

ଏଠାରେ ଉଲ୍ଲେଖଯୋଗ୍ୟ, ଗତ ନବୀନ ପଟ୍ଟନାୟକ ସରକାର ସମୟରେ ନଭେମ୍ବର ୨୦୨୩ରେ ଓଡ଼ିଶା ସରକାର ଓ ଆର୍ସେଲର ମିତ୍ତଲ ନିପ୍ପନ ଷ୍ଟିଲ (ଏଏମ୍/ଏନ୍‌ଏସ୍) ମଧ୍ୟରେ କଳିଙ୍ଗ ଷ୍ଟାଡିୟମରେ ଖୋ ଖୋ ହାଇପରଫର୍ମାନ୍ସ ସେଣ୍ଟର ପ୍ରତିଷ୍ଠା ନେଇ ଚୁକ୍ତି ହୋଇଥିଲା। ଓଡ଼ିଶା ସରକାର ଭିତ୍ତିଭୂମି ସୃଷ୍ଟି ଓ ରକ୍ଷଣାବେକ୍ଷଣ କରୁଥିବାବେଳେ ଏଏମ୍/ଏନ୍‌ଏସ୍ ଏଚ୍‌ପିସି ପରିଚାଳନା ଓ ଖୋ ଖୋ ଖେଳାଳିଙ୍କୁ ପ୍ରଶିକ୍ଷଣ ଦେବା ଦାୟିତ୍ୱ ନିର୍ବାହ କରୁଛି। ରାଜ୍ୟରେ ଖୋ ଖୋ ପ୍ରତିଭାଙ୍କୁ ଚିହ୍ନଟ କରିବା ଓ ସେମାନଙ୍କୁ ଏହି କ୍ରୀଡ଼ାରେ ପ୍ରତିଷ୍ଠିତ କରିବା ଏହି କେନ୍ଦ୍ରର ମୂଳ ଲକ୍ଷ୍ୟ।




PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA.
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS